

ରଘୁ ପ୍ରସାଦ ବର୍ଷର ଶ୍ରେଷ୍ଠ ଅମ୍ପାୟର

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-143 ♦WEDNESDAY ♦19 NOVEMBER 2025 ♦PAGE-12 ♦₹ 6.00

BHUBANESWAR

♦ବର୍ଷ-୪୩ ♦ସଂଖ୍ୟା-୧୪୩ ♦ବୁଧବାର ♦୧୯ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଜୁଆରେ ହାରିଲେ ପତି; ପତ୍ନୀଙ୍କୁ ଗଣଦୁଷ୍କର୍ମ

■ ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ବାଗପତ ଜିଲ୍ଲାରୁ ମାନବିକତାକୁ ଲଜ୍ଜିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ଜୁଆରେ ହାରିବା ପରେ ନିଜ ନବବିବାହିତା ପତ୍ନୀଙ୍କୁ ଅନ୍ୟ ୮ଜଣ ଲୋକଙ୍କୁ ସମର୍ପି ଦେଇଥିଲା। ଏହାପରେ ସେମାନେ ଜଣଙ୍କ ପରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ। ପୁଲିସ ଏହି ଜଘନ୍ୟ ମାମଲାର ଯାଞ୍ଚ କରୁଛି। ପୀଡିତା ନିବାଡା ଗାଁରେ ରୁହନ୍ତି। ଗତବର୍ଷ ଅକ୍ଟୋବର ୨୪ରେ ମିରଟର ଖିୱାଇ ଗାଁର ଦାନିଶ ସହିତ ଏହି ମହିଳାଙ୍କର ବିବାହ ହୋଇଥିଲା। କିନ୍ତୁ ବିବାହର କିଛିଦିନ ପରେ ପତି ମଦ୍ୟପ ଓ



ଜୁଆଡି ବୋଲି ମହିଳା ଜାଣିବାକୁ ପାଇଥିଲେ। ଯୌତୁକ କମ୍ ମିଳିବା କାରଣରୁ ପତି ଓ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ। ପତ୍ନୀଙ୍କ ଅଭିଯୋଗ ଅନୁଯାୟୀ ଦିନେ ସ୍ୱାମୀ ଜୁଆ ଖେଳି ଖେଳି ହାରି ଚାଲିଥିଲେ। ଶେଷରେ ସେ ପତ୍ନୀଙ୍କୁ ବାଜି ଲଗାଇ ଦେଇଥିଲେ। ହାରିବା ପରେ ଏହି ମହିଳାଙ୍କୁ ୮ ଜଣ ଦୁଷ୍କର୍ମ କରିଥିଲେ। ଅଭିଯୁକ୍ତଙ୍କ ମଧ୍ୟରେ ଉମେଶ ଗୁପ୍ତା, ମୋନୁ ଏବଂ ଅଂଶୁଲ ସାମିଲ ଅଛନ୍ତି। ଏମାନେ ଗାଜିଆବାଦର ବାସିନ୍ଦା। ପୀଡ଼ିତାଙ୍କ ଦୁଃଖ ଏତିକିରେ ଶେଷ ହୋଇ ନ ଥିଲା। ନିଜ ଦେଢ଼ଶୂର, ନଣଦେଇ ଓ ଶଶୁର ମଧ ତାଙ୍କୁ ଦୁଷ୍କର୍ମ କରିଥିଲେ ବୋଲି ମହିଳା ▶ପୃଷ୍ଠା-୭

## ଆନ୍ଧ୍ରରେ ହେବ ପ୍ରଥମ 'ଏୟାର ଟ୍ୟାକ୍ସି କ୍ଲଷ୍ଟର'

■ ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ଆନ୍ଧ୍ରପ୍ରଦେଶରେ ନିର୍ମାଣ ହେବ ଦେଶର ପ୍ରଥମ ଇଲେକ୍ଟ୍ରିକ୍ 'ଏୟାର ଟ୍ୟାକ୍ସି କ୍ଲଷ୍ଟର'। ଏଥିପାଇଁ ଆନ୍ଧ୍ର ସରକାର ସରଲା ଆଭିଏସନ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ, ରାଜ୍ୟରେ ଇଭିଟଲ୍ (ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍-ଅଫ୍ ଏବଂ ଲ୍ୟାଣ୍ଡିଂ) ଉତ୍ପାଦନ କାରଖାନା ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପର ନାମ 'ସ୍କାଏ ଫ୍ୟାକ୍ଟ୍ରି' ରଖାଯାଇଛି। ଅନନ୍ତପୁର ଜିଲ୍ଲାରେ ଏହି କ୍ଲଷ୍ଟର ନିର୍ମାଣ କରାଯିବ, ଯେଉଁଠାରେ ଇଲେକ୍ଟ୍ରିକ୍ ଏୟାର ଟ୍ୟାକ୍ସି ଭଳି ବିମାନ ନିର୍ମାଣ ହେବ। କମ୍ପାନୀ

**୨୦୨୭ ସୁଦ୍ଧା 'ଡ୍ରୋନ୍ ଟ୍ୟାକ୍ସି' ଉତ୍ପାଦନ ଲକ୍ଷ୍ୟ**



ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପରେ ୩୩୦ କୋଟି ଟଙ୍କା ନିବେଶ ଯୋଜନା ରଖିଛି। ୨୦୨୯ ସୁଦ୍ଧା ବାଣିଜ୍ୟିକ ବିମାନ ଉଡ଼ାଣ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ୧୫୦ ଏକର ଜମିରେ ପ୍ରତିଷ୍ଠା ହେବାକୁ ଥିବା ଏହି ପଦକ୍ଷେପ ଦେଶର ଗ୍ରୀନ ମୋବିଲିଟିକୁ ଆଗକୁ ବଢ଼ାଇବା ସହ ଏ କ୍ଷେତ୍ରରେ ଏହା ଏକ ଗେମ୍ ଚେଞ୍ଜର ହୋଇପାରେ। ଏଥିରେ ପ୍ରଡକ୍ସନ ଲାଇନ, ଗବେଷଣା ଏବଂ ବିକାଶ କେନ୍ଦ୍ର, କମ୍ପୋଜିଟ୍ ଲ୍ୟାବ୍ ଏବଂ ୨ କିମିର ରନୱେ ରହିବ, ଯେଉଁଠାରେ ଡିଜିସିଏ ପ୍ରମାଣପତ୍ର ସହ ପରୀକ୍ଷଣ ▶ପୃଷ୍ଠା-୭

# ଏସ୍‌ସିବିରେ ଲଜ୍ଜା



## ଆଇସିୟୁରେ ଯୁବତୀଙ୍କୁ ଅସଦାଚରଣ

■ କଟକ, ୧୮ ।୧୧ (ସମିସ): ବିଷ ପିଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣେ ଯୁବତୀଙ୍କୁ ଗତ ରବିବାର ବିଳମ୍ବିତ ରାତିରେ ଏସ୍‌ସିବି ମେଡିସିନ୍ ଆଇସିୟୁରେ ଜଣେ ୱାର୍ଡ ଆଟେଣ୍ଡାଣ୍ଟ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏଭଳି ଲଜ୍ଜାଜନକ ଘଟଣା ଘଟିବା ପରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଓ ମଙ୍ଗଳାବାଗ ପୁଲିସ ଏହାକୁ ଚାପିଦେବା ପାଇଁ ଉଦ୍ୟମ କରିଥିଲେ ହେଁ ଘଟଣା ପଦାକୁ ଆସିଛି। ମେଡିସିନ୍ ଆଇସିୟୁରେ କାର୍ଯ୍ୟରତ ୱାର୍ଡ ଆଟେଣ୍ଡାଣ୍ଟ ମାନସ ରଞ୍ଜନ ପତି ନିଶାସକ୍ତ ଅବସ୍ଥାରେ ଏଭଳି ଅମାନୁଷିକ କାଣ୍ଡ ଭିଆଇଛି। ଆଜି ମଙ୍ଗଳାବାଗ ଥାନା ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂଚନାନୁସାରେ, ମାନସ ମେଡିସିନ୍ ବିଭାଗ ଆଇସିୟୁରେ ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାମ କରେ। ଗତ ରବିବାର ସେ ମଦ ପିଇ ଡ୍ୟୁଟିକୁ ଆସିଥିଲା।

### ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ଗିରଫ

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳର ୨୩ ବର୍ଷୀୟ ଜଣେ ଯୁବତୀ ବିଷ ପିଇ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତିରେ କାର୍ଯ୍ୟରତ ଡାକ୍ତର ଆଇସିୟୁରୁ ଯିବା ପରେ ମାନସ ଆଇସିୟୁ ଭିତରେ ବୁଲାବୁଲି କରୁଥିଲା। ସମ୍ପୃକ୍ତ ଯୁବତୀଜଣଙ୍କ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ସାଲାଇନ୍ ସରିଯାଇଥିବାରୁ ସାଲାଇନ୍‌ବୋତଲକାଢ଼ି ସେତଳେ ରଖିଥିଲା। ପରେ ମାନସ ତାଙ୍କ ପାଖକୁ ଯାଇ କ'ଣ ହେଉଛି ବୋଲି ପଚାରିଥିଲା। ଯୁବତୀଜଣଙ୍କ କୌଣସି ଉତ୍ତର ଦେବା ଅବସ୍ଥାରେ ନଥିଲେ। ଏହାର ସୁଯୋଗ ନେଇ ମାନସ ତାଙ୍କୁ ଅସଦାଚରଣ କରିଥିଲା। ଯେହେତୁ ଆଇସିୟୁରେ ଭିତରେ ସିସି କ୍ୟାମେରା ନାହିଁ, ତେଣୁ ଏଭଳି ଅପରାଧ କରିବାକୁ ଅଭିଯୁକ୍ତ ସାହସ ଜୁଟାଇଥିଲା। ଯୁବତୀଜଣଙ୍କ ପରେ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ।

ପରିବାର ପକ୍ଷରୁ ପ୍ରଥମେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ସୂଚନା ଦିଆଯାଇଥିଲା। ଡାକ୍ତରଙ୍କ ସୁପାରିସ କ୍ରମେ ମଙ୍ଗଳାବାଗ ଥାନାରେ ଯୁବତୀଙ୍କ ସମ୍ପର୍କୀୟ ଏତଲା ଦେଇଥିଲେ। ଏହାପରେ ▶ପୃଷ୍ଠା-୭

## ଅସନ୍ତୋଷ ଚାପିବାକୁ ୨୦୦ରୁ ଅଧିକ ସାମଗ୍ରୀରୁ ହଟିଲା ଶୁଳ୍କ

# ମହଙ୍ଗା ମାଡ଼ ପରେ ଆଣ୍ଠେଇଲେ ଟ୍ରମ୍ପ

■ ୱାଶିଂଟନ୍, ୧୮ ।୧୧ (ଏଜେନ୍ସି): ଆମେରିକାରେ ସମ୍ପ୍ରତି ଖାଦ୍ୟ ସାମଗ୍ରୀ ମୂଲ୍ୟ ମହଙ୍ଗା ହୋଇଯାଇଛି। ଭାରତ ଉପରେ ଉଚ୍ଚ ଟାରିଫ୍ ଲଗାଇବା ।।ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଏଭଳି ଜିଦଖୋର ନୀତି ଯୋଗୁଁ ଦେଶବାସୀ ଗୁରୁତର ସାମଗ୍ରୀ ସଙ୍କଟର ସମ୍ମୁଖୀନ ହୋଇଥିଲେ। ଏହାକୁ ନେଇ ଦେଶ ଭିତରେ ଅସନ୍ତୋଷ ତୀବ୍ର ହେବାକୁ ଲାଗିବାରୁ ଟ୍ରମ୍ପ ତାଙ୍କର ବାଣିଜ୍ୟ ନୀତିରେ ପରିବର୍ତ୍ତନ ପାଇଁ ବାଧ ହୋଇଛନ୍ତି। ପଦକ୍ଷେପ ସ୍ୱରୂପ ଆମେରିକା ଭାରତରୁ ଆମଦାନୀ ହେଉଥିବା କଫି, ଚା, ମସଲା, ଟ୍ରପିକାଲ ଫ୍ରୁଟ୍ସ ଏବଂ ଫଳ ରସ ଭଳି ଭାରତୀୟ ଉତ୍ପାଦ ଉପରେ ୫୦% ପାରସ୍ପରିକ ଶୁଳ୍କ



ଉଠାଇ ଦେଇଛି। ଏହା ଦେଶର ପ୍ରାୟ ୧ ବିଲିୟନ ଡଲାର (ପ୍ରାୟ ୯୦୦୦ କୋଟି) ଟଙ୍କା ମୂଲ୍ୟର କୃଷି ରପ୍ତାନିକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ।

ଏହି ଛାଡ଼ ନଭେମ୍ବର ୧୨ରେ ହ୍ୱାଇଟ୍ ହାଉସ୍ କାର୍ଯ୍ୟନିର୍ବାହୀ ଅର୍ଡରରେ ଜାରି କରାଯାଇଥିଲା ଏବଂ ନଭେମ୍ବର ୧୩ରୁ କାର୍ଯ୍ୟକାରୀ ହୋଇଛି। ୨୦୨୫ ଆର୍ଥିକ ବର୍ଷରେ ଆମେରିକାକୁ ଭାରତର କୃଷି ରପ୍ତାନି ଥିଲା ୨୨,୦୦୦ କୋଟି ଟଙ୍କା। ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) କହିଛି ଯେ ଏହା ଭାରତୀୟ ରପ୍ତାନିକାରୀଙ୍କୁ ସମାନ ସୁଯୋଗ ପ୍ରଦାନ କରିବ। ଭାରତ ଏବଂ ଆମେରିକା

### ଚା, କଫି, ମସଲା ଉପରୁ ହଟିଲା ୫୦% ଟାରିଫ୍

ମଧ୍ୟରେ ବାଣିଜ୍ୟ ଚୁକ୍ତି ଏବେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ ଭାରତୀୟ ବଜାରରେ ପ୍ରବେଶ ପାଇଁ ଆମେରିକାର ଦାବି, ୨୫% ପାରସ୍ପରିକ ଶୁଳ୍କ ଏବଂ ଅଶୋଧିତ ତେଲ ଉପରେ ଅତିରିକ୍ତ ୨୫% ଶୁଳ୍କ ଭଳି ପ୍ରସଙ୍ଗରେ ଏକ ଚୁକ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ଚଳିତବର୍ଷ ଫେବୃଆରୀ ମାସରୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଚାଲିଛି। ତେବେ ଟ୍ରମ୍ପ୍ ସେହି ସାମଗ୍ରୀ ଉପରୁ ଶୁଳ୍କ ହଟାଇଛନ୍ତି ଯାହାର ଉତ୍ପାଦନ ଆମେରିକାରେ କମ୍ ରହିଛି।

# ଅମାନିଆ ବାବୁଙ୍କ ଉପରେ ମୁଖ୍ୟମନ୍ତ୍ରୀ ଖପ୍ପା

**ହୋଇପାରି ନାହିଁ ବରଗଡ଼ରେ କଂସ ଦରବାର, ଖଣ୍ଡପଡ଼ାରେ ପ୍ଲାନେଟୋରିୟମ**

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ବିଳମ୍ବିତ**

**ଯୋଜନା ଓ କାର୍ଯ୍ୟକ୍ରମର ନିୟମିତ ସମୀକ୍ଷା ନିମନ୍ତେ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୧୮ ।୧୧ (ସମିସ): ପ୍ରଶାସନିକ ସ୍ଥାଣୁତା ଯୋଗୁଁ ରାଜ୍ୟରେ ବିକାଶ କାମ ଏକପ୍ରକାର ଠପ୍। କିଛି ଅମାନିଆ ବାବୁ ସରକାରୀ କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱୟନ କରିବାରେ ବିଳମ୍ବ କରୁଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ନିର୍ଦ୍ଦେଶ ବି କାର୍ଯ୍ୟକାରୀ ହୋଇ ପାରିନାହିଁ। ଯାହାକୁ ନେଇ ଆଜି ଖୋଲାଖୋଲି କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜିଲ୍ଲାଗସ୍ତ ବେଳେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଘୋଷଣାକୁ କାର୍ଯ୍ୟକାରୀ କରିବା ହେଉ ଅଥବା ବଜେଟରେ ଘୋଷିତ ନୂଆ



ଯୋଜନା କାର୍ଯ୍ୟକାରୀ କରିବା; ଦାୟିତ୍ୱରେ ଥିବା ବାବୁମାନେ ଅତ୍ୟନ୍ତ ହେୟଜ୍ଞାନ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି। ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ(ଏସପି) ସମ୍ମିଳନୀରେ ଏଥିନେଇ ତୀବ୍ର ଅସନ୍ତୋଷ ସହ କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ଧନୁଯାତ୍ରା ସମୟରେ ବରଗଡ଼ ଗସ୍ତ ସମୟରେ ଜୀରା ନଦୀରେ ଏକ ପୋଲ ଓ କଂସ ଦରବାର ନିର୍ମାଣ ପାଇଁ ହଜାର ହଜାର ଲୋକଙ୍କ ସାମ୍ନାରେ ଘୋଷଣା ହୋଇଥିଲା। ମାତ୍ର ତାହା ଆଜିଯାଏ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଥିପାଇଁ କିଏ ଉତ୍ତରଦାୟୀ ରହିବେ? ବରଗଡ଼ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗ ଏ ସଂକ୍ରାନ୍ତରେ କ'ଣ ପଦକ୍ଷେପ ନେଇଛନ୍ତି? ଯଦି କିଛି ପଦକ୍ଷେପ ନିଆଯାଇ ନାହିଁ, ତେବେ ଏଥିପାଇଁ କିଏ ▶ପୃଷ୍ଠା-୭

## ସାଲିଆସାହିରେ ବୁଲିଲା ବୁଲ୍‌ଡୋଜର

■ ଭୁବନେଶ୍ୱର, ୧୮ ।୧୧ (ସମିସ): ରାଜଧାନୀର ପ୍ରମୁଖ ବସ୍ତି ସାଲିଆସାହିରେ ମଙ୍ଗଳବାର ବୁଲିଛି ବୁଲଡୋଜର। ଏକାମ୍ରକାନନରୁ ଅନ୍ଧାରୁଆ ୧୩ କିଲୋମିଟର ନୂତନ ରାସ୍ତା ନିର୍ମାଣ ପାଇଁ ପର୍ଯ୍ୟାୟକ୍ରମେ ପ୍ରାୟ ୫୨୧ଘର ଉଚ୍ଛେଦ କରାଯିବାକୁ ଥିବା ବେଳେ ଆଜି କିଛି ଘରକୁ ଭାଙ୍ଗିଦିଆଯାଇଛି। ପ୍ରବଳ ଶୀତବେଳେ ବିନା ଥଇଥାନରେ ଉଚ୍ଛେଦକୁ ବିରୋଧ କରି ବସ୍ତିବାସିନ୍ଦା ରାସ୍ତାକୁ ଓହ୍ଲାଇଛନ୍ତି। ଫଳରେ ପୁଲିସ ଓ ବସ୍ତିବାସିନ୍ଦା ମୁହାଁମୁହିଁ ହୋଇଛନ୍ତି ଏବଂ ଖଣ୍ଡଯୁଦ୍ଧ ସମ ପରିସ୍ଥିତି ସୃଷ୍ଟି ହୋଇଛି। ଘର ଭାଙ୍ଗିବା ପରେ କେଉଁଆଡ଼େ ଯିବୁ, ଛୋଟ ଛୋଟ ପିଲାଙ୍କୁ ନେଇ ଶୀତ ରାତିରେ କିଭଳି ବଞ୍ଚିବୁ ବୋଲି ସେମାନେ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ଏପରିକି ଘର ଭଙ୍ଗା ବେଳେ କିଛି ଲୋକ ▶ପୃଷ୍ଠା-୭



**ବସ୍ତିବାସିନ୍ଦାଙ୍କ ତୀବ୍ର ବିରୋଧ, ବୁଲଡୋଜର ଆଗରେ ଧାରଣା**

**୬୦୦ ବର୍ଗଫୁଟ ଜମି ଦେବାକୁ କହିଥିଲେ, ଏବେ ଠକିଦେଲେ**



**ଉଭୟଙ୍କ ମୁଣ୍ଡ ପାଇଁ ଘୋଷଣା ହୋଇଥିଲା ୧ କୋଟିର ପୁରସ୍କାର**

## କୁଖ୍ୟାତ ମାଓନେତା ହିଡ଼ିମା ଦମ୍ପତି ମୃତ

■ ମାଲକାନଗିରି, ୧୮ ।୧୧ (ସମିସ): ଦୁର୍ଦ୍ଧାନ୍ତ ମାଓବାଦୀ ମାଡ଼ଭି ହିଡ଼ମାର ଖେଳ ଶେଷ ହୋଇଛି। ଛତିଶଗଡ଼-ଆନ୍ଧ୍ର ପ୍ରଦେଶ ସୀମାର ମରେଡିମିଲ୍ଲି ଜଙ୍ଗଲରେ ମଙ୍ଗଳବାର ସକାଳେ ହୋଇଥିବା ଏନ୍‌କାଉଣ୍ଟରରେ ସେ ପ୍ରାଣ ହରାଇଛି। ଖାଲି ହିଡ୍‌ମା ନୁହେଁ, ତା'ର ପତ୍ନୀ ରାଜେ ଓରଫ ରଜା ଏବଂ ୪ ଅନ୍ୟ ମାଓବାଦୀ ମଧ୍ୟ ସୁରକ୍ଷାବାହିନୀ ଗୁଳିରେ ନିହତ ହୋଇଛନ୍ତି। ବସ୍ତର ରେଞ୍ଜର ଆଇଜି ସୁନ୍ଦରରାଜ ପି ଏହି ସୂଚନା ▶ପୃଷ୍ଠା-୭

## ଅକାଠୁଆ ଶୀତ



■ ଭୁବନେଶ୍ୱର, ୧୮ ।୧୧ (ସମିସ): ସାରା ରାଜ୍ୟରେ ହାଡ଼ଭଙ୍ଗା ଶୀତ ଜାରି ରହିଛି। ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ; ସବୁଠି ଜାଡ଼ରେ କଲବଲ ଲୋକେ। ଗତ ୨ ସପ୍ତାହ ହେବ କ୍ରମାଗତ ଭାବେ ରାଜ୍ୟରେ ତାପମାତ୍ରା ହ୍ରାସ ଯୋଗୁଁ ଏଭଳି ଥଣ୍ଡା ଜାରି ରହିଛି। ଫଳସ୍ୱରୂପ, ବିଭିନ୍ନ ସ୍ଥାନରେ ଶୀତ ନଭେମ୍ବର ମାସର ରେକର୍ଡ ଭାଙ୍ଗି ଚାଲିଛି। ଅନ୍ୟପଟେ କିଛି ଦିନର କାଠୁଆ ଶୀତ ପରେ ଆସନ୍ତା ୭ ଦିନରେ ଶୀତର ପରିମାଣ କିଛି ମାତ୍ରାରେ ହ୍ରାସ ଘଟିପାରେ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ▶ପୃଷ୍ଠା-୭




## କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କ ଆର୍‌ଏସ୍‌ପି ପରିଦର୍ଶନ

# ଷ୍ଟିଲ୍ ମେଲ୍‌ଟିଂ ସପ୍ -୨ର ଅତ୍ୟାଧୁନିକ କାଷ୍ଟର-୪ ଉଦ୍‌ଘାଟିତ






**ରାଉରକେଲା, ୧୮।୧୧(ସମିସ)**

ଭାରତ ସରକାରଙ୍କ କେନ୍ଦ୍ର ଇସ୍ପାତ ଓ ଭାରୀ ଶିଳ୍ପ ମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀ ମଙ୍ଗଳବାର ଦୁଇ ଦିନିଆ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ଷ୍ଟିଲ ମେଲଟିଂ ସପ-୨ର ଅତ୍ୟାଧୁନିକ କାଷ୍ଟର-୪କୁ ଉଦ୍‌ଘାଟନ କରିଛନ୍ତି। ତାଙ୍କ ସହ ପତ୍ନୀ ଅନିଥା କୁମାରସ୍ୱାମୀ, ସେଲ୍‌ଫର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି) ଅମରେନ୍ଦୁ ପ୍ରକାଶ, ଇସ୍ପାତ ମନ୍ତ୍ରଣାଳୟର ଅନ୍ୟ ବହୁ ପଦାଧିକାରୀମାନେ ଏହି ସମୟରେ ଉପସ୍ଥିତ ଥିଲେ। କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଶ୍ରୀ କୁମାରସ୍ୱାମୀଙ୍କୁ ରାଉରକେଲା ବିମାନବନ୍ଦରରେ ଭାରତ ସରକାରଙ୍କ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତି, ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ସିଆଇଏସ୍‌ଏଫ୍‌ର ଡିଆଇଜି ରତନ କୁମାର, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଆର୍‌ଏସ୍‌ପିର ସମସ୍ତ ନିର୍ବାହୀ ନିର୍ଦ୍ଦେଶକ ଏବଂ ଓଡ଼ିଶା ସରକାର ଏବଂ ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କ୍ରମରେ ବିମାନବନ୍ଦରଠାରେ ଆର୍‌ଏସ୍‌ପି ସିଆଇଏସଏଫ୍ ୟୁନିଟ୍ ଦ୍ୱାରା ମନ୍ତ୍ରୀଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଇସ୍ପାତ ମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ ସେଠାରୁ ସିଧାସଳଖ ରାଉରକେଲା ଇସ୍ପାତ କାରଖାନା ଅଭିମୁଖେ ବାହାରିଥିଲେ। ଏହି ଅବସରରେ ମନ୍ତ୍ରୀ ଜୁଏଲ ଓରାମ, ଦୁର୍ଗା ଚରଣ ତନ୍ତିଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ କାରଖାନା ପରିଦର୍ଶନରେ ଯାଇଥିଲେ। ପ୍ରଥମେ ଆର୍‌ଏସ୍‌ପିର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ମଡେଲ ରୁମକୁ ସେ ପରିଦର୍ଶନ କରିବା ପରେ ଷ୍ଟିଲ ମେଲ୍ଟିଂ ସପ୍-୨କୁ ପରିଦର୍ଶନ କରି ସେଠାରେ ଅତ୍ୟାଧୁନିକ କାଷ୍ଟର-୪ର ଉଦ୍‌ଘାଟନ କରିଥିଲେ। ଶ୍ରୀ କୁମାରସ୍ୱାମୀ କାଷ୍ଟର-୪ରେ ଅପରେସନ ଏବଂ ସ୍ଲାବ୍ କାଷ୍ଟିଂ ଅନୁଧ୍ୟାନ କରିବା ସହ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ପାଇଁ ଆର୍‌ଏସ୍‌ପି ସାମୁହିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ କୁମାରସ୍ୱାମୀ କହିଥିଲେ, ଭାରତ ସରକାର ରାଉରକେଲା ଇସ୍ପାତ କାରଖାନାର ଅଭିବୃଦ୍ଧି ଏବଂ ବିକାଶ ପାଇଁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇବାକୁ ପ୍ରତିବଦ୍ଧ। ଶ୍ରୀ ଓରାମ ଇସ୍ପାତ କାରଖାନାର ପ୍ରଗତି ପାଇଁ ନିରନ୍ତର ସମର୍ଥନ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅମରେନ୍ଦୁ ପ୍ରକାଶ ଆରଏସପି ସମୁଦାୟିକଙ୍କୁ ସେମାନଙ୍କର ନିଷ୍ଠାପର ଓ ସମର୍ପିତ ପ୍ରୟାସ ପାଇଁ ପ୍ରଶଂସା କରିଥିଲେ। ଏହି ଅବସରରେ ମନ୍ତ୍ରୀମାନେ ପେଲେଟ୍ ପ୍ଲାଣ୍ଟ ଓ କୋକ୍ ଓଭେନ୍ ବ୍ୟାଟେରୀ-୭ର ପ୍ରକଳ୍ପ ଏବଂ ହଟ୍ ଷ୍ଟ୍ରିପ୍ ମିଲ୍-୨ ବୁଲି ଦେଖିଥିଲେ। ପ୍ରତ୍ୟେକ ସ୍ଥାନରେ ତାଙ୍କୁ ୟୁନିଟ୍‌ର କାର୍ଯ୍ୟଧାରା, ବର୍ତ୍ତମାନର ସ୍ଥିତି ଏବଂ ଭବିଷ୍ୟତ ଯୋଜନା ବିଷୟରେ ସୂଚିତ କରାଯାଇଥିଲା। ଏହି ସମୟରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିକାଶ ସିଏମ୍‌ଏଲ୍‌ଓର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ସିଏମ୍‌ଏଲ୍‌ଓର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି. ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଇସ୍ପାତ ମନ୍ତ୍ରୀଙ୍କ ସହ ଆର୍‌ଏସ୍‌ଏସ୍ ଓ ଜିଏମ୍‌ଏମ୍ ପ୍ରତିନିଧିଙ୍କ ଆଲୋଚନା



**ରାଉରକେଲା, ୧୮।୧୧(ସମିସ):** ଆଜି ସନ୍ଧ୍ୟାରେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଓ ଗାଙ୍ଗପୁର ମଜଦୂର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସଙ୍କ ନେତୃତ୍ୱରେ ଉଭୟ ଆରଏସଏସ ଏବଂ ଜିଏମଏମର ଏକ ପ୍ରତିନିଧି ଦଳ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚଡି କୁମାରସ୍ୱାମୀଙ୍କୁ ରାଉରକେଲା ହାଉସ ଠାରେ ସାକ୍ଷାତ କରି ଇସ୍ପାତ ଶ୍ରମିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏକ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ବିଶେଷ କରି ଘରୋଇକରଣ, ୩୯ ମାସର ବକେୟା ଦରମା ପ୍ରଦାନ, ରିୱାର୍ଡ ବୋନୋସ ପ୍ରଦାନ, ଏଲଡିପି, କାରଖାନା ସମ୍ପ୍ରସାରଣ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ସମୟରେ ସେଲ୍‌ଫ ଚେୟାରମେନ ଅମରେନ୍ଦୁ ପ୍ରକାଶ, ଡିଆଇସି ଆଲୋକ ବର୍ମାଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ରାଉରକେଲା ଶ୍ରମିକ ସଂଘର ଉପସାଧାରଣ ଦିଲ୍ଲୀପ ମହାପାତ୍ର, ଉପସଭାପତି ଅକ୍ଷୟ ଜେନା, ବୀରକିଶୋର ଶେଖରଦେଓ, ରଘୁନାଥ ଭୁକ୍ତା, ସତ୍ୟ ସାହୁ, ତୁଷାର ସାହୁ ଗାଙ୍ଗପୁର ମଜଦୂର ମଞ୍ଚର ଉପସଭାପତି ସୁଲେମାନ କାଉଡ଼ିଆ, ସନ୍ତୋଷ କୁଜୁର, ମାଙ୍ଗେ ଏକ୍କା, ଥୋମାସ ଟୋପୋ, ବିଷ୍ଣୁ ମାହାନ୍ତ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ବଣାଇରେ ଯୁଗ୍ମ ଅଭିଯୋଗ ଶୁଣାଣି



**ବଣାଇ, ୧୮।୧୧(ସମିସ):** ବଣାଇ ସହର ସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହଠାରେ ସୋମବାର ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୭ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୩୨ଟି, ଦଳଗତ ଭାବରେ ୪୦ ଗୋଟି ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ଜଣକୁ ସହାୟତା ପ୍ରଦାନ କରାଯିବା ପାଇଁ ପ୍ରସ୍ତାବ ଆସିଥିଲା। ସେଥିମଧ୍ୟରୁ ୯ ଗୋଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ଦଳଗତ ଅଭିଯୋଗ ମଧ୍ୟରେ ପାନୀୟ ଜଳ ସମସ୍ୟା, ବିଜୁଳି ସମସ୍ୟା, ଉପଖଣ୍ଡ ଚିକିତ୍ସାଳୟକୁ ରୋଗୀ ସ୍ଥାନାନ୍ତରିତ ହେଉଥିବା ବିରୁଦ୍ଧରେ, ପାନୀୟ ଜଳ ଯୋଗାଣର ସୁବ୍ୟବସ୍ଥା, ବିଦ୍ୟୁତ୍ ସଂଯୋଗୀକରଣ, ଚାଷ ପାଇଁ ଜଳସେଚନ ସୁବିଧା ନିମନ୍ତେ ଜନ ସାଧାରଣ ଅଭିଯୋଗ କରିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରେକୃଷ୍ଣ ମାଝୀ, ବଣାଇ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଜନ ସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

## ୨ କୁଖ୍ୟାତ ଅପରାଧୀ ଗିରଫ

**ରାଉରକେଲା, ୧୮।୧୧(ସମିସ):** ରାଉରକେଲା, ରାଜଗାଙ୍ଗପୁର ଓ ରାଏବୋଗା ଅଞ୍ଚଳ ସମେତ ପଡୋଶୀ ରାଜ୍ୟରେ ଆତଙ୍କ ଖେଳାଇ ଥିବା ୨ ଜଣ ଫେରାର କୁଖ୍ୟାତ ଅପରାଧି ବିନୋଦ ଟେଟେ ଓ ପିଣ୍ଟୁଙ୍କୁ କୁତ୍ରା ଥାନା ପୁଲିସ ସୋମବାର ବିଳମ୍ବିତ ରାତିରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ବିନୋଦ ଟେଟେ(୩୬) ସୁନ୍ଦରଗଡ଼ ପୁଲିସ ଜିଲ୍ଲା ରାଏବୋଗା ଥାନା ଅନ୍ତର୍ଗତ ବଡମାଲ ଜୁନିନଟୋଲି ଅଞ୍ଚଳର ବାସୀନ୍ଦା ହୋଇଥିବା ବେଳେ ପିଣ୍ଟୁ ଓରଫ ଜିତାବାହାନ ସାହୁ(୨୮) ରାଏବୋଗା ଥାନା ଅନ୍ତର୍ଗତ ସଲଙ୍ଗୀବାହାଲ ଗାଁର ବୋଲି ଜଣାପଡ଼ିଛି। ବିନୋଦ ଟେଟେ ନାଁରେ ଗୋଟିଏ ହତ୍ୟାକାଣ୍ଡ ଏବଂ ୪ଟି ଡକାୟତି ପରି ସଙ୍ଗୀନ ଅପରାଧ ରହିଥିବା ସୂଚନା ମିଳିଛି। ଗିରଫ ବିନୋଦ ଟେଟେ ନାଁରେ କୁତ୍ରା ଥାନାରେ ୨ଟି ମାମଲା, ରାଜଗାଙ୍ଗପୁର ଥାନାରେ ୨ଟି, ରାଏବୋଗା ଥାନା, ରାଉରକେଲା ପୁଲିସ ଜିଲ୍ଲାର ବ୍ରାହ୍ମଣୀ ତରଙ୍ଗ ଓ ରଘୁନାଥପାଲି ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଛି। ସେହିପରି ଗିରଫ ପିଣ୍ଟୁ ନାଁରେ ରାଏବୋଗା ଥାନାରେ ଗୋଟିଏ ମାମଲା ରହିଛି। ଏମାନେ ବାହାର ରାଜ୍ୟରେ ମଧ୍ୟ ଅପରାଧ କରି ଫେରି ଆସୁଥିବା ସୂଚନା ମିଳିଛି। ତେବେ ଏହି ଦୁଇ ଜଣ ଗତ କିଛି ଦିନ ହେବ ରାଏବୋଗା ଅଞ୍ଚଳରେ କିଛି ବଡଧରଣର ଡକାୟତି କରିବା ପାଇଁ ଯୋଜନା କରୁଥିବା ସୂଚନାପାଇ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ କୁତ୍ରା ଥାନା ଡିଏସପି ମନୋରଞ୍ଜନ ପ୍ରଧାନ, ଇନିସପେକ୍ଟର ଲୋକେଶ୍ୱର ସାହୁ ସଦଳବଳେ ରାଏବୋଗାର ଥାନା ଅଞ୍ଚଳର ସେମାନଙ୍କ ଗାଁରେ ଚଢ଼ଉ କରି ଏହି ଦୁଇ କୁଖ୍ୟାତ ଅପରାଧିଙ୍କୁ ଗିରଫ କରିଥିଲେ।

## ଘରୋଇକରଣ ବନ୍ଦ ପାଇଁ ଆର୍‌ଆଇକେକେଏସ୍‌ର ଦାବି



**ରାଉରକେଲା, ୧୮।୧୧(ସମିସ):** ଆଜି କେନ୍ଦ୍ର ଇସ୍ପାତ ଏବଂ ଭାରୀ ଶିଳ୍ପ ମନ୍ତ୍ରୀ ଏଚ୍‌ଡି କୁମାର ସ୍ୱାମୀ ରାଉରକେଲା ସହରକୁ ଦିନିକିଆ ଗସ୍ତରେ ଆସିଥିବା ବେଳେ ଆରଆଇକେକେଏସ ର ସାଧାରଣ ସମ୍ପାଦକ ହିମାଂଶୁ ବଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ସାକ୍ଷାତ କରି ରାଉରକେଲା ଇସ୍ପାତ କାରଖାନାର କିଛି ବିଭାଗକୁ ଘରୋଇକରଣ ବନ୍ଦ କରିବାକୁ ଦାବି କରିଥିଲେ। ବିଶେଷକରି ଆରଏସପିର ଟାଉନ ଇଂଜିନିୟରିଂ ବିଭାଗ ଓ ଆଇଜିଏଚକୁ ଘରୋଇକରଣ ପାଇଁ ହୋଇଥିବା ନିଷ୍ପତି ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ଘରୋଇକରଣ ହେଲେ ସ୍ଥାନୀୟ ବେକାର ଯୁବକ ନିଯୁକ୍ତି ହରାଇବେ। ସେହିପରି ଆଇଜିଏଚ ଘରୋଇକରଣ ହେଲେ କେବଳ ଆରଏସପି କର୍ମଚାରୀ ନୁହେଁ ଆଇଜିଏଚ୍ ଉପରେ ନିର୍ଭର କରୁଥିବା ସୁନ୍ଦରଗଡ଼ ଜିଲ୍ଲା ସମେତ ପଡୋଶୀ ରାଜ୍ୟର ରୋଗୀ ପ୍ରଭାବିତ ହେବେ। ଅନ୍ୟ ସମସ୍ତ ପବ୍ଲିକ ସେକ୍ଟରରେ, ସେଲରେ ଏ ପର୍ଯ୍ୟନ୍ତ ବେତନ ନିର୍ଦ୍ଧାରଣ ହୋଇ ପାରିନି। ୩୯ ମାସର ଏରିଅର ଦିଆ ନଯିବା ହିଁ ଏଥିରେ ବାଧକ ସାଜିଛି। ଏ ସବୁ ସମସ୍ୟା ଉପରେ ଅନୁଧ୍ୟାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ପ୍ରଦୋଷ ପଣ୍ଡା, ରାଜେନ୍ଦ୍ର ମାହାତୋ, ସଞ୍ଜୀବ ପତି, ସମିତା ବେନେଡିକ୍ଟ ତିର୍କୀ, ଉମାକାନ୍ତ ସାମଲ, ଅମର ଜୟସ୍ୱାଲ, ଅମର ଭୂୟାଁ, ରାଜେନ୍ଦ୍ର ଦାସ, ତ୍ରିଲୋଚନ ନାୟକ, ମାନସ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



**କୁତ୍ରା, ୧୮।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକସଦରମହକୁମା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଡ. ବିକାଶ ଚନ୍ଦ୍ର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କୁତ୍ରା ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତରୁ ୩୨୦ରୁ ଅଧିକ ମତ୍ସ୍ୟଜୀବୀ ଏବଂ ପ୍ରାଣିପାଳକ ତଥା ସ୍ୱୟଂ ସହାୟକ ଗୋଷ୍ଠୀ ଦଳର ମାଁ ମାନେ ଅଂଶ ଗ୍ରହଣ କରିଥିଲେ। ରାଜଗାଙ୍ଗପୁର ବିଧାୟକ ଶ୍ରୀଯୁକ୍ତ ଡା. ସି ଏସ ରାଜେନ ଏକ୍କା ମେଳା ଓ ପ୍ରଦର୍ଶନୀକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। କୁତ୍ରା ମଣ୍ଡଳ ଉନ୍ନୟନ ଅଧିକାରୀ ଗୋପୀନାଥ ଖାଖାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ରୂପେ ରାଜଗାଙ୍ଗପୁର ବିଧାୟକ ଡା. ସି ଏସ ରାଜେନ ଏକ୍କା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ଶାନ୍ତିଲତା ଲାକ୍ରା, ସାଂସଦ ପ୍ରତିନିଧି ଦେବେନ୍ଦ୍ର ସିଂହ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଉମାକାନ୍ତ ସାହୁ, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ ଡ଼ା. ବସନ୍ତ କୁମାର ଧଳ, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ ଡ଼ା ହିମାଂଶୁ ଶେଖର ଗୁରୁ, ସହକାରୀ ମତ୍ସ୍ୟ ଅଧିକାରୀ ଗଣେଶ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କୁତ୍ରା ବ୍ଲକର ଚାରି ଜଣ ଅଗ୍ରଣୀ ମତ୍ସ୍ୟ ଚାଷୀ ଓ ଚାରି ଜଣ ପ୍ରାଣୀପାଳକ, ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ୨ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କୃଷକ-ବିଶେଷଜ୍ଞ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଚାଷୀଙ୍କୁ ମତ୍ସ୍ୟ ଚାଷ ଓ ପ୍ରାଣୀ ପାଳନ ସମ୍ପର୍କିତ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରାଯାଇଥିଲା। ଜୟ ମାଁ ପଦ୍ମାବତୀ ପାଲା ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ଯୋଜନା ସମୂହର ପ୍ରଚାର କରାଯାଇଥିଲା। ମେଳାକୁ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା ବିକାଶ ଚନ୍ଦ୍ର ସେଠୀ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରୁକ୍ମିଣୀ ନାଏକ ଏବଂ କୁତ୍ରା ପ୍ରାଣୀ ଚିକିତ୍ସାଳୟ ସମସ୍ତ ସଦସ୍ୟ ଆୟୋଜନ କରିଥିଲେ। ଏଥିରେ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସୁଭଦ୍ରା ଟପ୍ପୋ ମଞ୍ଚ ପରିଚାଳନା କରିଥିଲେ। କମଳେନ୍ଦୁ ପାଣିଗ୍ରାହୀ ଓ କପିଳେନ୍ଦ୍ର ନାଏକ ସହଯୋଗ କରିଥିଲେ।

## ବିନା ପ୍ରଧାନଶିକ୍ଷକରେ ଚାଲିଛି ହାଇସ୍କୁଲ



**ବଣାଇଁ, ୧୮।୧୧(ସମିସ):** ବଣାଇଁ ବ୍ଲକରେ ଥିବା ମୋଟ ୨୨ଟି ସରକାରୀ, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଓ ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ମଧ୍ୟରୁ ଅଧିକାଂଶ ହାଇସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ବର୍ଷ ବର୍ଷ ଧରି ଖାଲି ପଡ଼ିଛି। ସେହିପରି କେତେକ ସ୍କୁଲ ଓ ହାଇସ୍କୁଲରେ ବିଷୟ ଭିତ୍ତିକ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ବଣାଇଁ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଦିଗହରା ହୋଇପଡ଼ିଛି। ବିଶେଷକରି ବଣାଇଁ ସହରର ସର୍ବପୁରାତନ ରାଜା ଧରଣୀଧର ସରକାରୀ ହାଇସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଦୀର୍ଘ ଦିନ ହେବ ଖାଲି ରହିବା ସଙ୍ଗେ ସଙ୍ଗେ ବହୁ ଶିକ୍ଷକ ପଦବୀ ମଧ୍ୟ ଖାଲି ପଡ଼ିଛି। ଫଳରେ ଗତ ମାଟ୍ରିକ ପରୀକ୍ଷାରେ ପାସ୍ ହାର ଉଦ୍‌ବେଗଜନକ ଭାବେ ହ୍ରାସ ପାଇଛି। ରାଜା ଧରଣୀଧର ହାଇସ୍କୁଲରେ ଗତ ଜୁଲାଇ ୨୦୨୫ ଠାରୁ ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲି ରହିଥିବା ବେଳେ ୨୦୨୩ ମସିହାରେ ଏଠାରେ ଅବସ୍ଥାପିତ ଥିବା ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ପଦୋନ୍ନତି ପାଇ ବଦଳି ହୋଇଛନ୍ତି। ଯାହାଦ୍ୱାରା ଗତ ୪ ମାସ ହେଲାଣି ଜଣେ ବରିଷ୍ଠ ଶିକ୍ଷୟିତ୍ରୀ କବିତା ମାହାନ୍ତ ଏଠାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାୟିତ୍ୱ ନିର୍ବାହ କରୁଛନ୍ତି। ହାଇସ୍କୁଲରେ ୧୫ ଜଣ ଶିକ୍ଷକଙ୍କ ବଦଳରେ ୧୧ ଜଣ ଶିକ୍ଷକ ଅବସ୍ଥାପିତ ଅଛନ୍ତି। ଦୀର୍ଘ ଦିନ ଧରି କିରାଣୀ ପଦ ମଧ୍ୟ ଖାଲି ପଡ଼ିବାରୁ ବାଧ ହୋଇ ଶିକ୍ଷକମାନଙ୍କୁ କିରାଣୀ କାର୍ଯ୍ୟ କରିବାକୁ ପଡୁଛି। ଏନେଇ ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ କୁମାର ମୁଣ୍ଡଙ୍କ ମତାମତ ନିଆଯିବାରୁ ଚଳିତ ମାସ ଶେଷ ସୁଦ୍ଧା ହାଇସ୍କୁଲରେ ହେଡମାଷ୍ଟର ପଦବୀ ପୂରଣ କରାଯିବ ବୋଲି କହିଛନ୍ତି।

## ପୁଲିସ ଗାଡ଼ି ଭଙ୍ଗାରୁଜା ଘଟଣା; ୫ ଗିରଫ

**ବଣାଇଁ, ୧୮।୧୧(ସମିସ):** ବଣାଇଁ ଥାନା ଅନ୍ତର୍ଗତ ନରେନ୍ଦ୍ର-ଗୁରୁଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ନରେନ୍ଦ୍ର ପଞ୍ଚାୟତ ଅଫିସ୍ ନିକଟରେ ଗତ ୮ ତାରିଖରେ ଏକ ଟ୍ରଲର ଦୁର୍ଘଟଣାରେ ଜିବିକା ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନଥିଲା। ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ିର ଡ୍ରାଇଭର ପୁଲିସ ଭ୍ୟାନ୍‌ରେ ଲୁଚି ରହିଥିଲା। ଯାହାକୁ ଉତ୍ୟୋକ୍ତ ଲୋକେ ଠାବ କରିବା ପରେ ପୁଲିସ ତାକୁ ହେପାଜତକୁ ନେଇଛି ଜାଣି ପୁଲିସ ପିସିଆର ଭ୍ୟାନ୍‌କୁ ଭଙ୍ଗାରୁଜା କରି ଦୁର ଖାଇକୁ ଠେଲି ଦେଇଥିଲେ। ପରେ ନରେନ୍ଦ୍ର ଛକକୁ ଆସି ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପରେ ଘଟଣାସ୍ଥଳରେ ଗୁରୁଣ୍ଡିଆ ତହସିଲଦାର ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ କ୍ଷତିପୂରଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଉକ୍ତ ଘଟଣାର




ପର ଦିନ ପୁଲିସ ନିଜ ତରଫରୁ ଏକ ମାମଲା(୨୪୧/୨୫) ରୁଜୁ କରିଥିଲେ। ସୋମବାର ବଣାଇଁ ଉପଖଣ୍ଡ ପୁଲିସ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ନରେନ୍ଦ୍ର, ତୁରାମୁରା, ଜିବିକା ଗ୍ରାମରୁ ୫ଜଣ ଅଭିଯୁକ୍ତକୁ ଥାନାକୁ ଆଣିବା ପରେ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଯୋଗେଶ୍ୱର ବାରିକଙ୍କ ପରଲୋକ



**ବଣାଇ, ୧୮।୧୧(ସମିସ):** ବଣାଇ ଉପଖଣ୍ଡ ଲହୁଣୀପଡ଼ା ବ୍ଲକର ସାମ୍ବାଦିକ କୁମାର ଗୌତମ ବାରିକଙ୍କ ପିତା ଯୋଗେଶ୍ୱର ବାରିକଙ୍କ ୧୦୦ ବର୍ଷ ବୟସରେ ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ ବଣାଇ ଅଞ୍ଚଳର ଜଣେ ବରିଷ୍ଠ ପାଲା ଓ ଦାଶକାଠିଆ କଳାକାର ଭାବେ ଜଣାଶୁଣା ଥିଲେ। ବୟସାଧିକତା ଜନିତ ରୋଗରେ ପଡ଼ି ସେ ଘରେ ଚିକିତ୍ସାଧୀନ ଥିଲେ। ଗତକାଲି ଅର୍କେଇକଳା ସ୍ଥିତ ନିଜ ବାସଭବନରେ ସେ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ପରଲୋକ ସମୟରେ ତାଙ୍କ ୩ ପୁଅ, ବୋହୂ, ଝିଅ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଗ୍ରାମ ସ୍ଥିତ ବ୍ରାହ୍ମଣୀ ନଦୀ କୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପୁତ୍ର ଗୋକୁଳାନନ୍ଦ ବାରିକ ମୁଖାଗ୍ନି ଦେଇଥିଲେ।

# ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

**ବଣାଇଁ, ୧୮।୧୧(ସମିସ)**



ବଣାଇ ମାଟିରେ ପ୍ରଥମ ଥର ପାଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ରାଜା ଧରଣୀଧର ବହୁମୁଖୀ ଖେଳପଡ଼ିଆଠାରେ ୬୯ତମ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଜୁଏଲ

**ଯୋଗଦେଲେ ୩୧ କ୍ରୀଡ଼ା ଜିଲ୍ଲାର ୭୪୪ ପ୍ରତିଯୋଗୀ**

ଓରାମ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ଟ୍ରଫି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ମାଧ୍ୟମିକ ଶିକ୍ଷା ପରିଷଦର ଉପସଭାପତି ଅମୂଲ୍ୟ କୁମାର ପ୍ରଧାନ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା ଯୋଗଦେଇଥିଲେ। ୩୧ଟି କ୍ରୀଡ଼ା ଜିଲ୍ଲାରୁ ଆସିଥିବା ପ୍ରତିଯୋଗୀଙ୍କ ଦ୍ୱାରା ମାର୍ଚ୍ଚ ଫାଷ୍ଟ ପ୍ରଦର୍ଶିତ ହୋଇଥିଲା। ବଡ ଗୋଗୁଆ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଶୀନାଥ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ବିବରଣୀ ପାଠ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଆନୁଷ୍ଠାନିକ ଭାବେ ପ୍ରତିଯୋଗିତା ଆରମ୍ଭର ଘୋଷଣା କରିବା ସହ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ସୁଶ୍ରୀ ଦୀପିକା ତିର୍କୀଙ୍କ ଦ୍ୱାରା ସମସ୍ତ ଅତିଥି ଓ ଖେଳାଳି ଶପଥ ପାଠ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶାର ୩୦ ଜିଲ୍ଲା ଓ ଭୁବନେଶ୍ୱର ସ୍ୱତନ୍ତ୍ର କ୍ରୀଡ଼ା ଜିଲ୍ଲାରୁ ୩୭୨ ଜଣ ବାଳକ ଓ ୩୭୨ଜଣ ବାଳିକାଙ୍କ ମିଶାଇ ସର୍ବମୋଟ ୭୪୪ ଜଣ ପ୍ରତିଯୋଗୀ ଏଥିରେ ଯୋଗଦେଇଛନ୍ତି। ବିଭିନ୍ନ ଜିଲ୍ଲାରୁ କୋଚ ଓ ଟିମ ମୁଖ୍ୟ ୯୧ ଜଣ, ରାଜ୍ୟରୁ ଅଫିସର ୮୫ ଜଣ, ସ୍ଥାନୀୟ ଅଫିସର ୮୦ ଜଣ ଏଥିରେ ଯୋଗ ଦେଇଛନ୍ତି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ୧୭ବର୍ଷରୁ କମ ଓ ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ୧୭ ବର୍ଷରୁ କମ ଛାତ୍ରଛାତ୍ରୀଙ୍କୁ ନେଇ ଖେଳ ଅନୁଷ୍ଠିତ ହେବ।

## ଆଶ୍ରମ ସ୍କୁଲରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

ଅମ୍ବାଭୋନା,୧୮।୧୧(ସମିସ): ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବା ନିମନ୍ତେ ଶିକ୍ଷାର୍ଥୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ଆଶ୍ରମ ସ୍କୁଲ ପରିସରରେ ବିଦ୍ୟାଳୟର ଇକୋ କ୍ଲବ୍ ପକ୍ଷରୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ବିଦ୍ୟାଳୟର ଇକୋ କ୍ଲବ୍ ଶିକ୍ଷକ ଉଛବ ଭୁଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ପରିବେଶବିତ ସଞ୍ଜୟ ଖମାରୀ ଯୋଗ ଦେଇ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ପ୍ଲାଷ୍ଟିକ ନିର୍ମିତ ସାମଗ୍ରୀର ବିକଳ୍ପକୁ ବ୍ୟବହାର କରିବା ସକାଶେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ମୁଖ୍ୟ ବକ୍ତା ଭଟଲି ବନପାଳ ରାଜେନ୍ଦ୍ର ସିଂ ପ୍ଲାଷ୍ଟିକ ପ୍ରଦୂଷଣର ପ୍ରତିକୂଳ ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଅନନ୍ତ ସାହୁ, ସଦସ୍ୟ ଅଶୋକ ସାହୁ ଯୋଗ ଦେଇଥିବା ବେଳେ ଇକୋ କ୍ଲବ୍ ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପରିଷ୍କାର ପରିଚ୍ଛନ୍ନତା ପାଇଁ ବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ଇକୋ କ୍ଲବ୍ ଶିକ୍ଷକ ଉଛବ ଭୁଏ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜୟ କିଷାନ୍ ଆନ୍ଦୋଳନ ପକ୍ଷରୁ ସମ୍ମିଳନୀ

# ପଞ୍ଜୀକରଣ ନକରି ଧାନମଣ୍ଡି ଖୋଲିବା ନିଷ୍ପତ୍ତିକୁ ବିରୋଧ



ବରଗଡ଼,୧୮।୧୧(ସମିସ): ଅତାବିରା ବଜାର ପ୍ରାଙ୍ଗଣରେ ଜୟ କିଷାନ ଆନ୍ଦୋଳନର ବ୍ଲକ୍‌ସ୍ତରୀୟ କର୍ମୀ ସମ୍ମିଳନୀ ବ୍ଲକ୍ ସଭାପତି ଭଞ୍ଜନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ଖରିଫ ଋତୁର ଧାନ ବିକ୍ରି ବ୍ୟବସ୍ଥା କିପରି ହେବ ତାହାକୁ ନେଇ ଚାଷୀ ଆଶଙ୍କାରେ ଥିବାବେଳେ ସରକାର ସେ ବିଷୟରେ କୌଣସି ସ୍ୱଷ୍ଟଚିତ୍ର ଦେଉନାହାନ୍ତି। ଅନ୍ୟ ପକ୍ଷରେ ଜିଲ୍ଲାର ୪ ହଜାରରୁ ଅଧିକ ଚାଷୀଙ୍କ ପଞ୍ଜୀକରଣ ନ ହେବା ଏବଂ ନଭେମ୍ବର ୨୮ରେ ଧାନମଣ୍ଡି ଖୋଲିବା ନିଷ୍ପତ୍ତିକୁ ସମ୍ମିଳନୀରେ ନିନ୍ଦା କରାଯାଇଥିଲା। ଅତାବିରା ନିୟନ୍ତ୍ରିତ ବଜାର କମିଟି ତରଫରୁ ପ୍ରଚାରପତ୍ର ଜାରି କରାଯାଇଥିଲା। ସରକାର ବଦଳିଛି ହେଲେ ଚାଷୀଙ୍କ ସମସ୍ୟା ଆଦୌ ବଦଳି ନାହିଁ ବୋଲି ଚାଷୀ ମତପୋଷଣ କରିଥିଲେ। ଆଗ ସରକାର ସମୟରେ ଯେପରି ଚାଷୀ କଟ୍‌ନିଛଟ୍‌ନି ଓ ଦଲାଲଙ୍କ ଦୌରାତ୍ମ୍ୟର ଶୀକାର ହେଉଥିଲେ ବର୍ତ୍ତମାନ ସରକାର ସମୟରେ ତାହା ବନ୍ଦ ହେବା ବଦଳରେ ଆହୁରି ଅଧିକ ମାତ୍ରାରେ ବୃଦ୍ଧି ପାଇଛି। କିନ୍ତୁ ଚଳିତ ଖରିଫ ଋତୁରେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସମ୍ମିଳନୀରେ ମତପ୍ରକାଶ ପାଇଥିଲା। ନୀତି, ଆଦର୍ଶ ଓ ନୈତିକତାକୁ ଆଧାର କରି ଲଢ଼େଇ କରିବା ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ। ସମ୍ମିଳନୀରେ ବରିଷ୍ଠ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନ, ଜୟ କିଷାନ ଆନ୍ଦୋଳନର ସାଧାରଣ ସମ୍ପାଦକ ହର ବଣିଆଁ, ମହେଶ୍ୱର ପ୍ରଧାନ, ଚଞ୍ଚଳ ପ୍ରଧାନ, ଅରୁଣ ପ୍ରଧାନ, ଜିତୁ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଆର୍ତ୍ତତ୍ରାଣ, କୁନା ବେହେରା, ମହାପାତ୍ର, ବିରଞ୍ଚି ମହାକୁଡ, ପଲଉ ମାଝୀ ପ୍ରମୁଖ ନିଜ ନିଜ ମତ ରଖିଥିଲେ।

## ଗୋବିନ୍ଦପୁର କୃଷି ସମବାୟ ସମିତିରେ ମୋ ସେବା କେନ୍ଦ୍ର ଉଦ୍‌ଘାଟିତ

ବରଗଡ଼,୧୮।୧୧(ସମିସ): ବରଗଡ଼ ବ୍ଲକ୍ ଅଧୀନ ଗୋବିନ୍ଦପୁର ସମବାୟ ସମିତିରେ 'ମୋ ସେବା କେନ୍ଦ୍ର' ଗୋବିନ୍ଦପୁର ସମବାୟ ସମିତିର ସଭାପତି ପ୍ରଫୁଲ୍ଲ ନାଏକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ପାକ୍ସର ସମ୍ପାଦକ ଅଶୋକ ଥପା, ପାକ୍ସ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, ରାଜେଶ୍ୱର ସାହୁ, ଈଶ୍ୱର ବାଗ୍, ବୀରବଲ ମହାକୁର, ବ୍ୟାସଦେବ ନାଏକ, ତରୁଣ ନାଏକ, ଶ୍ରୀକାନ୍ତ ମହାପାତ୍ର, ଅଶୋକ ସାହୁ, ପ୍ରିୟାରିଲାଲ ସାହୁ, ଧବଳେଶ୍ୱର ମେହେର, ସରୋଜ ଭୋଇ, କୃଷ୍ଣଚନ୍ଦ୍ର ଦାସ, ଲକ୍ଷଣ ପଧାନ, ସୁଶିଲ ଖମାରୀଙ୍କ ସହ ବରିଷ୍ଠ ଚାଷୀ ଛତ୍ରପତି ଭୋଇ, ରଘୁନାଥ ମହାପାତ୍ର ସହ ପାକ୍ସର ସମସ୍ତ କର୍ମଚାରୀ ଏହି ଉଦ୍‌ଘାଟନୀ ଉତ୍ସବରେ ସାମିଲ ଥିଲେ।

## ଭେଡେନ ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା

ଭେଡେନ,୧୮।୧୧(ସମିସ): ଭେଡେନ ବ୍ଲକ୍ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫ ବରପଦର ଅଛାଣ୍ଡପାଲି ଆଞ୍ଚଳିକ ନୋଡାଲ ଉଚ୍ଚ ବିଦ୍ୟାଳୟ, ବରପଦର ଠାରେ ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଏଏଡିଇଓ ସରୋଜ ଭୁଏ ଓ ସମ୍ମାନିତ ଅତିଥି ଭାବେ ବରଗଡ଼ ଏଡିଇଓ ବିନୟ ସଏ, ସାଂସଦ ପ୍ରତିନିଧି ତୋଷବନ୍ତ ସେଠ୍, ବିଧାୟକ ବିଦ୍ୟାଳୟ ପ୍ରତିନିଧି ଦିଗାମ୍ବର ଦାଶ, ଭେଡେନ ବ୍ଲକ୍ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଜିଲ୍ଲା ପରିଷଦ ସଭ୍ୟା ପଦ୍ମିନୀ ଗଡତିଆ, ଭେଡେନ ବିଡିଓ କର୍ଣ୍ଣ ସୁନା, ଅତାବିରା ବିଇଓ ମିଶ୍ରାଣୀ କୁମ୍ଭାର, ବିଜ୍ଞାନ ଶିକ୍ଷକ ଅମ୍ଳାନ ପାଣ୍ଡିଆ, ଲୁହାଖଣ୍ଡି ସରପଞ୍ଚ ମୀରା ମହାକୁର, ସମିତି ସଭ୍ୟା ପଙ୍କଜିନି ପଶାୟତ, ଏବିଇଓ ହେମବତି ମେହେର, ଅବସରପ୍ରାପ୍ତ ଶିକ୍ଷକ ଅଗ୍ନୀ ପଧାନ, ଭେଡେନ ସୂର୍ଯ୍ୟମଣି ଜନତା ଉଚ୍ଚ ବିଦ୍ୟାଳୟ ପଧାନଶିକ୍ଷକ ରଞ୍ଜନ ନାଏକ, ପ୍ରଧାନଶିକ୍ଷକ ରିମାଧର ଭୁଏ, ଭେଡେନ ବ୍ଲକ୍ ବିଜ୍ଞାନ ନିରୀକ୍ଷକ ସଞ୍ଜୀବ ପଧାନ, ସିଡିପିଓଙ୍କ ପ୍ରତିନିଧି ଭାବେ ପଙ୍କଜିନି ବିଶ୍ୱାଳ, ସୁଭାଷିନୀ ଧୂସର ଓ ସନ୍ତୋଷ ବାଗ ଚେୟାରମ୍ୟାନ ସ୍ଥାନୀୟ ବିଦ୍ୟାଳୟ ଯୋଗ ଦେଇଥିଲେ। ପ୍ରଦର୍ଶନୀରେ ମୋଟ ୧୩୭ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ୮ଟି ବିଭାଗର ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଭାଗ ନେବେ। ଉଦ୍‌ଯାପନୀ ଉତ୍ସବରେ ବିଇଓ ଭେଡେନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଡିଏସଏସ ଧିରଜ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଫକିର ମୋହନ ସାହୁ, ଯୋଗେଶ ଚନ୍ଦ୍ର ପଧାନ, ସନନ୍ତ ଦାସ, ଭେଡେନ ନାଗରିକ କମିଟିର ସଭାପତି ସ୍ୱାଧୀନ ରଥ, ଆନନ୍ଦ ଅଗ୍ରୱାଲ, ବରଗଡ଼ ପଞ୍ଚ ସଖା ଶିକ୍ଷା ସେତୁ ସଂଯୋଜକ ପ୍ରିୟବ୍ରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସଞ୍ଜୀବ ପଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।



ବିଚାରକ ଭାବେ ଅଶୋକ ପଣ୍ଡା, ମନୋଜ ବାରିକ, ସତ୍ୟନାରାୟଣ ମିଶ୍ର, ସରୋଜ ସାହୁ, ହେମନ୍ତ ମେହେର ଓ ଆନନ୍ଦ କର୍ଣ୍ଣ ପ୍ରମୁଖ ଯୋଗ ଦେଇଥିଲେ। ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସଙ୍ଗୀତ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀ କାଜଲ ପଣ୍ଡାଙ୍କ ସଂଯୋଜନାରେ ପରିବେଷଣ କରାଯାଇଥିଲା। ଶିକ୍ଷକ ଗୋବିନ୍ଦ ସେଠ୍, ଛାତ୍ରୀ ସାଲୋନି ମହାକୁର ଓ ବିଜୟା ପଧାନ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦଳଗତ ନୃତ୍ୟ ବେଶ ଚିତ୍ତାକର୍ଷକ ଥିଲା। ସେମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଗଲା। ପ୍ରଧାନଶିକ୍ଷକ ରିମାଧର ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇକମାଲ କୁବେରସାଇର ବାର୍ଷିକ ଉତ୍ସବ

ପାଇକମାଲ,୧୮।୧୧(ସମିସ): ପାଇକମାଲ କୁବେର ସାଇର ବାର୍ଷିକ ଉତ୍ସବ ପାଇକମାଲ ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଇକମାଲ କୁବେର ସାଇର ସଭାପତି ସୁରଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପଶ୍ଚିମାଞ୍ଚଳ ଓଡ଼ିଶା ଛତିଶଗଡ଼ କୁବେର ସମାଜ ମହାସଭା ସଭାପତି ଲକ୍ଷ୍ମଣ ସାହୁ, ସମ୍ମାନିତ ଅତିଥି ଭାବେ ମହାସଭା ଯୁବାମଞ୍ଚ ସଭାପତି ଲିଙ୍ଗରାଜ ସାହୁ, ମହାସଭା ମାତୃମଞ୍ଚ ସମ୍ପାଦିକା ରଶ୍ମିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପାଇକମାଲ ମାତୃମଞ୍ଚ ସଭାନେତ୍ରୀ ବଉଳ ସାହୁ ଓ ସମ୍ପାଦିକା ଲକ୍ଷ୍ମୀ ସାହୁ ଭାଗବତ ପଠନ କରି ସଭା ଆରମ୍ଭ କରାଯାଇଥିଲା। ସମ୍ପାଦକ ସୁଶାନ୍ତ ସାହୁ ବାର୍ଷିକ ବିବରଣୀ ସହ ଗତ ବର୍ଷର ଆୟ ବ୍ୟୟର ହିସାବ ପଠନ କରିଥିଲେ। ସାଇର ବୟୋଜ୍ୟେଷ୍ଠ ସଦସ୍ୟ ଜଗନ୍ନାଥ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଇକମାଲ କୁବେର ସାଇ ସଭାପତି ଭାବେ ସୁରଥ ସାହୁ ଓ ସମ୍ପାଦକ ଭାବେ ସୁଶାନ୍ତ ସାହୁଙ୍କୁ ପୁନର୍ବାର ମନୋନୀତ କରାଯାଇଥିଲା। ପାଇକମାଲ ସାଇର ବିଦ୍ୟୁଲତା ସାହୁ, ସରୋଜିନୀ ସାହୁ, ପିଙ୍କି ସାହୁ, ସଞ୍ଜୁଲତା ସାହୁ, ଧରଣୀଧର ସାହୁ, କୈଳାସ ସାହୁ, ପ୍ରଫୁଲ ସାହୁ, ସଚ୍ଚିଦାନନ୍ଦ ସାହୁ, ଭାଗ୍ୟଧର ସାହୁ, ନିଲେଶ ସାହୁ, ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାଇର ପ୍ରଫୁଲ ସାହୁ ଧନ୍ୟବାଦ ଦେଇଥିଲେ।

## ଜମୁର୍ଡା ଗାଁରେ ଆଇନ୍ ସଚେତନତା ଶିବିର

ବରଗଡ଼,୧୮।୧୧(ସମିସ): ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ୧୮ ତାରିଖ ଜର୍ମୁଡା ଗାଁର କଲ୍ୟାଣ ମଣ୍ଡପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବରଗଡ଼ର ସଚିବ ବିଭୂତି ଭୂଷଣ ନାୟକ ମୁଖ୍ୟ ପ୍ରତିପକ୍ଷ ଓକିଲ ମନସୀ ସାହୁ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଶିକ୍ଷା ଅଧିକାର ଆଇନ, ମାଗଣା ଶିକ୍ଷା ଓ ସର୍ବଶିକ୍ଷା ଅଭିଯାନ ଏବଂ ଆଗାମୀ ଦିନରେ କିପରି ଡ୍ରପଆଉଟ୍ ଷ୍ଟୁଡେଣ୍ଟ୍ ସଂଖ୍ୟାରେ ହ୍ରାସ ପାଇବ ସେ ଉପରେ ଆଲୋଚନା କରାଯାଇଥିଲା।

## ଗାଈସୀମା ପଞ୍ଚାୟତରେ ଟିବି ମୁକ୍ତ କାର୍ଯ୍ୟକ୍ରମ



ବରଗଡ଼,୧୮।୧୧(ସମିସ): ଗାଈସୀମା ପଞ୍ଚାୟତ କାର୍ଯ୍ୟାଳୟରେ ଟିବି ମୁକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଧିରନ ମହାପାତ୍ରଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ମାନଙ୍କ ଦ୍ୱାରା ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତଙ୍କ ସହମତିରେ ଗାଈସୀମା ପଞ୍ଚାୟତକୁ ଟିବି ମୁକ୍ତ କରିବା ପାଇଁ ଶପଥ ନିଆଗଲା। ସରକାରଙ୍କ ସହାୟତାରେ ସୁସ୍ଥ ହୋଇଥିବା ଟିବି ଯୋଦ୍ଧା ମାନଙ୍କୁ ପଞ୍ଚାୟତ ସରପଞ୍ଚ ଧିରନ ମହାପାତ୍ରଙ୍କ ଦ୍ୱାରା ରାସନ ସାମାନ ଏବଂ ଔପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗ ସହ କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମିଲୁ ଭୋଇ, ଅଙ୍ଗନବାଡି କର୍ମୀ, ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

## କଫ ସିରପ୍ ଜବତ କଲା ଅବକାରୀ ବିଭାଗ

ବରଗଡ଼,୧୮।୧୧(ସମିସ): ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଆଇନ କଫ ସିରପ ଜବତ କରାଯାଇଛି। ଅବକାରୀ ଅଧୀକ୍ଷକ ସୁବନ ନାୟକଙ୍କ ନିର୍ଦ୍ଦେଶାନୁସାରେ ଉପଅଧୀକ୍ଷକ ଦିବ୍ୟରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ଅବକାରୀ ନିରୀକ୍ଷକ ରଶ୍ମିତା ଲାକ୍ରା ଓ ଗୋକୁଳ ଧରଙ୍କ ନେତୃତ୍ୱରେ ଦୁଇଟି ଟିମ ମହୁଲପାଲି ତୁରୁମ ଅଞ୍ଚଳରେ ରାତ୍ରିରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଭେଡେନ ପଟକୁ ଆସୁଥିବା ଏକ ବାଇକ ଉପରେ ସନ୍ଦେହ ହେବାରୁ ତାହାକୁ ଅଟକାଇ ତଲାସୀ କରିଥିଲେ। ଏଥିରେ ୧୯୪ ଟି କଫସିରପ୍ ବୋତଲ ଜବତ କରିଛନ୍ତି। ଏହାର ସମ୍ପୃକ୍ତିରେ ରୁଷୁଡାର ରୋଶନ ଦେହେରୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ରହିଛି। ଜବତ ତଥା ତଦନ୍ତ ଅଧିକାରୀ ନିରୀକ୍ଷକ ଗୋକୁଳ ଧରଙ୍କ ଅନୁସାରେ ସମ୍ପୃକ୍ତ ଆସାମୀକୁ ଭୋର ସମୟରେ ରୁଷୁଡା ଛକରୁ ଗିରଫ କରାଯାଇଥିଲା।

## ଦୁର୍ଗେଇ ଖୋଲ ଯାତ୍ରା ପାଇଁ ପ୍ରସ୍ତୁତି

ପାଇକମାଲ,୧୮।୧୧(ସମିସ): ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପର୍ବତରେ ଥିବା ଦୁର୍ଗେଇ ଖୋଲରେ ପ୍ରତିବର୍ଷ ଦୁର୍ଗେଇ ଖୋଲ ଦୁର୍ଗା ଦେବୀଙ୍କ ମାର୍ଗଶିର ମାସ ଶେଷ ଗୁରୁବାର ପୂର୍ଣ୍ଣିମା ଦିନ ପୂଜା ସହ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏନେଇ ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ୍ ମିଠାପାଲି ପଞ୍ଚାୟତ ମନଭଙ୍ଗ ଡ୍ୟାମ ନିକଟରେ ଦୁର୍ଗେଇ ଖୋଲ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ପରିଚାଳକ କମିଟି ସଭାପତି ମଧୁସୂଦନ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବୈଠକ ବସିଥିଲା। ବୈଠକରେ ଆସନ୍ତା ଡିସେମ୍ବର ୪ ଓ ୫ ତାରିଖ ଦୁଇଦିନ ଧରି ଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମାଁଙ୍କ ପୂଜନୋତ୍ସବ କିପରି ଶାନ୍ତି ଶୃଙ୍ଖଳାରେ ସମାପନ ହେବା ସହ କୌଣସି ମାଦକ ଦ୍ରବ୍ୟ ବିକ୍ରୟ ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ସଭାପତି ଶ୍ରୀ ପାଣ୍ଡେ ମତବ୍ୟକ୍ତ କରିଥିଲେ। ପୀଠର ଉନ୍ନତି ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କନ୍ଧ ସମାଜର ସଭାପତି ରଣଜିତ ମଲ୍ଲିକ, ମାଁ ଦୁର୍ଗେଇ ଦେବୀ କମିଟି ସମ୍ପାଦକ ବେଣୁଧର ଧରୁଆ, ମନଭଙ୍ଗ ଗୌନ୍ତିଆ ମହେନ୍ଦ୍ର ମଲ୍ଲିକ, ପୂଜକ ସୁବାଷ ମଲ୍ଲିକ, ସଚିଦା ମଲ୍ଲିକ, ମହେନ୍ଦ୍ର ମଲ୍ଲିକ, ତ୍ରିନାଥ ମଲ୍ଲିକ, ବକୁଲ ମଲ୍ଲିକ, ଦେହେରୀ ବିଶିକେଶନ ମଲ୍ଲିକ, ପାନ୍ତି ନୂତନ ଭୂଏଙ୍କ ସମେତ ଭଦ୍ରବ୍ୟକ୍ତି ମଦନ ମାଝୀ, ରାଧେଶ୍ୟାମ ମେହେର, ନିର୍ମଳ ପଟେଲ, ୱାର୍ଡ ମେମ୍ବର ସୁରେନ୍ଦ୍ର ମଲ୍ଲିକ, ଗୋବିନ୍ଦ ଭୂଏ, ନକୁଳ କଲେତ, ଗୋପାଳ ମାଝୀ, ନୁତନ ଭୁଏ, ଗୋପାଳ ମାଝୀଙ୍କ ସମେତ ମନଭଙ୍ଗ, କୁଡାରୀଫସା, ଲଉଡିମାଲ, ପିପଲଖୁଣ୍ଟା, ମୋତିପାଲି, ପତ୍ରାପାଲି, ବିଜୟ ନଗର, ଲୁକୁପାଲି, ମନ୍ମଥପାଲି, ନୂଆଁଗାଁ ଓ ମିଠାପାଲି ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଶେଷରେ ସଭାପତି ମଧୁସୂଦନ ପାଣ୍ଡେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଟ୍ରାଫିକ ସମସ୍ୟାରେ ସୂର୍ଯ୍ୟନଗର ପଡ଼ାବାସୀ ଅତିଷ୍ଠ



ପଦ୍ମପୁର,୧୮।୧୧(ସମିସ): ପଦ୍ମପୁର ସୂର୍ଯ୍ୟ ନଗରରେ ଏବେ ଟ୍ରାଫିକ୍ ସମସ୍ୟା ଉତ୍କଟ ହେବାରେ ଲାଗିଛି। ରାସ୍ତା ଜବରଦଖଲ, ଅବରୋଧ ଏବଂ ଅଞ୍ଚଳରେ ଛତୁ ଫୁଟିବା ଭଳି ଖୋଲିଥିବା କ୍ଲିନିକ୍ ଓ ପାଥୋଲୋଜି ସେଣ୍ଟର ଗୁଡିକ କାରଣରୁ ସ୍ୱଚ୍ଛତା ସମସ୍ୟା ମଧ୍ୟ ଦେଖାଦେଇଛି। ଅଞ୍ଚଳର ସଙ୍କୀର୍ଣ୍ଣ ରାସ୍ତାଗୁଡ଼ିକ ଏବେ ଦୁଇଚକିଆ ଯାନବାହାନରେ ଭର୍ତ୍ତି ହୋଇଛି। କ୍ଲିନିକ୍ ଓ ପାଥୋଲୋଜି ସେଣ୍ଟରକୁ ଆସୁଥିବା ରୋଗୀ ମାନଙ୍କ ଯୋଗୁ ରାସ୍ତା ଅବରୋଧ ହେଉଛି। ଫଳରେ ଟ୍ରାଫିକ ଜାମ୍ ହେଉଥିବାରୁ ସ୍ଥାନୀୟ ବାସିନ୍ଦା ହଇରାଣ ହେଉଛନ୍ତି। ଟ୍ରାଫିକ୍ ସମସ୍ୟା ସହିତ ସ୍ୱଚ୍ଛତା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ରାସ୍ତା କଡରେ ପ୍ଲାଷ୍ଟିକ ଆବର୍ଜନା, ପରିତ୍ୟକ୍ତ ରାପର, ବ୍ୟବହୃତ ଡାଇପର, କାଗଜର ଆଦି ପଡ଼ି ରହୁଛି। ଏହି କ୍ଲିନିକ୍ ଗୁଡ଼ିକର ଉପସ୍ଥିତି ସ୍ୱଚ୍ଛତାକୁ ସହ ବାସିନ୍ଦାଙ୍କ ଗୋପନୀୟତାକୁ ମଧ୍ୟ କ୍ଷୁର୍ଣ୍ଣ କରିଛି। ଲୋକେ ଏହି ସବୁ ବ୍ୟବସାୟିତ ପ୍ରତିଷ୍ଠାନର ବୈଧତାକୁ ନେଇ ପ୍ରଶ୍ନ କରିଛନ୍ତି। ସୂର୍ଯ୍ୟ ନଗର ମୁଖ୍ୟତଃ ଆବାସିକ ଅଞ୍ଚଳ ହୋଇଥିବାରୁ ସେଠାରେ କ୍ଲିନିକ୍ କିମ୍ବା ପାଥୋଲୋଜି ସେଣ୍ଟର ପ୍ରତିଷ୍ଠା ପାଇଁ କିଏ ଅନୁମତି ଦେଲା ବୋଲି ସେମାନେ କହିଛନ୍ତି। ଆବାସିକ ଅଞ୍ଚଳରେ କ୍ଲିନିକ୍ ଓ ପାଥୋଲୋଜି ସେଣ୍ଟର ପ୍ରତିଷ୍ଠାକୁ ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ପୌରପାଳିକାକୁ ଅନୁରୋଧ କରିଛନ୍ତି।

## ଜିଲ୍ଲା ସମାଜସେବୀ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ବନ୍ଧୁମିଳନ

ବରଗଡ଼,୧୮।୧୧(ସମିସ): ଜିଲ୍ଲା ସମାଜସେବୀ ସଂଘ ବରଗଡ଼ ତରଫରୁ ରାଜ୍ୟସ୍ତରୀୟ ସମାଜସେବୀ ବନ୍ଧୁମିଳନ ୨୦୨୫ ଯଦୁମଣି ପ୍ରଧାନ ଅଡିଟୋରିୟମ ଠାରେ ଅନୁଷ୍ଠିତ ହୋଇଛି। ରାଜ୍ୟର ସମାଜସେବୀ ମାନଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ଏହାର ଉଦ୍ଦେଶ୍ୟ ରହିଥିଲା। ମୁଖ୍ୟ ଅତିଥି ରୂପେ ପଦ୍ମଶ୍ରୀ ଭାଗବତ ପ୍ରଧାନ, ସମ୍ମାନିତ ଅତିଥି ଡ.ଶଙ୍କର ରାମଚନ୍ଦାନି, ଜିଲ୍ଲା ପରିଷଦ ସଭାପତି ମାନିନୀ ଭୋଇ, ସମାଜସେବୀ ଗୀତା ମିଶ୍ର, ଡ.ସସ୍ମିତା ଦାଶ, ବିଶ୍ୱହିନ୍ଦୁ ପରିଷଦର ଅଶ୍ୱିନୀ ମେହେର, ସମାଜସେବୀ ମମତା ପୁରୋହିତ, ଅଞ୍ଜନା ଦାଶ, ସଂଘର ମାର୍ଗଦର୍ଶକ ବିକାଶ ସେନ, ବିରେନ ପଧାନ, ଅକ୍ରୁର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

କଣ୍ଠଶିଳ୍ପୀ ଏମଡି ଟଫିକ ଖାନ ସମଲେଇ ଭଜନ ପରିବେଷଣ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ୬ ଜଣ ଶାରୀରିକ ଅକ୍ଷମ ବ୍ୟକ୍ତି ସୁଜାତା ବର୍ଗତି, ମାନସ ବାଗ, ମାଗଦାରୀ ସୁନା, କୁଲ ମହାକୁଡ, ରୋହିତ ବନଛୋର, ରଜତ ଭୋଇଙ୍କୁ ତିନି ଚକିଆ ସାଇକଲ ବଣ୍ଟନ କରାଯାଇଥିଲା। ସଂଘ ପକ୍ଷରୁ ନିଃଶୁଳ୍କ କମ୍ପ୍ୟୁଟର ଶିକ୍ଷାର ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରଥମ ୩ ଜଣ ଛାତ୍ରଙ୍କୁ କମ୍ପ୍ୟୁଟର ପ୍ରଦାନ କରା ଯାଇଥିଲା। ରାଜ୍ୟର ୨୭ଟି ଜିଲ୍ଲାର ସମାଜସେବୀ ସଂଘ ତଥା ସ୍ୱାଭିମାନ ସେବା ସଂଘ, ପଞ୍ଚବଟୀ କମ୍ୟୁନିଟି ମ୍ୟାନେଜେମେଣ୍ଟ ଗ୍ରୁପ, ଏଶିନେଶ୍ୱର ଶିଶୁ ସୁରକ୍ଷା ଟ୍ରଷ୍ଟ, ସୁଚିନ୍ତା ଚାରିଟେବୁଲ ଟ୍ରଷ୍ଟ, ମାନବସେବା ଚାରିଟେବଲ ଟ୍ରଷ୍ଟ, କନ୍ଧମାଳ ଜିଲ୍ଲା ସବୁଜ ବିଦ୍ୟା ସଂଗଠନ, ପତିତପାବନ ଫାଉଣ୍ଡେସନ, ଶ୍ରୀସାଇ ସେବା ସଂଘ, ବଣ୍ୟକ ଫାଉଣ୍ଡେସନ, ଗୋପବନ୍ଧୁ ସେବକ ସେନା, ଆସ ଖୁସି ବାଣ୍ଟିବା, ଗୋପବନ୍ଧୁ ଚାରିଟେବଲ




ଟ୍ରଷ୍ଟ, ଆମେ ଆପଣଙ୍କ ସେବାରେ ସଂଗଠନ, ଡିଆରକେ ଫାଉଣ୍ଡେସନ, ସୋସିଆଲ ୱର୍କ ଆଣ୍ଡ ସୋସିଆଲ ମିଡ଼ିଆ, ସିଦ୍ଧାର୍ଥ ସାହା ଗ୍ରୁପ, ଫାଇଟର ଗ୍ରୁପ, ବୁଢ଼ାରଜା ଯୁବ ସମାଜସେବୀ ସଂଗଠନ, ସମର୍ପିତ ସେବା ସଂସ୍ଥାନ, ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତି, ଏଇତ ଜୀବନ ଚାରିଟେବଲ ଟ୍ରଷ୍ଟ, ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ, ଛାତ୍ରରକ୍ତଦାତା ମହାସଂଘ, ଜିଲ୍ଲା ଭିନ୍ନକ୍ଷମ ସମିତି, ହେଲଫିଂ ଫର ହେଲ୍ପଲେସ ପିପୁଲ, ଦେବୁଦୂତ ସେବା ପରିଷଦ ଆଦି ସଂଗଠନ ଯୋଗ ଦେଇଥିଲେ। ବ୍ୟକ୍ତି ବିଶେଷ ଯଥା ଅଶୋକ ଅଗ୍ରୱାଲ, ମମତା ଅଗ୍ରୱାଲ, ରୀନା ମହାପାତ୍ର, ପ୍ରେମାନନ୍ଦ ଥପା, ଅସମାନ ପାତ୍ର, ଆମରନାଥ ଭୋଇ, ରାଜକିଶୋର ପାଣିଗ୍ରାହୀ, ସଞ୍ଜୀବ ମେହେର, ସୁଶାନ୍ତ ସାହୁ, ଅଶୋକ ଛତର, ସଞ୍ଜୀବ ସୁନା, ରାଜୁ ମହାନନ୍ଦ, ବିଭୁଦତ୍ତ ବିଶ୍ୱାଳ, ମୁକୁନ୍ଦ ବିଶ୍ୱାଳ, କୁଶ ମଲ୍ଲିକ, ରାଜେଶ ନନ୍ଦ, ସଂସ୍କାର ଗ୍ରୁପ, ସୁଖ ମଲ୍ଲିକ, ସୁରେନ୍ଦ୍ର ତାଣ୍ଡି, କଳାକାନହୁ ଦୀପ, ନଟେଶ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ମହାବୀର ନରସିଂହ କଲେଜ, ପାଇନର କୋସିଙ୍ଗ, ମୀଟ କମ୍ପ୍ୟୁଟର, ଅପ୍ରିଇଜ କଲେଜ, ବିଦ୍ୟାଶ୍ରୀ ବିଜ୍ଞାନ ଶିକ୍ଷାନୁଷ୍ଠାନ, ଯୁବଶକ୍ତି ଗ୍ରୁପଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ସମାଜସେବୀ ସଂଘ ବରଗଡ଼ର ସଭାପତି ବଳିଷ୍ଠ ଦୁର୍ଗାଙ୍କ ନେତୃତ୍ୱରେ ହୋଇଥିଲା। କଣ୍ଠଶିଳ୍ପୀ ବୁଲୁ ପଣ୍ଡା, ତପସ୍ୱିନୀ, ସୁଶାନ୍ତ ଗର୍ତିଆ ସଂଗୀତ ପରିବେଷଣ କରିଥିଲେ। ରାଜ୍ୟର ୯୨ଟି ସ୍ୱେଚ୍ଛାସେବୀ ସଂଗଠନକୁ ନେଇ ଆଜି ଗୋଟିଏ ରାଜ୍ୟ ସମାଜସେବୀ ସଂଘ ଗଠନ କରାଯାଇ ସମାଜସେବୀ ବଳିଷ୍ଠ ଦୁର୍ଗାଙ୍କୁରାଜ୍ୟ ସଭାପତି ରୂପେ ଘୋଷଣା କରାଗଲା। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜସେବୀ ସଂଘର ସକ୍ରିୟ ସଦସ୍ୟ ମିଠାରାମ ସାହୁ, ଧୀରେନ୍ଦ୍ର ପୃଷ୍ଟି, ମୋହନଲାଲ ଅଗ୍ରୱାଲ, ଅନନ୍ତ ପ୍ରଧାନ, ରତନ ନାୟକ, ବିକ୍ରମ ଦାଶ, ଜୟନ୍ତ ଭୋଇ, ନାରାୟଣ ସିଂ, ଶିବ ଲୁହା ପରମେଶ୍ୱର ନାଥ, ବସନ୍ତ ବାଗ, ଆକାଶ ନାୟକ, କୀର୍ତ୍ତି ମହାନନ୍ଦ, ଚଉବର୍ଗ ପ୍ରଧାନ, ପ୍ରବେଶରାୟ, ମନୋଜ ବାଗ, ଅନିଲ ପାଇକ, ରାଜେଶ ଶର୍ମା, ରାଜେଶ ପୁରୋହିତ, ରଞ୍ଜନ ସାହୁ, ଦୀପକ ଦାଶ, ବିଭୁତି ଦୀପ, ଅନିଲ ବେହେରା, ଅନିଲ ସୁନା, ବବଲୁ ବାଗ, ହରମିତ ସିଂ, ପ୍ରବୀଣ ସାହୁ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

### ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

# ଶ୍ରେଷ୍ଠ ଷ୍ଟଲ୍ ଭାବେ ମଞ୍ଜରୀ ରୋବୋଟିକ ପୁରସ୍କୃତ

ପଦ୍ମପୁର,୧୮।୧୧(ସମିସ)



ପଦ୍ମପୁର ଅଶୋକ ପଡିଆରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗଦେଇ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଚାଷୀ ଭାଇ ମାନେ କିପରି ସ୍ୱାବଲମ୍ବି ହୋଇ ଆୟ କରି ପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ପୁଲିସ ଅଧିକାରୀ ପାଣ୍ଡବ ଶବର ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାପନ ସମାରୋହରେରେ ପଦ୍ମପୁର ଜିଲ୍ଲା କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡା ଚାଷୀ ଓ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଜଳଛାୟା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଶୁସେନ ମିର୍ଦ୍ଧା, ଜିଲ୍ଲା କୃଷି ବିଭାଗର ଡକ୍ଟର ଅଞ୍ଜନ ନାଏକ, ବରଗଡ଼ ଜିଲ୍ଲା କୃଷିନିର୍ବାହୀ ଯନ୍ତ୍ରୀ ତ୍ରୀଲୋକେଶ୍ୱର ନାଏକ ସୁପ୍ରିୟା ସାହୁ, ଭଟଲି ସହକାରୀ କୃଷି ଅଧିକାରୀ ସ୍ମିତା ପଣ୍ଡା ଯୋଗଦେଇ ଚାଷୀଙ୍କୁ ବିଭିନ୍ନ ଚାଷ ଯନ୍ତ୍ରପାତି ଉପଯୋଗ ସମ୍ପର୍କରେ କହିଥିଲେ। ଶ୍ରେଷ୍ଠ ପ୍ରଦର୍ଶନୀ ଷ୍ଟଲ ଭାବେ ମଞ୍ଜରୀ ରୋବେଟିକଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଶେଷରେ ପଦ୍ମପୁର ଜିଲ୍ଲା କୃଷି ଅଧିକାରୀ ପ୍ରଭାସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ବରପାଲି/ମହଦା,୧୮।୧୧(ସମିସ): ବରପାଲି ହାଇସ୍କୁଲ ଖେଳ ପଡିଆ ପରିସରରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଅଭିବୃଦ୍ଧି, ରାଜ୍ୟର ଚାଷୀଙ୍କ ସମୃଦ୍ଧି ସକାଶେ ବରଗଡ଼ ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ



ଦ୍ୱାରା ପ୍ରାଣୀ ଚିକିତ୍ସାଳୟରେ ଚାଷୀ - ବିଶେଷଜ୍ଞ ଆଲୋଚନାଚକ୍ର, ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବରପାଲି ବ୍ଲକ୍‌ର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରପାଲି ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ଜ୍ୟୋତି ପ୍ରକାଶ ପଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡତିଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଶୁଭସ୍ମିତା ଘଡେଇ ଜିଲ୍ଲା ମତ୍ସ୍ୟ ଅଧିକାରୀ, ମୁଖ୍ୟ ବକ୍ତା ରୂପେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନିଗମାନନ୍ଦ ପାଢ଼ୀ ଯୋଗ ଦେଇଥିଲେ। ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ୍ତ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ମେଳା କାର୍ଯ୍ୟ ପରିଚାଳିତ ହୋଇଥିଲା। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ କାର୍ଯ୍ୟକର୍ତ୍ତା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପ୍ରଥମ ପର୍ଯ୍ୟାୟରେ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ମାନଙ୍କ ଅଭିଭାଷଣ ପରେ ସଫଳ ମତ୍ସ୍ୟ ଚାଷ ଏବଂ ପ୍ରାଣୀ ସମ୍ପଦ ବିକାଶର ସଫଳ କାହାଣୀ ଭିଡିଓ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ସେହିପରି ସଫଳ ଚାଷୀ ଓ ଉଦ୍ୟୋଗୀ ଅନୁଭୂତି ବର୍ଣ୍ଣନା କରିଥିଲେ। ପରେ ଚାଷୀ-ବିଶେଷଜ୍ଞ ମାନଙ୍କୁ ନେଇ ଆଲୋଚନା ଏବଂ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଅପରାହ୍ନରେ ବ୍ଲକ୍ କଳା ସଂସ୍କୃତି ସଂଘ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବ୍ଲକ୍ ମତ୍ସ୍ୟ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱହିନ୍ଦୁ ପରିଷଦର ୧୨ ଘଣ୍ଟା ଜିଲ୍ଲା ବନ୍ଦ ଶାନ୍ତିପୂର୍ଣ୍ଣ









କେନ୍ଦୁଝର/ବଡ଼ବିଲ୍,୧୮।୧୧(ସମିସ): ଜଣେ ଜନଜାତି ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ ନେଇ ଜିଲ୍ଲା ଉଠିଛି ପଡ଼ିଛି। ଏହି ଘଟଣାର ପ୍ରତିବାଦ ଏବଂ କାର୍ଯ୍ୟାନୁଷ୍ଠାନ ଦାବିରେ ବିଶ୍ୱହିନ୍ଦୁ ପରିଷଦ ଡକରାରେ ମଙ୍ଗଳବାର ୧୨ ଘଣ୍ଟିଆ ଜିଲ୍ଲାବନ୍ଦ ଏକ ପ୍ରକାର ସମ୍ପୂର୍ଣ ସଫଳ ହୋଇଛି। ଜିଲ୍ଲା ମୁଖ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଛି। ଗାଡି ମୋଟର ଚଳାଚଳ ସମ୍ପୂର୍ଣ ପ୍ରଭାବିତ ହୋଇଥିବାବେଳେ ଦୋକାନବଜାର, ଅଫିସ ବନ୍ଦ ରହିଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଙ୍ଗଳବାର ହେବାକୁ ଥିବା ପରୀକ୍ଷାକୁ ବାତିଲ କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦର ଏହି ବନ୍ଦ ଡାକରାକୁ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ସମର୍ଥନ ଦିଆଯାଇଥିଲା। ସେହିପରି ବିଶ୍ୱ ହିନ୍ଦୁ ପରିଷଦର ସଂଯୋଜକ ଗିରିଧାରୀ ଲାଲଙ୍କ ନେତୃତ୍ୱରେ ବଡ଼ବିଲରେ ବନ୍ଦ ପାଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିଥିଲା। ଜଣେ ୮ ବର୍ଷର ଦିବ୍ୟାଙ୍ଗ ଜନଜାତି ନାବାଳିକା ଦୁଷ୍କର୍ମର ଶିକାର ହୋଇଥିଲେ। ଏଥିରେ ଜଣେ ବାଂଲାଦେଶୀ ଅଭିଯୁକ୍ତ ସମ୍ପୃକ୍ତ ରହିଥିବା ପ୍ରତିବାଦରେ ସକାଳ ୬ରୁ ଏହି ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଜିଲ୍ଲା ବାହାରୁ ବିଭିନ୍ନ ବାହାନାରେ ଆସୁଥିବା ଲୋକ ଏଠାରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସେମାନଙ୍କୁ ଚିହ୍ନଟ କରି କେନ୍ଦୁଝର ଜିଲାରୁ ବହିଷ୍କାର କରିବା ପାଇଁ ଦାବି କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକାର୍ତ୍ତା, ଆରକ୍ଷୀ ବିଭାଗ ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ବନ୍ଦରେ ଜରୁରିକାଳୀନ ଗାଡ଼ି ଓ ସେବାକୁ ସ୍ୱାଭାବିକ ଭାବେ ଚାଲିବାକୁ ଦିଆଯାଇଥିଲା। ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକାର୍ତ୍ତା ସହର ଭିତରେ ଏକ ପଦଯାତ୍ରା କରିବା ପରେ କେନ୍ଦୁଝର ବନ୍ଦକୁ ଶେଷ କରିଥିଲା। ଜାତୀୟ ରାଜପଥ ୪୯, ୫୨୦, ୨୦, ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥ ରେ ଶହ ଶହ ଭାରୀଯାନ ଅଟକି ରହିଥିଲା। ସୂଚନାଯୋଗ୍ୟ, ଉକ୍ତ ଦୁଷ୍କର୍ମ ମାମଲାରେ ସଦର ଥାନା ପୁଲିସ ପଶ୍ଚିମବଙ୍ଗ ବଂକୁଳା ଜିଲ୍ଲା ବାଙ୍କୁଳା ଥାନା ଜଳହରୀ ଗ୍ରାମର ଆସିଫ ଅନୱାର ଖାନ (୩୨)କୁ ଗିରଫକରି କୋର୍ଟ ଚାଲାଣ କରିସାରିଛି। ପୀଡିତା ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାପରେ ମେଡିକାଲରୁ ଡିସ୍‌ଚାର୍ଜ ହୋଇଥିବା ପୁଲିସ କହିଛି। ଅପରାହ୍ନରେ ଆନ୍ଦୋଳନସ୍ଥଳକୁ ଯାଇ କେନ୍ଦୁଝର ଜିଲ୍ଲାପାଳ ଏବଂ ଏସପି ଆଲୋଚନା କରିବାପରେ ବନ୍ଦ ପ୍ରତ୍ୟାହୃତ ହୋଇଥିଲା।

**ଆନନ୍ଦପୁର:** ବିଶ୍ୱହିନ୍ଦୁ ପରିଷଦ ତରଫରୁ ୧୨ ଘଣ୍ଟିଆ କେନ୍ଦୁଝର ବନ୍ଦର ପ୍ରଭାବ ଆନନ୍ଦପୁରଠାରେ ଦେଖିବାକୁ ମିଳିଛି। ସକାଳୁ କର୍ମୀମାନେ ଏକତ୍ରିତ ହୋଇ ୨୦ ନଂ ଜାତୀୟ ରାଜପଥର ଶୈଳଙ୍ଗ ଛକ ଅବରୋଧ କରିବାରୁ ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଯାତ୍ରୀମାନେ ରାସ୍ତାରେ ହନ୍ତସନ୍ତ ହୋଇଥିଲେ। କେନ୍ଦୁଝର ଜିଲ୍ଲାରୁ ରୋହିଙ୍ଗିଆ ବାଂଲାଦେଶୀଙ୍କୁ ଚିହ୍ନଟକରି ଜିଲ୍ଲାରୁ ଏମାନଙ୍କୁ ବିତାଡ଼ିତ କରିବାରେ ଜିଲ୍ଲା ପ୍ରଶାସନର ବିଫଳତା ବିରୋଧରେ ବିଶ୍ୱହିନ୍ଦୁ ପରିଷଦ ତରଫରୁ ଦିଆଯାଇଥିଲା ଏହି ବନ୍ଦ ଡକରା। ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବାକୁ ଚେତାବନୀ ଦେଇଛି ବିଶ୍ୱହିନ୍ଦୁ ପରିଷଦ।

**ଚମ୍ପୁଆ/ତୁରୁମୁଙ୍ଗା:** ବିଶ୍ୱ ହିନ୍ଦୁ ପରିଷଦର ୧୨ ଘଣ୍ଟିଆ ବନ୍ଦ ପରିପ୍ରେକ୍ଷୀରେ ୨୨୦ ନମ୍ବର ଜାତୀୟ ରାଜପଥର ପାଟଣା, ମଙ୍ଗଳପୁର, ପାଟଣା ବୈତରଣୀ ନଦୀ ସହ ବାଇପାସ ଓ ସ୍ୱାମ ହନୁମାନ ଛକ ନିକଟରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ ପାଟଣା ବ୍ଲକ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ଓ ୨୨୦ ନମ୍ବର ଜାତୀୟ ରାଜପଥରେ ଗାଡି ଚଳାଚଳ ବ୍ୟାହତ ହୋଇଛି। ପାଟଣା ବ୍ଲକ ଛକ ନିକଟରେ ମୁଖ୍ୟମନ୍ତ୍ରୀ ବସକୁ ଅଟକାଇଥିଲେ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ। ଯାତ୍ରୀମାନେ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ୪୯ ନମ୍ବର ଜାତୀୟ ରାଜପଥର ଝାରବେଡା ଛକ ଏବଂ ବାଉଁଶୁଳି ଛକରେ ରାସ୍ତାରୋକ କରାଯାଇଥିଲା। ପରେ ସନ୍ଧ୍ୟା ୪ଟାରୁ ଗାଡି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ପାଟଣାରେ ବିଶ୍ୱହିନ୍ଦୁ ପରିଷଦର ବ୍ଲକ ସଭାପତି ସନାତନ ଦାଶ, ସମ୍ପାଦକ ଡମ୍ବୁରୁଧର ମହାନ୍ତଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିବା ବେଳେ ଏନଏଚ ୪୯ ଝାରବେଡାଠାରେ ଆରଏସଏସର ବରିଷ୍ଠ କାର୍ଯ୍ୟକର୍ତ୍ତା ମୁଚିରାମ ସାହୁଙ୍କ ନେତୃତ୍ୱରେ ହୃଷିକେଶ ସାହୁ, ସଲିଲ ସାହୁ ତପନ ସାହୁ ଅଗସ୍ତି ପୃଷ୍ଟିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ବନ୍ଦରେ ସାମିଲ ଥିଲେ। ୨୨୦ ନମ୍ବର ଜାତୀୟ ରାଜପଥ ମଙ୍ଗଳପୁର ନିକଟରୁ ୬ ଜଣ ଫେରିବାଲାଙ୍କୁ ପାଟଣା ପୁଲିସର ଜିମା ଦେଇଛନ୍ତି ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ। ବିଶ୍ୱହିନ୍ଦୁ ପରିଷଦ ଚମ୍ପୁଆ ଶାଖାର ସମ୍ପାଦକ ଗୋବର୍ଦ୍ଧନ ମହାନ୍ତ, ଅମିତ ରାମ, ରାଜୁ ସାହୁ ଏବଂ ବିଜେପିର କର୍ମକର୍ତ୍ତା ବାବୁ ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

**ଯୋଡ଼ା:** ଏହି ବନ୍ଦ ଡକରାରେ ଯୋଡ଼ା ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଶାନ୍ତିପୂର୍ଣ୍ଣ ଭାବେ ସାମିଲ ହୋଇଥିଲେ। ସମଗ୍ର ଯୋଡ଼ା ବ୍ଲକ ଅଞ୍ଚଳକୁ ବନ୍ଦ କରଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପର୍ଯ୍ୟାପ୍ତ ପୁଲିସ ବଳ ମୁତୟନ ରହିବା ସହ ନିଜେ ବଡ଼ବିଲ ଏସ୍‌ଡ଼ିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ବିଭିନ୍ନ ଅଞ୍ଚଳରେ ତଦାରଖ କରିଥିଲେ। ସମସ୍ତ ବଜାର ହାଟ, ଯାନବାହନ ଯାତାୟାତ ବନ୍ଦ ଥିବା ବେଳେ ପରିବହନରେ ବ୍ୟବହୃତ ଟ୍ରକଗୁଡିକ ରାସ୍ତାକଡ଼ରେ ଛିଡା ହୋଇଥିଲା। ଯୋଡ଼ା ସହରର ବିଭିନ୍ନ ଛକ ଓ ବସ୍ତି ଗୁଡିକରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି।

**ବାଲିବନ୍ଧ:** ଝୁମ୍ପୁରା ସମେତ ଅର୍ଶଳା, ବାଲିବନ୍ଧ, ନାରଦପୁର, ନୟାଗଡ଼, ମାଲଦା, ଉଖୁଣ୍ଡା, ବଡନେଉଳି, ବାରିଆ, ବଡପଶି, ଅସନପାଟ, ଧନୁର୍ଜୟପୁର ଆଦି ସ୍ଥାନ ସଂପୂର୍ଣ୍ଣ ବନ୍ଦ ରହିଥିଲା। ଯାତ୍ରୀବାହୀ ବସ୍ ସହିତ ଅନ୍ୟାନ୍ୟ ଗାଡି ମଟର ସଂପୂର୍ଣ୍ଣ ବନ୍ଦ ରହିଥିଲା। ଔଷଧ ଦୋକାନକୁ ଛାଡି ଦେଲେ ପାନ ଦୋକାନଠାରୁ ଆରମ୍ଭ କରି ଗ୍ରୋସେରୀ ଦୋକାନଗୁଡିକ ବନ୍ଦ ରହିଥିଲା। ବନ୍ଦ ଡକରା ଝୁମ୍ପୁରା ବଜାରରେ ସଫଳ ହୋଇଛି।

**ତେଲକୋଇ:** ତେଲକୋଇ ବ୍ଲକରେ ଏହି ବନ୍ଦ ଡକରା ପ୍ରଭାବ ହୀନ ହୋଇଛି। ଏ ସମ୍ବନ୍ଧରେ ବିଶ୍ୱ ହିନ୍ଦୁ ପରିଷଦ ତେଲକୋଇ ଶାଖାର ସମ୍ପାଦକ ବିପିନ ବିହାରୀ ସାହୁଙ୍କୁ ପଚାରିବାରୁ କହିଥିଲେ, କେନ୍ଦୁଝର ବନ୍ଦ ଡକରା ସଂକ୍ରାନ୍ତ ଖବର ଆଜି ସକାଳ ୮ଟା ସମୟରେ ପାଇଲୁ, ଯାହାଫଳରେ ତେଲକୋଇ ବନ୍ଦ କରିବା ସମ୍ଭବ ହୋଇ ନଥିଲା।

## ଜରକସାହି ଫୁଟ୍‌ବଲ ପ୍ରତିଯୋଗିତା ଶେଷ



ଆନନ୍ଦପୁର, ୧୮।୧୧(ସମିସ):

ଘସିପୁରା ବ୍ଲକ ବରିପାଳ ପଞ୍ଚାୟତ ସଂତରା ଜରକ୍ ସାହିରେ ୨୫ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଅତିଥି ଭାବେ ବିଜେପି ନେତା ପୃଥ୍ୱୀରାଜ କୁଅଁର ଓ ସାମ୍ବାଦିକ ବିଭୂ ଚକ୍ର ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମୋଟ ୩୨ଟି ଫୁଟବଲ ଟିମକୁ ନେଇ ଚାରି ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ହୋଇଥିଲା। ମ୍ୟାଚ ପରିଚାଳନାରେ କ୍ଲବର ସମସ୍ତ ସଦସ୍ୟଙ୍କ ସହ ସମାଜସେବୀ ସୁରେଶ ସାହୁ ଓ ବିନୋଦ ସା ସହଯୋଗ କରିଥିଲେ।

## ଆଦ୍ୟବ୍ରହ୍ମ ଭାଗବତ ଟୁଙ୍ଗିର ଆଲୋଚନାଚକ୍ର

ଆନନ୍ଦପୁର, ୧୮।୧୧ (ସମିସ): ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ଫକୀରପୁର ଆଦ୍ୟବ୍ରହ୍ମ ଭାଗବତ ଟୁଙ୍ଗି ପକ୍ଷରୁ ଗତ ୧୬ତାରିଖ ରବିବାର ବିଛା ସଂକ୍ରାନ୍ତିରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାଗବତ ଟୁଙ୍ଗିର ସଭାପତି ତଥା ଲେଖକ, ପରିବେଶବିତ୍, ପ୍ରକୃତିପ୍ରେମୀ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତିର ସଭାପତି ଅଯୋଧ୍ୟା ଘଡ଼େଇ ଯୋଗଦେଇଥିଲେ। ପରେ ବାଲୁଙ୍କେଶ୍ୱର କଳାକାର ସଙ୍ଘ ପକ୍ଷରୁ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଗବତପ୍ରେମୀ ତଥା ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ଆନନ୍ଦପୁର ଭାଗବତ ଟୁଙ୍ଗିର ସଦସ୍ୟ ମୁନିନ୍ଦ୍ର ସେଠୀ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ ଶିଳ୍ପୀ ତଥା ବାଦ୍ୟକାର କୈଳାଶଚନ୍ଦ୍ର ଦାଶ ଗୋବିନ୍ଦ ନାମର ରସ ଆସ୍ୱାଦନ କରି ଭବ ସଂସାରରୁ ଉଦ୍ଧାର ହେବ ବୋଲି ମତ ବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ନୃସିଂହ ଚରଣ ଦତ୍ତ, ବନମାଳି ସେଠୀ, ବିଜୟ ସେଣ୍ଠ ଭାଗବତ ପାଠ କରିଥିବା ବେଳେ ଅମୀୟ ପଟ୍ଟନାୟକ, ଗଙ୍ଗାଧର ସାହୁ, ବଳଭଦ୍ର ସାହୁ, ନରେନ୍ଦ୍ର ସାହୁ, କ୍ଷୀରୋଦ ଦାଶ, କାମଦେବ ଗୁଇଁ, ନାରାୟଣ ବାରିକ, ବସନ୍ତ ସାହୁ, ପରିକ୍ଷୀତ ଦାଶ, ତ୍ରିଲୋଚନ ସାହୁ ଯୋଗ ଦେଇଥିଲେ।

## ଅନ୍ତଃରାଜ୍ୟ ହ୍ୟାଣ୍ଡବଲ ଚାମ୍ପିଅନସିପ୍‌ରେ କେନ୍ଦୁଝର ପୁରୁଷ ଦଳ ଚାମ୍ପିଅନ

### ମହିଳା ଦଳର ପଞ୍ଚମ ସ୍ଥାନ ଅଧିକାର



କେନ୍ଦୁଝର, ୧୮।୧୧(ସମିସ): ଚଳିତ ବର୍ଷ ରାଜ୍ୟ ହ୍ୟାଣ୍ଡବଲ ସଂଘ ଆନୁକୁଲ୍ୟରେ ପୁରୀଠାରେ ୩୮ତମ ଅନ୍ତଃରାଜ୍ୟ ସିନିୟର ପୁରୁଷ ଓ ମହିଳା ହ୍ୟାଣ୍ଡବଲ ଚାମ୍ପିଅନସିପ ଅନୁଷ୍ଠିତ ହେଇଯାଇଛି। ଗତ ୧୪ ତାରିଖରୁ ୧୬ ତାରିଖ ତିନି ଦିନ ରାଜ୍ୟର ୨୨ଟି ପୁରୁଷ ଓ ୧୬ଟି ମହିଳା ଦଳ ଭାଗ ନେଇଥିଲେ। ରାଜ୍ୟ ଅଲମ୍ପିକ ସଂଘର ସଭାପତି ସମିର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଖେଳରେ ପୁରୁଷ ଦଳ ନିଜ ଗ୍ରୁପରେ ସମସ୍ତ ମ୍ୟାଚ ଜିତି ପୁଲ ଟପ କରିଥିଲା। ପରେ ପୁରୀକୁ ସେମିଫାଇନାଲରେ ୩୩-୨୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟପଟେ ଗଞ୍ଜାମ ଓ ଯାଜପୁର ମଧ୍ୟରେ ସେମିଫାଇନାଲ ମ୍ୟାଚ ହୋଇଥିଲା। ଗଞ୍ଜାମ ଯାଜପୁରକୁ ୪ଟି ଗୋଲରେ ହରାଇ ଫାଇନାଲକୁ ଆସିଥିଲା। ଫାଇନାଲ ଖେଳ ଆରମ୍ଭରୁ କେନ୍ଦୁଝର ନିଜର ଦବଦବା ଜାରି ରଖି ୩୪-୨୮, ୬ଟି ଗୋଲ ବ୍ୟବଧାନରେ ଗଞ୍ଜାମକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ସେହିଭଳି ମହିଳା ବର୍ଗରେ ଯାଜପୁର ଗଞ୍ଜାମକୁ ହରାଇ ଚାମ୍ପିଅନ ହୋଇଥିଲା। କେନ୍ଦୁଝର ମହିଳା ଦଳ ଭଲ ଖେଳ ପ୍ରଦର୍ଶନ ସତ୍ତ୍ୱେ ୫ମ ସ୍ଥାନରେ ରହିଥିଲେ। ଏହି ଖେଳରେ କେନ୍ଦୁଝରର ରାଜାରାମ ପଣ୍ଡା ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ବରିପାଳ ଜରକରେ ଫୁଟ୍‌ବଲ ପ୍ରତିଯୋଗିତା



ଆନନ୍ଦପୁର, ୧୮।୧୧(ସମିସ):

ଘଷିପୁରା ବ୍ଲକ୍ ବରିପାଳ ଜରକରେ ବୀର ବିର୍ସା ଅଗ୍ରଣୀ ଯୁବ ପରିଷଦ ଆନୁକୂଲ୍ୟରେ ଚଳିତବର୍ଷ ଫୁଟବଲ ପ୍ରତିଯୋଗିତା ଗତ ୧୫ ତାରିଖରୁ ୩୨ଟି ଦଳ ମଧ୍ୟରେ ଆୟୋଜିତ ହୋଇଯାଇଛି। ଫାଇନାଲ ମ୍ୟାଚ ଶୁଆପୁର ଏକାଦଶ ଓ ହୋଲି ଲାଇଫ ଏକାଦଶ ମଧ୍ୟରେ ଶୁଆପୁର ଏକାଦଶ ବିଜୟୀ ହୋଇ ଚାମ୍ପିଅନ ଟ୍ରଫି ହାସଲ କରିଥିଲା। ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେପି ନେତା ପୃଥ୍ୱୀରାଜ୍ କୁଅଁର ଯୋଗ ଦେଇଥିଲେ। କ୍ଲବ୍‌ର ସଦସ୍ୟ ରଜତ ତିରିଆ, ବାହାଡା ଟୁଡ୍ଡୁ, ଗାଗାରାମ୍ ଗୁୟା, ରଗାପାଳ ମୁନ୍ଦୁୟା, ଶ୍ରୀଧର ଗୁୟା, ସଦା ପିଙ୍ଗୁଆ, ଗୋପୀନାଥ ଗୁୟା, ତରଣୀ ଗୁୟା, ମ୍‌ାନସ ମୁନ୍ଦୁୟା, ଦେବ ପିଙ୍ଗୁଆ ସହଯୋଗ କରିଥିଲେ। ରେଫରୀ ମାଦିଆ ମୁର୍ମୁ, ବିଜୁ ମୁର୍ମୁ, କାଳନ୍ଦୀ ମୁର୍ମୁ, ଭୀମସେନ ମାରାଣ୍ଡି ମ୍ୟାଚ ପରିଚାଳନା କରିଥିଲେ।

## ଚକ୍ରତୀର୍ଥରେ ଜମିଲାଣି ପର୍ଯ୍ୟଟକଙ୍କ ଭିଡ଼

# ରାସ୍ତା ଓ ପର୍ଯ୍ୟଟକଙ୍କ ପାଇଁ ନାହିଁ ସୁବିଧା

ଆନନ୍ଦପୁର, ୧୮।୧୧ (ସମିସ):




କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକରେ ଅନେକ ପ୍ରାକୃତିକ ସ୍ଥାନମଧ୍ୟରୁ ଚକ୍ରତୀର୍ଥର ସ୍ଥାନ ସ୍ୱତନ୍ତ୍ର। ଏହାର ଶାନ୍ତ ସୁଶୀତଳ ଶୋଭାମୟ ପରିବେଶ ସମସ୍ତଙ୍କୁ ଆକର୍ଷିତ କରୁଛି। ଚକ୍ରତୀର୍ଥର ଜଳପ୍ରପାତରେ ସ୍ନାନ କରିବା ନିଆରା। ଉଚ୍ଚ ପାହାଡ଼ରୁ ପାଣି ତଳକୁ ଖସୁଥିବା ପର୍ଯ୍ୟଟକଙ୍କୁ ଆନନ୍ଦ ଦେଇଥାଏ। ଆନନ୍ଦପୁର ଭଦ୍ରକ ୫୩ ନମ୍ବର ରାଜ୍ୟ ରାଜପଥର ତରତରା ଛକଠାରୁ ୧୧ କିଲୋମିଟର ଗଲେ ଚକ୍ରତୀର୍ଥ ପଡ଼ିଥାଏ। ଦୁଇଚକିଆ ଗାଡିଠୁ ଆରମ୍ଭ କରି ଚାରିଚକିଆ ଗାଡ଼ି, ବସରେ ମଧ ଯାତ୍ରୀମାନେ ଚକ୍ରତୀର୍ଥରେ ସୁବିଧାରେ ପହଞ୍ଚିପାରିବେ। ପ୍ରାୟ ୧୫୦ ବର୍ଷରୁ ଶତାୟୁ ସିଦ୍ଧ ପୁରୁଷ ସାଧୁ ରାମ ବାବା ଏଠାରେ ଏହି ଶିବ ମନ୍ଦିର ପ୍ରତିଷ୍ଠା କରିବା ପରେ ଏହି ଦର୍ଶନୀୟ ସ୍ଥାନକୁ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ସାଧୁ ରାମବାବା ଏକ ଗୁମ୍ଫାରେ ରହି ତପସ୍ୟା କରି ସିଦ୍ଧି ଲାଭ କରିବା ସହ ଅନେକ ସାଧୁ ସେଠାରେ ସିଦ୍ଧି ଲାଭ କରିଥିବାରୁ ଏହାକୁ ସିଦ୍ଧମଠ ନାମରେ ନାମିତ କରାଯାଇଛି। ଏଠାରେ ସିଦ୍ଧ ପୁରୁଷ ରାମବାବାଙ୍କ ଏକ ଧ୍ୱନି ମଠ ରହିଛି; ଯାହା ବର୍ଷସାରା ଅଗ୍ନି କେବେ ଲିଭେ ନାହିଁ। ସିଦ୍ଧ ପୁରୁଷ ରାମବାବାଙ୍କ ସମାଧିସ୍ଥଳ ଏବଂ ଧ୍ୟାନସ୍ଥ ପ୍ରତିମୂର୍ତ୍ତି ରହିଛି। ପ୍ରତିମୂର୍ତ୍ତିକୁ ଲାଗି କେଉଁ କାଳରୁ ଏକ ରଥର ଚକ ଶୋଭା ପାଉଛି। ଝରଣାର କୁଳୁକୁଳୁ ନାଦ ସାଙ୍ଗକୁ ବନାଞ୍ଚଳର ପକ୍ଷୀମାନଙ୍କ କିଚିରି ମିଚିରି ଶବ୍ଦରେ ପ୍ରକୃତିର ଶୋଭାକୁ ବୃଦ୍ଧି କରିଥାଏ। ମନ୍ଦିରର ପାଦଦେଶ ଦେଇ ବହିଯାଇଛି ଝରଣା। ଏହି ଝରଣା କୂଳରେ ଲୋକମାନେ ବଣଭୋଜିର ମଜା ନେବା ସହ ମନୋରମ ପରିବେଶକୁ ବେଶ୍ ଉପଭୋଗ କରିଥାନ୍ତି। ଏବେ ପର୍ଯ୍ୟଟନ ଋତୁ ଆରମ୍ଭରୁ ଲୋକଙ୍କ ଭିଡ଼ ଜାମୁଥିବା ବେଳେ ଏହି ସ୍ଥାନକୁ ପହଞ୍ଚିବାର ଏକ କିଲୋମିଟର ପୂର୍ବରୁ ରାସ୍ତା ଶୋଚନୀୟ ହୋଇରହିଛି। ପାରିପାଶ୍ୱରିକ ବିକାଶ ହେଉ ନଥିବାରୁ ଗ୍ରାମବାସୀ କିସାନ ମାଝୀ, ଜଗେନ ହୋ, ରଘୁ ହୋ, ନାରଣ ହୋ, ମାଟୁ ହୋ, ଧନେଶ୍ୱର ମାଝୀଙ୍କ ସହ ଆସିଥିବା ପର୍ଯ୍ୟଟକମାନେ ଦୁଃଖ ପ୍ରକାଶ କରିଛନ୍ତି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଲେ ରାସ୍ତା ଘାଟ ହେବା ସହ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇପାରନ୍ତା।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ୪ ଗ୍ରାମର ଲୋକ



କଣିହାଁ,୧୮।୧୧(ସମିସ): କଣିହାଁ ବ୍ଲକ୍ କଣିହାଁ ବିଦ୍ୟୁତ ସେକ୍ସନ ଅନ୍ତର୍ଗତ ଚାରୋଟି ଗ୍ରାମର ଲୋକେ ବିଦ୍ୟୁତ ବିଭ୍ରାଟ ନେଇ ମଙ୍ଗଳବାର କଣିହାଁ ବିଦ୍ୟୁତ ସବଷ୍ଟେସନକୁ ଯାଇ ଘେରାଉ କରିବା ସହିତ ପ୍ରତିବାଦ ଜଣାଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ବୁରୁବାହାଲ, ଚିନ୍ତାମଣୀପୁର, ବଣସିଂଗ ଓ କିଆଝର ଗ୍ରାମକୁ ବାରମ୍ବାର ବିଦ୍ୟୁତ ସରବରାହରେ ବ୍ୟାଘାତ ହେଉଛି। ଦୁଇମାସ ହେବ ରାତିରେ ପ୍ରାୟ ବିଦ୍ୟୁତ ସରବରାହ ବନ୍ଦ ରହୁଥିବାବେଳେ ଦିନବେଳେ ବାରମ୍ବାର ବିଦ୍ୟୁତ କାଟ ହେଉଛି। ଏ ଅଞ୍ଚଳକୁ ହାତୀ ଆସୁ ନ ଥିଲେ ମଧ୍ୟ ତା' ବାହାନାରେ ବିଦ୍ୟୁତ କାଟ ହେଉଛି। ସମସ୍ୟା ଯୋଗୁଁ ଲୋକମାନେ ହନ୍ତସନ୍ତ ହୋଇ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ସମସ୍ୟା ସମାଧାନ ନ ହେବାରୁ ମଙ୍ଗଳବାର ଏଭଳି ପଦକ୍ଷେପ ନେବା ସହିତ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ଓ ତାଳଚେର ସବଡିଭିଜନ ଏସଡିଓଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ବିଦ୍ୟୁତ ବିଭାଗ ପକ୍ଷରୁ ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡିଛି।

# ଅଟୋକୁ ଧକ୍କାଦେଲା କାର୍, ଦୁଇ ଗୁରୁତର

ପାଲଲହଡା, ୧୮।୧୧(ସମିସ): ପାଲଲହଡା ଥାନା ୧୪୯ ନଂ ଜାତୀୟ ରାଜପଥ ପେଣ୍ଡେରାବସା ନିକଟରେ ରାସ୍ତା କଡ଼ରେ ଛିଡା ହୋଇଥିବା ଏକ ଅଟୋକୁ ବିପରୀତ ଦିଗରୁ ଆସୁଥିବା ଏକ କାର୍ ଧକ୍କା ଦେବା ଫଳରେ ଅଟୋରେ ବସିଥିବା ପାଞ୍ଚଜଣ ଆରୋହୀଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତର ପବିତ୍ରପୁର ପଞ୍ଚାୟତ ମଇଧପୁର ଗ୍ରାମର ବୋଲି ଜଣାପଡିଛି। ଆହତଙ୍କୁ ପ୍ରଥମେ ପାଲଲହଡା ଡାକ୍ତରଖାନା ନିଆଯାଇଥିବାବେଳେ ଦୁଇଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଅନୁଗୋଳ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# କିଶୋରନଗରରେ ସାଂସଦ କ୍ରୀଡ଼ା ମହୋତ୍ସବ

କିଶୋରନଗର, ୧୮।୧୧(ସମିସ): ସୁସ୍ଥ ଭାରତ ଓ ଶ୍ରେଷ୍ଠ ଭାରତରେ ଯୁବଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ଭାରତ ପାଇଁ କ୍ରୀଡ଼ାର ମହତ୍ୱକୁ ଉପଲବ୍ଧି କରି ସାଂସଦ ଖେଳ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ପ୍ରତି ବ୍ଲକ୍‌ରେ ଏହି କ୍ରୀଡ଼ା ମହୋତ୍ସବ ଆୟୋଜିତ ହେଉଛି। ୧୭ ଓ ୧୮ ଦୁଇଦିନ ଧରି କିଶୋରନଗର ବ୍ଲକ୍‌ରେ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଥିଲା।



କିଶୋରନଗର ଗୋଷ୍ଠୀ ଶିକ୍ଷାଧିକାରୀ ଅରୁଣ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ସଂଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ ବେହେରା, ଡିଗ୍ରୀ କଲେଜ ଅଧକ୍ଷ ଅକ୍ଷୟ ଦାଶ, କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ସମାଜସେବୀ ଡ. ଅଲେଖ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜିତ ପ୍ରଧାନ, ରତ୍ନାକର ପ୍ରଧାନ, ଏବିଇଓ ରମଣୀ ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଖେଳର ଆବଶ୍ୟକତା ସମ୍ପର୍କରେ ଓ ସାଂସଦ ଖେଳ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍‌ର ପ୍ରାୟ ୩୫୦୦ ଛାତ୍ରଛାତ୍ରୀ ପଞ୍ଜିକୃତ କରିଥିଲେ। ଦୁଇଟି ବିଭାଗରେ ଅନୁଷ୍ଠିତ ଗ୍ରୁପରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦେବରାଜ ପ୍ରଧାନ ଓ ତରଣୀସେନ ସାହୁ ସଭା ସଂଯୋଜନା କରିଥିବାବେଳେ କ୍ରୀଡା ଶିକ୍ଷକ ଦିଲ୍ଲୀପ ମହାରଣା, ବସନ୍ତ ପ୍ରଧାନ, ନବୀନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଏକତା ଦୌଡ଼ ପାଇଁ କୋର୍ କମିଟି ବୈଠକ

ଅନୁଗୋଳ,୧୮।୧୧(ସମିସ): ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଛି। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ସମାରୋହ ପାଳନ ଉପଲକ୍ଷେ ଆସନ୍ତା ୧୯ ତାରିଖରେ ଅନୁଗୋଳରେ ଏକତା ଦୌଡ଼ ଅନୁଷ୍ଠିତ ହେବ। ଏଥିରେ ସମଗ୍ର ଜିଲ୍ଲାରୁ ହଜାର ହଜାର କାର୍ଯ୍ୟକର୍ତ୍ତା ଯୋଗଦେବାକୁ ଥିବାବେଳେ ବୈଠକରେ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ସେହିଭଳି ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ତ୍ରିରଙ୍ଗା ଯାତ୍ରା ସହ ସାମୂହିକ ବନ୍ଦେ ମାତରମ ଗାନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, କୋଷାଧକ୍ଷ ବିଶ୍ୱଜିତ ମିଶ୍ର, ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ବିଜୟ ମାଝୀ, ଜିଲ୍ଲା ସମ୍ପାଦକ ପ୍ରଭାତ ପ୍ରଧାନ, ସଂଯୋଜକ ରତ୍ନାକର ସାହୁ, ଦିଲୀପ ଦାସଙ୍କ ସମେତ ସମସ୍ତ କୋର କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଛେଣ୍ଡିପଦାରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



ଛେଣ୍ଡିପଦା,୧୮।୧୧(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ମିନି ଷ୍ଟାଡ଼ିୟମରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ ବ୍ଲକ୍‌ର ସମସ୍ତ ବିଦ୍ୟାଳୟରୁ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା କ୍ରୀଡ଼ା ମହୋତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ଅନ୍ୟତମ ଅତିଥି ଭାବେ ବିଡିଓ ଅରବିନ୍ଦ ବେହେରା, ଅକ୍ଷୟପାଦ ବେହେରା, ଚୌଧୁରୀ ପ୍ରଧାନ, ସୁଦୀପ୍ତ ଗଡ଼ନାୟକ, ବିଜୟ୍ ମାଝୀ ଯୋଗ ଦେଇଥିଲେ। ୬ଟି ବିଭାଗରେ ବ୍ଲକର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଖେଳକୁ ଉଭୟ ଖେଳ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରୁଥିବାବେଳେ ରାମଚନ୍ଦ୍ର ସାହୁ ସହଯୋଗ କରୁଛନ୍ତି।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ପାଲଲହଡ଼ା,୧୮।୧୧(ସମିସ): କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାକୁ ପାଲଲହଡ଼ା ଷ୍ଟାଡ଼ିୟମରେ ସାଂସଦ କ୍ରୀଡ଼ା ମହୋତ୍ସବ ଆରମ୍ଭ ହୋଇଛି। ବ୍ଲକ୍‌ସ୍ତରୀୟ ଏହି କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ଚାଲିବାକୁ ଥିବାବେଳେ ପାଲଲହଡ଼ା ବ୍ଲକର ୩୨ଟି ହାଇସ୍କୁଲ, ୨ ମହାବିଦ୍ୟାଳୟର ୧୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ସଭାରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ନିଶାନ ମିଶ୍ର, ବିଇଓ ସତ୍ୟବାଦୀ ସାମଲ, ବରିଷ୍ଠ ବିଜେପି ନେତା ତନ୍ମୟ ସାହୁ, ଲିଙ୍ଗରାଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। କନିଷ୍ଠ ବିଭାଗ (୧୪ରୁ ୧୭ ବର୍ଷ) ବର୍ଗରେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ୍ ଥ୍ରୋ, ସଟପୁଟ୍ ଓ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବାବେଳେ ବରିଷ୍ଠ ବିଭାଗ (୧୮ ରୁ ୨୩ ବର୍ଷ)ରେ ଛାତ୍ରଛାତ୍ରୀ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ୍, ସଟପୁଟ୍ ଓ କବାଡି ପ୍ରତିଯୋଗିତାରେ ଭାଗ ନେଇଛନ୍ତି।

# ଅନୁଗୋଳ ସହର ହେଉଛି ସୌନ୍ଦର୍ଯ୍ୟକରଣ

ଅନୁଗୋଳ,୧୮।୧୧(ସମିସ): ଅନୁଗୋଳ ସହର ମଧ୍ୟରେ ଏବେ ଜବରଦଖଲ ଉଚ୍ଛେଦ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଇଛି। କେବଳ ଏଥିପାଇଁ ଆଲୋକୀକରଣ କରାଯାଉନାହିଁ, ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ସହିତ ସ୍ଥାପତ୍ୟ କଳା କାରୁକାର୍ଯ୍ୟ ମଧ୍ୟ କରାଯାଉଛି। ବିଭିନ୍ନ ଛକ, ପାର୍କଗୁଡ଼ିକୁ ଏଥିପାଇଁ ସୁସଜ୍ଜିତ କରାଯାଉଛି। ଏବେ ବାଳିକା ଉଚ୍ଚବିଦ୍ୟାଳୟ ସମ୍ମୁଖକୁ ସୁନ୍ଦର କରାଯିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରାୟ ୭ ନିୟୁତ ବର୍ଷ ତଳେ ହୋଇଥିବା ମାନବର କ୍ରମ ବିକାଶକୁ ଏଥିରେ ପ୍ରଦର୍ଶିତ କରାଯାଉଛି। ପରେ ଆଖପାଖ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇ ଭେଣ୍ଡିଂ ଯୋନ କରାଯିବ ବୋଲି ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ ସୂଚନା ଦେଇଛନ୍ତି।

## ଟୋଲ ପ୍ଲାଜା ସମସ୍ୟାର ସମାଧାନ ବୈଠକ

# ପାଲଲହଡ଼ାରେ ନ କରି ଅନୁଗୋଳରେ କରିବାକୁ ପ୍ରଶାସନର ଚକ୍ରାନ୍ତ

ପାଲଲହଡା,୧୮।୧୧(ସମିସ):



ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ମନମୁଖୀ କାର୍ଯ୍ୟ ବିରୋଧରେ ପାଲଲହଡା ବିଜୁ ଜନତା ଦଳ ପକ୍ଷରୁ ଖମାର ଟୋଲ ପ୍ଲାଜାଠାରେ ଗତ ମାସ ୨୨ ତାରିଖରେ ଧାରଣା ଦିଆଯାଇଥିଲା। ଜାତୀୟ ରାଜପଥ

## ସାମ୍ବାଦିକ ସମ୍ମିଳନୀ କରି ବିଜେଡିର ବିରୋଧ

ପାଲଲହଡାରୁ ପିଟିରି ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ ମରାମତି କରିବା, ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇ ମିଟର ମୋରାମ ବେସ ନିର୍ମାଣ କରିବା, ନାହି ରିଜିଓନାଲ ଅଫିସ ପାଲଲହଡାରେ କାର୍ଯ୍ୟକ୍ଷମ କରିବା, ଖମାର ଟୋଲ ପ୍ଲାଜା ଉଚ୍ଛେଦ ଅଥବା ପାଲଲହଡା ଓ କଣିହାଁ ବ୍ଲକର ସମସ୍ତ ଚାରିଚକିଆ ଯାନକୁ ଦେୟ ମୁକ୍ତ କରିବା, ୧୪୯ ନମ୍ବର ଜାତୀୟ ରାଜପଥ ମରାମତି ନିମନ୍ତେ ହୋଇଥିବା ୧୦ କୋଟି ଟଙ୍କାର ବ୍ୟୟର ଭିଜିଲାନ୍ସ ତଦନ୍ତ କରିବା ଆଦି ତୁରନ୍ତ ପୂରଣ କରିବା ପାଇଁ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରି ନ ଥିଲା। ଶେଷରେ ଅନୁଗୋଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଓ ପାଲଲହଡ଼ା ଉପଜିଲ୍ଲାପାଳଙ୍କ ପରାମର୍ଶରେ ତିନିଦିନ ମଧ୍ୟରେ ଉପଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯିବା ପାଇଁ ତହସିଲଦାର ଲିଖିତ ପ୍ରତିଶ୍ରୁତି ଦେବାପରେ ବିକ୍ଷୋଭ ଅପସାରିତ ହୋଇଥିଲା। ଦୀର୍ଘଦିନ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ୨୦ ତାରିଖ ଗୁରୁବାର ଦିନ ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ପାଇଁ ଚିଠି ହୋଇଥିବାବେଳେ ପାଲଲହଡ଼ାର ପୂର୍ବତନ ବିଧାୟକ ମୁକେଶ ପାଲ ଓ ବିଜେଡି ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ବର୍ଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ପୂର୍ବତନ ବିଧାୟକ ଶ୍ରୀ ପାଲଙ୍କ ସୂଚନା ଅନୁସାରେ ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ପାଇଁ ନିଷ୍ପତ୍ତି ହୋଇଥିବାବେଳେ କାହା ଚାପରେ ଏହା ଅନୁଗୋଳକୁ ସ୍ଥାନାନ୍ତରିତ କରାଗଲା, ଚିଠି ଅନୁସାରେ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ, ପାଲଲହଡ଼ା ବିଧାୟକ, ଏସ୍‌ପି ପ୍ରମୁଖ ଉପସ୍ଥିତ ରହିବେ। ତେବେ ପାଲଲହଡ଼ାବାସୀଙ୍କ ପ୍ରତି ଯଦି ଡବଲ ଇଂଜିନ ସରକାରର ଏତେ ଦରଦ, ତେବେ ବୈଠକରେ ସମସ୍ତ ଦାବି ପୂରଣ କରାଗଲା ବୋଲି ଘୋଷଣା କରନ୍ତୁ। ନଚେତ ପାଲଲହଡ଼ାବାସୀଙ୍କ ସମସ୍ୟା ପୂର୍ବ ପ୍ରତିଶ୍ରୁତି ଅନୁସାରେ ପାଲଲହଡ଼ାରେ କରାଯାଉ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ନରେନ୍ଦ୍ର ଭୁକ୍ତା, ଲକ୍ଷ୍ମୀଧର ବିଶ୍ୱାଳ, ବ୍ଲକ୍ ବିଜେଡି ସଭାପତି ରଞ୍ଜିତ ବିଶ୍ୱାଳଙ୍କ ସମେତ ବିଜେଡି ର ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# 'ସନ୍ଥବାଣୀ' ଜାତୀୟ ଆଲୋଚନାଚକ୍ରରେ ଧରଣୀଧର ନାଥଙ୍କ ଯୋଗଦାନ

ଅନୁଗୋଳ,୧୮।୧୧(ସମିସ): ବେଙ୍ଗାଲୁରୁସ୍ଥ ଭାରତୀୟ ବିଦ୍ୟାଭବନ ଶାଖା ଆନୁକୂଲ୍ୟରେ "ସନ୍ଥବାଣୀ' ଉପରେ ଜାତୀୟ ଆଲୋଚନାଚକ୍ର ବିଦ୍ୟାଭବନର ପ୍ରେକ୍ଷାଳୟରେ ଆୟୋଜିତ ହୋଇଛି। କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ଏମ୍. ବୀରପ୍ପା ମୋଇଲି ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମର "ନାଥ ପରମ୍ପରା' ଉପରେ ଡକ୍ଟର ଧରଣୀଧର ନାଥ ନାଥ ସମ୍ପ୍ରଦାୟର ଗୌରବମୟ ପରମ୍ପରାର ନବନାଥ, ଚୌରାଶୀ ସିଦ୍ଧ, ଆଧ୍ୟାତ୍ମିକ ସାଧନା, ଭୌତିକ ସାଧନା, ହଠଯୋଗ ଉପରେ ବିଷଦ ଆଲୋଚନା କରିଥିଲେ। ହଠ ଯୋଗର ଆସନ ଓ ମୁଦ୍ରାର ଆଦ୍ୟସୂରୀ ମତ୍ସ୍ୟେନ୍ଦ୍ର ନାଥ ବୋଲି ଡକ୍ଟର ନାଥ ଉଲ୍ଲେଖ କରିଥିଲେ। ନାଥ ପରମ୍ପରାର ସାହିତ୍ୟ ଭାରତର ପ୍ରାଦେଶିକ ସାହିତ୍ୟର ବିକାଶରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା। ଗୋରଖନାଥଙ୍କ ଦ୍ୱାରା ରଚିତ ପୁସ୍ତକ ଓ ସିଦ୍ଧ ସିଦ୍ଧାନ୍ତ ପଦ୍ଧତିରେ ବର୍ଣ୍ଣିତ ନାଥ ଦର୍ଶନ ଦ୍ୱାରା କବିର, ନାନକ, ମୀରା, ସୁରଦାସ, ନିଭୃତିନାଥ, ଦାଦୁ, ୱାଜିଦ୍, ଜୟେସି, ମଞ୍ଜାସ୍, ଓଡ଼ିଶାର ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଆଦି ପଞ୍ଚସଖାଙ୍କ ସାହିତ୍ୟ ପ୍ରଭାବିତ ବୋଲି ଉଦାହରଣ ସହ ଉଲ୍ଲେଖ କରିଥିଲେ। ଓଡ଼ିଆ ସାହିତ୍ୟର ବିକାଶ କ୍ଷେତ୍ରରେ ସାରଳାଙ୍କ ପୂର୍ବରୁ ଗୋରଖନାଥଙ୍କ ଶିଶୁ ବେଦର ପ୍ରଭାବ ଏବେ ବି ଅବିସ୍ମରଣୀୟ । ଯୋଗ ଆଧାରିତ ଶବ୍ଦ ଭାରତର ବିଭିନ୍ନ ପ୍ରାଦେଶିକ ସାହିତ୍ୟରେ ପ୍ରତିଫଳିତ। ଗୋରଖ ନାଥଙ୍କ ଦ୍ୱାରା ବ୍ୟବହୃତ ସାନ୍ଧ୍ୟ ଭାଷାର ପ୍ରଭାବ କବିର, ନାନକ



ଓ ଓଡ଼ିଶାର ପଞ୍ଚସଖା ସାହିତ୍ୟରେ ଦେଖାଯାଏ। ଏଥିସହିତ ଡକ୍ଟର ନାଥ ନାଥ ପରମ୍ପରାର ପ୍ରଥମାଷ୍ଟମୀ ଆଧାରରେ ମହାପ୍ରଭୁ ଲିଙ୍ଗରାଜଙ୍କ ପ୍ରଥମାଷ୍ଟମୀ ପାଳନ ଓଡ଼ିଶାର ସାମାଜିକ ଜୀବନକୁ ପ୍ରଭାବିତ କରିଛି। ନାଥମାନେ ଓଡ଼ିଶାର ଗଣଶିକ୍ଷକ ଭାବେ ଓଡ଼ିଶାବାସୀଙ୍କ ନୈତିକ ଜୀବନକୁ ଗଢ଼ି ତୋଳିଛନ୍ତି। ନାଥ ପରମ୍ପରାର ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ଭାରତୀୟ ବିଦ୍ୟ ଭବନର ନିର୍ଦ୍ଦେଶକ ଓ ଚେୟାରମ୍ୟାନ ଡକ୍ଟର ନାଥଙ୍କୁ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରିଥିଲେ। ବିଜୟ ପରିଜା ଓ ଶ୍ରୀମତୀ ନାଗଲକ୍ଷ୍ମୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜଙ୍ଗଲରୁ ବିଦ୍ୟୁତ୍ ଫାଶ ଜବତ

ବଇଣ୍ଡା,୧୮।୧୧(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଧଣ୍ଡାତୋପା ରେଞ୍ଜ ଝିଲ୍ଲୀ ମୁଣ୍ଡା ଓ ମନ୍ଦରବାହାଳ ଜଙ୍ଗଲରେ ଏବେ ଅବାଧ ଜନ୍ତୁ ଶିକାର ବୃଦ୍ଧି ପାଉଛି। ବିଶେଷକରି ବିଦ୍ୟୁତ ସାହାଯ୍ୟରେ ଏହି ଶିକାର କରାଯାଉଥିବାବେଳେ ଶିକାରୀଙ୍କୁ ଧରିବାରେ ଜଙ୍ଗଲ ବିଭାଗ ସମ୍ପୂର୍ଣ୍ଣ ବିଫଳ ହେଉଛି। ବାରମ୍ବାର ୧୧ କେଭି ବିଦ୍ୟୁତ ତାରରୁ ହୁକ ପକାଇ ଜନ୍ତୁ ଶିକାର କରାଯାଉଥିବାବେଳେ ଗ୍ରାମାଞ୍ଚଳରେ ବିଦ୍ୟୁତ ବିଭ୍ରାଟ ବଢ଼ିବାରେ ଲାଗିଛି। ମଙ୍ଗଳବାର ଭୋର ୪ଟାରେ ଉକ୍ତ ଦୁଇଟି ଜଙ୍ଗଲରେ ବଇଣ୍ଡା ବିଦ୍ୟୁତ ବିଭାଗ ପକ୍ଷରୁ ଏକ ଟିମ ଚଢ଼ଉ କରି ଜନ୍ତୁ ପାଇଁ ବିଛାଯାଇଥିବା ବିଦ୍ୟୁତ ଫାଶକୁ ଜବତ କରାଯାଇଛି। ଏଥିରେ କାହାରିକୁ ଗିରଫ କରାଯାଇନାହିଁ। ଏହି ଦୁଇଟି ଜଙ୍ଗଲ ଦେଇଯାଇଥିବା ୧୧ କେଭି ବିଦ୍ୟୁତ ତାରରୁ ବିଦ୍ୟୁତ ଫାଶ ପକାଇ ଜନ୍ତୁ ଶିକାର କରାଯାଇଛି। ଏହି ଫାଶରେ କୌଣସି ଜନ୍ତୁ ପଡିବା ପରେ ଶିକାରୀ ଚତୁରତାର ସହ ଜନ୍ତୁକୁ ନେଇ ଯାଇଥିବାବେଳେ ଏହି ଅଞ୍ଚଳକୁ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ବିଦ୍ୟୁତ୍ ଚାର୍ଜ କରିଯାଇଥିଲେ ମଧ୍ୟ ଫିଉଜ କଟିଯାଉଥିବାବେଳେ ବିଦ୍ୟୁତ ବିଭାଗ ପକ୍ଷରୁ ଜଙ୍ଗଲରେ ଯାଞ୍ଚ କରାଯାଇଥିଲା। ଫଳରେ ବିଦ୍ୟୁତ ଫାଶ ପଡିଥିବା ତାର ବାଉଁଶକୁ ଜବତ କରାଯାଇଛି। କିଛିଦିନ ହେବ ଅବାଧ ଜନ୍ତୁ ଶିକାର ହେଉଥିବାବେଳେ ବିଦ୍ୟୁତ ବିଭ୍ରାଟ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ହୃଦ୍‌ଘାତରେ ବ୍ୟବସାୟୀଙ୍କ ପରଲୋକ

ବଇଣ୍ଡା, ୧୮।୧୧(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଅଞ୍ଚଳର ପୁରାତନ ବ୍ୟବସାୟୀ ବୈରାଗୀ ଦେହୁରୀ (୭୮)ଙ୍କ ସୋମବାର ସକାଳେ ଅନୁଗୋଳର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ଘରେ ଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ମୃତ୍ୟୁବରଣ କରିଥିଲେ। ତାଙ୍କ ମୃତଦେହ ଠାକୁରଗଡ଼ସ୍ଥ ବାସଭବନରେ ପହଞ୍ଚିବା ପରେ ଆଠମଲ୍ଲିକ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ବହୁ ମାନ୍ୟଗଣ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ନେଇ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଟିକରପଡ଼ା ନେଚର କ୍ୟାମ୍ପ ଖୋଲିବା ଦାବି

ଅନୁଗୋଳ, ୧୮।୧୧(ସମିସ): ବିଶ୍ୱ ପ୍ରସିଦ୍ଧ ସାତକୋଶିଆ ଅଭୟାରଣ୍ୟକୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଓ ସ୍ଥାନୀୟ ଲୋକଙ୍କ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ଟିକରପଡାଠାରେ ବନ ବିଭାଗ ପକ୍ଷରୁ ନେଚର୍ କ୍ୟାମ୍ପ ଖୋଲାଯାଇଥିଲା। ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ନେଚର କ୍ୟାମ୍ପ ଆରମ୍ଭ କରାଯାଉନାହିଁ। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବନ୍ୟଜନ୍ତୁ ଉପଦ୍ରବ ଯୋଗୁଁ ଗ୍ରାମବାସୀଙ୍କ ଚାଷଜମି ପଡ଼ିଆ ରହୁଛି। ଲୋକମାନେ ନିଜର ଜୀବିକା ହରାଇଛନ୍ତି। ନେଚର କ୍ୟାମ୍ପରେ କାମ କରି ରୋଜଗାର କରିବା ଆଶାରେ ଥିବା ଲୋକମାନେ ହତାଶ ହୋଇଛନ୍ତି। ନେଚର କ୍ୟାମ୍ପ ତୁରନ୍ତ ଖୋଲିବା ପାଇଁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା କମିଟି ପକ୍ଷରୁ ସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଜୟରାମ ସାହୁ, ଉପସଭାପତି ପ୍ରଫୁଲ୍ଲ ଦେହୁରୀ, ସୁବୋଧ ସାମଲ, ଜ୍ଞାନରଞ୍ଜନ ସାହୁ, ଫକୀର ଜାନି, ରବୀନ୍ଦ୍ର ବାରିକ, ଉପଦେଷ୍ଟା ତୀର୍ଥବାସୀ ଭୋଇ, ମାନସ ପାଳ ପ୍ରମୁଖ ଦାବି କରିଛନ୍ତି। ବନ ବିଭାଗ ପକ୍ଷରୁ ନେଚର କ୍ୟାମ୍ପ ଖୋଲିବା ପାଇଁ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଜେଆଇପିଏଲ୍ ପକ୍ଷରୁ ୩ ଗ୍ରାମକୁ ୩୨ଟି ସିଲେଇ ମେସିନ ପ୍ରଦାନ

କଣିହାଁ,୧୮।୧୧(ସମିସ): କଣିହାଁ ବ୍ଲକ୍‌ସ୍ଥ ଜେଆଇପିଏଲ ପ୍ରକଳ୍ପ ପକ୍ଷରୁ ଡେରଙ୍ଗ ଯାତ୍ରା ପଡ଼ିଆରେ ଜଗନ୍ନାଥ ସଂସ୍କୃତି ଭବନ ପରିସରରେ ସୋମବାର ମହିଳା ଦକ୍ଷତା ବିକାଶ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି ଦକ୍ଷତା ବିକାଶ କେନ୍ଦ୍ରରେ ଗ୍ରାମୀଣ ମହିଳାଙ୍କୁ ସିଲେଇ ଟ୍ରେନିଂ ପ୍ରଦାନ କରାଯାଏ। ମୁଖ୍ୟଅତିଥି ଭାବେ ଜେଆଇପିଏଲ ଭାଇସ ପ୍ରେସିଡେଣ୍ଟ ସୁରେଶ ବଂଶଲ, ଅନ୍ୟତମ ଅତିଥି ଭାବେ ଡେପୁଟି ଜେନେରାଲ ମ୍ୟାନେଜର ବଳଭଦ୍ର ଜେନା, ସିଏସଆର ମ୍ୟାନେଜର ରବିଶ ରାଜନ, ଅକ୍ଷୟ ପ୍ରଧାନଙ୍କ ସହ ଗ୍ରାମର ସଭାପତି ପ୍ରଶ୍ନ ନାୟକ, ସମ୍ପାଦକ ସୁଜିତ ସାହୁ, କୋଷାଧକ୍ଷ ଦୀପକ ବେହେରା, ବିଛନ୍ଦ ସାହୁ, ସାମ୍ବାଦିକ ଟୁନା ସାହୁ, ପୁରୁଷୋତ୍ତମ ସାହୁ, ଇନ୍ଦ୍ରମଣି ସାହୁ, ମହାର୍ଗା ବେହେରା, ସୁରେଶ ସାହୁ, ଅନୀଲ ସାହୁ, ବୁଲୁ ସାହୁ, ସୁଶୀଲ ସାହୁ, ଗୌରାଙ୍ଗ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଜେଆଇପିଏଲ ପ୍ରକଳ୍ପର ସିଏସଆର ପକ୍ଷରୁ ଡେରଙ୍ଗ ମଝିସାହିକୁ ୧୨ଟି, ଦେହୁରୀ ସାହିକୁ ୧୦ଟି ଓ ଘଣ୍ଟିଆନାଳୀ ଦକ୍ଷତା ବିକାଶ କେନ୍ଦ୍ରକୁ ୧୦ଟି ସିଲେଇ ମେସିନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଦକ୍ଷତା ବିକାଶ କେନ୍ଦ୍ରରେ ବିଭିନ୍ନ



ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଓ ସିଲେଇ ମେସିନ ପ୍ରଶିକ୍ଷକଙ୍କୁ ଉତ୍ସାହିତ କରିଥିଲେ। ପ୍ରକଳ୍ପ ପକ୍ଷରୁ ଏଭଳି ଅଭିନବ ପ୍ରୟାସ ଯୋଗୁଁ ନିକଟସ୍ଥ ଗ୍ରାମର ମହିଳା ସ୍ୱାବଲମ୍ବୀ ହୋଇ ଆର୍ଥିକ କ୍ଷେତ୍ରରେ ଉନ୍ନତି ହେବ ବୋଲି ମତ ଦେଇଥିଲେ। ଏଥିରେ ଓଡିଶା ଜୀବିକା ମିଶନ କଣିହାଁ ବ୍ଲକ୍ ପ୍ରଶିକ୍ଷିକା ସସ୍ମିତା ନାୟକ, ଏସଡିସି ବିଜୟାଲକ୍ଷ୍ମୀ ପରିଡା, ଏମବିକେ ଗ୍ରୁପ ଓ ବାଏଫ ଓଡିଶାର ପ୍ରକଳ୍ପ କାର୍ଯ୍ୟକାରୀ ଟିମ ସଦସ୍ୟ, ଏସପିଟି ତରୁଣାକାନ୍ତ ରଣା, ଡିପିଓ ସତ୍ୟବ୍ରତ ସାହୁ, ସିଲାଇ କେନ୍ଦ୍ରର ପ୍ରଶିକ୍ଷିକା ରିଙ୍କି ବେହେରା, କଳ୍ପନା ସେଠୀ ପ୍ରମୁଖ ସିଲେଇ ଶିକ୍ଷା ପ୍ରଦାନ କରିଥିଲେ।

# ସମାଜସେବୀ କ୍ଷୀରୋଦ ସାହୁ ସମ୍ମାନିତ

ତାଳଚେର,୧୮।୧୧(ସମିସ): ତାଳଚେରର ବିଭିନ୍ନ ସ୍ଥାନରେ ସାମ୍ବାଦିକ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଜାତୀୟ ପ୍ରେସ ଦିବସ ଅବସରରେ ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ କ୍ଷୀରୋଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



ତାଳଚେର କଲେଜ ନିକଟସ୍ଥ ରାମକୃଷ୍ଣ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ତାଳଚେର ମିଡ଼ିଆ ପକ୍ଷରୁ ବିଜେପିର ମିଡ଼ିଆ ସେଲ ଅଧକ୍ଷ ପର୍ଶୁରାମ ବାରିକ ଓ ଯୁବରାଜ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଏନସିସି ଶିକ୍ଷକ ଅତିଥି ଭାବେ ଯୋଗଦେଇ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପୂର୍ବାହ୍ନରେ ହାଟତୋଟାସ୍ଥ ପ୍ରେସ କ୍ଲବଠାରେ ତାଳଚେର ସାମ୍ବାଦିକ ସଂଘ ପକ୍ଷରୁ ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ ଓ ମ୍ୟୁନିସିପାଲିଟିର ପୂର୍ବତନ ଚେୟାରମ୍ୟାନ କେଶବ ଭୂତିଆ ଅତିଥି ଭାବେ ଯୋଗଦେଇ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଅପରାହ୍ନରେ ହୋଟେଲ ବୃନ୍ଦାବନଠାରେ ନୋଭେଲ ସାମ୍ବାଦିକ ପକ୍ଷରୁ ଉପଦେଷ୍ଟା ଜ୍ୟୋତି ରଞ୍ଜନ ଦାସ ଓ ସଭାପତି ପ୍ରବୀଣ ଦାସ ପ୍ରମୁଖ ଶ୍ରୀ ସାହୁଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ସାମ୍ବାଦିକ ସଂଘର ସଭାପତି, ସମ୍ପାଦକଙ୍କ ସହିତ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବଳରାମ କୋଇଲା ଖଣି

# ସୋଲଡ଼ା ସେକ୍ଟର ଫାଷ୍ଟ କମ୍ ଫାଷ୍ଟ ସର୍ଭସ୍ ନିୟମକୁ ଉଲ୍ଲଙ୍ଘନ

ତାଳଚେର,୧୮।୧୧(ସମିସ):

ତାଳଚେରର ବିଭିନ୍ନ କୋଇଲା ଖଣିରେ ଲୋକାଲ ସେଲ ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ଫାଷ୍ଟ କମ୍ ଫାଷ୍ଟ ସର୍ଭିସ ଆଦେଶ ବର୍ତ୍ତମାନ ପ୍ରହସନ ପାଲଟିଛି। ବିଶେଷକରି ସୋଲଡା ସେକ୍ଟରରେ ନିୟମକୁ ମାନୁ ନ ଥିବା ଦେଖିବାକୁ ମିଳିଛି। ବଳରାମ କୋଇଲା ଖଣିର ସୋଲଡା ସେକ୍ଟର କେତେକ ମୁଷ୍ଟିମେୟ ଟ୍ରକ ମାଲିକଙ୍କ ସହାୟତାରେ ଏହି ନିୟମକୁ ଖୁଲମଖୁଲା ଉଲ୍ଲଙ୍ଘନ କରାଯାଉଛି। ଏପରିକି ସ୍ତ୍ରୀ ନାମରେ ଟ୍ରକ ଥାଇ ସ୍ୱାମୀ ଏମସିଏଲ ଚାକିରି କରି ସେକ୍ଟରରେ ଦାଦାଗିରି କରୁଥିବା ଦେଖିବାକୁ ମିଳିଛି।

କିଛିଦିନ ଧରି ପରିବହନ ସଂସ୍ଥା ଓ ସୋଲଡା ସେକ୍ଟର ଟ୍ରକ୍ ମାଲିକଙ୍କ ମଧ୍ୟରେ ଭଡ଼ାକୁ ନେଇ ଅସନ୍ତୋଷ ସୃଷ୍ଟି ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ଦେଖାଦେଇଛି। ପରିବହନ ସଂସ୍ଥାର ମାଲିକ ଥାନାରେ ଅଭିଯୋଗ କରିଥିବା ଶୁଣିବାକୁ ମିଳିଛି। ଫାଷ୍ଟ କମ ଫାଷ୍ଟ ସର୍ଭିସକୁ ନ ମାନି ସୋଲଡା ସେକ୍ଟରରେ କିଛି ମୁଷ୍ଟିମେୟ ମାଲିକ ନିଜ ଗାଡିକୁ ଦୁଇ ଦୁଇଥର ସିରିଆଲ କରି ଖଣି ଭିତରେ ପ୍ରବେଶ କରୁଥିବା କିଛି ଟ୍ରକ ମାଲିକ ଅଭିଯୋଗ ଆଣିଛନ୍ତି। ପ୍ରତ୍ୟେକ ଦିନ ସିରିଆଲ ନମ୍ବର ହୋଇ ଲୋଡିଂ ହେଉଥିବାବେଳେ କିଛି ଗାଡି ମାଲିକଙ୍କ ସିରିଆଲ ଆସିଲେ ମନମୁତାବକ ଡିଓ ନ ପାଆନ୍ତି, ସେମାନେ ପୁଣି ଫର୍ଜରୀ ସିରିଆଲ କରି ତା' ପରଦିନ ସକାଳେ ଲୋଡିଂ କରିବା ପାଇଁ ଖଣି ମଧ୍ୟକୁ କିପରି ପ୍ରବେଶ କରନ୍ତି। ଏହି ଅନିୟମିତତା ନେଇ କିଛି ଟ୍ରକ ମାଲିକ ପ୍ରକଳ୍ପ ଅଧିକାରୀଙ୍କୁ ଅଭିଯୋଗ କରିବା ପରେବି ପ୍ରକଳ୍ପ ଅଧିକାରୀ ନିରବଦ୍ରଷ୍ଟା ସାଜିଛନ୍ତି ବୋଲି ମାଲିକମାନେ ପ୍ରକାଶ କରିଛନ୍ତି। ଏ ନେଇ ପ୍ରକଳ୍ପ ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ଏହି ଅନିୟମିତତାକୁ ନେଇ ଗୋପାଳ ପ୍ରସାଦ ଥାନାରେ ଜଣାଇଛୁ। ଅନିୟମିତତା କରିଥିବା ଟ୍ରକ୍‌କୁ କଳା ତାଲିକାଭୁକ୍ତ କରିବାକୁ ଖଣି କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଥିବା ମାଲିକମାନେ ପ୍ରକାଶ କରିଛନ୍ତି। ଦେଖିବାକୁ ଗଲେ ଲିଙ୍ଗରାଜ କୋଇଲା ଖଣିରେ ଫାଷ୍ଟ କମ ଫାଷ୍ଟ ସର୍ଭ ନିୟମ କଡ଼ାକଡ଼ି ପାଳନ କରାଯାଉଥିବାବେଳେ ଅନ୍ୟ ସେକ୍ଟରରେ ତାହା ଦେଖିବାକୁ ମିଳୁନାହିଁ। ଏଥିପାଇଁ ପୁଲିସ ପ୍ରଶାସନ ତଦାରଖ କରି ତାଳଚେର ଟ୍ରକ ମାଲିକ କିପରି ସମସ୍ତ ସେକ୍ଟରରୁ ସୁଚାରୁରୂପେ ଲୋଡିଂ ପାଇବେ, ବ୍ୟବସ୍ଥା କରାଯାଉ ବୋଲି ମାଲିକମାନେ ପ୍ରକାଶ କରିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଚୋରି ସୁନା ଅଳଙ୍କାର ମାଲିକଙ୍କୁ ଫେରାଇଲା ପୁଲିସ



ବ୍ରହ୍ମପୁର,୧୮।୧୧(ସମିସ): ଗୋପାଳପୁର ପୁଲିସ ବେଳାଭୂମିରେ ହଜିଥିବା ଏକ ଭ୍ୟାନିଟ ବ୍ୟାଗ ସହ ୮ ତୋଳା ସୁନା ଅଳଙ୍କାର ମାଲିକକୁ ହସ୍ତାନ୍ତର କରିଛି। ସୂଚନାପ୍ରକାରେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ନୂଆଁଗାଁର ଚନ୍ଦ୍ରକାନ୍ତ ସାହୁ ତାଙ୍କ ପରିବାର ସହ ଗୋପାଳପୁର ବେଳାଭୂମିକୁ ଗତମାସ ୨୬ ତାରିଖରେ ବୁଲିବାକୁ ଆସିଥିଲେ। ବେଳାଭୂମିରେ ଭ୍ୟାନିଟ ବ୍ୟାଗଟି ରଖି ସମୁଦ୍ରକୁ ଯାଇ ଫେରିବାବେଳକୁ ତାହା ଚୋରି ହୋଇଯାଇଥିଲା। ସେଥିରେ ସୁନା ଅଳଙ୍କାର, ଏଟିଏମ କାର୍ଡ ଓ କିଛି ଟଙ୍କା ରହିଥିଲା। ଏନେଇ ସେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୋପାଳପୁର ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଭବାନୀ ଶଙ୍କର ନାୟକ, ଏଏସଆଇ ବି.ତିରୁପତି ରାଓ ଏକ ଟିମ ଖୋଜାଖୋଜି ଆରମ୍ଭ କରିଥିଲେ। ଗୋପାଳପୁରର ବି.ରାମାରାଓ ଭ୍ୟାନିଟ ବ୍ୟାଗ ନେଇଥିବା ଜାଣିବାକୁ ପାଇଥିଲେ। ସୁନା ଅଳଙ୍କାରକୁ ଏକ ବ୍ୟାଙ୍କରେ ବନ୍ଧକ ରଖିଥିବା ଜାଣି ରାମାରାଓକୁ ଥାନାକୁ ଆଣି ପଚରାଉଚରା କରିଥିଲେ। ପରେ ତା'ଠାରୁ ବ୍ୟାଗ ସହ କିଛି ସୁନା ଜବତ କରିଥିଲେ। ବନ୍ଧକ ରଖିଥିବା ସୁନାକୁ ଆଜି ଜବତ କରି ରାମରାଓକୁ ସର୍ତ୍ତମୂଳକ ଜାମିନରେ ଛାଡ଼ିଥିବା ବେଳେ ସମସ୍ତ ସୁନା ଅଳଙ୍କାର ସହ ଅନ୍ୟାନ୍ୟ ସାମଗ୍ରୀ ଓ ଭ୍ୟାନିଟ ବ୍ୟାଗକୁ ମାଲିକ ଚନ୍ଦ୍ରକାନ୍ତ ସାହୁଙ୍କୁ ହସ୍ତାନ୍ତର କରାଯାଇଛି।

### ଧାନମଣ୍ଡି ନାଁରେ ଚାଲିଛି ଦୁର୍ନୀତିର ଲମ୍ବା ରାକେଟ୍

# କଟ୍‌ନୀଛଟ୍‌ନୀ ହେଲେ ଆନ୍ଦୋଳନ ଚେତାବନୀ



**ଚାଷୀ ପାଉନି ପ୍ରାପ୍ୟ; ମିଲର ମାଲାମାଲ୍**

ବ୍ରହ୍ମପୁର,୧୮।୧୧(ସମିସ): ଖରିଫ ଧାନ ଅମଳ ସମୟ ଆସିଛି। ଆଉ କିଛିଦିନ ପରେ ବିକ୍ରି ଆରମ୍ଭ ହେବ। ଇତିମଧ୍ୟରେ ପଞ୍ଜିକୃତ ଚାଷୀମାନେ ସରକାରଙ୍କୁ ଧାନ ବିକିବାକୁ ଥିବାବେଳେ ଅଣପଞ୍ଜିକୃତ ଚାଷୀମାନେ ଆନ୍ଧ୍ର ବେପାରୀ ହାତରେ ଦେବାକୁ ବାଧ ହେବେ। ତେବେ ଗଞ୍ଜାମ ଜିଲ୍ଲାରେ ଧାନମଣ୍ଡି ନାଁରେ ପ୍ରତିବର୍ଷ ଲମ୍ବା ରାକେଟ୍ ଚାଲୁଥିବା ଋଷିକୂଲ୍ୟା ରୟତ ମହାସଭା ଓ ଅଖିଳ ଭାରତ କିଷାନ ମଜଦୂର ସଭା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି।

ଏଠାରେ କୁହାଯାଇଛି ଯେ, କୃଷି ପ୍ରଧାନ ଗଞ୍ଜାମ ଜିଲ୍ଲାରେ ପ୍ରାୟ ୫.୨ ଲକ୍ଷ ଚାଷୀ ଓ ୨.୫ ଲକ୍ଷ ଭାଗଚାଷୀ ଧାନ ଚାଷ କରିଥାନ୍ତି। ମାତ୍ର ୪୦ ଭାଗ ଜମି ହିଁ ଜଳସେଚିତ ହୋଇଥିବାରୁ ଚାଷୀମାନେ କେବଳ ଧାନ ଫସଲ ହିଁ କରିଥାନ୍ତି। ଏହି କାରଣରୁ ଜିଲ୍ଲାର କୃଷି ଅର୍ଥନୀତି କହିଲେ କେବଳ ଧାନ ଚାଷକୁ ହିଁ ବୁଝାଉଛି। କିନ୍ତୁ ଦୁଃଖର କଥା, ଜିଲ୍ଲାର ଏତେ ସଂଖ୍ୟକ ଚାଷୀ ପ୍ରତିବର୍ଷ ଧାନ ସଂଗ୍ରହ ବେଳେ ଭୟଙ୍କର ଶୋଷଣ ଓ ଠକାମୀର ଶିକାର ହୋଇଆସିଛନ୍ତି। ସରକାରୀ ଅଫିସର ଓ ମିଲ୍ ମାଲିକଙ୍କ ଅସାଧୁ ମେଣ୍ଟ ଯୋଗୁ ପ୍ରତିବର୍ଷ ଧାନ ସଂଗ୍ରହ ବେଳେ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଥିବା ବେଳେ ଚାଷୀମାନେ ଭୟଙ୍କର ଶୋଷଣର ଶିକାର ହେଉଛନ୍ତି। ସରକାର ଗତବର୍ଷ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ୍ ଦେବା ପରି ଏକ ଭଲ ପଦକ୍ଷେପ ନେଇଥିଲେ ବି ତା'ର ସୁଫଳ ସବୁ ଚାଷୀଙ୍କୁ ମିଳିପାରିଲା ନାହିଁ। ପୂର୍ବରୁ ଭାଗଚାଷୀଙ୍କ ପଞ୍ଜୀକରଣ ନିୟମ ସରଳ ଥିବାବେଳେ ତାକୁ ବର୍ତ୍ତମାନର ସରକାର ଜଟିଳ କରି ଦେଇଥିବାରୁ ଜିଲ୍ଲାର ୨.୫ ଲକ୍ଷ ଭାଗଚାଷୀ ଧାନ ସଂଗ୍ରହ ଓ ବୋନସ୍ ପାଇବାରୁ ବଞ୍ଚିତ ରହିଛନ୍ତି। ସରକାର ଭାଗଚାଷୀଙ୍କ ଧାନ ସଂଗ୍ରହ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଦାବି କରିଛନ୍ତି।

ଜିଲ୍ଲାରେ ନାମକୁ ମାତ୍ର ମଣ୍ଡି ରହିଥିବା ବେଳେ ମିଲ ମାଲିକମାନେ ହିଁ ଚାଷୀଙ୍କ ଠାରୁ ସିଧାସଳଖ ଧାନ କିଣୁଛନ୍ତି। କଟ୍‌ନୀ ଛଟ୍‌ନୀ କମୁନି। ଏହା ବ୍ୟତିତ ସରକାର ଧାନ ସଂଗ୍ରହ ଓ ମିଲିଂ ବାବଦରେ ସବୁ ଖର୍ଚ୍ଚ ବହନ କରୁଥିବା ବେଳେ ମିଲରମାନେ ଚାଷୀଙ୍କ ଠାରୁ ବେଆଇନ ଭାବେ ସେମାନଙ୍କ ଅଖା ରଖିଦେବା ସହ ଧାନ ସଂଗ୍ରହ କେନ୍ଦ୍ର ପର୍ଯ୍ୟନ୍ତ ପରିବହନ ଖର୍ଚ୍ଚ ଓ ଲୋଡ଼ିଂ ଅନ୍‌ଲୋଡ଼ିଂ ବାବଦରେ ଖର୍ଚ୍ଚକୁ ଚାଷୀଙ୍କୁ ନଦେଇ ହଡ଼ପ କରି ନେଉଛନ୍ତି। ଏହି ରାକେଟ ଦୀର୍ଘବର୍ଷ ହେଲା ଚାଲିଥିବା ଅଖିଳ ଭାରତ କିଷାନ ମଜଦୂର ସଭାର ଭାଲଚନ୍ଦ୍ର ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ଏସବୁ ବାବଦରେ ମିଲରମାନେ ପ୍ରତିବର୍ଷ ଚାଷୀଙ୍କ କୋଟି କୋଟି ଟଙ୍କା ହଡ଼ପ କରୁଥିବା ବେଳେ ସରକାରୀ ଅଧିକାରୀ ଓ ରାଜନୈତିକ ନେତା ଚୁପ୍ ରହିବା ସେମାନଙ୍କ ସହଯୋଗିତାକୁ ପ୍ରମାଣିତ କରୁଛି। ଏ ସମ୍ପର୍କରେ ଅତିତରେ ଜିଲ୍ଲାର ବିଭିନ୍ନ ଅଂଚଳର ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଶ୍ରୀ ଷଡ଼ଙ୍ଗୀ ଏଠାରେ କହିଛନ୍ତି।

ଜିଲ୍ଲାରେ ଫସଲବୀମା ନାଁରେ ଘରୋଇ ବୀମା କମ୍ପାନୀମାନେ ଚାଷୀମାନଙ୍କୁ ଫସଲ କ୍ଷତିପୂରଣ ଠିକ୍ ରୂପେ ଦେଉନଥିବା ବେଳେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଠାରୁ ପ୍ରିମିୟମ୍ ବାବଦରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଲୁଟ୍ କରି ନେଉଛନ୍ତି। ଗତବର୍ଷ ଡ଼ିସେମ୍ବର ମାସରେ ହୋଇଥିବା ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ମଧ୍ୟରୁ ଫସଲ ବୀମା କରିଥିବା ୧,୪୫,୯୫୩ଜଣ ଚାଷୀଙ୍କ ମଧ୍ୟରୁ ମାତ୍ର ୪୧,୫୯୫ ଜଣ ହିଁ ମୋଟ ୯.୨୯ କୋଟି ଟଙ୍କାର ବୀମା ସହାୟତା ପାଇଥିଲେ। କମ୍ ସମୟ ମଧ୍ୟରେ ଅନ୍‌ଲାଇନ୍ ଜରିଆରେ ଆବେଦନ କରି ନ ପାରିବା ନାଁରେ କମ୍ପାନୀ ଅଧିକାଂଶ ଚାଷୀଙ୍କୁ କ୍ଷତିପୂରଣରୁ ବଞ୍ଚିତ କରିଥିବା ଅଭିଯୋଗ ହୋଇଛି। ଗତବର୍ଷ କେବଳ ଗଞ୍ଜାମ ଜିଲ୍ଲାର ଚାଷୀଙ୍କୁ ଫସଲ ବୀମା ଯୋଗାଇବା ନାଁରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ତଥା ଚାଷୀ ପ୍ରିମିୟମ୍ ବାବଦରେ ୭୬.୨୩ କୋଟି ଟଙ୍କା ଘରୋଇ ବୀମା କମ୍ପାନି ରିଲାଏନ୍ସକୁ ଦେଇଥିବା ବେଳେ କମ୍ପାନୀ ମାତ୍ର ୯.୨୯ କୋଟି କ୍ଷତିପୂରଣ ଦେଇ ବଳକା ୬୭ କୋଟି ଟଙ୍କା ନେଟ୍ ଲାଭ ପାଇଛି। ଯଦି ଫସଲ ବୀମା ଠିକ୍ ରୂପେ କାର୍ଯ୍ୟକାରୀ ହୋଇଥାନ୍ତା, ତାହେଲେ ଜିଲ୍ଲାର ଚାଷୀ ଅତି କମରେ ୩୦ କୋଟି ଟଙ୍କା କ୍ଷତିପୂରଣ ବାବଦରେ ପାଇଥାନ୍ତେ। ଗଞ୍ଜାମ ଜିଲ୍ଲାରେ ଧାନ ସଂଗ୍ରହ ନାଁରେ ମିଲ୍ ମାଲିକ ଓ ସରକାରୀ ଅଧିକାରୀଙ୍କ ଦ୍ୱାରା ଚାଲିଥିବା ଦୁର୍ନୀତିକୁ ବନ୍ଦ କରି ଚାଷୀଙ୍କୁ ଶୋଷଣରୁ ରକ୍ଷା କରିବାକୁ ଉଭୟ ଚାଷୀ ସଂଗଠନ ଦାବି କରିଛନ୍ତି। ଏଫ୍ଏକ୍ୟୁ ଧାନ ନାଁରେ ଚାଷୀଙ୍କ ଧାନରେ ମନଇଛା କଟନୀ ଛଟନୀ କରାଗଲେ ଜିଲ୍ଲାରେ ଚାଷୀମାନେ ପ୍ରତିବାଦ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଋଷିକୂଲ୍ୟା ରୟତ ମହାସଭାର ଧନୁର୍ଦ୍ଧର ପଲେଇ, ପ୍ରକାଶ ପଲେଇ, ଅଖିଳ ଭାରତ କିଷାନ୍ ମଜଦୂର ସଭାର ଜିଲ୍ଲା ସମ୍ପାଦକ ଲଡ୍ଡୁ କିଶୋର ଡ଼ାକୁଆ ଉପସ୍ଥିତ ଥିଲେ।

# ତୃତୀୟ ଦିନରେ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ



ବ୍ରହ୍ମପୁର ବାଣିଜ୍ୟ ମେଳା

ବ୍ରହ୍ମପୁର,୧୮।୧୧(ସମିସ): ସ୍ଥାନୀୟ ସେଣ୍ଟ ଷ୍ଟିଫେନ୍ସ ଚର୍ଚ୍ଚ ପଡ଼ିଆରେ ଅନୁଷ୍ଠିତ "ବ୍ରହ୍ମପୁର ବାଣିଜ୍ୟ ମେଳା-୨୦୨୫' ୩ୟ ଦିନରେ ପହଞ୍ଚିଛି। ତୃତୀୟ ସନ୍ଧ୍ୟାରେ ନିର୍ଝରିଣୀ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଇଂ. ଯାମିନୀକାନ୍ତ ଦାଶ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଲକ୍ଷ୍ମୀନାରାୟଣ ପଣ୍ଡା ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ତଥା କବିତାର ଭାବ, ଉତ୍କର୍ଷତା ଓ ପାଠକୀୟ ଆନନ୍ଦ ଓ ଆବୃତ୍ତି ସମ୍ବନ୍ଧରେ ନିଜର ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସଂସଦର ଉପ-ସଭାପତି ନୀଳକଣ୍ଠ ସାହୁ ଓ ଇଂ. ବିଚିତ୍ରାନନ୍ଦ ମୁନୀ ଯୋଗ ଦେଇଥିଲେ। ସଂସଦର ସମ୍ପାଦିକା ସୌଦାମିନୀ ମିଶ୍ର ସଭାକୁ ପରିଚାଳନା କରିଥିବାବେଳେ ନିହାରିକା ସାହୁ କାହ୍ନୁଚରଣ ଗୌଡ଼ କବିତା ସଂଯୋଜନା କରିଥିଲେ। କବି ତଥା କଣ୍ଠଶିଳ୍ପୀ ସୁଧାଞ୍ଜଳୀ ମିଶ୍ର ପ୍ରାରମ୍ଭିକ ଭଜନ ପରିବେଷଣ କରିଥିଲେ। ବ୍ରହ୍ମପୁର ତଥା ଗଞ୍ଜାମ ଜିଲ୍ଲାର ଅନେକ ଅଞ୍ଚଳରୁ ବହୁ ସାହିତ୍ୟ ପ୍ରେମୀ ତଥା କବି, କବୟିତ୍ରୀ, ଲେଖକ ଓ ଲେଖିକା ଏହି ସାରସ୍ୱତ ସମ୍ମିଳନୀରେ ଉତ୍ସାହର ସହ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କାର୍ଯ୍ୟକ୍ରମର ପ୍ରଭାରୀ ଆଇନଜୀବୀ ଇଂ. ବିଜୟ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳା ଅକ୍ଟୋବର ୧୫ରୁ ୨୬ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଲିଙ୍ଗରାଜ ଜେନା, ପ୍ରମୋଦ ପଣ୍ଡା, ମନ ମୋହନ ରଥ, ଡ. ଲକ୍ଷ୍ମୀ ନାରାୟଣ ଦାଶ, ଇଂ. ବିଜୟ ଚନ୍ଦ୍ର ମିଶ୍ର, ସତ୍ୟମ୍ ଆଚାରୀ, ସୁଦାମ ପାଣିଗ୍ରାହୀ, କାର୍ତ୍ତିକ ପାଣିଗ୍ରାହୀ, ବିନୋଦିନୀ ନାୟକ, ସ୍ୱର୍ଣ୍ଣମୟୀ ପାଢ଼ୀ, ସୁବାସ ପଣ୍ଡା, ପ୍ରଫୁଲ୍ଲ ମହାନ୍ତି ଓ ରଞ୍ଜିତା ରାଣୀ ଦାଶ ପ୍ରମୁଖ କବିତା ପାଠ କରିଥିଲେ।

# ମହିଳାଙ୍କ ଠାରୁ ଟଙ୍କା ଲୁଟ୍ ଅଭିଯୋଗ

ରଙ୍ଗେଇଲୁଣ୍ଡା,୧୮।୧୧(ସମିସ): ଗତ କିଛିଦିନ ହେଲା ଗୋପାଳପୁର ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଆଡ଼କୁ ମୁହାଁଉଛି। କେତେବେଳେ ଲୁଟ୍ ତ ଆଉ କେତେବେଳେ ଜୁଆଡ଼ିଙ୍କ ପାଦୁର୍ଭାବ ବଢିବାରେ ଲାଗିଛି। ଏହି ଥାନା ଅଧିନସ୍ଥ ନାରାୟଣପୁର ଗ୍ରାମରେ ଜନୈକ ମହିଳାଙ୍କଠାରୁ ଆଉ ଜଣେ ମହିଳା ୧୦ହଜାର ଟଙ୍କା ଝାମ୍ପି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ପ୍ରକାରେ ନାରାୟଣପୁର ଗ୍ରାମର ଏସ କାନ୍ତାମ୍ମା ଗତ ୫ତାରିଖ ସନ୍ଧ୍ୟାରେ ବାରିପଟ ଦେଇ ଗାଧୋଇ ଘରକୁ ଫେରିବା ସମୟରେ ସେହି ଗ୍ରାମର ସୁନିତା ନାୟକ ହଠାତ ଆସି ୧୦ହଜାର ଟଙ୍କା ଝାମ୍ପି ନେଇଥିଲେ। ଏହି ସମୟରେ କାନ୍ତାମ୍ମା ଚିତ୍କାର କରିବାରୁ ତାଙ୍କ ଝିଅ ପହଞ୍ଚିଥିଲେ। ହେଲେ ସୁନିତା ଉଭୟଙ୍କୁ ଠେଲାପେଲା କରିବା ସହ ଧମକ ଚମକ ଦେଇଥିଲେ। ଏନେଇ କାନ୍ତାମ୍ମା ଥାନାରେ ଅଭିଯୋଗ କରିବାରୁ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର

ବ୍ରହ୍ମପୁର,୧୮।୧୧(ସମିସ): ରୋଟାରୀ କ୍ଲବ ଅଫ୍ ବ୍ରାହ୍ମପୁର ଇଷ୍ଟ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସକ୍ଷମ-୭ ମାଗଣା କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର ଅନୁଷ୍ଠିତ ହୋଇଛି। କ୍ଲବର ସଭାପତି ଡ଼. ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ



ଶିବିରକୁ ରୋଟାରୀ ଜିଲ୍ଲା-୩୨୬୨ର ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଦୀର୍ଘ ୫ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ପ୍ରଥମ ଦିନରେ ୧୧୦ଜଣଙ୍କୁ ବିଭିନ୍ନ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା। ଏଥିରେ ୨୫୦ଜଣ ଦିବ୍ୟାଙ୍ଗ ପଞ୍ଜିକରଣ କରଣ କରିଥିବା ବେଳେ ଆଗାମୀ ୨୪ରୁ ୨୮ ପର୍ଯ୍ୟନ୍ତ ପାରଳାଖେମୁଣ୍ଡିରେ ଶିବିର ଆୟୋଜନ ହେବ। କାର୍ଯ୍ୟକ୍ରମରେ ରୋଟାରୀ ଜିଲ୍ଲା-୩୨୬୨ର ଭିନ୍ନକ୍ଷମ ବିଭାଗ ଚେୟାରମ୍ୟାନ ଅଜିତ କୁମାର ପୃଷ୍ଟି ବିବରଣୀ ପ୍ରଦାନ କରିଥିଲେ। କ୍ଲବର ନିର୍ବାଚିତ ସଭାପତି ହୃଷୀକେଶ ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ସମ୍ପାଦକ ଅଶ୍ୱନୀ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସହ ପ୍ରାନ୍ତପାଳ ଝରଣା ପଣ୍ଡାଲ, ପ୍ରୋଜେକ୍ଟ ଚେୟାରମ୍ୟାନ ନାରସୁଜେନାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ପୁଲିସ ଜିଲ୍ଲାରେ ସକ୍ରିୟ ଲୁଟେରା ଗ୍ୟାଙ୍ଗ

● ୨ ଦିନରେ ଏକାଧିକ ଅଳଙ୍କାର ଓ ଟଙ୍କା ଲୁଟ୍ ଅଭିଯୋଗ

ବ୍ରହ୍ମପୁର,୧୮।୧୧(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାରେ ପୁଣି ସକ୍ରିୟ ହେଲେଣି ଲୁଟେରା ଗ୍ୟାଙ୍ଗ। ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ପରେ ସହରରେ ଲୁଟପାଟ ଘଟଣା ଧିମା ପଡ଼ିଥିଲା। ଏବେ ପୁଣି ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ଏକ ଚୋର ଗ୍ୟାଙ୍ଗ ଏକାଧିକ ତାଲାବନ୍ଦ ଘରୁ ସୁନା ଅଳଙ୍କାର ଲୁଟି ନେଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ନିମଖଣ୍ଡି ଥାନା ଅନ୍ତର୍ଗତ ନୀଳାଞ୍ଚଳନଗର ୮ମ ଲାଇନ୍‌ରେ ରହୁଥିବା ସୁନିଲ କୁମାର ତ୍ରିପାଠୀ ଓ ତାଙ୍କ ପରିବାର ଗତ ୧୦ତାରିଖ ମା'ଙ୍କ ଦେହ ଅସୁସ୍ଥ ହେବାରୁ ଭୁବନେଶ୍ୱର ଚିକିତ୍ସା ପାଇଁ ନେଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘରର ମୁଖ୍ୟ ଗେଟ୍ ଚାବି ଭାଙ୍ଗି ୨୦ଗ୍ରାମର ୨ଟି ମଙ୍ଗଳସୂତ୍ର, ୫ଟି ଯୋଡ଼ି ସୁନା କାନଫୁଲ, ରୂପା ପାଉଁଛି ନଗଦ ୭ହଜାର ଟଙ୍କା ଚୋରି କରି ନେଇଥିଲେ।

ସେହିପରି ଲାଞ୍ଜିପଲ୍ଲୀ ଓଭରବ୍ରିଜ୍‌ର ସୀମାନ୍ତ ଜାଗାରେ ଜଣେ ଯୁବତୀଙ୍କଠାରୁ ଭ୍ୟାନିଟ ବ୍ୟାଗ ଲୁଟେରା ଝାମ୍ପି ନେଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଆଙ୍କୁଲି ଜଗନ୍ନାଥ ନଗରର ଜଣେ ୨୫ବର୍ଷୀୟ ଯୁବତୀ କାମ ସାରି ଘରକୁ ଫେରୁଥିବା ବେଳେ ଲାଞ୍ଜିପଲ୍ଲୀ ଓଭର ବ୍ରିଜରେ ଜଣେ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଭ୍ୟାନିଟ୍ ଝାମ୍ପି ନେଇଥିଲେ। ସେଥିରେ ମୋବାଇଲ ଓ ନଗଦ ୩୫୦୦ଟଙ୍କା ଥିବା ଯୁବତୀ ଜଣକ ଥାନାରେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ସହରରେ ବିଭିନ୍ନ ଥାନାରେ ମୋବାଇଲ ଲୁଟ୍ ମାମଲା ବଢ଼ିଛି। ମୋବାଇଲ୍ ଚୋରି ମାମଲାରେ ମାତ୍ର ୨୮ ପ୍ରତିଶତ ମୋବାଇଲ ଉଦ୍ଧାର କରିବାରେ ବ୍ରହ୍ମପୁର ପୁଲିସ ସଫଳ ହୋଇଛି। ଲୁଟ୍ ମୋବାଇଲ୍ ଟ୍ରାକିଂ କରାଯାଉଛି, ଖବର ପାଇବା ମାତ୍ରେ ପୁଲିସ ଚଢ଼ଉ କରି ଉଦ୍ଧାର କରୁଛି ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ପୁଲିସର ଢିଲା ପେଟ୍ରୋଲିଂ ଯୋଗୁ ଚୋରି ଓ ଲୁଟ୍ ମାମଲା ବୃଦ୍ଧି ପାଉଥିବା କୁହାଯାଉଛି।

# ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ଜିଲ୍ଲାସ୍ତରୀୟ ଉତ୍ସବ

ବ୍ରହ୍ମପୁର,୧୮ ।୧୧(ସମିସ): ଗଞ୍ଜାମ ଜିଲ୍ଲା ସମବାୟ ସଂଘ ଆନୁକୂଲ୍ୟରେ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ଜିଲ୍ଲାସ୍ତରୀୟ ଉତ୍ସବ ପାଳିତ ହୋଇଯାଇଛି। ଗୋପାଳପୁର ସ୍ଥିତ ସମବାୟ ପରିଚାଳନା ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ



ଉତ୍ସବରେ ସଂଘର ସଭାପତି ତଥା ବରିଷ୍ଠ ସମବାୟବିତ କୈଳାସ ଚନ୍ଦ୍ର ରଣାଙ୍କ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ସମବାୟ ସପ୍ତାହ ପାଳନର ମୁଖ୍ୟ ବିଷୟ "ଆତ୍ମନିର୍ଭର ଭାରତ ଗଠନରେ ସମବାୟର ଭୂମିକା' ଥିବା ବେଳେ ଜିଲ୍ଲାସ୍ତରୀୟ ଉତ୍ସବରେ "ସମବାୟ ଉଦ୍ୟୋଗ ମାଧ୍ୟମରେ ଯୁବ, ମହିଳା ଏବଂ ଦୁର୍ବଳ ଶ୍ରେଣୀଙ୍କୁ ସଶକ୍ତିକରଣ କରିବା' ମୁଖ୍ୟ ପ୍ରସଙ୍ଗ ଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଭାପତି କୈଳାଶ ରଣାଙ୍କ ସମେତ ଶିବରାମ ପତ୍ର, ମଙ୍ଗୁଲୁ ସାହୁ, ରବୀନ୍ଦ୍ର ପଣ୍ଡା, କାର୍ତ୍ତିକ ପରିଡା, ରାମ ମୋହନ ପାତ୍ର, ହୃଷିକେଶ ମହାଳି, ରବୀନ୍ଦ୍ର କୁମାର ସାମଲ, ସୂର୍ଯ୍ୟ ପରିଡା, ଅଜୟ ମହାରଣା ଏବଂ ଡି. କ୍ରିଷ୍ଣାନନ୍ଦ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନକରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମବାୟ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ବେଳେ ସମବାୟ ଆନ୍ଦୋଳନରେ ପ୍ରମୁଖ ଭୂମିକା ତଥା ସମବାୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୧ଜଣ ସମବାୟବିତଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ସଭାପତି, ପରିଚାଳନା ନିର୍ଦ୍ଦେଶକ /ନିର୍ଦ୍ଦେଶିକା ଏବଂ ସମିତିଗୁଡିକର ସମ୍ପାଦକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଜେଡି ନେତା ତଥା ବରିଷ୍ଠ ସମବାୟବିତ ଶ୍ରୀ ଅଜୟ ମହାରଣା ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଂଘର ସମ୍ପାଦକ ତଥା ସମବାୟ ପରିଚାଳନା ପ୍ରତିଷ୍ଠାନର ଅଧ୍ୟକ୍ଷ ଡି. କ୍ରିଷ୍ଣାନନ୍ଦ, ଅଧ୍ୟାପକ ନିରଞ୍ଜନ ମହାପାତ୍ର, ମମତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଦଳରେ ଶିବୁନ୍

ବ୍ରହ୍ମପୁର,୧୮ ।୧୧(ସମିସ): ୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଦଳରେ ବ୍ରହ୍ମପୁରର ଯୁବ କ୍ରିକେଟର ଶିବୁନ ନନ୍ଦ ସାମିଲ ହୋଇଛନ୍ତି। ଆଗାମୀ କୁଚବିହାର ଟ୍ରଫି ସକାଶେ ବିସିସିଆଇ ପକ୍ଷରୁ ୧୮ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଥିବାବେଳେ ଏଥିରେ ତାଙ୍କ ନାମ ରହିଛି। ନିକଟରେ ସେ ଅର୍ନ୍ତଜାତୀୟ ଭାରତୀୟ ମୁକବଧିର କ୍ରିକେଟ ମ୍ୟାଚରେ ଆଶାନୁରୂପ ପ୍ରଦର୍ଶନ କରିଥିଲେ। ଗତବର୍ଷ ମଧ୍ୟ ଏହି ପ୍ରତିଯୋଗିତାରେ ସେ ସ୍ଥାନ ପାଇଥିଲେ। ଜଣେ ସଫଳ ଅଲରାଉଣ୍ଡର ରୂପରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ଶିବୁନ୍। ସ୍ଥାନୀୟ ରାଧାକୃଷ୍ଣ ବିଲ ସାହିର ସୁକାନ୍ତ କୁମାର ନନ୍ଦ ଓ ଅନୁରାଧା ନନ୍ଦଙ୍କ ପୁତ୍ର ଶିବୁନ୍। କ୍ଲବର ସମ୍ପାଦକ ସଂଜୟ ବିଷୋୟୀ, ସଭାପତି ବିରଳା ମାଝି, ଭାଗିରଥି ରାଓ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



### ରୋଗୀଙ୍କ ଦୁଃଖ ବଢ଼ାଉଛି ଏମ୍‌କେସିଜି ନେଫ୍ରୋଲୋଜି ବିଭାଗ

# ଏକାଧିକ ଡାୟଲିସିସ୍ ମେସିନ ଅଚଳ; ରୋଗୀ ହନ୍ତସନ୍ତ



ବ୍ରହ୍ମପୁର,୧୮।୧୧(ସମିସ): ଏମକେସିଜି ମେଡ଼ିକାଲ ନେଫ୍ରୋଲୋଜି ବିଭାଗ ଅଧିନରେ ଥିବା ଡାୟଲିସିସ ୟୁନିଟରେ ଏକାଧିକା ଡ଼ାୟଲେସିସ ମେସିନ ଅଚଳ ହୋଇପଡ଼ିଛି। ଗତ କିଛିମାସ ହେବ ଉକ୍ତ ମେସିନ ଅଚଳ ରହିଥିବା ବେଳେ ତାହାକୁ ମରାମତି କରାଯାଉନଥିବା ଅଭିଯୋଗ ହୋଇଛି। ଫଳରେ କିଡ୍‌ନୀ ରୋଗରେ ପୀଡ଼ିତ ସଂକଟାପନ୍ନ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏହାର ସୁଯୋଗ ନେଇ ସହରର ବିଭିନ୍ନ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟର ରୋଗୀଙ୍କଠାରୁ ମୋଟା ଅଙ୍କର ଅର୍ଥ ଶୋଷଣ କରୁଛନ୍ତି।

ଦକ୍ଷିଣ ଓଡିଶାର ବିଭିନ୍ନ ଜିଲ୍ଲା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶ ସୀମାନ୍ତ ଅଞ୍ଚଳରୁ ବହୁ କିଡନୀ ରୋଗୀ ଏମକେସିଜି ମେଡିକାଲର ନେଫ୍ରୋଲୋଜି ବିଭାଗ ଉପରେ ନିର୍ଭର କରୁଥିବାବେଳେ ରୋଗୀଙ୍କ ଆବଶ୍ୟକତା ଦୃଷ୍ଟିରୁ ଏମକେସିଜି ମେଡିକାଲର ପିଏମଏସଏସୱାଇ କୋଠାର ତଳ ମହଲାରେ ୧୨ଟି ଡାୟଲିସିସ ମେସିନ ସ୍ଥାପନ କରାଯାଇଛି। ତେବେ ଯାନ୍ତ୍ରିକ ତ୍ରୁଟି କାରଣରୁ ଡାଏଲିସିସ ୟୁନିଟର ଏକାଧିକ ମେସିନ ଅଚଳ ହୋଇପଡ଼ିଛି। ବିଭାଗ ପକ୍ଷରୁ କିଡନୀ ଓ ଜଣ୍ଡିସ-୧ ଏବଂ ୨ରୋଗରେ ଆକ୍ରାନ୍ତ ରୋଗୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଡ଼ାଏଲିସିସ ମେସିନ ରହିଛି। ଗତ କିଛିଦିନ ହେବ ତାହା ଅଚଳ ରହିଥିବା ବେଳେ ଏହି ରୋଗୀମାନେ ସେବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ନିମ୍ନ ରକ୍ତଚାପ ରହିଥିବା କିଡ଼ନୀ ରୋଗୀଙ୍କ ଡ଼ାଏଲେସିସ ନିମନ୍ତେ ୨ଟି ସ୍ଲେଡ଼ ମେସିନ ରହିଥିବା ବେଳେ କିଛିବର୍ଷ ହେବ ତାହା ମଧ୍ୟ ଅଚଳ। ମେଡ଼ିକାଲ ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସିତ ସଂକଟାପନ୍ନ ରୋଗୀଙ୍କ ନିମନ୍ତେ ସେଠାରେ ଏକ ଡ଼ାୟଲେସିସ ମେସିନ ରହିଛି। କିଛିଦିନ ହେବା ତାହା ମଧ୍ୟ ବନ୍ଦ ରହିଥିଲା। ଫଳରେ ଚିକିତ୍ସା ଆଶାରେ ମେଡ଼ିକାଲକୁ ଆସୁଥିବା ବହୁ ସଂକଟାପନ୍ନ ରୋଗୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସମସ୍ୟା ସାମ୍ନାକୁ ଆସିବାରେ ଏହାକୁ ମରାମତି କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଫଳରେ କିଡନୀ ଓ ଜଣ୍ଡିସ-୧ ଏବଂ ୨ ରୋଗ ସମେତ ଆଇସିୟୁରେ ଚିକିତ୍ସିତ ରୋଗୀଙ୍କ ନିମନ୍ତେ ରହିଥିବା ଡ଼ାଏଲେସିସ ମେସିନ ମଙ୍ଗଳବାର ମରାମତି ହୋଇଥିଲା। ଅନ୍ୟପକ୍ଷରେ ବର୍ତ୍ତମାନ ମଧ୍ୟ ଡାଏଲିସିସ ୟୁନିଟର ଗୋଟିଏ ମେସିନ ସମେତ ୨ଟି ସ୍ଲେଡ଼ ମେସିନ ଅଚଳ ରହିଛି। ଏହାଦ୍ୱାରା ପ୍ରତିଦିନ ଏକାଧିକ କିଡ୍‌ନୀ ରୋଗୀ ମେଡିକାଲରେ ଡାୟଲିସିସ ସେବାରୁ ବଞ୍ଚିତ ହୋଇ ଘରୋଇ ଡାଏଗ୍ନୋଷ୍ଟିକ ମୁହାଁ ହେଉଛନ୍ତି। ଫଳରେ ସୁସ୍ଥ ହେବା ଆଶା ନେଇ ଏମକେସିଜି ମେଡ଼ିକାଲ ନେଫ୍ରୋଲୋଜି ବିଭାଗକୁ ଆସୁଥିବା ସଙ୍କଟାପନ୍ନ ରୋଗୀ କ୍ଷେତ୍ରରେ ଦୁଃଖ କମିବା ପରିବର୍ତ୍ତେ ବଢ଼ିବାରେ ଲାଗୁଥିବା ରୋଗୀ ଅଭିଯୋଗ କରିଛନ୍ତି। ନେଫ୍ରୋଲୋଜି ବିଭାଗ ଉପରେ ରୋଗୀଙ୍କ ଭରସା ତୁଟିବାରେ ଲାଗିଛି। ତେଣୁ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଡାକ୍ତରଖାନାର ନେଫ୍ରୋଲୋଜି ବିଭାଗରେ ଲାଗି ରହିଥିବା ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ କିଡନୀ ରୋଗୀଙ୍କ ନିମନ୍ତେ ଉତ୍ତମ ଚିକିତ୍ସା ଉପଲବ୍ଧ କରାଇବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର




ବ୍ରହ୍ମପୁର/ପାତ୍ରପୁର,୧୮।୧୧(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପାତ୍ରପୁର ବ୍ଲକ ସ୍ଥିତ ବାଦପୁର ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରାଧିକରଣର ସଚିବ ବ୍ୟୋମକେଶ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶିବିରରେ ବାଧ୍ୟତାମୂଳକ ଶିକ୍ଷା, ମୌଳିକ ଅଧିକାର, ପୋକସୋ ଆକ୍ଟ, ପୋସ ଆକ୍ଟ, ଜେଜେ(ସିପିସି) ଆକ୍ଟ ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟର ଉପାଧ୍ୟକ୍ଷ ସଞ୍ଜୁବାଳା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ବିଜୟ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ରାଜୀବ ଦଳାଇଙ୍କ ସମେତ ବହୁ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

୧୮/୧୧/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୩୨,୩୫୬/- ସୁନା: ୦୬.୪୫୦ ଗ୍ରାମ୍ ରୁପା: ୩୩.୦୦୦ ଗ୍ରାମ୍







ବାଂଲା ଅନୁପ୍ରବେଶକାରୀ ପ୍ରସଙ୍ଗ

# ସନ୍ଦିଗ୍ଧଙ୍କ ଉପରେ ନଜର ରଖିବାକୁ ସବୁ ଥାନାକୁ ନିର୍ଦ୍ଦେଶ

**ପୁରୀ,୧୮।୧୧(ସମିସ):** ପେରାଶୀ ଜଗତ୍‌ସିଂହପୁର ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ହେବା ପରେ ଆଲର୍ଟରେ ରହିଛି ପୁରୀ ପୁଲିସ। କେବଳ ପୁରୀ ନୁହେଁ ସବୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକୁ ମଧ୍ୟ ଆଲର୍ଟ ଜାରି କରାଯାଇଛି। ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ରାଜ୍ୟ ସରକାର ପୁଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ପର୍ଯ୍ୟଟନ ସହର ପୁରୀ ପ୍ରତି ମଧ୍ୟ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପଟରୁ ବିପଦ ରହିଛି। ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ପୁରୀ ସହରକୁ ଆସୁଥିବା ବେଳେ ପୁରୀ ସହର ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମଧ୍ୟ ଆତଙ୍କବାଦୀ ଟାର୍ଗେଟରେ ରହିଛି। ଏ ନେଇ ପୂର୍ବରୁ ଗୋଇନ୍ଦା ବିଭାଗ ଏକାଧିକଥର ଅବଗତ କରାଇଛି। ଯେଉଁଥିପାଇଁ କିଛିବର୍ଷ ହେବ ଏନ୍‌ଏସ୍‌ଜି ପକ୍ଷରୁ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଉଛି। ଏ ସବୁକୁ ଦେଖିଲେ ପୁରୀ ପ୍ରତି ନିଶ୍ଚିତ ବିପଦ ରହିଛି। ତେଣୁ ପୁରୀ ପୁଲିସ ଜିଲ୍ଲାରେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବି ମତ ରଖିଛନ୍ତି। ଅପରପକ୍ଷେ ସନ୍ଦିଗ୍ଧଙ୍କ ଉପରେ ନଜର ରଖିବାକୁ ସବୁ ଥାନାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।



ପୁରୀ ଜିଲ୍ଲାର ଉପକୂଳକୁ ସୁରକ୍ଷା ଦେବା ପାଇଁ ଚାରୋଟି ମେରାଇନ ଥାନା (ଅରଖକୁଦା, ପେଣ୍ଠକଟା, ଚନ୍ଦ୍ରଭାଗା ଏବଂ ଅସ୍ତରଙ୍ଗ) ରହିଛି। ହେଲେ ଥାନାଗୁଡ଼ିକରେ କର୍ମଚାରୀ ଏବଂ ଭିତ୍ତିଭୂମି ଯେପରି ରହିବା କଥା ତାହା ନାହିଁ। ପ୍ରତ୍ୟେକ ଥାନରେ କର୍ମଚାରୀ ମରୁଡ଼ି, ଆତଙ୍କୀ କାର୍ଯ୍ୟକଳାପକୁ ମୁକାବିଲା କରିବା ପାଇଁ ଅତ୍ୟାଧୁନିକ ସୁରକ୍ଷା ଉପକରଣର ଅଭାବ ଏବଂ ପ୍ରଶିକ୍ଷିତ ପୁଲିସ କର୍ମଚାରୀ ଥାନାରେ ନ ଥିବାରୁ ଏହା ବେଶ୍ ଚିନ୍ତାର ବିଷୟ ହୋଇଛି। ମେରାଇନ୍ ଥାନାଗୁଡ଼ିକରେ ଯେତିକି ବ୍ୟବସ୍ଥା ରହିଛି ସେହି ଅନୁଯାୟୀ ପୁଲିସ ତଟ ସୁରକ୍ଷା ପାଇଁ ପ୍ରସ୍ତୁତ ରହିଥିବା ପୁରୀ ପୁଲିସ ପକ୍ଷରୁ କୁହାଯାଇଛି। ସେହିପରି ଜିଲ୍ଲାର ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। କୋଣାର୍କ ସୂର୍ଯ୍ୟମନ୍ଦିର, ଚିଲିକାର ସାତପଡ଼ା, ମଙ୍ଗଳା ମନ୍ଦିର, ଚନ୍ଦ୍ରଭାଗା, ରାମଚଣ୍ଡୀ ଆଦି ବିଭିନ୍ନ ସ୍ଥାନକୁ ପ୍ରତିଦିନ ବହୁ ସଂଖ୍ୟକ ପର୍ଯ୍ୟଟକ ଆସୁଛନ୍ତି। ସେମାନଙ୍କ ମଧ୍ୟରେ କେହି ଯଦି କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜାଇବା ପାଇଁ ଚାହିଁବେ ତେବେ କିଛି ବି ଘଟିପାରେ। ଅନ୍ୟପକ୍ଷରେ ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବଞ୍ଜାରାମାନଙ୍କୁ ଦେଖିବାକୁ ମିଳୁଛି। ସେମାନେ ବାସ୍ତବରେ କିଏ ତାହାର ଖୋଳତାଡ ହେବାର ଆବଶ୍ୟକତା ରହିଛି।

ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ପୁରୀ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏଠାରେ ସବୁବେଳେ କଡ଼ା ସୁରକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି। ସେହିପରି ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ମଧ୍ୟ ପୁରୀ ପୁଲିସର ଗୁଇନ୍ଦା ବିଭାଗ କଡା ନଜର ରଖିଛି। ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଚିହ୍ନଟ କରିବା ପାଇଁ ପୁରୀ ଜିଲ୍ଲାର ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ପୁରୀ ଜିଲ୍ଲାରେ ବାଂଲାଦେଶୀ ବ୍ୟକ୍ତି କେହି ଚିହ୍ନଟ ହୋଇନାହାନ୍ତି।

ସୂଚନାଥାଉ କି, ଦିଲ୍ଲୀ ବିସ୍ଫୋରଣ ପରେ ପୁରୀ ସହର ସମେତ ଶ୍ରୀମନ୍ଦିର, ସମୁଦ୍ର କୂଳ ଏବଂ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ବଢେଇ ଦିଆଯାଇଛି। ପୁରୀ ସହରର ସମସ୍ତ ପ୍ରବେଶ ପଥରେ ଗାଡ଼ିଗୁଡ଼ିକୁ ମଧ୍ୟ ନିୟମିତ ଯାଞ୍ଚ କରାଯାଉଛି। ତେବେ ପୁରୀ ସହର ଏକ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ଏହାର ସୁରକ୍ଷା ପାଇଁ ପୁରୀ ପୁଲିସ ସମସ୍ତ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଦରକାର ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଆଜିଠୁ ଶ୍ରୀମନ୍ଦିରରେ ଦେବ ଦୀପାବଳି

**ପୁରୀ,୧୮।୧୧(ସମିସ):** ବୁଧବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଦେବ ଦୀପାବଳି ଉତ୍ସବ। ଏହା ତିନିଦିନ ଧରି ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ, ମାର୍ଗଶୀର ଅମାବାସ୍ୟା ଓ ମାର୍ଗଶୀର ଶୁକ୍ଳ ପ୍ରତିପଦାରେ ପାଳନ କରାଯିବ। ପ୍ରଥମ ଦିନ ମାର୍ଗଶୀର କୃଷ୍ଣପକ୍ଷ ଚତୁର୍ଦ୍ଦଶୀରେ କଶ୍ୟପ ଓ ଅଦିତିଙ୍କ ଉଦ୍ଦେଶ୍ୟରେ, ଦ୍ୱିତୀୟ ଦିନ ଦଶରଥ ଓ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ,ତୃତୀୟଦିନ ମାର୍ଗଶୀର ଶୁକ୍ଳ ପ୍ରତିପଦା ବସୁଦେବ-ଦେବକୀ, ନନ୍ଦ-ଯଶୋଦା ଓ ଇନ୍ଦ୍ରଦ୍ୟୁମ୍ନ-ଗୁଣ୍ଡିଚାଙ୍କ ଉଦ୍ଦେଶ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରାଦ୍ଧ ଓ ଦୀପଦାନ କରିଥାନ୍ତି। ଏହି ତିନିଦିନ ମହାପ୍ରଭୁଙ୍କ ସ୍ୱତନ୍ତ୍ର ଶ୍ରାଦ୍ଧ ବେଶ ଅନୁଷ୍ଠିତ ହୋଇଥାଏ।

# ମହିଳାଙ୍କୁ ଲୁଟୁଥିବା ୨ ଲୁଟେରା ଗିରଫ

**ପୁରୀ,୧୮।୧୧(ସମିସ):** ମହିଳାଙ୍କୁ ଟାର୍ଗେଟ କରି ସେମାନଙ୍କଠାରୁ ଲୁଟ୍ କରୁଥିବା ୨ ଲୁଟେରାଙ୍କୁ କାବୁ କରିଛି ପୁଲିସ। ଏହି ଦୁଇଜଣଙ୍କ ନାଁରେ ପୁରୀର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଦୀର୍ଘଦିନ ହେବ ଏମାନେ ଲୁଟ୍‌ପାଟ କରୁଥିବା ବେଳେ ଖସିଯିବାକୁ ସକ୍ଷମ ହେଉଥିଲେ। ଏବେ କିନ୍ତୁ ଉଭୟଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି ବୋଲି କହିଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ବିଶେଷକରି ଏମାନେ ମହିଳାମାନଙ୍କୁ ଟାର୍ଗେଟ କରୁଥିଲେ। ଏହି ଦୁଇ ଲୁଟେରାଙ୍କୁ ଅଟକ ରଖାଯାଇ ଅଧିକ ପଚରା ଉଚରା କରାଯାଉଛି। ଖୁବଶୀଘ୍ର ଏମାନଙ୍କ କଳାକାରନାମାର ପର୍ଦ୍ଦାଫାଶ କରାଯିବ। ଦୁଇ ଜଣଙ୍କ ବିରୋଧରେ ପୁଲିସକୁ ଅନେକ ତଥ୍ୟ ମିଳିଛି। ସେମାନଙ୍କ ନାଁରେ ୪ରୁ ଅଧିକ ଥାନା ଅଞ୍ଚଳରେ ଲୁଟ୍‌ପାଟ ଓ ଛିନ୍‌ତାଇ ମାମଲା ରହିଛି। ସେମାନଙ୍କ ସହ ଅନ୍ୟ କେଉଁମାନେ ସାମିଲ ଅଛନ୍ତି ସେ ନେଇ ତଦନ୍ତ ଚାଲିଛି। ଏମାନେ ଟାଉନ ଥାନା, କୁମ୍ଭାରପଡ଼ା, ସମୁଦ୍ରକୂଳ ଓ ବଳିଆପଣ୍ଡା ଥାନା ଅଞ୍ଚଳରେ ଲୁଟ୍‌ପାଟ କରୁଥିଲେ। ଦୁଇ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବିଭିନ୍ନ ଥାନାର ଅଧିକାରୀଙ୍କୁ ନେଇ ଟିମ୍ ଗଠନ କରାଯାଇଥିଲା।

ଶେଷରେ ପୁଲିସ ଉଭୟଙ୍କୁ କାବୁ କରିବାରେ ସଫଳ ହୋଇଛି। ଏମାନେ ବିପୁଳ ମାତ୍ରାରେ ଭ୍ୟାନିଟ ବ୍ୟାଗ, ମୋବଇଲ ଫୋନ୍ ଲୁଟ୍ କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କଠାରୁ ୫ଟି ଭ୍ୟାନିଟ୍, ୮ଟି ଦାମୀ ମୋବାଇଲ ଫୋନ, ୧୦ ହଜାର ଟଙ୍କା, ଛୁରୀ, ଗୋଟିଏ ହଣ୍ଟର ବାଇକ୍ ଜବତ କରାଯାଇଛି। ଅଭିଯୁକ୍ତଙ୍କ ନାଁରେ ଟାଉନ ଥାନାରେ ୨ଟି ମାମଲା, କୁମ୍ଭାରପଡ଼ା, ସମୁଦ୍ରକୂଳ, ବଳିଆପଣ୍ଡା ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ପୁଲିସ ବର୍ତ୍ତମାନ ଏହି ଦୁଇ ଅଭିଯୁକ୍ତ ନା ଗୋପନ ରଖି ଅଧିକ ତଦନ୍ତ ଚଳାଇଛି। ଏମାନଙ୍କ ସହ ଆଉ କେଉଁମାନେ ସାମିଲ ଅଛନ୍ତି ସେ ନେଇ ତଦନ୍ତ ପରେ ସ୍ପଷ୍ଟ କରାଯିବ ବୋଲି ଏସ୍‌ପି ଶ୍ରୀ ସିଂ ପତିକ୍ରିୟା ରଖିଛନ୍ତି।

# ପୁରୀ ଜିଲ୍ଲା ଟେବୁଲ ଟେନିସ୍ ପ୍ରତିଯୋଗିତା

**ପୁରୀ,୧୮।୧୧(ସମିସ):** ପୁରୀ ଜିଲ୍ଲା ଟେବୁଲ ଟେନିସ୍ (ଟିଟି) ଆସୋସିଏଶନ ଆନୁକୁଲ୍ୟରେ ବାଲିଗୁଆଳିସ୍ଥିତ ଟିଟି ଏକାଡେମୀ ହଲ୍‌ରେ ଜିଲ୍ଲା ଟେବୁଲ ଟେନିସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ୨୫ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ୧୧ ବର୍ଷରୁ କମ୍ ବାଳକ ବିଭାଗରେ ଆରିୟର ମହାନ୍ତି ପ୍ରଥମ, ଏସ୍.କେ. ରିଷଭ ଦ୍ୱିତୀୟ, ସିବାଂଶ ପଟ୍ଟନାୟକ ଓ ରିଦ୍ଧୀସ ମହାନ୍ତି ତୃତୀୟ ସ୍ଥାନ ହାସଲ କରିଥିଲେ। ୧୩ ବର୍ଷରୁ କମ୍ ବାଳକ ବିଭାଗରେ ଆରିୟନ ମହାନ୍ତି ପ୍ରଥମ, ପ୍ରତିକ୍ କୁମାର ମଲ୍ଲିକ ଦ୍ୱିତୀୟ, ଅଭିଜିତ ମହାପାତ୍ର ଓ ଆୟୁଷ ସାସ୍‌ମଲ ତୃତୀୟ ହୋଇଥିଲେ। ୧୩ବର୍ଷରୁ କମ୍ ବାଳିକା ବିଭାଗରେ ଶ୍ରୀତିଯା ଚୌଧୁରୀ ପ୍ରଥମ, ଅନୋଖି ମହାନ୍ତି ଦ୍ୱିତୀୟ, ଗାୟତ୍ରୀ ପଟ୍ଟନାୟକ ଓ ମିତ୍ ପୂଜାପଣ୍ଡା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ସିନିଅର ପ୍ରୋଗ୍ରାମ ଅଫିସର ରାଜ୍ୟ କ୍ରୀଡା ଓ



ଯୁବ ବ୍ୟାପାର ବିଭାଗର ହରେଶ କୁମାର ମିଶ୍ର, ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ରବୀନ୍ଦ୍ର ନାଥ ସେନାପତି, ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ସଂଗ୍ରାମ କେଶରୀ ରଥ, ଆଡଭୋକେଟ ଶ୍ରୀପ୍ରକାଶ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ପାଦକ ଡ. ବିମଳ ପ୍ରସାଦ ମହାନ୍ତି ବିବରଣୀ ପାଠ କରିଥିଲେ। ଡା. କୁମାର ଅରୋଜ୍ୟୋତି ସଭା ପରିଚାଳନା କରିଥିଲେ। ରଞ୍ଜିତ ବାରିକ୍ ଅମ୍ପାୟାର କାର୍ଯ୍ୟ ତୁଲାଇ ଥିଲେ। ଶ୍ୟାମଲ କୁଣ୍ଡୁ, ବିବେକାନନ୍ଦ ପ୍ରଧାନ, ସତ୍ୟଜିତ ମହାନ୍ତି, ଅନୁପ ମିତ୍ର, ଅଭିଜିତ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଆଇଏମ୍‌ଟି ଫାର୍ମାସୀ କଲେଜରେ ଜାତୀୟ ଫାର୍ମାସୀ ସପ୍ତାହ




**ପୁରୀ,୧୮।୧୧(ସମିସ):** ସ୍ଥାନୀୟ ଗୋପଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜରେ ୬୪ତମ ଜାତୀୟ ଫାର୍ମାସୀ ସପ୍ତାହ ଚଳିତ ମାସ ୧୬ରୁ ଆରମ୍ଭ ହୋଇ ୨୨ ତାରିଖ ପାଳନ କରାଯାଉଛି। ଏହି ଅବସରରେ ପ୍ରଥମେ ଛାତ୍ରଛାତ୍ରୀମାନେ ଏକ ସ୍ୱାସ୍ଥ୍ୟ ସଚେତନତା ପଦଯାତ୍ରା ଆୟୋଜନ କରିଥିଲେ। ନିକଟସ୍ଥ ଗୋପାଳପୁର, ସମଗରା, ନୂଆସାହି ଅଞ୍ଚଳର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ନିରାପତ୍ତା ଓ ଟିକାକରଣ ବିଷୟରେ ଛାତ୍ରଛାତ୍ରୀମାନେ ସଚେତନ କରାଇଥିଲେ। ଏହି ପଦଯାତ୍ରାକୁ ଅଧ୍ୟାପକ ଦେବଦତ୍ତ ସାହୁ, ଦେବାଶିଷ ଦାସ, ପାର୍ଥସାରଥୀ ପାତ୍ର, ପ୍ରସାଦ ମହାପାତ୍ର, ବିଷ୍ଣୁପ୍ରିୟା ଜ୍ୟୋତିଷ ଆଦି ପରିଚାଳନା କରିଥିଲେ। ମଙ୍ଗଳବାର କଲେଜ ପ୍ରେକ୍ଷାଳୟରେ ଆୟୋଜିତ ସଭାକୁ ମୁଖ୍ୟଅତିଥି ଭାବେ ସମ୍ବୋଧିତ କରିଥିଲେ ପୁରୀଜିଲ୍ଲା ଟିକା ଓ ଯୋଗାଣ ପ୍ରବନ୍ଧକ ତ୍ରିଲୋଚନ ପରିଡା। ସେ ଟିକା, ଏହାର ଆବଣ୍ଟନ, ସଂରକ୍ଷଣ ଓ ସଚେତନତା ବିଷୟରେ ଛତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ।

ଏଥିରେ ସଭାପତିତ୍ୱ କରି କଲେଜର ପ୍ରଶାସନିକ ନିର୍ଦ୍ଦେଶକ ମନୋଜ କୁମାର ରଥ ଫାର୍ମାସୀ ବୃତ୍ତି, ଶିକ୍ଷା, ବ୍ୟବସାୟର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କାରିଥିଲେ। ସଭାରେ ପ୍ରାସଙ୍ଗିକ ବିଷୟ "ପ୍ରତିଷେଧକ ଟୀକାର ସମର୍ଥକ ରୂପରେ ଫାର୍ମାସିଷ୍ଟ' ସମ୍ବନ୍ଧରେ କହିଥିଲେ ଅନୁଷ୍ଠାନର ଶୈକ୍ଷିକ ନିର୍ଦ୍ଦେଶକ ଡ. ଅନ୍ନଦା ପ୍ରସାଦ ମହାପାତ୍ର ଓ ଅଧ୍ୟକ୍ଷ ଡ. ଅଗ୍ନିମିତ୍ର ଦିଣ୍ଡା। ଏହି ଅବସରରେ ଉପସ୍ଥିତ ଥିଲେ ବିତ୍ତୀୟ ନିର୍ଦ୍ଦେଶିକା ଦେବସ୍ମିତା ରଥ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଥିଲେ ଉପାଧ୍ୟକ୍ଷ ଡ. ତୁଷାର ରଞ୍ଜନ ମହାପାତ୍ର, ବିଭାଗ ମୁଖ୍ୟ ତଥା ପ୍ରାଧ୍ୟାପକ ଡ. ନିଗମଜ୍ୟୋତି ମାଇତି, ସମୀର ପାତ୍ର ଓ ଜଗନ୍ନାଥ ମିଶ୍ର। ଅଧ୍ୟାପିକା ଜ୍ୟୋତିର୍ମୟୀ ଦାଶ ସଭା ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ବର୍ଷା ପଲେଇ।

# ନର୍ସିଂ ଶିକ୍ଷା ସମ୍ପର୍କୀୟ ଆଲୋଚନା



**ପୁରୀ,୩୦।୧୧(ସମିସ):** ନର୍ସିଂ ନିର୍ଦ୍ଦେଶାଳୟ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଳିତ ଆନୁକୂଲ୍ୟରେ ତଥା ସରକାରୀ ସହକାରୀ ନର୍ସିଂ ମିଡୱାଇଫ ତାଲିମ କେନ୍ଦ୍ର (ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର) ପୁରୀର ସହଭାଗିତାରେ ରାଜ୍ୟସ୍ତରୀୟ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡାକ୍ତର ବିଜୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ନର୍ସିଂ ନିର୍ଦ୍ଦେଶକ ଡାକ୍ତର ରାଜ୍ୟଶ୍ରୀ ପଟ୍ଟନାୟକ ଓ ଡାକ୍ତର ଅମରେନ୍ଦ୍ର ସ୍ୱାଇଁ ମଧ୍ୟ ଉପସ୍ଥିତ ରହି ନିଜର ଅଭିଭାଷଣ ରଖିଥିଲେ। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. କୌଶିକ ଘୋଷ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ ଏବଂ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ।

ଏହି କର୍ମଶାଳାର ମୁଖ୍ୟ ପ୍ରସଙ୍ଗ ନର୍ସିଂ ଶିକ୍ଷା ଏବଂ ସେବାରେ ନେତୃତ୍ୱର ବିସ୍ତାର ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାପରେ କାର୍ଯ୍ୟଭାର ଚାପ ପରିଚାଳନା, ଗୁଣବତ୍ତା ସେବା ବିଷୟରେ ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। କର୍ମଶାଳାରେ ଜାତୀୟସ୍ତର, ରାଜ୍ୟସ୍ତରର ଅନେକ ବିଖ୍ୟାତ ଶିକ୍ଷାବିତ୍ (ନର୍ସିଂ ଶିକ୍ଷା) ତଥା ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକାମାନେ ମଧ୍ୟ ଯୋଗଦେଇ ନର୍ସିଂ ଶିକ୍ଷା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ସମସ୍ତ ଜିଲ୍ଲାର ନର୍ସିଂ ଶିକ୍ଷା ବିଜ୍ଞାନରେ ସ୍ନାତକ ଏବଂ ନର୍ସିଂ ଶିକ୍ଷା ବିଜ୍ଞାନରେ ମାଷ୍ଟର ଡିଗ୍ରୀର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଉପଢୌକନ ସହିତ ପୁରସ୍କୃତ କରାଯିବା ସହିତ ସମସ୍ତଙ୍କୁ ଉତ୍ସାହିତ କରାଯାଇଥିଲା। ପୁରୀ ନର୍ସିଂ ମିଡୱାଇଫ ତାଲିମ କେନ୍ଦ୍ରର ଅଧ୍ୟାପିକାମାନେ କର୍ମଶାଳାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଶେଷରେ ସରକାରୀ ସହକାରୀ ନର୍ସ ମିଡୱାଇଫ ତାଲିମ କେନ୍ଦ୍ରର ଅଧ୍ୟକ୍ଷା ନୟନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ

# 'ଅର୍ଥନୀତି ସୁଦୃଢ଼ୀକରଣରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ପୁରୀ,୧୮।୧୧(ସମିସ):** ଟାଉନ ହଲ୍ ପରିସରରେ ମଙ୍ଗଳବାର ସମବାୟ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲ୍ଲାସ୍ତରୀୟ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅର୍ଥନୀତି ସୁଦୃଢୀକରଣରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ ଓ ସଶକ୍ତ କରିବାରେ ସମବାୟ ସମିତିର ଭୂମିକା ସର୍ବଦା ଗୁରୁତ୍ୱ ବହନ କରି ଆସିଛି। କୃଷକମାନଙ୍କୁ ବିବିଧ ସରକାରୀ ଯୋଜନାରେ ସାମିଲ କରିବା, ସେମାନଙ୍କ ଆବଶ୍ୟକତା ଅନୁସାରେ କମ୍ ସୁଧରେ ଋଣ ପ୍ରଦାନ, ସେମାନଙ୍କ ଉତ୍ପାଦର ସଠିକ ବିକ୍ରି ବ୍ୟବସ୍ଥା ଉପରେ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପୂର୍ବରୁ ବ୍ୟବସାୟୀମାନେ କମ୍ ଦାମରେ ଚାଷୀମାନଙ୍କଠାରୁ ସେମାନଙ୍କ ଉତ୍ପାଦକ ନେଇ ଯାଉଥିଲେ। କିନ୍ତୁ ବର୍ତ୍ତମାନ ସମୟରେ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦକର ସଠିକ ମୂଲ୍ୟ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଉଛି, ଯାହା ସେମାନଙ୍କ ହକ୍ ବୋଲି ଶ୍ରୀ ବେହେରା କହିଥିଲେ। ଉପ ଜିଲ୍ଲାପାଳ ରାଜ କିଶୋର ଜେନା ସମବାୟ ଆନ୍ଦୋଳନର ଇତିହାସ ସମ୍ପର୍କରେ ଆଲୋଚନା କରିବା ସହ ଧାନ ସଂଗ୍ରହ ସମୟରେ ନିରପେକ୍ଷତା ବଜାୟ ରଖିବା, ମଣ୍ଡିଗୁଡିକର ଭିତ୍ତିଭୂମିକୁ ସୁଦୃଢ଼ କରିବା, ପାକ୍ସ କୃଷକମାନଙ୍କୁ ସହଯୋଗ କରିବା ପାଇଁ ମତବ୍ୟକ୍ତ କରିଥିଲେ।

ପୁରୀ ନିମାପଡା ସମ୍ମିଳିତ ବ୍ୟାଙ୍କ ସଭାପତି କିଶୋର କୁମାର ଛୋଟରାୟ ସମବାୟ ସମିତିକୁ ଅଧିକ କ୍ରିୟାଶୀଳ କରିବା, ସମସ୍ତଙ୍କ ସହଯୋଗ ନେବା, ନିର୍ବାଚିତ ସମବାୟ ପ୍ରତିନିଧିମାନଙ୍କୁ ଉପଯୁକ୍ତ ସମ୍ମାନ ଓ ପରାମର୍ଶ ନେବା ସମ୍ପର୍କରେ ଆଲୋକପାତ କରିଥିଲେ।

ଡିଆରସିଏସ୍ ସୁନୀତା ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାବାର୍ଡର ଡିଡିଏମ୍ ସସ୍ମିତା ପୃଷ୍ଟି, ବ୍ୟାଙ୍କ ସମୂହର ସିଇଓ ବନଶ୍ରୀ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ହସ୍ତଶିଳ୍ପର ଉପ ନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି, ଅତିରିକ୍ତ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗଦେଇ ସମବାୟ ଆନ୍ଦୋଳନର ଆବଶ୍ୟକତା, ଆତ୍ମନିର୍ଭର ଭାରତ ପାଇଁ ସମବାୟର ଯୋଗଦାନ, କୃଷକ, ପାକ୍ସମାନଙ୍କର ସମସ୍ୟା ଓ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଓ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ବିଭିନ୍ନ ସମବାୟ ସମିତିର କର୍ମକର୍ତ୍ତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଞ୍ଚାଳକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।




# କୋଣାର୍କ ଉତ୍ସବ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଏସ୍‌ପି

**କୋଣାର୍କ,୧୮।୧୧(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ଡିସେମ୍ବର ୧ରୁ ୫ତାରିଖ ମୁକ୍ତାକାଶ ରଙ୍ଗମଞ୍ଚରେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ଅନୁପମ ସମାରୋହ କୋଣାର୍କ ଉତ୍ସବ ଏବଂ ଚନ୍ଦ୍ରଭାଗା ସ୍ୱର୍ଣ୍ଣିମ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଆୟୋଜିତ ହେବ। ପର୍ଯ୍ୟଟକଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ପୁରୀ ଏସ୍‌ପି ପ୍ରତୀକ ସିଂ ସ୍ଥାନୀୟ ଯାତ୍ରୀନିବାସଠାରେ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରିବା ସହିତ ସୂର୍ଯ୍ୟମନ୍ଦିର ପାରିପାର୍ଶ୍ୱିକ ପରିବେଶ ଓ ଚନ୍ଦ୍ରଭାଗା ବେଳାଭୂମି ପରିଦର୍ଶନ କରିଛନ୍ତି। ଆୟୋଜିତ ବୈଠକରେ ହୋଟେଲ ଆସୋସିଏସନର କର୍ମକର୍ତ୍ତା ଓ ବିଭିନ୍ନ ବର୍ଗର ବ୍ୟବସାୟୀ, ଗାଇଡ୍, ଫଟୋଗ୍ରାଫର ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ। ଉତ୍ସବରେ ଆଗନ୍ତୁକମାନଙ୍କ ରହଣି, ସୁସ୍ଥ ପରିବେଶ, ଅଗ୍ନି ନିରାପତ୍ତା, ଜରୁରୀକାଳୀନ ପୋଲିସ ସହାୟତା ନମ୍ବର ୧୧୨ର ବ୍ୟବହାର ସଂପର୍କରେ ସଚେତନତା, କୋଣାର୍କ ଓ ଚନ୍ଦ୍ରଭାଗାର ପ୍ରମୁଖ ଜନଗହଳି ସ୍ଥାନରେ ସିସି ଟିଭି ବ୍ୟବସ୍ଥା, ଗାଡ଼ି ପାର୍କିଂ, ଅହୋରାତ୍ର ପୁଲିସ ପାଟ୍ରୋଲିଂ ଓ ଟ୍ରାଫିକ ପରିଚାଳନା ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୈଠକରେ ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାତ୍ରୀ, ଗୋପ ତହସିଲଦାର, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟକୁମାର ସେଠୀ, କୋଣାର୍କ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ରାମଚଣ୍ଡୀ ଥାନାଧିକାରୀ , ଚନ୍ଦ୍ରଭାଗା ମେରାଇନ ଥାନାଧିକାରୀ, ହୋଟେଲ ଆସୋସିଏସନର ସଭାପତି ସୁବାସ ନାୟକ ଓ ଆମ ପୁଲିସ୍ ସଭାପତି ରାମକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଭୋଟ ଚୋରିକୁ ନେଇ ଯୁବ କଂଗ୍ରେସର ପୋଷ୍ଟର ଲଗା ଅଭିଯାନ

**ପୁରୀ,୧୮।୧୧(ସମିସ):** ଭୋଟ ଚୋରି ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ପୁରୀ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ପୋଷ୍ଟର ଲଗା ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶଙ୍କ ନେତୃତ୍ୱରେ ବହୁ ଯୁବ କଂଗ୍ରେସ କର୍ମୀ ଭିଆଇପି ରୋଡରୁ ମୋଟରସାଇକେଲ ଶୋଭାଯାତ୍ରାରେ ବାହାରି ସହରର ବିଭିନ୍ନ ଜାଗାରେ ଭୋଟ ଚୋରଙ୍କ ବିରୋଧରେ ସଚେତନ ପୋଷ୍ଟର ଲଗାଇଥିଲେ। ଏହି ଅବସରରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ଦାଶ କହିଛନ୍ତି, ଗଣତନ୍ତ୍ର ଆଜି ବିଜେପି ସରକାର ଦ୍ୱାରା ବିପଦରେ। ମହାରାଷ୍ଟ୍ର ପରେ ହରିୟାଣା ଓ ଏବେ ବିହାରର ଖୋଲା ଚିଠା ଦର୍ଶାଇଛି କିଭଳି ଲୋକତନ୍ତ୍ର ବ୍ୟବସ୍ଥାର ହତ୍ୟା କରୁଛି ବିଜେପି ସରକାର। ବିହାର ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି। ଅନେକ ଜାଗାରେ ଭୋଟର ବୁଥ୍‌ରେ ପହଞ୍ଚିଲା ପରେ ତାଙ୍କ ଭୋଟ କେହି ଦେଇଥିବା ସେମାନେ ଜାଣିବାକୁ ପାଇଛନ୍ତି। ସେହିଭଳି ଅନେକ କେନ୍ଦ୍ରରେ ଭୋଟ ଅନ୍ୟ ଦଳକୁ ଦେଲେ ତାହା ବିଜେପିକୁ ଯାଉଥିବା ଦେଖିବାକୁ ମିଳିଥିଲା। ଏମିତି ନାନା ପ୍ରକାର ଅନିୟମିତତା ହୋଇଥିଲା। ହେଲେ ନିର୍ବାଚନ କମିଶନ ଆଜି ପର୍ଯ୍ୟନ୍ତ ଏହାର ତଦନ୍ତ କରିନାହାନ୍ତି କି କରିବାକୁ କହୁନାହାନ୍ତି। କେବଳ ବିହାର ନୁହେଁ, ଓଡ଼ିଶାର ନୂଆପଡାରେ ବି ଏହିଭଳି ଘଟଣା ଘଟିଛି। ବିରୋଧ ଦଳ ନେତା ରାହୁଲ ଗାନ୍ଧୀ ଦେଶର ଗଣତନ୍ତ୍ରକୁ ବିପଦରେ ପକାଇ କିଭଳି ଭୋଟ ଚୋରି କରୁଛି ବିଜେପି ସରକାର ତା'ର ପ୍ରମାଣ ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହାର ଉତ୍ତର ନିର୍ବାଚନ କମିଶନ ଦେଉନାହାନ୍ତି। ଆର୍‌ଟିଆଇରେ ବି ତଥ୍ୟ ଦେଉନାହାନ୍ତି। ୨୦୨୩ରେ ଚୋରିକୁ ଲୁଚାଇବା ପାଇଁ ବିଜେପି ସରକାର ନର୍ବାଚନ କମିଶନ ବିରୋଧରେ କେହି ପ୍ରଶ୍ନ ଉଠାଇ କୋର୍ଟ ଯାଇପାରିବେ ନାହିଁ ବୋଲି ନିୟମ କଲେ। ଏହାର ଅର୍ଥ ସିଧା କହିବାକୁ ଗଲେ ଗଣତନ୍ତ୍ରର ହତ୍ୟା କରୁଛି ମୋଦି ସରକାର। ଏ ନେଇ ପୁରୀରେ ଜନ ସଚେତନ ଭୋଟ ଚୋରି କାର୍ଯ୍ୟକ୍ରମ ଯୁବ କଂଗ୍ରେସ ପକ୍ଷରୁ କରାଯାଇଛି ବୋଲି ଶ୍ରୀ ଦାଶ ଅଭିଯୋଗ କରିଛନ୍ତି।




ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଓବିସି ପୁରୀ ଜିଲ୍ଲା ସଭାପତି ରଶ୍ମୀକାନ୍ତ ସାହୁ, ପୁରୀ ବିଧାନସଭା ଯୁବ କଂଗ୍ରେସ ସଭାପତି ମନୋଜ ମଣ୍ଡଳ, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ଅନିଲ ବେଜ୍‌ଙ୍କ ସହ ଶତାଧିକ ଯୁବ କଂଗ୍ରେସ କର୍ମୀ ସାମିଲ ଥିଲେ।

# କର୍କଟ ପୀଡ଼ିତା ଛାତ୍ରୀଙ୍କୁ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ଆର୍ଥିକ ସହାୟତା



କେନ୍ଦ୍ରାପଡ଼ା,୧୮।୧୧(ସମିସ): କର୍କଟ ପୀଡ଼ିତ ଦଶମ ଶ୍ରେଣୀ ଛାତ୍ରୀ ଚିନ୍ମୟୀ ସାହୁଙ୍କ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛି। କେନ୍ଦ୍ରାପଡ଼ାର ନହଙ୍ଗ ଗ୍ରାମର ଦୀପ୍ତି ସାହୁଙ୍କ ଏକମାତ୍ର ଝିଅ ଚିନ୍ମୟୀ କର୍କଟରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଗରିବ ପରିବାର ହେତୁ ଚିକିତ୍ସା ବ୍ୟୟ ବହନ କରିବା କଷ୍ଟକର ହୋଇଛି। ସେମାନେ ବ୍ୟାଙ୍କକୁ ସହାୟତା ପାଇଁ ଅନୁରୋଧ କରିଥିଲେ। ପରିବାରର ଅନୁରୋଧ ଉପରେ ବ୍ୟାଙ୍କ ସଭାପତି ତୁରନ୍ତ ପଦକ୍ଷେପ ନେବାକୁ ସିଇଓଙ୍କୁ ୫ ହଜାର ଟଙ୍କା ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ପୀଡ଼ିତାଙ୍କ ମାତାଙ୍କୁ ଏକ ଚେକ୍ ପ୍ରଦାନ କରିଥିଲେ।

ଏହି ଅବସରରେ ବ୍ୟାଙ୍କର ଜେନେରାଲ ମ୍ୟାନେଜର ରାଜୀବ ଲୋଚନ ପଣ୍ଡା, ସୁରେଶ ପରିଡ଼ା, ଭଞ୍ଜକିଶୋର ଜେନା, ତ୍ରିଲୋଚନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଶୁଭଶ୍ରୀଙ୍କୁ ସମ୍ବର୍ଦ୍ଧନା



ରାଜନଗର,୧୮।୧୧(ସମିସ): ସଦର ମହକୁମାସ୍ଥ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଉପଶାସ୍ତ୍ରୀ (+୨) ଛାତ୍ରୀ ଶୁଭଶ୍ରୀ ବେହେରାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ନିକଟରେ ଅନୁଷ୍ଠିତ ହୋଇଯାଇଥିବା ରାଜ୍ୟସ୍ତରୀୟ ସୁରଭି ସଙ୍ଗୀତ ପ୍ରତିଯୋଗିତାରେ ଶୁଭଶ୍ରୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡଃ ଘନଶ୍ୟାମ ମିଶ୍ରୀ, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅଧ୍ୟାପକ ନିହାର ପରିଡା, ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ, କାର୍ଯ୍ୟାଳୟ ପ୍ରମୁଖ ଅରୁଣ ରାଉତ, ଦୟାନିଧି ସାହୁଙ୍କ ସହ ଛାତ୍ରଛାତ୍ରୀ ଉପସ୍ଥିତ ରହି ଶୁଭଶ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଆଦର୍ଶ ଗାଁରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ରାଏତୁଣ୍ଡି ବିଦ୍ୟାଳୟର ପାଚେରି ଓ ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ଗୃହ

ପଞ୍ଚୁପାଣ୍ଡବ,୧୮।୧୧(ସମିସ)

ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଏତୁଣ୍ଡି ଗ୍ରାମ ଆଦର୍ଶ ଗାଁ ଥିବାବେଳେ ଶିକ୍ଷା ବିଭାଗ ପକ୍ଷରୁ ଅବହେଳା ହୋଇଥିବା ଦେଖିବାକୁ ମିଳୁଛି। ରାଏତୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ ପାଚେରି ନ ଥିବାବେଳେ ଅଙ୍ଗନବାଡି କେନ୍ଦ୍ରର ଗୃହ ନ ଥିବା ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ପାଇଁ କୋଟି କୋଟି ଟଙ୍କା ଆସୁଥିବାବେଳେ ଏ ବିଦ୍ୟାଳୟରେ ଏଭଳି କିଛି ଆଖିଦୃଶିଆ କାମ ଦେଖିବାକୁ ମିଳୁନାହିଁ।



ବିଦ୍ୟାଳୟରେ ପାଚେରି ନ ଥିବାରୁ ଗୋରୁଗାଈ ଭିତରକୁ ପଶି ଯାଉଥିବାବେଳେ ନଳକୂପ ଏକ ପ୍ରକାର ଅଚଳ ହୋଇପଡ଼ିଥିବା ଶିକ୍ଷୟିତ୍ରୀ ଉର୍ମିଳା ସାହୁ କହିଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୫ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ସ୍ଥାୟୀ ପ୍ରଧାନଶିକ୍ଷକ ନ ଥିବାବେଳେ ଦୁଇଜଣ ଶିକ୍ଷୟିତ୍ରୀ ଅଛନ୍ତି। ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ କୁନିକୁନି ପିଲା ପଢୁଥିବାବେଳେ ସ୍ଥାୟୀ ଘର ନ ଥିବାରୁ ପିଲାମାନେ ବାରଣ୍ଡାରେ ପାଠ ପଢୁଥିଲେ। ଏ ଖବର ଗଣମାଧ୍ୟମରେ ପ୍ରସାରଣ ପରେ ପୂର୍ବତନ ବିଇଓ ଶ୍ରୀକାନ୍ତ ବେହେରାଙ୍କ ପରାମର୍ଶକ୍ରମେ ଏହି ପ୍ରାଥମିକ ବିଦ୍ୟାଳୟର ଏକ କୋଠରୀ ଦିଆଯାଇଥିଲା। ଅଙ୍ଗନବାଡିର ନିଜସ୍ୱ ଗୃହ ନ ଥିବାରୁ କୁନି କୁନି ପିଲାଙ୍କ ପାଇଁ ଆସୁଥିବା ଚେୟାର, ଟେବୁଲ, ଖେଳଣା ଓ ବିଭିନ୍ନ ପ୍ରକାରର ଜିନିଷ ପତ୍ରରୁ ବଞ୍ଚିତ ଥିବା ଅଭିଯୋଗ ହେଉଛି। ପାଠପଢ଼ା ଠିକ୍ ଭାବେ ହେଉ ନ ଥିବା ଅଞ୍ଚଳବାସୀ କହିଛନ୍ତି। ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରର ଘର ସମସ୍ୟାକୁ ନେଇ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଥିଲେ ସୁଦ୍ଧା କେହି ସମସ୍ୟାକୁ ସମାଧାନ କରୁ ନ ଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ବିଦ୍ୟାଳୟ ଚାରିପଟେ ପାଚେରୀ ସହ ନଳକୂପ ବସାଇବା ଓ ଅଙ୍ଗନବାଡ଼ି କେନ୍ଦ୍ରର ନୂତନ ଗୃହ ନିର୍ମାଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

● କେନ୍ଦ୍ରାପଡ଼ା କଲେଜରେ ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହ

# ସଡ଼କ ସୁରକ୍ଷାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା



କେନ୍ଦ୍ରାପଡ଼ା,୧୮।୧୧(ସମିସ):କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସହଯୋଗରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବ ରେଡକ୍ରସ ୟୁନିଟ୍ ପକ୍ଷରୁ "ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହ' ଅବସରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ରେଡକ୍ରସ ପରାମର୍ଶଦାତା ଓ ଜିଲ୍ଲା ରେଡକ୍ରସ ସମ୍ପାଦକ ଅଧ୍ୟାପକ ବିକାଶ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟକ୍ଷ ପ୍ରାଧ୍ୟାପକ ଶାନ୍ତନୁ ଜେନା ସ୍ୱାଗତ ଭାଷଣ ରଖିଥିଲେ। ଆଇକ୍ୟୁଏସି ସଂଯୋଜିକା ଡା. ଦୀପ୍ତି ରାୟ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର ସଡ଼କ ସୁରକ୍ଷା ନିୟମ ଅନୁସରଣର ପ୍ରାସଙ୍ଗିକତା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ମୋଟର ଯାନ ନିରୀକ୍ଷକ ଶ୍ରୀକାନ୍ତ ଟୁଡୁ ଓ ଟ୍ରାଫିକ ଇନ୍ସପେକ୍ଟର ରାଜନାରାୟଣ ସ୍ୱାଇଁ ସଡ଼କ ସୁରକ୍ଷା ନେଇ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜଣାଇଥିଲେ।

ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଡ଼କ ସୁରକ୍ଷା ବିଷୟକ ପ୍ରତିଯୋଗିତା ଆୟୋଜିତ ହେବା ସହିତ ସଡ଼କ ସୁରକ୍ଷାକୁ କେନ୍ଦ୍ର କରି ଏକ ନାଟକ ମଞ୍ଚସ୍ଥ କରାଯାଇଥିଲା। ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମନୋଜ ଲେଙ୍କା, ଭବାନୀ ଶଙ୍କର ପ୍ରଧାନ, ଉମେଶ ଆଚାର୍ଯ୍ୟ, ପ୍ରତିଭା ରାୟ, ଅର୍ପିତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ

ଡେରାବିଶ,୧୮।୧୧(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ଶାଖା ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶ୍ରମିକ ମନୋଜ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ବିଷୟରେ ଆଲୋକପାତ କରିଥିଲେ। ଏଥିସହିତ ମହିଳା ନିର୍ମାଣ ଶ୍ରମିକଙ୍କୁ ଶ୍ରମ ବିଭାଗ ପକ୍ଷରୁ ଗତ ପାଞ୍ଚବର୍ଷ ହେବ ଶ୍ରମ ପରିଚୟ ପତ୍ର ଦିଆଯାଉ ନ ଥିବାରୁ ସେମାନେ ଶ୍ରମ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନିରାଶ ହେବା ସହିତ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବା କହିଥିଲେ। ମହିଳା ନିର୍ମାଣ ଶ୍ରମିକଙ୍କ ସମସ୍ୟା, ଝିଅ ବିଭାଘର ରାଶି ପାଇବା ପାଇଁ ଆବେଦନର ସମାଧାନ କରାନଗଲେ ନିର୍ମାଣ ଶ୍ରମିକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ହୃଷିକେଶ ଧଳ, ଚନ୍ଦ୍ରମଣି ପ୍ରଧାନ, ଅନିରୁଦ୍ଧ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିବାବେଳେ ହରିହର ମାହାଳି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ 'ସୁରଭି' ତର୍କ ପ୍ରତିଯୋଗିତାରେ ସୌମ୍ୟ ପ୍ରଥମ



ରାଜନଗର,୧୮।୧୧(ସମିସ): ଶିଶୁ ଦିବସ ଅବସରରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦଯାପନୀ ଉତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲା ପକ୍ଷରୁ ରାଜନଗର ବ୍ଲକ ଅନ୍ତର୍ଗତ ଓସ୍ତିଆ ବନ୍ଧପଟଣା ନୋଡାଲ ଉଚ୍ଚବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ପ୍ରଧାନ ବରିଷ୍ଠ ବର୍ଗ ତର୍କ ପ୍ରତିଯୋଗିତାରେ ପ୍ରଥମ, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଛାତ୍ରୀ ଗାୟତ୍ରୀ ନାୟକ ସୁପର ବରିଷ୍ଠ ବର୍ଗ ପ୍ରବନ୍ଧ ଲିଖନରେ ଦ୍ୱିତୀୟ ଓ ସିଡବ୍ଲୁଏସଏନ ସୁପର ବରିଷ୍ଠ ବର୍ଗ ସଂଗୀତ ବିଭାଗରେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଛାତ୍ରୀ ଶୁଭଶ୍ରୀ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ, ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ବିଆରସିସି ଭକ୍ତିଲତା ବାରିକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ଜେନା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଶିବପ୍ରସାଦ ବେହେରା, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ ସେଠୀ, ପଞ୍ଚସଖା ଶିକ୍ଷାସେତୁ ସଂଗଠନ ସଭାପତି ବୈବ୍ରତ ନାରାୟଣ ବିଶ୍ୱାଳ, ଶିକ୍ଷକନେତା ହେମନ୍ତ ବାରିକ, ପ୍ରଶାନ୍ତ ଜେନା ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ରାଜନଗର ଅଞ୍ଚଳର ବହୁ ଶିକ୍ଷାବିତ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବଡ଼କୁଳର ଯୁବ ବ୍ୟବସାୟୀଙ୍କ ବିୟୋଗ

ମହାକାଳପଡ଼ା,୧୮।୧୧(ସମିସ): ମହାକାଳପଡ଼ା ବ୍ଲକ ବଡ଼କୂଳ ଗ୍ରାମର ଯୁବ ବ୍ୟବସାୟୀ ନିକୁଞ୍ଜ ବେହେରା ଓରଫ ଧୁକୁଡ଼ି (୫୧)ଙ୍କ ପରଲୋକ ହୋଇଯାଇଛି। ହୃଦରୋଗରେ ଆକ୍ରାନ୍ତ ପରେ କଟକରେ ଅସ୍ତ୍ରୋପଚାର ହୋଇ ୩ ଦିନ ତଳେ ଘରକୁ ଫେରିଥିଲେ। ସୋମବାର ଅପରାହ୍ନରେ ଘରେ ଶୋଇଥିବାବେଳେ ହଠାତ୍ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ମାର୍ଶାଘାଇ ଗୋଷ୍ଠୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ମହାକାଳପଡ଼ାର ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ସୁବୋଧ ଲେଙ୍କା, ପ୍ରକାଶ ସ୍ୱାଇଁ, ନିହାର ଦାସ, ବିଶ୍ୱଜିତ ଲେଙ୍କା, ପରିବେଶବିତ ଅନାଦୀ ରାଉତ, ସାମ୍ବାଦିକ ପ୍ରମୋଦ ସ୍ୱାଇଁ, କେନ୍ଦ୍ରାପଡ଼ା ଜିଲ୍ଲା କୁମ୍ଭକାର ସମାଜର ଜିଲ୍ଲା ସମ୍ପାଦକ ବିଚିତ୍ରାନନ୍ଦ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଆଳି-କନିକା ଉନ୍ନୟନ ପରିଷଦର ନିର୍ବାଚନ

ରାଜକନିକା,୧୮।୧୧(ସମିସ): କଟକ ଓ ଭୁବନେଶ୍ୱରରେ ଥିବା ଆଳି କନିକାର ଉତ୍ସାହୀ ସଦସ୍ୟଙ୍କ ଦ୍ୱାରା ଗଠିତ ଆଳି-କନିକା ଉନ୍ନୟନ ପରିଷଦର ୨୦୨୬-୨୭ ବର୍ଷ ପାଇଁ ନିର୍ବାଚନ ହୋଇ କର୍ମକର୍ତ୍ତା ଚୟନ କରାଯାଇଛି। କଟକରେ ଅନୁଷ୍ଠିତ ନିର୍ବାଚନରେ ପରିଷଦର ସମ୍ପାଦକ ପଦ ପାଇଁ ଭୋଟ ଗ୍ରହଣ କରାଯାଇଥିବାବେଳେ ଭାବଗ୍ରାହୀ ନାୟକ ନିର୍ବାଚିତ ହୋଇଛନ୍ତି। କେବଳ ଏହି ସାଧାରଣ ସମ୍ପାଦକ ପଦବୀ ନିମନ୍ତେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ସମୁଦାୟ ୭୭ ଜଣ ବୈଧ ଭୋଟରଙ୍କ ମଧ୍ୟରୁ ୬୧ ଜଣ ଅଂଶଗ୍ରହଣ କରିଥିଲେ। ସଭାପତି ପଦବୀ ପାଇଁ ନିରଞ୍ଜନ ଜେନା, ଉପସଭାପତି ପାଇଁ ଜୟରାମ ସେଠୀ, ଯୁଗ୍ମସମ୍ପାଦକ ପାଇଁ ଗଜେନ୍ଦ୍ର ସ୍ୱାଇଁ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ରଞ୍ଜନ ବେହେରା ପ୍ରମୁଖ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିଲେ।

# ବ୍ଲକ୍ ପଞ୍ଚାୟତ ପିଅନ ସଙ୍ଘ ବୈଠକ

ରାଜନଗର,୧୮।୧୧(ସମିସ): ରାଜନଗର ବ୍ଲକ୍ ମହିଁଷାସୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ପଞ୍ଚାୟତ ପିଅନ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଂଘ ସଭାପତି ବିଷ୍ଣୁଚରଣ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପିଅନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପଚାଂୟତ ପିଅନଙ୍କୁ ସ୍ଥାୟୀ ନିଯୁକ୍ତି ସହ ନିୟମିତ ଦରମା ପ୍ରଦାନ କରିବା, ଓଡ଼ିଶା ଗ୍ରାମପଞ୍ଚାୟତ ୨୦୧୪/୧୨୫ ନିୟମ ଉଚ୍ଛେଦ କରି ୧୯୬୪/୧୨୩ ଆଇନକୁ ବିଧାନସଭାରେ ଉପସ୍ଥାପନ କରାଯାଇ ପଞ୍ଚାୟତରେ ନିଯୁକ୍ତି ପିଅନଙ୍କୁ ଶ୍ରମ ଓ ନିଯୋଜନ ବିଭାଗ ନିର୍ଦ୍ଧାରିତ ଅଣକୁଶଳୀ, ଅର୍ଦ୍ଧକୁଶଳୀ ଓ ନିପୁଣ କୁଶଳୀ ବର୍ଗରେ ସାମିଲ କରାଯାଇ ଦୈନିକ ସର୍ବନିମ୍ନମଜୁରି ୬ ଶହ ଟଙ୍କା ପ୍ରଦାନ ନିମନ୍ତେ ପଞ୍ଚାୟତକୁ ସର୍କୁଲାର ପଠାଇବା ପାଇଁ ଆଲୋଚନା କରାଯାଇଥିଲା। ମାସକୁ ସର୍ବନିମ୍ନ ଦରମା ୧୮ ହଜାର ଟଙ୍କା ପ୍ରଦାନ କରିବା, ପଞ୍ଚାୟତ ବିଧି ବ୍ୟବସ୍ଥାରେ ପିଅନଙ୍କୁ ଅର୍ନ୍ତଭୁକ୍ତ କରିବା, ଇ-ଗଭର୍ଣ୍ଣାନ୍ସ ପୋର୍ଟାଲ ପଞ୍ଚାୟତିରାଜ ବିଭାଗରେ କର୍ମଚାରୀଙ୍କ ତାଲିକାକୁ ପଞ୍ଜୀକରଣ କରିବା, ସାମାଜିକ ସୁରକ୍ଷା ପ୍ରଦାନ କରିବା, ପଞ୍ଚାୟତିରାଜ ଓ ଅର୍ଥ ବିଭାଗ ବରିଷ୍ଠ ଅଧିକାରୀଙ୍କ ସହ ସଂଘ ପ୍ରତିନିଧିଙ୍କୁ ନେଇ ହାଇପାୱାର କମିଟି ଗଠନ, ଅର୍ଥ ବିଭାଗରେ ସ୍ୱତନ୍ତ୍ର ବଜେଟ ରଖିବା, ଶିକ୍ଷାଗତ ଭିତ୍ତିରେ ପଦୋନ୍ନତି ଦେବା, ୬୦ ବର୍ଷ ପରେ ପେନସନ ବ୍ୟବସ୍ଥା କରିବା ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା।



ସଂଘ ସଂପାଦକ ବଳରାମ ରାଉତଙ୍କ ସଂଯୋଜନାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସାମ୍ବାଦିକ ବିଜୟ କୁମାର ଗୁପ୍ତା ଓ ଦୋଳଗୋବିନ୍ଦ ଜେନା ଯୋଗଦେଇ ପଞ୍ଚାୟତ ପିଅନଙ୍କ ଦାବି ଯଥାର୍ଥ, ସରକାର ବିଚାର କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସରକାର ପିଅନଙ୍କୁ ଅବହେଳା କରୁଥିବା ନେଇ ଝାଞ୍ଜ ଓ ଖୋଳ ବଜାଇ ଅଭିନବ ଉପାୟରେ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ କମଳାକାନ୍ତ ରାଉଳ, ଅର୍ଜୁନ ବେହେରା, ପ୍ରତାପ ଖଣ୍ଡୁଆଳ, ବାସୁଦେବ ଜେନା, ପାରେଶ୍ୱର ଜେନା, କମଳାକାନ୍ତ ସାହୁ, ଅଚ୍ୟୁତ ଚଣ୍ଡ, ସୁଶାନ୍ତ ଦାସ, ଅଜେଶ ସ୍ୱାଇଁ, ପିଣ୍ଟୁ ପୃଷ୍ଟି, ଦିଲ୍ଲୀପ ମାଝି, ଶରତ ରାଉତ, ପ୍ରହଲ୍ଲାଦ ପରିଡା, ତାପସ ମଣ୍ଡଳ, ରାଜେନ୍ଦ୍ର ଗିରି, ପ୍ରମୋଦ ବାରିକ, ପ୍ରଫୁଲ୍ଲ ବିଶ୍ୱାଳ, ପ୍ରଦୀପ ବିଶ୍ୱାଳ, ପ୍ରକାଶ ଖିଲାର, ଚନ୍ଦ୍ରଶେଖର ମହାନ୍ତି, ବିଚିତ୍ର ସାହୁ, ବାସୁଦେବ ସାହୁ, ପଞ୍ଚାନନ ବାରିକଙ୍କ ସହ ସମସ୍ତ ପିଅନ ପରିଚାଳନାରେ ସହଯୋଗ କରିଥିଲେ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା

ରାଜନଗର,୧୮।୧୧(ସମିସ): ରାଜନଗର ବ୍ଲକ୍ କଣ୍ଡିରା ପଞ୍ଚାୟତ ହଂସୁଆ ଗୁଳା ଗାଁରେ ଶନିବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୩ ପରିବାରର ୧୦ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଫକୀର ବିଶ୍ୱାଳ, ଘନଶ୍ୟାମ ବିଶ୍ୱାଳ ଓ ପବିତ୍ର ବିଶ୍ୱାଳଙ୍କ ଘର ସହିତ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆସବାସପତ୍ର ପୋଡି ପାଉଁଶ ହୋଇଥିଲା। ରାଜନଗର ନିର୍ବାଚନମଣ୍ଡଳୀର କଂଗ୍ରେସ ଯୁବ ନେତା ପ୍ରଶାନ୍ତ ରାଉତ ପହଞ୍ଚି ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ ଓ ପାଲ ପ୍ରଦାନ କରିବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ରାଉତଙ୍କ ସହିତ ବରିଷ୍ଠ କଂଗ୍ରେସ ନେତା ଦାମୋଦର ବିଶ୍ୱାଳ, ନାରାୟଣ ଦାସ, ବିକାଶ ସେଠୀ, ପ୍ରକାଶ ସେଠୀ, ସମାଜସେବୀ ଦୀନବନ୍ଧୁ ନାୟକ, ସୁଶୀଲ ପ୍ରଧାନ ପ୍ରମୁଖ ଉପସ୍ଥିତି ଥିଲେ।

## ୨୯ ନଂ ଜୋନ୍‌ରେ ସାଂସଦ ଖେଳ ମହୋତ୍ସବ

ରାଜକନିକା,୧୮।୧୧(ସମିସ): ତରାସ ଖେଳ ପଡିଆ ରେ ୨୯ ନମ୍ବର ଜୋନ ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଛି। ରାଜକନିକା ବିଡିଓ କୈଳାସ ମହାଳିକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବିଜେପିର ବରିଷ୍ଠ ନେତା ଭକ୍ତବନ୍ଧୁ ମିଶ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ରାଜକନିକା ଏବିଓ କୈଳାସ ଚନ୍ଦ୍ର ସାହୁ, ୨୯ ନମ୍ବର ଜୋନ ସଭାପତି ଦିଲ୍ଲୀପ ପରିଡ଼ା, ସିଲୁ ସିଂହ, ଅଞ୍ଚଳ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଖେଳ ମହୋତ୍ସବରେ ଜୁନିୟର, ସିନିୟର ଦୁଇଟି ବିଭାଗରେ ପ୍ରତିଯୋଗୀ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ସଟପୁଟ ଥ୍ରୋ, କବାଡି, ଭଲିବଲ ଖେଳ ଅନୁଷ୍ଠିତ ହୋଇଥିଲା।

## ପୂର୍ବତନ ସରପଞ୍ଚ ଅଦ୍ୱୈତ ପ୍ରଧାନଙ୍କ ସ୍ମୃତିଚାରଣ

ଗୋବିନ୍ଦପୁର,୧୮।୧୧(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ପେତପଡ଼ା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଅଦ୍ୱୈତ ପ୍ରଧାନଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପ୍ରଧାନ ଜଣେ ଧର୍ମପରାୟଣ, ସମାଜସେବୀ, କର୍ତ୍ତବ୍ୟ ନିଷ୍ଠ ବ୍ୟକ୍ତି ଥିଲେ। ସେ ବିଜେଡିର ଦୃଢ଼ ସଂଗଠକ। ଧୋୟାଅଞ୍ଚଳର ବିକାଶ ପାଇଁ ସର୍ବଦା କାର୍ଯ୍ୟ କରିବା ସହ ଉନ୍ନତି ପାଇଁ ଉଦ୍ୟମ ଜାରି ରଖିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଗଦାଧର ପଡ଼ିହାରୀଙ୍କ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ପୂର୍ବତନ ସରପଞ୍ଚ ସୁରେଶ ଜେନା, ପୁରୁଷୋତ୍ତମ ପଲାଇ, ନିଖିଳ ସାମଲ, ଶରତ ନାୟକ, ପ୍ରାକ୍ତନ ଜିଲ୍ଲା ପରିଷଦ ଦେବେନ୍ଦ୍ର ନାୟକ, ସମିତି ସଭ୍ୟ ସନ୍ତୋଷ ବେହୁରିଆ ପ୍ରମୁଖ ଯୋଗ ଦେଇଥିଲେ। ଆଶିଷ ପ୍ରଧାନ ଓ ଅମୀୟ ପ୍ରଧାନ ସଭା ପରିଚାଳନା କରିଥିବାବେଳେ ସଞ୍ଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟସେବା ଶିବିର

ରାଜକନିକା, ୧୮।୧୧(ସମିସ): ଏସ୍ଏନ୍ କଲେଜରେ ସ୍ୱେଚ୍ଛାସେବୀ ସଂଗଠନ କାଡ୍ ଓ କଟକର ଷ୍ଟଲୱାଟ ଫାଉଣ୍ଡେସନର ମିଳିତ ଆୟୋଜନରେ ସମ୍ ହସ୍ପିଟାଲ-୧୧ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇ ଗ୍ରାମାଞ୍ଚଳର ୧ ହଜାରରୁ ଅଧିକ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇଛି। ଶିବିରକୁ ଅଧ୍ୟକ୍ଷ ଉଦୟନାଥ ପଣ୍ଡା ଉଦଘାଟନ କରିବା ପରେ ସୋଆ ବିଶ୍ୱବିଦ୍ୟାଳୟ ଅଧୀନ ଭୁବନେଶ୍ୱର ହସ୍ପିଟାଲ ୧୧ ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ପଞ୍ଜିକୃତ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଛି। ଶିବିରରେ ଭେଷଜ ଡାକ୍ତର ଅଭିଜିତ ଦଳାଇ, ସର୍ଜରୀ ଡାକ୍ତର ବିକ୍ରମ ଲେଙ୍କା, ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡାକ୍ତର ଜୟଶ୍ରୀ ରାଉତ, ଅସ୍ଥିଶଲ୍ୟ ବିଭାଗର ଆଶିଷ ମିଶ୍ର, ଫୁସଫୁସ ଓ ଶ୍ୱାସ ରୋଗ ଡାକ୍ତର ସାଙ୍ଗରିକା ସାହୁ, କର୍ଣ୍ଣ, ନାସା ଓ ଗଳା ବିଭାଗର ମୃତ୍ୟୁଞ୍ଜୟ ସାମଲ, ଶିଶୁ ବିଭାଗର ଶାନ୍ତରୂପା ମହନ୍ତ, ଚର୍ମ ଓ ଯୌନ ରୋଗ ପାଇଁ ସିଦ୍ଧାର୍ଥ ରାଉତ, ଗୋଷ୍ଠୀ ସ୍ୱାସ୍ଥ୍ୟ ଡାକ୍ତର ଦୀପକ ପାଢୀ, ଦନ୍ତ ଓ ମୁଖ୍ୟ ଗହ୍ୱର ଡାକ୍ତର ସୁସ୍ମିତା ନାୟକ, ସ୍ନାୟୁରୋଗ ଡାକ୍ତର ସବ୍ୟସାଚୀ ପଟ୍ଟନାୟକଙ୍କ ସହ ନିଦାନ ବିଭାଗର ବହୁ କର୍ମଚାରୀ, ଟେକ୍ନିସିଆନ ସେବା ପ୍ରଦାନ କରିଥିଲେ। ଆୟୋଜକ 'କାଡ' ତରଫରୁ ସଭାପତି ହଳଧର ମଲ୍ଲିକ ଓ ସମ୍ପାଦକ ଶରତ ରାଉତଙ୍କ ପରିଚାଳନାରେ ଆଡ଼ଭୋକେଟ କ୍ଷୀରୋଦ ରାଉତ, ସ୍ୱେଚ୍ଛାସେବୀ ଯତୀନ୍ଦ୍ର ରାଉତ, ପ୍ରଶାନ୍ତ ସାହୁ, ଜୟନ୍ତ ମଲ୍ଲିକ, ଅଜୟ ଜେନା, ଶରତ ବାରିକ, କିଶୋର ବେହେରାଙ୍କ ସମେତ କଲେଜର ଜାତୀୟ ସେବା ଯୋଜନା ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।



# କୂଳଲଙ୍ଘୁଛି ସମୁଦ୍ର, ଚିନ୍ତାରେ ଉପକୂଳିଆ ଗାଁ ଲୋକେ

ରାଜନଗର,୧୮।୧୧(ସମିସ)

ରାଜନଗର ବ୍ଲକ୍ ପେଣ୍ଠ ନିକଟରେ କୂଳ ଲଘୁଛି ସମୁଦ୍ର। ଉଗ୍ର ମୁଖା ହୋଇ ସ୍ଥଳଭାଗ ଆଡ଼କୁ ମାଡ଼ିଆସୁଛି। ସୁରକ୍ଷା ଯୋଗାଇ ଦେବାକୁ ନିର୍ମାଣ ହୋଇଥିବା ପଥର ବନ୍ଧ ଧସିବାରେ ଲାଗିଛି। ଫଳରେ ରାଜନଗର ବ୍ଲକ୍‌ର ସମୁଦ୍ର କୂଳିଆ ଗାଁ ପ୍ରତି ବିପଦ ସୃଷ୍ଟି ହୋଇଛି। ବାତ୍ୟା ମୋନ୍ଥା ପ୍ରଭାବରେ ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି ସୁରକ୍ଷା ପାଇଁ ନିର୍ମାଣ ହୋଇଥିବା ପଥର ବନ୍ଧ ବା ଜିଓ ଟ୍ୟୁ ୱାଲ୍। ଏହି ପଥର ବନ୍ଧ ୫ ଫୁଟ ଦବିଯିବା ସହ ପଥରକୁ ସମୁଦ୍ର ତା' ଗର୍ଭକୁ ଟାଣି ନେଉଛି। ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି।

ପୂର୍ବରୁ ସାତଭାୟାର ସାତଟି ଗାଁ ସମୁଦ୍ରର କରାଳ ଗ୍ରାସରେ ଲୀନ ହୋଇଥିବାବେଳେ ସାତଭାୟାବାସୀଙ୍କୁ ବିସ୍ଥାପିତ ହେବାକୁ ପଡ଼ିଛି। ଏବେ ପେଣ୍ଠାରେ ସମୁଦ୍ରର



ଉଗ୍ରରୂପ ରାଜନଗର ପାଇଁ ବିପଦ ସୃଷ୍ଟି କରିବ। ପେଣ୍ଠାରେ ଦ୍ରୁତ ଗତିରେ ସମୁଦ୍ର କୂଳ ଲଙ୍ଘୁଥିବାରୁ ୨୦୧୬ରେ ପ୍ରାୟ ୪୦ କୋଟି ଟଙ୍କା ବ୍ୟୟରେ ଓଡ଼ିଶାର ପ୍ରଥମ, ଭାରତର ଦ୍ୱିତୀୟ ଜିଓଟିୟୁବ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଯାହା ପେଣ୍ଠ ଗାଁ ସହିତ ସ୍ଥାନୀୟ ଅଞ୍ଚଳକୁ ସୁରକ୍ଷା ଦେବ। ସେହି ପଥର ବନ୍ଧ ଏବେ ଦବିବାରେ ଲାଗିଛି। କେବଳ ପେଣ୍ଠ ନୁହେଁ ସମୁଦ୍ର କୂଳେ କୂଳେ ଅନେକ ସ୍ଥାନରେ ସମୁଦ୍ର କୂଳ ଲଙ୍ଘୁଥିବାରୁ ବଡ଼ ବଡ଼ ପଥର ପକାଇ ଏହାର ସ୍ଥାୟୀ ସମାଧାନ ସହ ବ୍ୟାପକ ଜଙ୍ଗଲ ସୃଷ୍ଟି ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି। ପଥର ବନ୍ଧ ଧସିବା ପରେ ଜଳ ସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ ବିଘ୍ନରାଜ ପୁରୋହିତ ପେଣ୍ଠରେ ପହଞ୍ଚି ସ୍ଥିତି ସମୀକ୍ଷା କରିବା ସହ ତୁରନ୍ତ ମରାମତି ଓ ସ୍ଥାୟୀ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ରାଜନଗର ପ୍ରତି ସମୁଦ୍ର ବିପଦ ସୃଷ୍ଟି କରୁଥିବାବେଳେ ଜଳ ସମ୍ପଦ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ଏ ଅଞ୍ଚଳର ସୁରକ୍ଷା ପାଇଁ ପଦକ୍ଷେପ ନ ନେଲେ ରାଜନଗର ବ୍ଲକର ବହୁ ସ୍ଥାନ ଜଳମଗ୍ନ ହୋଇଯିବ ବୋଲି ସ୍ଥାନୀୟବାସିନ୍ଦା ଶରତ ତ୍ରିପାଠୀ, ଅଲେଖ ପରିଡ଼ା, ଘନଶ୍ୟାମ ବଳ, ପ୍ରଫେସର ସତ୍ୟବାଦୀ ଜେନା, ଶରତ ପଣ୍ଡା ପ୍ରମୁଖ ପ୍ରକାଶ କରିଛନ୍ତି।

### ହାତୀ ମୁହଁରୁ ଫସଲ ବଞ୍ଚାଇବା ପାଇଁ ପ୍ରୟାସ

# ଗଛରେ ମଞ୍ଚାବାନ୍ଧି ଚାଷୀ ରାତି ଉଜାଗର

କପ୍ତିପଦା, ୧୮।୧୧(ସମିସ): ସଞ୍ଜ ହେବାମାତ୍ରେ କଷ୍ଟ ଉପାର୍ଜିତ ଫସଲକୁ ରକ୍ଷା କରିବା ପାଇଁ ଚାଷୀ ହାତୀ ସହିତ ଛକାପଞ୍ଝା ହେଉଛି। ରାତିରେ ଯଦି ଆଖିପଲକ ପଡ଼ିଯାଏ ତାହାହେଲେ ହାତୀ ଦେଉଛି ଶାସ୍ତି। ଏ ଭଳି ଅବସ୍ଥାରେ ରହିଛନ୍ତି ଚାଷୀ। ହାତୀ ପାଇଁ ରାତି ଉଜାଗର ହୋଇ ଗଛ ଉପରେ ମଞ୍ଚା ବାନ୍ଧି ବାଜା ବଜାଇ ଦେଉଛନ୍ତି ସଂକେତ। ଅନ୍ଧକାରରେ ହାତୀର ଉପସ୍ଥିତରେ ବାଜା ବଜାଇ ସଂକେତ ଦେଲେ ଅନ୍ୟ ଚାଷୀ ଠେଙ୍ଗା ବାଡିଧରି ହାତୀ ଘଉଡ଼ାଇବାକୁ ବାହାରି ଆସୁଛନ୍ତି। କପ୍ତିପଦା ବ୍ଲକ ପୋଡାଡିହା ବନଖଣ୍ଡ ଅଧୀନ ନଚ୍ଛିପୁର ଓ ଲାବଣ୍ୟଦେଇପୁର କଟୁରିଆ ଅଞ୍ଚଳରେ ଚାଷୀ ଓ ଗ୍ରାମବାସୀ ରାତିତମାମ ଉଜାଗର ରହି ବର୍ଷକର ଦାନାକୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି। ଶିମିଳିପାଳ ପାଦଦେଶରେ ଥିବା ନଚ୍ଛିପୁର ଓ କଟୁରିଆ ଗ୍ରାମରେ ଏହି ଦୃଶ୍ୟ ନିତିଦିନିଆ ହେଲାଣି। ହାତୀ ମୁହଁରୁ ନିଜର ଫସଲ ବଞ୍ଚାଇବା ଚ୍ୟାଲେଞ୍ଜ ହୋଇଯାଇଛି।



ହାତୀ ପାଇଁ ଏବେ ଘର ଛାଡି ରାତି ବିତାଉଛନ୍ତି ଚାଷୀ ଏବଂ ଗ୍ରାମବାସୀ। ଏବେ ଗ୍ରାମବାସୀଙ୍କ ଦୁଃଖ ପାଲଟିଛି ହାତୀପଲ। ଏହି ଗ୍ରାମର ରହିଥିବା ଏକର ଏକର ଚାଷଜମି ଏବେ ହାତୀ ପାଦତଳେ ନଷ୍ଟ ହୋଇଗଲାଣି। ସଞ୍ଜ ନଇଁଲେ ଟର୍ଚ୍ଚ, ରାତି ପାଇଁ ଖାଦ୍ୟ ଓ ଶୀତବସ୍ତ୍ର ଧରି ବୃଦ୍ଧ ଠାରୁ ଯୁବକ ପର୍ଯ୍ୟନ୍ତ ସମସ୍ତେ ପହଞ୍ଚି ଯାଉଛନ୍ତି। ସ୍ଥାନେ ସ୍ଥାନେ ନିଆଁ ଲଗାଇ ଗଛ ଉପରେ ମଞ୍ଚା ବାନ୍ଧି ଜଗି ରହୁଛନ୍ତି; ତଥାପି ଠିକ ସମୟରେ ଫସଲ ଉଜାଡିବା ପାଇଁ ପହଞ୍ଚି ଯାଉଛନ୍ତି ହାତୀପଲ। ଫଳରେ ଜୀବନ ବିକଳରେ ବାଜାବଜାଇ ସଂକେତ ଦେଲେ ଗାଁ ଲୋକ ନିଆଁ ହୁଳା ଓ ଠେଙ୍ଗା ବାଡି ଧରି ହାତୀ ଘଉଡ଼ାଇବାକୁ ଚେଷ୍ଟା କରୁଛନ୍ତି। ବର୍ଷକରେ ଥରୁଟିଏ ଚାଷକରି ବର୍ଷସାରାର ଦାନା ଯୋଗାଡ଼ କରିଥାଏ ଚାଷୀ; କିନ୍ତୁ ଚାଷ ଆରମ୍ଭରୁ ହାତୀପଲ ନଷ୍ଟ କରିଦିଅନ୍ତି। ପ୍ରାୟ ୩ମାସ ଗାଁ ଲୋକେ ଏହି ଉପାୟରେ ନିଜର ଫସଲ ବଞ୍ଚାଇବା ପାଇଁ ଚେଷ୍ଟା କରିଥାନ୍ତି। ଗ୍ରାମର ଅଧିକାଂଶ ଲୋକ ଦିନ ମଜୁରିଆ ହୋଇଥିବାରୁ ଦିନରେ ପେଟ ପାଇଁ ସଂଘର୍ଷ ଆଉ ରାତି ହେଲେ ନିଜର ଫସଲ ବଞ୍ଚାଇବାକୁ ଆଖିର ନିଦ ହଜାଇବାକୁ ପଡ଼େ; ହେଲେ ବନ ବିଭାଗ ହାତୀ ଘଉଡ଼ାଇବା ଓ କ୍ଷତିପୂରଣ ଦେବା ବାବଦରେ ସହଯୋଗ କରୁନଥିବା ଅଭିଯୋଗ କରିଛନ୍ତି ଚାଷୀ। ଏ ସବୁ ପରେ ବନବିଭାଗ ଚାଷୀମାନଙ୍କୁ ସହାୟତା ପ୍ରଦାନ କଲେ ସେମାନେ ଅଣ୍ଟା ସଳଖି ଛିଡ଼ାହୋଇ ପାରନ୍ତେ।

ଏ ସମ୍ପର୍କରେ ପୋଡାଡିହା ରେଞ୍ଜର ଅନୁକୂଳ ଚନ୍ଦ୍ର ଜେନାଙ୍କୁ ପଚାରିବାରୁ ହାତୀ ଘଉଡ଼ାଇବାକୁ କର୍ମଚାରୀ ନିୟୋଜିତ କରାଯାଇଥିବା ବେଳେ ବିଭିନ୍ନ ଅଞ୍ଚଳରେ ହାତୀ ବାହାରୁ ଥିବାରୁ ନିୟନ୍ତ୍ରଣରେ ସାମାନ୍ୟ ତ୍ରୁଟି ଦେଖାଯାଉଥିବା ପ୍ରକାଶ କରିଛନ୍ତି।

## ଚୋରା ମଦ ଜବତ; ୨ କୋର୍ଟଚାଲାଣ

କରଞ୍ଜିଆ, ୧୮।୧୧(ସମିସ): ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର କରଞ୍ଜିଆ ବ୍ଲକ ଅନ୍ତର୍ଗତ ପାହାଡ଼ଭଙ୍ଗା ଚଢଉ କରାଯାଇ ମଦ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଦୀପକ କୁମାର ନାଏକଙ୍କ ଠାରୁ ୨୫ ଲିଟର, ରରୁଁଆ ଥାନା ଅନ୍ତର୍ଗତ ଗାଲୁସାହର ଗୌର ମୋହନ ଗାଗରାଇଙ୍କ ପାଖରୁ ଦେଶୀ ମହୁଲି ମଦ ୩୦ ଲିଟର ମହୁଲିମଦ ଜବତ କରିଛି ଅବକାରୀ ବିଭାଗ। ପରେ ଗୌରକୁ ଗିରଫ କରାଯାଇ କୋର୍ଟଚାଲାଣ କରିଛି ଅବକାରୀ ବିଭାଗ। ଇନ୍ସପେକ୍ଟର ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଚଢଉ କରାଯାଇଥିଲା। କରଞ୍ଜିଆ ଓଆଇସି ରଶ୍ମିରଞ୍ଜନ ନାୟକ ଏବଂ ଅବକାରୀ କର୍ମଚାରୀ ଚଢଉରେ ସାମିଲ ଥିଲେ।

## ରାସ୍ତାରେ ସ୍କର୍ପିଓକୁ ଓଲଟାଇଦେଲା ଦନ୍ତା



ରାଇରଙ୍ଗପୁର/ଘାଗରବେଡା, ୧୮।୧୧(ସମିସ): ଏକ ଗୋଠଛଡ଼ା ଦନ୍ତାହାତୀ ରାସ୍ତାରେ ଥିବା ଏକ ସ୍କର୍ପିଓକୁ ଓଲଟାଇ ଦେଇଛି। କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଘାଗରବେଡା ସେକ୍ସନର ମାଣିକପୁର ଦମକ ନିକଟରେ ଏଭଳି ଘଟଣା ଦେଖିବାକୁ ମିଳିଛି। ମଙ୍ଗଳବାର ସକାଳେ ଗାଡିଟି କେନ୍ଦୁଝର ପଟକୁ ଯାଉଥିବା ବେଳେ ହଠାତ ହାତୀଟି ରାସ୍ତା ଉପରକୁ ଆସିଥିଲା। ହାତୀଟି ସ୍କର୍ପିଓ ସହ ସାମ୍ନାସାମ୍ନି ହୋଇଥିଲା। ଫଳରେ ହାତୀଟି ଗାଡ଼ି ଆଡ଼କୁ ମାଡି ଆସିଥିଲା। ତେବେ ଗାଡିରେ ଥିବା ଲୋକମାନେ ତୁରନ୍ତ ବାହାରି ଖସି ପଳାଇଥିଲେ। ପରେ ହାତୀଟି ଗାଡ଼ିକୁ ଠେଲି ରାସ୍ତା ଉପରେ ଓଲଟାଇ ଦେଇଥିଲା। କିଛି ସମୟ ପରେ ହାତୀଟି ସେଠାରୁ ଚାଲିଯିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ିକୁ ଉଠାଯାଇଥିଲା। ତେବେ ଏଥିରେ କାହାର କିଛି କ୍ଷତି ହୋଇନଥିବା ଜଣାପଡ଼ିଛି।

## ପଟେଲଙ୍କ ଜନ୍ମ ବାର୍ଷିକୀରେ ଏକତା ପଦଯାତ୍ରା



ଉଦଳା, ୧୮।୧୧(ସମିସ): ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିରୂପେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଭାସ୍କର ମଢେଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, କାନ୍ଦରା ସୋରେନ୍, ଉଦଳା ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଉଦଳା ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଉଦଳା ହାଇସ୍କୁଲ ପଡ଼ିଆରୁ ପ୍ରାୟ ୩ ହଜାର ପଦଯାତ୍ରୀ ବାହାରି ଦେଶାତ୍ମବୋଧକ ସଙ୍ଗୀତ ସହିତ ବିଭିନ୍ନ ସ୍ଲୋଗାନ୍ ମାନ ଦେଇ ସହର ପରିକ୍ରମା କରିଥିଲେ। ଏକ-ଭାରତ, ଆତ୍ମନିର୍ଭର ଭାରତ ଗଢିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପକୁ ସାକାର କରିବା ପାଇଁ ବକ୍ତବ୍ୟ ମାଧ୍ୟମରେ ମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୨୫ ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ବିଶେଷକରି ଏହି ପଦଯାତ୍ରାରେ ବିଜେପି ନେତାମାନେ ନିଜର ପତିଆରା ଜାହିର କରିଥିଲେ। ଏପରିକି ମଞ୍ଚ ସମ୍ମୁଖରେ ପ୍ରଶାସନିକ ଅଧିକାରୀ ବସିବାକୁ ସ୍ଥାନ ପାଇ ନ ଥିଲେ। ସେହିପରି ଓଡ଼ିଆ ଅସ୍ମିତାର ଧଜିଆ ଉଡିଥିଲା। ମଞ୍ଚରେ ଉଦଘୋଷିକା ଉଡ଼ାଇଲେ ଓଡ଼ିଆ ଅସ୍ମିତାର ଧଜିଆ। ଉପଖଣ୍ଡକୁ ବାରମ୍ବାର ଉପଖଣ୍ଡି କହିବା ସହିତ ନିଜ ଉଦଘୋଷଣା ସମୟରେ ଅନେକ ଓଡ଼ିଆ ଶବ୍ଦକୁ ଅପଭ୍ରଂଶ କରି କହିଥିଲେ। ଯାହାକୁ ନେଇ ଉପସ୍ଥିତ ଓଡ଼ିଆପ୍ରେମୀଙ୍କୁ ବ୍ୟଥିତ କରିଥିଲା।

## ଇସ୍ମାଇଲ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ପାଇଁ ମନୋନୀତ

ଶରତ, ୧୮।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନରତ ହୋ' ଜାତିର ଛାତ୍ର ଇସ୍ମାଇଲ ସିଂ ବାର୍ଲା (୧୫) ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ସେ ରାଣୀପୋଖରୀ ଗ୍ରାମ ପଞ୍ଚାୟତ ଅଧୀନ ରଜତନଗର ରାଜସ୍ୱ ଗ୍ରାମର ମୁକୁରୁ ସିଂ ବାର୍ଲା ଏବଂ ରାନ୍ଦାୟ ସିଂ ବାର୍ଲାଙ୍କ ପୁଅ। ଜିଲ୍ଲାସ୍ତରୀୟ ଫୁଟବଲ ଖେଳରେ ଉତ୍ତମ ଖେଳ ପ୍ରଦର୍ଶନ କରି ବର୍ତ୍ତମାନ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ମନୋନୀତ ହୋଇଛନ୍ତି। ତାଙ୍କର ସଫଳତା ପାଇଁ ବିଦ୍ୟାଳୟରେ ସମ୍ବର୍ଦ୍ଧନା କରାଯାଇଥିଲା। ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ତଥା ପ୍ରଶିକ୍ଷକ ମହେନ୍ଦ୍ର ଟୁଡୁ ତାଙ୍କର ସଫଳତା କାମନା କରିଛନ୍ତି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ମହାନ୍ତ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧନା ବେଳେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ।



## ଜାତୀୟସ୍ତର କ୍ରୀଡାରେ ୩ ଛାତ୍ରଙ୍କ ସଫଳତା



ରାଇରଙ୍ଗପୁର/ବହଳଦା, ୧୮।୧୧(ସମିସ): ରାଉରକେଲାଠାରେ ଆୟୋଜିତ ଚତୁର୍ଥ ଜାତୀୟସ୍ତର କ୍ରୀଡା ପ୍ରତିଯୋଗିତାରେ ବହଳଦା ଇଏମଆରଏସ ଛାତ୍ର ସଫଳତା ହାସଲ କରିଛନ୍ତି। ସର୍ବଭାରତୀୟ ସ୍ତରରେ ଚତୁର୍ଥ ଜାତୀୟ ଖେଳ କୁଦ ପ୍ରତିଯୋଗିତା ଅଂଶଗ୍ରହଣ କରିଥିଲେ। ଏଥିରେ ୫, ୫୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରେ ଇଏମଆରଏସରୁ ୧୯ ବର୍ଷରୁ କମ ବର୍ଗରେ ୩ଜଣ ଛାତ୍ର ଓ ଜଣେ ଛାତ୍ରୀ ଏବଂ ୧୪ ବର୍ଷରୁ କମ ବର୍ଗରେ ୩ଜଣ ଛାତ୍ର ଭାଗ ନେଇଥିଲେ। ଉଚ୍ଚକୋଟିର କ୍ରୀଡା ପ୍ରଦର୍ଶନ କରି ୧୪ବର୍ଷ କମ ବର୍ଗରେ ୩ଜଣ ଛାତ୍ର ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ଜୟ ଶଙ୍କର ଟୁଡୁ (ଅଷ୍ଟମ), ରାଜକିଶୋର ସୋରେନ (ସପ୍ତମ), ଶିବମ୍ ନାଏକ(ସପ୍ତମ)। ଗ୍ରୁପ ରିଦିମିକ ଯୋଗ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ କ୍ରୀଡା ପ୍ରଦର୍ଶନ କରିଥିଲେ। ଏହି ଖେଳାଳିମାନେ ତେଲେଙ୍ଗାନା, କର୍ଣ୍ଣାଟକକୁ ହରାଇ ସଫଳତା ହାସଲ କରିଛନ୍ତି। ସଫଳତା ପାଇଁ ଜିଲ୍ଲାପାଳ ହେମକାନ୍ତ ସଏ, ଡିଡବ୍ଲୁଓ ଗୁରୁପ୍ରସାଦ ମଲ୍ଲିକ, ଏଡିଡବ୍ଲୁଓ ଜ୍ଞାନରଞ୍ଜନ ସାମଲ, କମଳା କାନ୍ତ ସ୍ୱାଇଁ, ରାଇରଙ୍ଗପୁର ପିଏଆଇଟିଆଡିଏ ଯୋଗ ରଞ୍ଜନ ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## କବାଡ଼ି ଚାମ୍ପିଅନସିପ୍‌ରେ ପିସିପୁର ସ୍କୁଲର ୨ ଖେଳାଳି



ବାରିପଦା, ୧୮ ।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ବଣାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡି ଚାମ୍ପିଅନସିପ ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୨୦ରୁ ୨୨ ତାରିଖ ମଧ୍ୟରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ୧୪ ବର୍ଷରୁ କମ ମୟୂରଭଞ୍ଜ ଦଳରେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗାଜ ଟୁଡୁ ଓ ନିମାଇଁ ମୁର୍ମୁ ସ୍ଥାନ ପାଇଛନ୍ତି। ଉଭୟ ଖେଳାଳି ବିଶୋଇ ଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ଚାମ୍ପିଅନସିପରେ ଉଚ୍ଚମାନର ଖେଳ ପ୍ରଦର୍ଶନ କରି ଏହି ସୁଯୋଗ ପାଇଛନ୍ତି। ଏ ନେଇ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, କ୍ରୀଡା ଶିକ୍ଷକ ଅଭିଷେକ ବେହେରା, ୱାର୍ଡେନ ସରୋଜ କୁମାର ସାବତ, କଳା ଶିକ୍ଷକ ମହେଶ୍ୱର ମାର୍ଣ୍ଡି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ବରିଷ୍ଠ ନାଗରିକ ଓ ଅଭିଭାବକଙ୍କ କଲ୍ୟାଣ କାର୍ଯ୍ୟକ୍ରମ

ବେତନଟୀ, ୧୮।୧୧(ସମିସ): ବେତନଟୀ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ ଅଧୀନ ତାଲୁକ ଆଇନ ସେବା ଜରିଆରେ ବରିଷ୍ଠ ନାଗରିକ ଓ ଅଭିଭାବକଙ୍କ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେ.ଏମ.ଏଫ୍.ସି. ତଥା ମାଜିଷ୍ଟ୍ରେଟ ରଶ୍ମିନାରାୟଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସମ୍ପର୍କରେ ଆଲୋଚନା ସଭାରେ ଓକିଲ ସଂଘ ସଭାପତି ଦେବବ୍ରତ ପରିଡ଼ା, ସମ୍ପାଦକ ପ୍ରବୀର କୁମାର ବାରିକ ଓ ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ନାଗରିକଗଣ ନିଜ ପୁତ୍ର କନ୍ୟା, ପରିବାର, ସର୍ବ ସାଧାରଣରେ ସମ୍ମୁଖୀ ହେଉଥିବା ବିଭିନ୍ନ ସମସ୍ୟା ଓ ତା'ର ଆଇନଗତ ପ୍ରତିକାର ସମ୍ବନ୍ଧରେ ମାଜିଷ୍ଟ୍ରେଟ ଦଣ୍ଡବିଧାନର ଧାରା, ଉପଧାରା, ଜରିମାନା ଅର୍ଥ ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଆଇନଜୀବୀ ଶ୍ରୀ ମହାନ୍ତି ସଚେତନତା ଓ ସାବଧାନତାର ସହ ସୁଖମୟ ଜୀବନ ଯାପନ ସମ୍ବନ୍ଧରେ ବ୍ୟକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତ କୁମାର ପଟ୍ଟନାୟକ, ଚୁଡାମଣି ମହାପାତ୍ର, ବାସୁଦେବ ନାପିତ ରାମଚନ୍ଦ୍ର ପଣ୍ଡା ଓ ଗଣେଶ ଚନ୍ଦ୍ରସାହୁ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ବେତନଟୀର ସିଭିଲ ସୋସାଇଟି ଓ ବରିଷ୍ଠ ନାଗରିକ ସଂଘରୁ ଅନେକ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସଭାପତି ଶ୍ରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟା

## ଦର୍ଶକଙ୍କୁ ବିମୋହିତ କଲା ନାଟକ 'ପ୍ରେମ ପ୍ରୀତି'

ବାରିପଦା, ୧୮ ।୧୧(ସମିସ): ସହିଦ ସ୍ମୃତି ଭବନରେ ଓମ ନାଟ୍ୟ ସଂସ୍ଥାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟାରେ ଭୁବନେଶ୍ୱର ଶାନ୍ତିକୃପା ପକ୍ଷରୁ ପ୍ରଯୋଜିତ ଓଡ଼ିଆ ନାଟକ 'ପ୍ରେମ ପ୍ରୀତି' ମଞ୍ଚସ୍ଥ ହୋଇଯାଇଛି। ସୁଶାନ୍ତ କୁମାର ଶତପଥୀଙ୍କ ନିର୍ଦ୍ଦେଶିତ ନାଟକରେ ସୁଶାନ୍ତ ଶତପଥୀ, ବାପୁ ରଥ, ମନୀଷା ରଥ ଅଭିନୟ କରିଥିବା ବେଳେ ଆଲୋକରେ ଗୋବିନ୍ଦ ଜେନା, ସଙ୍ଗୀତରେ ଗୌରବ ପାଣିଗ୍ରାହୀ, ମଞ୍ଚସଜ୍ଜାରେ ସାକିଲ ଓ ରୂପସଜ୍ଜାରେ ଶ୍ୱେତପଦ୍ମା ପଣ୍ଡା ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଓ ମୁଖ୍ୟବକ୍ତା ଭାବେ ବାଙ୍ଗିରପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ନାଟକ ଉଦଘାଟନ କରିବା ସହ ବାରିପଦାରେ ଜାତୀୟ ନାଟ୍ୟ ମହୋତ୍ସବର ଆୟୋଜନ ସ୍ଥାନୀୟ କରକାରଙ୍କୁ ପ୍ରଭାବିତ କରିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ନାଟକର ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍ଥାର ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରତିଷ୍ଠାତା ବିଶିଷ୍ଟ ଅଭିନେତା ନିର୍ଦ୍ଦେଶକ ଧୀର ବଶା ନାଟକ ଉପରେ ଆଲୋକପାତ କରିଥିଲେ।



ଅଭିନେତା ପ୍ରସନ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀକାନ୍ତ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଯାପନୀ ସନ୍ଧ୍ୟାରେ ମଙ୍ଗଳବାର ବାରିପଦା ଓମ ନାଟ୍ୟ ସଂସ୍ଥା ପ୍ରଯୋଜିତ ତଥା ଧିର ବଶାଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ 'ଚିଠି' ମଞ୍ଚସ୍ଥ ହେବ।



## ନିମ୍ନମାଧ୍ୟମିକ ଶିକ୍ଷକ ମଞ୍ଚର ନୂତନ କର୍ମକର୍ତ୍ତା

ବେତନଟୀ, ୧୮।୧୧(ସମିସ): ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ମଞ୍ଚର ଦ୍ୱିତୀୟ ସାମ୍ବିଧାନିକ ସମ୍ମିଳନୀ ଓ ୧୨୧ତମ ବ୍ରହ୍ମଚାରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିନିମନ୍ତେ ଭୁବନେଶ୍ୱର ୟୁନିଟ ୧ରେ ଥିବା କସ୍ତୁରବା ନାରୀ ମହଲରେ ଶତାଧିକ ଅବସରପ୍ରାପ୍ତ ନିମ୍ନ ମାଧ୍ୟମିକ ଶିକ୍ଷକ, ଶିକ୍ଷାକର୍ମଚାରୀଙ୍କୁ ନେଇ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ଜୟନ୍ତୀ ପାଳନ ସହ ରାଜ୍ୟ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ସମ୍ପାଦକ ପ୍ରକାଶଚନ୍ଦ୍ର ଜେନା ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆଗାମୀ ୩ବର୍ଷ ନିମନ୍ତେ ଅନୁଷ୍ଠିତ ରାଜ୍ୟ ସଂଘର ନିର୍ବାଚନରେ ବେତନଟୀର ଅବସରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ମଞ୍ଚର ପତ୍ରିକା ସମ୍ପାଦକ ଓ ମୁଖପାତ୍ର ଭାବେ ଦ୍ୱିତୀୟ ଥର ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନକୁ ଓଷ୍ଟା ସଂଘର କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ପରିଚାଳନା କରିଥିଲେ। ସେହିପରି ରାଜ୍ୟ ସଭାପତି ଭାବେ ପୂର୍ବବତ୍ ଭାଗ୍ୟଧର ପ୍ରଧାନ, କା. ସଭାପତି ଭାବେ ବସନ୍ତ କୁମାର ଖୁଣ୍ଟିଆ ଓ ଭଗବାନ ସାହୁ, ସାଧାରଣ ସମ୍ପାଦକ ଭାବେ ପ୍ରକାଶ ଚନ୍ଦ୍ର ଜେନା, କୋଷାଧ୍ୟକ୍ଷ ଭାବେ ଆଶାତରୁ ନାୟକଙ୍କ ସମେତ ଅନ୍ୟ ପଦବୀରେ ମଧ୍ୟ ନିର୍ବାଚନ ସମାପ୍ତ ହୋଇଛି। ମୁଖ୍ୟ ଉପଦେଷ୍ଟା ଅଶୋକ ରାୟଙ୍କ ସହ ପ୍ରତିଷ୍ଠାତା ସଦସ୍ୟ ମାଧବ ବିଶ୍ୱାଳ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମଧ୍ୟ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସଚ୍ଚିଦାନନ୍ଦ ମହାନ୍ତି, ବିଜୟ ବିଶ୍ୱାଳ, କୈଳାସ ଚନ୍ଦ୍ର ପଲେଇ, ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ବ୍ରହ୍ମଚାରୀଙ୍କ ସ୍ମୃତିଚାରଣ କରିଥିଲେ। ତପନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ୬୭ ବର୍ଷ ହେଲା ଅଁଳାଡୁବା ଗୋଶାଳାରେ ଚାଲିଛି ନିଃସ୍ୱାର୍ଥପର ସେବା

# ମିଳୁନି ସରକାରୀ ଅନୁଦାନ; ଚଳାଉଛି କମିଟି

ରାଇରଙ୍ଗପୁର, ୧୮।୧୧(ସମିସ): ହିନ୍ଦୁ ସଂସ୍କୃତି ଓ ପରମ୍ପରାରେ ଗୋମାତାର ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରତିଟି ହିନ୍ଦୁ ପରିବାର ଗୋମାତା ପୂଜନ ଓ ରକ୍ଷଣାବେକ୍ଷଣ ପ୍ରତି ଯତ୍ନଶୀଳ। ଗୋମାତା ସୁରକ୍ଷା ନିମନ୍ତେ ରାଇରଙ୍ଗପୁର ଗୋଶାଳା ଗତ ୬୭ ବର୍ଷ ହେବ ନିଃସ୍ୱାର୍ଥପର ଗୋ ସେବା ଜାରି ରଖିଛି। ଯାହାକି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ଅଁଳାଡୁବାଠାରେ ୫ ଏକର ଜମିରେ ରହିଛି ଗୋଶାଳା। ଏବେ ଗୋଶାଳାରେ ୩୬୩ଟି ଗାଈ ଅଛନ୍ତି। ଆଧୁନିକ ଯୁଗରେ ବ୍ୟସ୍ତବହୁଳ ସମୟ ମଧ୍ୟରେ ଯୁବପିଢ଼ିଙ୍କୁ ଗୋସେବା ବାବଦରେ ଉତ୍ସର୍ଗୀକୃତ ଭାବନା ଜାଗ୍ରତ କରିବା ପାଇଁ ଗତ ୧୯୫୮ ମସିହାରୁ ରାଇରଙ୍ଗପୁର ଗୋଶାଳା କାର୍ଯ୍ୟ ଜାରି ରଖିଛି। କମିଟି ଦ୍ୱାରା ପରିଚାଳିତ ହେଉଛି ଗୋଶାଳା। ଶ୍ରମ, ଅର୍ଥ ଏବଂ ସମୟ ଦେଇ ନିରବଚ୍ଛିନ୍ନ ଭାବରେ କମିଟି ଗୋସେବାରେ ନିଜକୁ ନିୟୋଜିତ ରଖିଛନ୍ତି। ଏହି ଗୋଶାଳା କରୁଣା ଏବଂ ସମର୍ପଣର ଏକ ଜୀବନ୍ତ ଉଦାହରଣ। ପରିଚାଳନା କମିଟି ଅଧ୍ୟକ୍ଷ ଗୌରୀ ସାରଦା ଓ ସମ୍ପାଦକ ମୁକ୍ତିଲାଲ ଅଗ୍ରୱାଲଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟଙ୍କ ସହଯୋଗରେ ଏହା ପରିଚାଳନା ହେଉଛି। ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡ ସମେତ ଆଖପାଖ ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ସମୟରେ ଗୋଚାଲାଣ ବେଳେ ଉଦ୍ଧାର ଗାଈ, ଦୁର୍ଘଟଣାରେ ଆହତ ଏବଂ ବିଭିନ୍ନ ରୋଗରେ ପୀଡିତ ହେଉଥିବା ଗୋ ସମ୍ପଦକୁ ଉତ୍ତମ ସେବା ଯୋଗାଇ ଆସୁଛନ୍ତି। ଏମିତିକି ଗରମ ଦିନରେ ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷା ପାଇଁ ପଙ୍ଖା ଲଗାଇବା ସହ ଶୀତ ଦିନରେ ଥଣ୍ଡାରୁ ସୁରକ୍ଷା ପାଇଁ ଆବରୋଧ କରି ରଖାଯାଉଛି। ଗୋଶାଳା ପରିସରରେ ମନ୍ଦିର, ସୁନ୍ଦର ଗାର୍ଡେନ, ପାର୍କ ଆଦ ପରିବେଶକୁ ଆକର୍ଷଣୀୟ କରୁଛି। ଏହିପରି ଉତ୍ସର୍ଗୀକୃତ ନିରନ୍ତର ସେବା ଚାଲିଥିଲେ ମଧ୍ୟ କୌଣସି ସରକାରୀ ଅନୁଦାନ ମିଳୁନାହିଁ। ଆଜି ବି ବେସରକାରୀ ଉଦ୍ୟମରେ ଗୋଶାଳା ଚାଲିଛି। ଗୋଶାଳା ପକ୍ଷରୁ ଏକ ଅଟୋରେ ରାଇରଙ୍ଗପୁର ସହରର ପ୍ରତି ଘରୁ, ଦୋକାନ ଓ ହୋଟେଲ ଆଦିରୁ ଗାଈଙ୍କ ପାଇଁ ଖାଦ୍ୟ ସଂଗ୍ରହ କରାଯାଇଥାଏ। 'ଦିନର ପ୍ରଥମ ଖାଦ୍ୟ ଗୋମାତା ନାମରେ' ସକାଳୁ ପ୍ରତି ଘରୁ ସତେଜ ପନିପରିବା, ରୁଟି, ଭାତ, ଗୋ ଖାଦ୍ୟ, ପନିପରିବା ଚୋପା, ଭାତ ପେଜ ଆଦି ସଂଗ୍ରହ କରାଯାଉଛି। ବର୍ତ୍ତମାନ ୩୬୩ଟି ମଧ୍ୟରୁ ୫୦ଟି ଗାଈ କ୍ଷୀର ଦେଉଛନ୍ତି। ଏଥିସହିତ ଗୋବରରୁ ପ୍ରସ୍ତୁତ ଜୈବିକ ଖତ ଓ ଗୋବର ଆଦି ବିକ୍ରି କରାଯାଉଛି। ପ୍ରତିବର୍ଷ ଗୋପାଷ୍ଟମୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ଗୋଶାଳା ପରିସରରେ ଗାଈଙ୍କୁ ପୂଜାର୍ଚ୍ଚନା କରି ଗୋସମ୍ବର୍ଦ୍ଧନା ମଧ୍ୟ କରାଯାଇଥାଏ। ଗତ ବିଜେଡି ସରକାର ସମୟରେ ଗୋଶାଳା ଜମିକୁ ପରିଚାଳନା କମିଟିକୁ ପ୍ରଦାନ କରାଯାଇଥିଲା। ଗତ ୨୦୨୩ ମସିହା ମାର୍ଚ୍ଚରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନ ରାଇରଙ୍ଗପୁର ଗସ୍ତ ସମୟରେ ଗୋଶାଳା ପରିଦର୍ଶନ କରିଥିଲେ। ଗୋଶାଳା ପ୍ରତିଷ୍ଠା ଦିନରୁ ୫ ଏକର ଜମି ସମସ୍ୟାର ସମାଧାନ ହୋଇ ନ ଥିଲା। ସରକାରୀ ଜମିକୁ ଅଧିଗ୍ରହଣ କରି ଗୋଶାଳା ରହିଥିଲା; ଯାହାକୁ ନେଇ ଶ୍ରୀ ପାଣ୍ଡିଆନ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣାଇଥିଲେ। ପରେ ଉକ୍ତ ୫ ଏକର ସରକାରୀ ଜମିକୁ ଗୋଶାଳା ପରିଚାଳନା କମିଟିକୁ ପ୍ରଦାନ କରାଯାଇଥିଲା। ଜମି ବଜାର ଦରର ୦.୨୫ ଦଶମିକ ବାର୍ଷିକ ଖଜଣାରେ ଏହାକୁ ପ୍ରଦାନ କରାଯାଇଛି।



### ଗୋଶାଳାକୁ ଜମି ଓ ଅନୁଦାନ ଦେଇଥିଲା ବିଜେଡି ସରକାର

ଏହାସହିତ ୧୯୫୮ ମସିହାରୁ ଜମି ଅଧିଗ୍ରହଣର ପ୍ରିମିୟମ ଓ ଅନ୍ୟ ଦେୟ ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଛାଡ଼ କରିଥିଲେ। ବିଜେଡି ସରକାର ସମୟରେ ଗୋଶାଳା ପରିଚାଳନା ପାଇଁ ସ୍ୱତନ୍ତ୍ର ଅନୁଦାନ ରାଶି ଭାବେ ବର୍ଷକୁ ୨/୩ଲକ୍ଷ ଟଙ୍କା ମଧ୍ୟ ଦେଉଥିଲେ; କିନ୍ତୁ ବିଜେପି ସରକାର ଆସିବା ପରେ ତାହା ବନ୍ଦ ହୋଇଯାଇଛି। କୌଣସି ସ୍ୱତନ୍ତ୍ର ସରକାରୀ ସହାୟତା ମିଳିନାହିଁ। ଗତ ବର୍ଷ ସାଂସଦ ପାଣ୍ଠିରୁ ଡ୍ରେନ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଆସିଥିଲା। ଏହାପରେ ଉନ୍ନତିକରଣ ପାଇଁ ଅନୁଦାନ ଆସିବ ବୋଲି କହୁଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ।

# ଭାରତ କୋଲ୍ ଗ୍ୟାସିଫିକେସନ ପ୍ଲାଣ୍ଟର ଜନଶୁଣାଣି

ଇବଥର୍ମାଲ,୧୮।୧୧(ସମିସ):



ଭାରତ କୋଇଲା ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ କୁଶ୍ରାଲୋଇ ପଞ୍ଚାୟତ ଲେଟୁଆପଡା ଠାରେ ପ୍ରସ୍ତାବିତ ହାଇ ଆସ୍ କୋଇଲାରୁ ଆମୋନିୟମ ନାଇଟ୍ରେଟ୍ ପ୍ରକଳ୍ପ ସ୍ଥାପନ ନିମନ୍ତେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଏହି ସର୍ବସାଧାରଣ ଶୁଣାଣିର ଆୟୋଜନ ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆୟୋଜିତ ଜନଶୁଣାଣି ପୁଲିସ ଛାଉଣୀ ମଧ୍ୟରେ ହୋଇଥିଲା। ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଓ ପ୍ରଦୂଷଣ ବୋର୍ଡ ଅଧିକାରୀ ହିରଣ୍ୟକ ନାଏକ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଜନଶୁଣାଣିରେ ଦମୟନ୍ତୀ ବିଶି, ପ୍ରଶାନ୍ତ ବିଶି, ନେତ୍ରାନନ୍ଦ ଭୋଇ, ପିଣ୍ଟୁ ଖମାରୀ, ଶଙ୍କର ଖମାରୀ ପ୍ରମୁଖ ୭୦ବର୍ଷ ହେଲା ହୀରାକୁଦ ବିସ୍ଥାପିତ, ପରେ ଓପିଜିସି ଓ ଏମସିଏଲ୍ ବିସ୍ଥାପିତଙ୍କ ସମସ୍ୟା ସମାଧାନ ହୋଇନାହିଁ ବୋଲି କହିଥିଲେ। ସମଗ୍ର ଅଞ୍ଚଳରେ ଖଣି କାରଖାନା ସକାଶେ ବ୍ୟାପକ ପ୍ରଦୂଷଣ ହେଉଛି। ଏପରି ସ୍ଥଳେ ପୁଣି ଏକ ଗ୍ୟାସ୍ ପ୍ଲାଣ୍ଟ ହେଲେ ପ୍ରଦୂଷଣ ମାତ୍ରା ବଢ଼ିବ। ତାକୁ କିପରି ନିୟନ୍ତ୍ରଣ କରାଯିବ ବୋଲି ପ୍ରଶ୍ନ କରିବା ସହ ସ୍ଥାନୀୟ ନିଯୁକ୍ତି ଦିଆଯିବ, ଉନ୍ନତ ଶିକ୍ଷାର ଓ ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା କରିବାକୁ ଦାବି ରଖିଥିଲେ।

ସେହିପରି କୁଶ୍ରାଲୋଇ ସରପଞ୍ଚ ରଘୁମଣି ପ୍ରଧାନ, ସମିତି ସଭ୍ୟା ଦମୟନ୍ତୀ ସା, ବିଶ୍ୱନାଥ ଭୋଇ, ସୁଧିର ସାହୁ, ସେନାପତି ପ୍ରଧାନ, ବିଜୟ ସେଠ୍, ରଞ୍ଜନ ଭୋଇ ପ୍ରମୁଖ ପ୍ଲାଣ୍ଟ ସ୍ଥାପନାକୁ ସ୍ୱାଗତ କରିଥିଲେ। ଅଡ଼ାପଡା ଗାଁ ଏହି ପ୍ଲାଣ୍ଟ ଠାରୁ ଶୂନ୍ୟ ପଏଣ୍ଟ ଦୂରତାରେ ଥିବାରୁ ବିଶେଷ ପ୍ରଭାବିତ ହେବ। ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହେବାପରେ ୧୯୫୬ରେ ସରକାରଙ୍କ ଠାରୁ ୧୦୧୨.୫୬ ଏକର ଜମି ନେଇ ଅଡ଼ାପଡା ଗାଁ ହୋଇଛି। ହେଲେ ଆଜିଯାଏ ରାଜସ୍ୱ ଗାଁର ମାନ୍ୟତା ମିଳି ନାହିଁ କି ଲୋକଙ୍କୁ ନିଜ ଜମିର ପଟ୍ଟାପାଉତି ମିଳିନାହିଁ। ଜିଲ୍ଲା ପ୍ରଶାସନ ଅଡ଼ାପଡା ଗାଁ କୋଲ୍ ବିଅରିଂ ଆକ୍ଟରେ ଥିବାରୁ ପଟ୍ଟା ହୋଇ ପାରିବ ନାହିଁ ବୋଲି କହୁଛି। କୋଇଲାଖଣି ସକାଶେ ବିସ୍ଥାପନ ଜନିତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଲୋକମାନେ ଦାବି କରିଥିଲେ। ମୋଟାମୋଟି ଜନଶୁଣାଣିରେ ସମସ୍ତେ ପ୍ଲାଣ୍ଟକୁ ସ୍ୱାଗତ କରିଥିଲେ। ମୋଟ ୩୫ ଜଣ ମହିଳା ଓ ପୁରୁଷ ଭାଗନେଇ ନିଜ ଦାବି ଓ ମତ ରଖିଥିଲେ। ୧୦୦ରୁ ଉର୍ଦ୍ଧ୍ୱ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯାଇଥିଲା। ଏହି ଗ୍ୟାସିଫିକେସନ୍ ପ୍ଲାଣ୍ଟ ମୁଖ୍ୟ ଡ.ପିଉଷ ତାଙ୍କର ବକ୍ତବ୍ୟରେ ପ୍ରଦୂଷଣ ଉପରେ ବିଶେଷ ଗୁରୁତ୍ୱ ଦେବାସହ, ନିଯୁକ୍ତି, ସ୍କିଲ୍ ଡେଭଲପମେଣ୍ଟ, ଉନ୍ନତ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା କରାଯିବା ସହ ଅଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି କହିଥିଲେ। ଭାରତବର୍ଷରେ ଏଭଳି ୩ଟି ପ୍ଲାଣ୍ଟ ହେବାକୁ ଯାଉଥିବା ବେଳେ ଓଡ଼ିଶାର ଏହି ପ୍ଲାଣ୍ଟ ପ୍ରଥମ ବୋଲି ପ୍ରକାଶ କରିଥିଲେ। ଜନଶୁଣାଣିରେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ, ଲଖନପୁର ବିଡିଓ ବିନୟ ପଟେଲ, ତହସିଲଦାର ପ୍ରସନ୍ନ ପଟେଲ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ଅତିରିକ୍ତ ତହସିଲଦାର ସନ୍ତୋଷ ନାଏକ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରିଣୀ ଅନୁଷ୍କା ଏକ୍କାଙ୍କ ସମେତ ଅନ୍ୟ ଅଧିକାରୀ ଗଣ ଉପସ୍ଥିତ ଥିଲେ।

## ଟିଆର୍‌ଏଲ୍ ପକ୍ଷରୁ ଫୁଟବଲ କୋଚିଂ ଶିବିର ଉଦ୍‌ଘାଟିତ



ଝାରସୁଗୁଡ଼ା,୧୮।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଗୁମାଡେରାରେ ଟିଆର୍‌ଏଲ୍ ପକ୍ଷରୁ ଟିଆର୍‌ଏଲ୍ କ୍ରୋସାକି ଫୁଟବଲ ଶିବିର ଆରମ୍ଭ ହୋଇଛି। ଟିଆର୍‌ଏଲ୍ କ୍ରୋସାକିର ମ୍ୟାନେଜିଂ ଡାଇରେକ୍ଟର ପ୍ରଶାନ୍ତ ନାଏକ ଏହାର ଉଦ୍‌ଘାଟନ କରିଛନ୍ତି। ସୁଶାନ୍ତ ଦାସ, ବିଶାଳ ସାହୁ, ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ ପ୍ରମୁଖଙ୍କ ସହ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଶିବିରରେ ଜିଲ୍ଲାର ବଛା ବଛା ୫୦ ଜଣ ଖେଳାଳିଙ୍କୁ ଚୟନ କରି ତାଲିମ ପ୍ରଦାନ କରାଯାଉଛି। ୧ ମାସ ଯାଏଁ ଏହି ଶିବିର ମାଧ୍ୟମରେ ସେମାନଙ୍କୁ ତାଲିମ ଦିଆଯାଇ ଶ୍ରେଷ୍ଠ ୨୦ ଜଣଙ୍କୁ ବଛା ଯିବ। ଏହି ୨୦ ଜଣ ଖେଳାଳି ବେଲପାହାଡ ୟୁନାଇଟେଡ ଦଳ ଭାବେ ଆସନ୍ତା ଡିସେମ୍ବରରେ ରତନ ଟାଟା ଷ୍ଟାଡିଅମରେ ହେବାକୁ ଥିବା ଜାତୀୟ ସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏଥିପାଇଁ ଖେଳାଳି ମାନଙ୍କୁ ପ୍ରତିଦିନ ସକାଳ ୬ରୁ ୯ଟା ଏବଂ ଅପରାହ୍ଣ ୩ ଟାରୁ ୫ ଟା ଯାଏଁ ତାଲିମ ପ୍ରଦାନ କରାଯିବା ସହ ୧ ଘଣ୍ଟା ଥିଓରି କ୍ଲାସ କରାଯିବ। ଏହି ତାଲିମ ଶିବିରରେ ସୋମ୍ୟରଞ୍ଜନ ଦତ୍ତ, କାର୍ତ୍ତିକ ଦାସ, ଅଭିଲାଷ ସାହୁ ପ୍ରମୁଖ କୋଚ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିବେ।

## ଅଖିଳ ଭାରତ ସମବାୟ ସପ୍ତାହ ଉପଲକ୍ଷେ ପଦଯାତ୍ରା



ଦେବଗଡ଼,୧୮।୧୧(ସମିସ): ଅଖିଳ ଭାରତ ସମବାୟ ସପ୍ତାହ ତଥା ଆନ୍ତର୍ଜାତିକ ସମବାୟ ବର୍ଷ ୨୦୧୫ ଅବସରରେ ଦେବଗଡ଼ ଜିଲ୍ଲା ସମବାୟ ବିଭାଗ ଅନୁକୂଲ୍ୟରେ ଏକ ଗଣ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରାକୁ ସମବାୟ ସମିତି ସମୂହର ଉପନିବନ୍ଧକ ଭୀମସେନ ସାହୁ, ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ସଚ୍ଚିଦାନନ୍ଦ ଜେନା, ଉପସହକାରୀ ନିବନ୍ଧକ ଭବାନୀ ଶଙ୍କର ପୃଷ୍ଟି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ନୂଆ ବସଷ୍ଟାଣ୍ଡ ଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ ଉପନିବନ୍ଧକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଦେବଗଡ଼ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମସ୍ତ ୨୯ ଟି ସମବାୟ ସମିତିର ସମସ୍ତ ସମ୍ପାଦକ ଓ ଅନ୍ୟ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସମବାୟ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

## ଜାତୀୟ ଜନଜାତି ଆୟୋଗ ସଭ୍ୟାଙ୍କ ଝାରସୁଗୁଡ଼ା ଗସ୍ତ




ଝାରସୁଗୁଡ଼ା,୧୮।୧୧(ସମିସ): ଜାତୀୟ ଜନଜାତି ଆୟୋଗର ସଭ୍ୟା ଡ.ଆଶା ଲାକ୍ରା ଝାରସୁଗୁଡ଼ା ଗସ୍ତ କରିଛନ୍ତି। ଏହି ଅବସରରେ ଜନଜାତିଙ୍କ ଉନ୍ନୟନ ଦିଗରେ ରହିଥିବା ଯୋଜନାଗୁଡ଼ିକରକାର୍ଯ୍ୟକାରିତାନେଇସମୀକ୍ଷାକରିଛନ୍ତି। ସ୍ଥାନୀୟସର୍କିଟହାଉସଠାରେ ବିଭିନ୍ନ ଜନଜାତି ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଡ.ଲାକ୍ରା ଲଖନପୁର ବ୍ଲକ୍‌ରେ ବିସ୍ଥାପିତ ଜନଜାତି ଶ୍ରେଣୀ ଲୋକଙ୍କୁ ଜଙ୍ଗଲ ଅଧିକାର ଆଇନ ଅନ୍ତର୍ଭୁକ୍ତିକରଣ ପୂର୍ବକ ପଟ୍ଟା ଯୋଗାଇଦେବା, କିର୍ମିରା ଓ ଲଇକେରା ବ୍ଲକ୍‌ର ଜନଜାତି ବହୁଳ ଅଞ୍ଚଳରେରାସ୍ତା, ବିଦ୍ୟୁତ ଯୋଗାଣ ଓ ପୋଖରୀ ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ କିପରି ଅଦା, ଲଙ୍କା ଚାଷ ଏବଂ ଚୁଡ଼ି ବ୍ୟବସାୟରୁ ଲାଭ ପାଇ ପାରିବେ ସେଥିପାଇଁ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଓଶୁରୂତ୍‌ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଜୟଶ୍ରୀ ପିପିଟି ମାଧ୍ୟମରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ।

## ଛୁଆଲିବେର୍ଣ୍ଣାରେ ସର୍ଗିଫୁଲ କାର୍ଯ୍ୟକ୍ରମ



ଝାରସୁଗୁଡ଼ା,୧୮।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଛୁଆଲିବେର୍ଣ୍ଣା ଆଶ୍ରମ ସ୍କୁଲରେ ଜିଲ୍ଲା ସ୍ତରୀୟ ଷ୍ଟୁଡେଣ୍ଟ ଫେଷ୍ଟିଭାଲ ସର୍ଗିଫୁଲ-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଜି ପ୍ରଥମ ଦିନରେ ଅପରାହ୍ଣ ୪ ଟା ରୁ ରାତି ୮ ଟା ଯାଏଁ ତାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଲଖନପୁର ବ୍ଲକ୍ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ସାହୁ ଲଖନପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜୋସ୍ନା ରାଉତିଆ ଅଧ୍ୟକ୍ଷତା କରିଥିଲେ। ଛୁଆଲିବେର୍ଣ୍ଣା ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତା ୨ଦିନ ଧରି ଚାଲିବ। ଏଥିରେ ଜିଲ୍ଲାର ମୋଟ ୩୭ ଟି ଆଶ୍ରମ ସ୍କୁଲରୁ ୪ଶହ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୁକ୍ତକୁ ଜେଲ୍

ଦେବଗଡ଼,୧୮।୧୧(ସମିସ): ବାରକୋଟ ଥାନାଞ୍ଚଳରୁ ଜଣେ ନାବାଳିକାକୁ ଅପହରଣ ମାମଲାରେ ମଙ୍ଗଳବାର ବାରକୋଟ ଥାନା ପୁଲିସ ଅପହୃତା ନାବାଳିକାକୁ ଉଦ୍ଧାର କରିଛି। ଏହାସହ ଅପହରଣକାରୀ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୁଲିସ ସୂଚନା ଅନୁଯାୟୀ, ବାରକୋଟ ଥାନାଞ୍ଚଳରୁ ଜଣେ ନାବାଳିକା ଗତ ଅକ୍ଟୋବର ୨୯ ତାରିଖ ଠାରୁ ନିଖୋଜ ହୋଇଯାଇଥିଲା। ପରିବାର ଲୋକ ବହୁ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଧାନ ନ ପାଇବାରୁ ଏ ନେଇ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ନିଖୋଜ ନାବାଳିକାକୁ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ବେରିଡା ଗାଁର ଜଣେ ଯୁବକ ଅପହରଣ କରିନେଇଥିବା ଜଣାପଡ଼ିଥିଲା। ଏହାପରେ ନାବାଳିକାକୁ ଉଦ୍ଧାର କରିବା ସହ ଅପହରଣ ଓ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ବେଆଇନ ଗଞ୍ଜେଇ ଜବତ: ୨ ଅଭିଯୁକ୍ତ କୋର୍ଟ ଚାଲାଣ

ଦେବଗଡ଼,୧୮।୧୧(ସମିସ): ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ଦେବଗଡ଼ ଥାନା ପୁଲିସ ଗତକାଲି ରାତିରେ କୁରଡ ଗାଁରୁ ୨ ଜଣଙ୍କୁ ଗିରଫ କରିଛି। ଏହାସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ବେଆଇନ ଗଞ୍ଜେଇ ଜବତ କରିଛି। ପୁଲିସ ଅନୁଯାୟୀ, ଇନ୍ସପେକ୍ଟର ବିନୟ କେର୍କେଟାଙ୍କ ନେତୃତ୍ୱରେ ଦେବଗଡ଼ ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। କୁରଡ ଗାଁ ଛକରାସ୍ତା ପାଖର୍ରେ ଗାଁର କେଶବ ଚନ୍ଦ୍ର ପ୍ରଧାନ(୫୫) ଓ ସିପୁନ ଦାସ (୩୦) ୨ଜଣ ବ୍ୟକ୍ତି ସନ୍ଦେହ ଜନକ ଭାବେ ଛିଡା ହୋଇଥିଲେ। ପାଟ୍ରୋଲିଂ ରତ ପୁଲିସ ସେମାନଙ୍କୁ ଯାଞ୍ଚ କରିବାରୁ କେଶବ ପାଖରୁ ୨୯୨ ଗ୍ରାମ ଏବଂ ସିପୁନ ପାଖରୁ ୮୦୦ ଗ୍ରାମ ବେଆଇନ ଗଞ୍ଜେଇ ବାହାରିଥିଲା। ପୁଲିସ ସେମାନଙ୍କ ନିକଟରୁ ଗଞ୍ଜେଇ ଜବତ କରିବା ସହ ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ଉଭୟଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

## କିର୍ମିରା ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା




ଝାରସୁଗୁଡ଼ା,୧୮।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍‌ର ବାଗଡିହିର ଚମରାଡିହି ପଡିଆ ଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ୮ଟି ପଞ୍ଚାୟତରୁ ୧୬୦ ଜଣରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗ ଦେଇଥିଲେ। ଅମୁଲର ଆସିଷ୍ଟାଣ୍ଟ ମ୍ୟାନେଜର ସଞ୍ଜୀବ ଶତପଥୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଦୁଗ୍ଧ ଚାଷୀଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଯେପରି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ବିଷୟରେ ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ସମ୍ବଲପୁର ଭାବଗ୍ରାହୀ କିଷାନ, ସମ୍ମାନିତ ଅତିଥି ଭାବେ କିର୍ମିରା ବ୍ଲକ୍ ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁ, ଜିଲ୍ଲା ପ୍ରାଣୀ ଚିକିତ୍ସକ ଡ.ଦୟାସାଗର ଦୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଡ.ରଶ୍ମିରଞ୍ଜନ ସଭା ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଏବଂ ଅତିରିକ୍ତ ମତ୍ସ୍ୟ ସହକାରୀ ଅଧିକାରୀ ଚାଷୀ ଓ ବୈଜ୍ଞାନିକ ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ମେଳାରେ ବ୍ଲକ୍‌ର ୮ ଜଣ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ କାମଧେନୁ ଯୋଜନାରେ କିର୍ମିରା ବ୍ଲକ୍‌ର ୨ ଜଣ ଚାଷୀଙ୍କୁ ୧ଲକ୍ଷ ୬୧ ହଜାର ୨ ଶହ ଟଙ୍କା ସବସିଡି ଆକାରରେ ପ୍ରଦାନ କରାଯାଇଥିଲା। ମେଳାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ରିତା ବାଘ, ବ୍ଲକ୍ ଅଧ୍ୟକ୍ଷ କୃଷ୍ଣପ୍ରିୟା ସାହୁ, କିର୍ମିରା ସରପଞ୍ଚ ସନ୍ତୋଷିନୀ ପଟେଲ, କିର୍ମିରା ଭିଏସ କୃତାଞ୍ଜଳି ସ୍ୱାଇଁ, ବିଡିଓ ଅବିନାଶ ଲାକ୍ରା, ଲଇକେରା ଥାନା ଆଇଆଇସି ଦିଲୀପ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ବିଜୟ ଶର୍ମା, କିର୍ମିରା ବ୍ଲକ୍ ମଣ୍ଡଳ ସଭାପତି ଉଦ୍ଧବ ସିଂ ନାୟକ, ରାଜ କିଷାନ, ଅଂଶୁଳ ଅଗ୍ରୱାଲ, ଯାମିନୀକାନ୍ତ ନାୟକ, ପଙ୍କଜ ଛତ୍ରିଆ, ସଞ୍ଜୀବ ପଟେଲ ଓ ପୱନ ଶର୍ମା ପ୍ରମୁଖଙ୍କ ସହିତ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ଥିଲେ।

## ଯୁବ ଭାରତ ପକ୍ଷରୁ ଜିଲ୍ଲାସ୍ତରୀୟ ଖେଳକୁଦ କାର୍ଯ୍ୟକ୍ରମ



ଦେବଗଡ଼,୧୮।୧୧(ସମିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନସ୍ତ ମେରା ଯୁବା ଭାରତ ଦେବଗଡ଼ ପକ୍ଷରୁ ସୁଗୁଡା ମିନି ଷ୍ଟାଡିୟମ ଠାରେ ଜିଲ୍ଲା ସ୍ତରୀୟ ଖେଳକୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଫୁଟବଲ୍, କବାଡି, ଦୌଡ, ଲମ୍ବ ଡିଆଁ, ବାଳିକା ମାନଙ୍କର ସ୍ଲୋ ସାଇକଲ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମେରା ଯୁବା ଭାରତର ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ତିଳେଇବଣି ପଞ୍ଚାୟତ ସମିତିର ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦାଶରଥି ପ୍ରଧାନ, ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ହିମାଂଶୁ ଶେଖର ଦେହୁରୀ, ସୁଗୁଡା ପଞ୍ଚାୟତର ସମିତି ସଭ୍ୟ ଡମ୍ବରୁଧର ସାହୁ, ନେତାଜୀ କ୍ଲବ୍‌ର ସଭାପତି ଧରଣୀଧର ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରେଶ ପ୍ରଧାନ, ନୃପମଣି ସାହୁ, ବବୁଲୁ ବିଶ୍ୱାଳ, ପ୍ରଦୀପ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇଜେଭି ଫାଉଣ୍ଡେସନର ଶପଥ ଗ୍ରହଣ

ଝାରସୁଗୁଡ଼ା,୧୮।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲିଟିଲ ଷ୍ଟାର ସ୍କୁଲ ପ୍ରାଙ୍ଗଣରେ ଇଜେଭି ଫାଉଣ୍ଡେସନର ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶପଥ ଗ୍ରହଣ ସମାରୋହରେ ୧୫ଜଣ ନୂତନ ସଦସ୍ୟ ସଦସ୍ୟା ଭାବେ ଶପଥ ଗ୍ରହଣ କରିଥିଲେ। ଅତିଥି ଭାବେ ସରୋଜ କୁଅଁର, ବାଲଗୋବିନ୍ଦ ମିଶ୍ର, ରମେଶ ଗାନ୍ଧୀ, ମାଧବ ଦୀକ୍ଷିତ ପ୍ରମୁଖ ବୟୋଜ୍ୟେଷ୍ଠ ବ୍ୟକ୍ତି ମାନେ ମଞ୍ଚାସୀନ ଥିଲେ। ଆସନ୍ତା କିଛିଦିନ ମଧ୍ୟରେ ଇଜେଭି ସଂଗଠନ ପକ୍ଷରୁ ଏକ ପାଇଁ ଅଙ୍ଗଦାନ ଶିବିର ଆୟୋଜିତ ହେବ ବୋଲି ଘୋଷଣା ହୋଇଥିଲା। ଜିଲ୍ଲାରେ ପ୍ରଥମ ଥର ବେସରକାରୀ ସ୍ତରରେ କେବଳ ଇଜେଭି ଫାଉଣ୍ଡେସନ ଏହି କାର୍ଯ୍ୟକ୍ରମକୁ ହାତକୁ ନେଇଥିବା କୁହାଯାଇଥିଲା। ଶେଷରେ ସଂଗଠନ ସମ୍ପାଦିକା ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ନବଜାତ ଶିଶୁ ସପ୍ତାହ



ଦେବଗଡ଼,୧୮।୧୧(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୁରୁଣା କୋଠା ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜାତୀୟ ନବଜାତ ଶିଶୁ ସପ୍ତାହ ପାଳିତ ହୋଇଯାଇଛି। ଶିଶୁରୋଗ ବିଶେଷଜ୍ଞ ଡାକ୍ତର ମାସାଙ୍ଗ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିପିଏମ ସୁଶାନ୍ତ ପ୍ରହରାଜ, ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ, ଡାକ୍ତର ସମ୍ବିତ ପ୍ରଧାନ, ଡିଏମଆରସିଏଚ ଦୁଷ୍ମନ୍ତ ସୂତାର ପ୍ରମୁଖ ଯୋଗ ଦେଇଥିଲେ। ନବଜାତ ଶିଶୁ ମାନଙ୍କର ଯତ୍ନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆଶାକର୍ମୀ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ବିଜ୍ଞାନଭିତ୍ତିକ ନାଟକ ପ୍ରତିଯୋଗିତାରେ ଦେବଗଡ଼ ପ୍ରଥମ

ଦେବଗଡ଼,୧୮।୧୧(ସମିସ):




ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ରାଜ୍ୟ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ବିଜ୍ଞାନ ଭିତ୍ତିକ ଏକାଙ୍କିକା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବଗଡ଼ ଜିଲ୍ଲାରୁ ପ୍ରତିନିଧିତ୍ୱ କରିଥିବା ସର୍ବ ପୁରାତନ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ଛାତ୍ର ମାନଙ୍କୁ ସଫଳତା ମିଳିଛି। ଆଜି ଭୁବନେଶ୍ୱର ସ୍ଥିତ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ୩୦ଟି ଜିଲ୍ଲାରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟ ଭାଗ ନେଇଥିଲେ। ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଛାତ୍ର ମାନଙ୍କ ଦ୍ୱାରା ଅଭିନୀତ ଓ ଗୌର ଚରଣ ସାହୁଙ୍କ ଦ୍ୱାରା ନିର୍ଦ୍ଦେଶିତ ଏକାଙ୍କିକା ନାଟକ 'ଅନୁତାପ' ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତର ନିମନ୍ତେ ମନୋନୀତ ହୋଇଛି। ନାଟକ ପରିଚାଳନାରେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଦେହୁରୀ ଓ ଭାଗ୍ୟଶ୍ରୀ ଗିରି ସହଯୋଗ କରିଥିଲେ। ଏହି ସଫଳତା ପାଇଁ ନିର୍ଦ୍ଦେଶକ, ଗାଇଡ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ମାନଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ଗେଦେରା କୁଜୁର, ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇସ୍ମିତା ପଟ୍ଟନାୟକ, ବିଦ୍ୟାଳୟ ପ୍ରଧାନଶିକ୍ଷକ ବରୁଣ ପ୍ରଧାନ, ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ଛାତ୍ର ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ପାରାଦୀପରୁ ବାଂଲାଦେଶୀ ଚିହ୍ନଟ ଦାବି**

# ଜବରଦଖଲକାରୀ ବାଂଲାଦେଶୀ ନାଁ ବଙ୍ଗଳା ଭାଷୀ

ପାରାଦୀପ,୧୮।୧୧(ସମିସ):

ପାରାଦୀପ ବନ୍ଦରାଞ୍ଚଳରେ ଅନେକ ଅଞ୍ଚଳ ଏବେ ଜବରଖଲକାରୀଙ୍କ କବ୍ଜାକୁ ଗଲାଣି। ଏହି ଜବରଦଖଲକାରୀଙ୍କ ମଧ୍ୟରେ ଅଣ ଓଡ଼ିଆ ବାଂଲାଦେଶୀଙ୍କ ସଂଖ୍ୟା ଅଧିକ ବୋଲି ଅନୁମାନ କରାଯାଉଛି। ଏହି ଅଣଓଡ଼ିଆ ବାଂଲାଦେଶୀ ପାରାଦୀପର ଜରଦାରୀ ପଡ଼ା, ମୁଷାଢ଼ିଆ, ଭିମାନାସୀ, ଲକ୍‌ପଡ଼ା, ରଙ୍ଗିଆଗଡ଼ ଚାନ୍ଦିନୀ, ଚନକଣ ଓ ରାମଚଣ୍ଡୀ ପଡ଼ା ଅଞ୍ଚଳରେ ସେମାନଙ୍କର କାୟା ବିସ୍ତାର କରି ସାରିଛନ୍ତି। ପ୍ରାୟ ପାରାଦୀପରେ ଏହି ସବୁ ସ୍ଥାନରେ ବିଶେଷକରି ଅଣ ଓଡ଼ିଆ ବଙ୍ଗଳା ଭାଷୀ ଲୋକ ହିଁ ଜବରଦଖଲ କରି ରହି ଆସୁଥିବା ନେଇ ଚର୍ଚ୍ଚା ହେଉଛି। ସେମାନେ ଧୀରେ ଧୀରେ ପାରାଦୀପରେ ପ୍ରବେଶକରି ଦଲାଲଙ୍କ ସହାୟତାରେ ଘର କରିବାକୁ ସାହସ କରୁଛନ୍ତି। ପରେ ଅନେକ ଜାଗାକୁ ନିଜ ଅକ୍ତିଆରକୁ ଆଣି କୁକୁଡ଼ା ଚାଷ, ଚୋରା କୋଇଲା ଗଚ୍ଛିତ ରଖିବା, କାଠ ଗଦା କରି ରଖିବା, ପରିବା ଚାଷ କରିବା ଭଳି କାମରେ ଲଗାଉଛନ୍ତି। ମୁଷାଢ଼ିଆକୁ ଲାଗିଥିବା ମହାନଦୀ ମଧ୍ୟରେ ଜବରଦଖଲ କରି ବହୁ ଅଣଓଡ଼ିଆ ଲୋକ ରହୁଛନ୍ତି। ନଦୀ ଭିତରେ ଲୋକ ଘର କରି ରହୁଛନ୍ତି। ଆଉ ଚକିତ କଲା ଭଳି ଘଟଣା ହେଲା ଏହି ସବୁ ଜବରଦଖଲକାରୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଅଣ ଓଡ଼ିଆ ବଙ୍ଗଳା ଭାଷୀ। ତେବେ ସେମାନେ କେବେ କେଉଁଠୁ ଆସୁଛନ୍ତି, ଆଉ କେବେ ଜବରଦଖଲ କରି ଘର ତୋଳି ସରକାରଙ୍କ ସବୁ ସୁଖ ସୁବିଧାକୁ ହାତେଇ ନେଉଛନ୍ତି ତାର ଉତ୍ତର କାହା ପାଖରେ ନାହିଁ। ତେଣୁ ଏହି ଅନୁ ପ୍ରବେଶକାରିମାନେ ଏବେ ଖାଲି ଜିଲ୍ଲା ପ୍ରଶାସନର ନୁହେଁ, ବରଂ ପାରାଦୀପ ବନ୍ଦରପ୍ରଶାସନର ନିଦ ହଜାଇ ଦେଇଛନ୍ତି। ତେବେ ସେମାନଙ୍କୁ ବନ୍ଦରର ଜାଗାରୁ ଓ ଜିଲ୍ଲା ପ୍ରଶାସନ ଜାଗାରୁ ହଟାଇବାକୁ ବେଶ କସରତ କରିବାକୁ ପଡିବ। ଏଥିରେ ସନ୍ଦେହ ନାହିଁ। ତେବେ ଏବେଠୁ ସ୍ଥାନୀୟ ପ୍ରଶାସନ ମଧ୍ୟ ତତ୍ପର ହୋଇ ଶୀଘ୍ର ପଦକ୍ଷେପନେବା ଜରୁରୀ ହୋଇ ପଡିଛି। ଏହା ବ୍ୟତୀତ ଜଗତସିଂହପୁର ଜିଲ୍ଲା ଓ କେନ୍ଦ୍ରାପଡା ଜିଲ୍ଲାରୁ ସେମାନଙ୍କୁ ଚିହ୍ନଟ ହୋଇ ଘର ଉଚ୍ଛେଦ ପରେ ଏହି ଅନୁପ୍ରବେଶକାରୀ ମାନେ ଆସି ପାରାଦୀପରେ ଲୁଚି ଛପିଯିବାର ବହୁ ସମ୍ଭାବନା ରହିଛି। ତୁରନ୍ତ ପ୍ରଶାସନ ଏହା ଉପରେ ନଜର ଦେବାର ଆବଶ୍ୟକତା ରହିଛି।

## ପ୍ରାଥମିକ ଚିକିତ୍ସା ତାଲିମ୍ ପ୍ରଦାନ

ନାଉଗାଁ,୧୮।୧୧(ସମିସ): ଜିଲ୍ଲା ଜୁନିଅର୍ ରେଡକ୍ରସ୍ ସଂଗଠନ ତରଫରୁ ସ୍ଥାନୀୟ ଦହିପାଳ ଓଡ଼ିଆ ଆଦର୍ଶ ବିଦ୍ୟାଳୟ ଓ ନାଉଗାଁହାଟ ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜୁନିଅର୍ ରେଡକ୍ରସ୍



ଅଧିକାରୀ ତ୍ରିଲୋଚନ ସାହୁଙ୍କ ନେତୃତ୍ୱରେ ଜିଲ୍ଲା ଜେଆର୍‌ସି ସଂଗଠନର ବରିଷ୍ଠ ଶିକ୍ଷକ ନିରଞ୍ଜନ ମହାନ୍ତି, ପ୍ରଶିକ୍ଷକ ଚନ୍ଦନ ବେହେରା, ହିମାଂଶୁ ମହାନ୍ତି, ସାରଦା ଅଧିକାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ପ୍ରାଥମିକ ଚିକିତ୍ସା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ଅର୍ଚ୍ଚନା ନନ୍ଦ, ଶିକ୍ଷକ କୃଷ୍ଣବଲ୍ଲଭ ବେହେରା, ଅଭିଜିତ ବେହେରା, ବିଶ୍ୱଜିତ୍ ବିଶ୍ୱାଳ, ବିଭୁପ୍ରସାଦ ଓଝା, ସତ୍ୟରଞ୍ଜନ ବେହେରା, ନୀତିଶ କୁମାର ବେହେରା, ନାଉଗାଁହାଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଶୀ ସେଠୀ, ଶିକ୍ଷକ ପୁରୁଷୋତ୍ତମ ତ୍ରିପାଠୀ, ମାନସ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ନୂତନ ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜେଆର୍‌ସି ୟୁନିଟ୍ ଖୋଲାଯାଇ ପିଲାମାନଙ୍କୁ ଶପଥ ପାଠ କରାଯାଇଥିଲା।

## ବ୍ରହ୍ମାକୁମାରୀ ସେବାକେନ୍ଦ୍ରରେ ରକ୍ତଦାନ ଶିବିର

ଜଗତସିଂହପୁର,୧୮।୧୧(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜଗତସିଂହପୁର ଶାଖା ଓ କାନାରା ବ୍ୟାଙ୍କ ଡେଙ୍ଗାପୋଲ ଶାଖା ମିଳିତ ଆନୁକୂଲ୍ୟରେ ସିପି ସ୍ଥିତ ସେବା କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ସାଗରିକା, ସମ୍ମାନିତ ଅତିଥି ଡ. ପ୍ରିୟନ୍ତ ମେହେର, ବ୍ରହ୍ମାକୁମାରୀ ଚିନ୍ମୟୀ, ବ୍ରହ୍ମାକୁମାରୀ ଉର୍ମିଳା, ବ୍ରହ୍ମାକୁମାରୀ ସୁଷମା, ପଶୁ ଚିକିତ୍ସା ବିଭାଗ ଡେପୁଟି ଡାଇରେକ୍ଟର ଡ.ବ୍ରହ୍ମା କୁମାର ସରୋଜ, ବରିଷ୍ଠ ଭ୍ରାତା ବ୍ରହ୍ମାକୁମାର ମିହିର,



କାନାରା ବ୍ୟାଙ୍କ ମ୍ୟାନେଜର ବ୍ରହ୍ମା କୁମାର ସୌମ୍ୟରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ରକ୍ତଦାନ ଭଳି ମହାନ ପୂଣ୍ୟକାର୍ଯ୍ୟର ଗୁରୁତ୍ୱ ଦର୍ଶାଇଥିଲେ। ଜିଲ୍ଲା ବ୍ଲଡ୍‌ବ୍ୟାଙ୍କ ସହାୟତାରେ ୩୮ ଜଣ ଆଗ୍ରହୀ ରକ୍ତଦାତାଙ୍କୁ ପରୀକ୍ଷା ପରେ ମୋଟ୍ ୨୫ ଜଣଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ଶେଷରେ ସେବାକେନ୍ଦ୍ରର ବ୍ରହ୍ମାକୁମାରୀ ଭଉଣୀମାନେ ପ୍ରଭାତି, ବେବିନା, ଚାନ୍ଦିନୀ, କବିତା, ନିରୁପମା ତଥା ବ୍ରହ୍ମା କୁମାର ଭାଇମାନେ ଜୟନ୍ତ, ହରେକୃଷ୍ଣ, ଶରତ,ଅଜୟ, ଜଗନ୍ନାଥ,ସନାତନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ମେଳା



ପାରାଦୀପ,୧୮।୧୧(ସମିସ): ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ନବସୃଜନ ଏବଂ ଅଭିଜ୍ଞତାମୂଳକ ଶିକ୍ଷାର ପ୍ରଦର୍ଶନ ପୂର୍ବକ ଏକ ଟିଏଲ୍‌ଏମ ମେଳା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ପଙ୍କଜ ଭାର୍ଷ୍ଣେୟ ଏହାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଶୁଭ୍ରଜିତ ନାୟକ ଏବଂ ପ୍ରାଥମିକ ଶିକ୍ଷକ ସୂର୍ଯ୍ୟକାନ୍ତ ତ୍ରିପାଠୀ ସଂଯୋଜନା କରିଥିଲେ। ପ୍ରଥମରୁ ପଞ୍ଚମ ଶ୍ରେଣୀର ୪୨୦ରୁ ଅଧିକ ଛାତ୍ରଛାତ୍ରୀ ଉତ୍ସାହର ସହିତ ସେମାନଙ୍କ ଶିକ୍ଷକଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଟିଏଲଏମ ପ୍ରଦର୍ଶନ କରିଥିଲେ। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବିଦ୍ୟାଳୟରେ ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି, ଯାହା କାର୍ଯ୍ୟକଳାପ-ଭିତ୍ତିକ ଶିକ୍ଷା, ଏନ୍‌ଇପି-୨୦୨୦ ଲକ୍ଷ୍ୟ ଏବଂ ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ ପ୍ରତି ବିଦ୍ୟାଳୟର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ରୂପରଞ୍ଜନ ବୁଡେକ, ଶିବାନନ୍ଦ ନାହାକ, ରମାକାନ୍ତ ସାହାଣୀ, ଲଲାଟେନ୍ଦୁ ପାଣ୍ଡବ ଏବଂ ଶ୍ରୀମତୀ ସାକ୍ଷୀ ଶର୍ମାଙ୍କ ସମେତ ଅନ୍ୟ ଶିକ୍ଷକମାନେ କାର୍ଯ୍ୟକ୍ରମକୁ ସୁଗମ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ସାମ୍ବାଦିକ ସଂଘ ସଭାପତିଙ୍କ ପିତୃ ବିୟୋଗ



ରଘୁନାଥପୁର,୧୮।୧୧(ସମିସ): ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ବରିଷ୍ଠ ସାମ୍ବାଦିକ କଲ୍ୟାଣ ସେନ୍‌ଙ୍କ ପିତା ରବୀନ୍ଦ୍ରନାଥ ସେନ୍ (୯୦)ଙ୍କ ସୋମବାର ମଧ୍ୟରାତ୍ରୀରେ ତାଙ୍କ ବାଗସାହି ସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଳସମ୍ପଦ ବିଭାଗରେ କାର୍ଯ୍ୟକରି ଅବସର ନେଇଥିଲେ। ଜଣେ ଦକ୍ଷ ପ୍ଲାନ ଟ୍ରେସର ଭାବେ ଅଞ୍ଚଳରେ ବେଶ ସୁନାମ ଅର୍ଜନ କରିଥିଲେ। ମଙ୍ଗଳବାର ସକାଳେ ରଘୁନାଥପୁର ବ୍ଲକ ଅଞ୍ଚଳର ସମସ୍ତ ସାମ୍ବାଦିକ, ବୁଦ୍ଧିଜୀବୀ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜନୀତିଜ୍ଞ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରରୁ ଏକ ଶୋଭାଯାତ୍ରାରେ ଗ୍ରାମପଞ୍ଚାୟତ ପରିଭ୍ରମଣ କରି ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପର୍ଣ୍ଣ କରଯାଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର କଲ୍ୟାଣ ସେନ ମୁଖାଗ୍ନି ଦେଇଥିବା ବେଳେ ତାଙ୍କର ପରିବାର, ବନ୍ଧୁଜନ ଓ ରଘୁନାଥପୁର ଅଞ୍ଚଳର ସବୁ ସାମ୍ବାଦିକ ଉପସ୍ଥିତ ଥିଲେ।

## ବୁଲିଲା ଶୂନ୍ୟ ମୃତାହତ ପକ୍ଷ ସଚେତନତା ରଥ



ଜଗତସିଂହପୁର,୧୮।୧୧(ସମିସ): ଜଗତସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ପରିସରରେ ଶୂନ୍ୟ ମୃତାହତ ପକ୍ଷ ସଚେତନତା ରଥ ଉଦ୍‌ଘାଟିତ ହୋଇ ଯାଇଛି। ନଭେମ୍ବର ୧୮ ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲା ବୁଲିବାକୁ ଥିବା ଏହି ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଏବଂ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପତାକା ଦେଖାଇ ଉଦଘାଟନ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଦିପକ କୁମାର ସେଠୀଙ୍କ ପୌରୋହିତରେ ଏହି ସଚେତନତା ରଥ ଉଦ୍‌ଘାଟନ ହୋଇଥିଲା। ଏଥିରେ କନିଷ୍ଠ ମଟର ଯାନ ନିରୀକ୍ଷକ ମନୋରମା ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରତାପ କୁମାର ବେହେରା ଗୁରୁଗୋରେଖ ଟ୍ରାଭେଲରସ୍ ପରିଚାଳକ ସୂର୍ଯ୍ୟ ନାରାୟଣ ମହାନ୍ତି ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ଠିକାଦାର ସଂଗଠନର ବୈଠକ



ଜଗତସିଂହପୁର,୧୮।୧୧(ସମିସ): ଜଗତସିଂହପୁର ଜିଲ୍ଲା ଠିକାଦାର ସଂଗଠନର ସ୍ୱତନ୍ତ୍ର ବୈଠକ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦେବୀ ପ୍ରସନ୍ନ ତ୍ରିପାଠୀ, ଆଲୋକ ଦାସ, କରୁଣାକର ରାଉତରାୟ, ହୃଷିକେଶ ସ୍ୱାଇଁ, ପବିତ୍ର ନାୟକ, ବିଜୟ ସାସମଲ, ଭାଗୀରଥି ସାହୁ, ପାର୍ଥ ସ୍ୱାଇଁ, ଅରବିନ୍ଦ ହୋତା, ଅରବିନ୍ଦ ସ୍ୱାଇଁ ଓ ସମୀର ମହାନ୍ତି ପ୍ରମୁଖ ବରିଷ୍ଠ ଠିକାଦାର ଯୋଗଦେଇ ଏକ ସ୍ୱତନ୍ତ୍ର ନିଷ୍ପତ୍ତି ନେଇଛନ୍ତି। ଉକ୍ତ ନିଷ୍ପତ୍ତି ଅନୁସାରେ ବିଭିନ୍ନ ସରକାରୀ ସଂସ୍ଥା ଓ ଇଂଜିନିୟରିଂ ଡିପାର୍ଟମେଣ୍ଟରେ ଚାଲିଥିବା ଟେଣ୍ଡର ପ୍ରକ୍ରିୟାରେ ସମ୍ପ୍ରତି ଲଟ୍ରି ମାଧ୍ୟମରେ ଠିକାଦାର ଚୟନ କରାଯାଉଛି। ଚତୁରତାର ସହିତ ଠିକାଦାରଙ୍କୁ ୧୪.୯୯ ପରସେଣ୍ଟରେ ଲେସ ଟେଣ୍ଡର ପକାଇବାକୁ ଦିଆଯାଉଛି। ଲେସ ଟେଣ୍ଡରର ମୂଲ୍ୟ ରହୁନାହିଁ। ଅପରପକ୍ଷରେ ଠିକାଦାର କ୍ଷତିଗ୍ରସ୍ତ ହେଉଛନ୍ତି। ଯଦି ଲେସ ଟେଣ୍ଡରର ମୂଲ୍ୟ ରହୁନାହିଁ ଓ ଲଟ୍ରି ମାଧ୍ୟମରେ ଠିକାଦାର ଚୟନ କରାଯାଉଛି, ତେବେ ଠିକାଦାର ଲେସ ଟେଣ୍ଡରରେ ପକାଇବେ ନାହିଁ। ତେଣୁ ସର୍ବସମ୍ମତି କ୍ରମେ ନିର୍ଦ୍ଧାରିତ ଟେଣ୍ଡର ମୂଲ୍ୟ ଅନୁସାରେ ଠିକାଦାର ଟେଣ୍ଡର ପକାଇବେ ଓ ଲଟ୍ରି ମାଧ୍ୟମରେ ଠିକାଦାର ଚୟନ କରାଯିବାକୁ ନିଷ୍ପତ୍ତି ହୋଇଛି। ଆଉ କୌଣସି ଠିକାଦାର ଲେସରେ ଟେଣ୍ଡର ପକାଇବେ ନାହିଁ। ଠିକାଦାର ସଂଘର ଏହି ନିଷ୍ପତ୍ତି ପ୍ରସଙ୍ଗରେ ପ୍ରତି ବ୍ଲକ୍ ଓ ପୌରାଞ୍ଚଳ ସ୍ତରରେ କର୍ମଶାଳା କରାଯାଇ ଜିଲ୍ଲାର ସମସ୍ତ ଠିକାଦାରଙ୍କୁ ସଚେତନ କରାଯିବାକୁ ସ୍ଥିର ହୋଇଥିବା ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ବନ୍ଦର କର୍ମଚାରୀଙ୍କ ସ୍ମୃତିସଭା

କୁଜଙ୍ଗ,୧୮।୧୧(ସମିସ): କୁଜଙ୍ଗ ବ୍ଲକ ମହ୍ଲାସାହି ପଞ୍ଚାୟତ ଗୌରପଡ଼ା (ତାଳଦଣ୍ଡା) ଗ୍ରାମର ଅବସରପ୍ରାପ୍ତ ବନ୍ଦର କର୍ମଚାରୀ ତଥା ଗାଁ ମୁରବୀ ସମାଜସେବୀ ମୋହନ ଚରଣ ରାଉତଙ୍କ ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିସଭା ଗାଁ ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ବିଭାଗ କର୍ମଚାରୀ ଶ୍ରୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିସଭା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସମ୍ପିତ ରାଉତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣି ସାହୁ, ସୁଜଳ କୁମାର ସ୍ୱାଇଁ, ଅରୁଣ ବେହେରା, ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ, ମହ୍ଲାସାହି ଧ୍ରୁବଚରଣ ନାୟକ, ସତ୍ୟବାନ ମୁଦୁଲି, ପ୍ରମୋଦ ସ୍ୱାଇଁ, ତପନ ସାମନ୍ତରାୟ, ଜୀବନାନନ୍ଦ ସାହୁ, ଅକ୍ଷୟ ସାହୁ, ବଲ୍ଲବ ଚରଣ ପାଣି, ପ୍ରଦୀପ୍ତ ରାଉତ, ବସନ୍ତ ବେହେରା, ପବିତ୍ର ପ୍ରଧାନ, ଅବିନାଶ ମଲ୍ଲିକ, ବିକ୍ରମ ରାଉତରାୟ, ଅରୁ ପ୍ରସାଦ ମହାନ୍ତି, ଶରତ ମହାନ୍ତି,ବିଚିତ୍ରାନନ୍ଦ ପ୍ରଧାନ, ଦୁଷ୍ମନ୍ତ ମାଝୀ, ରଂଜିତ ପଣ୍ଡା, ବିଶ୍ୱଜିତ ପାଣି, ପ୍ରତାପ ରୁଦ୍ର ବେହେରା, ଅଭୟ ସାମଲ, ନିରଞ୍ଜନ ନାୟକ, ବିବେକାନନ୍ଦ ସାହୁ, ସୁବାସ ଦାସ, କୈଳାସ ଦାସ, ନିର୍ଭୟ ବିଶ୍ୱାଳ, ହରେକୃଷ୍ଣ ସେଠୀ, ପ୍ରମୋଦ ବାରିକ, ବାବୁଲି ପରିଡ଼ା, ମନୋଜ ବେହେରା, ଚିତ୍ତରଞ୍ଜନ ବେହେରାଙ୍କ ସମେତ ଶୁଭେଚ୍ଛୁ, ସହକର୍ମୀ ମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପୁତ୍ର ପ୍ରମୋଦ, ଚନ୍ଦନ, ଜାମାତା ବାବୁଲି, ଦିବ୍ୟ, ପୁତୁରା ବାବୁ, ରଞ୍ଜନ, ପାପୁନି, କୁନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଘରୋଇ ଛାତ୍ରାବାସରେ କଲେଜ ଛାତ୍ରଙ୍କ ଆତ୍ମହତ୍ୟା

ଜଗତସିଂହପୁର,୧୮।୧୧(ସମିସ): ଜଗତସିଂହପୁର ସଦର ମହକୁମାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ନିକଟରେ ଥିବା ଏକ ଘରୋଇ ଛାତ୍ରାବାସରେ ଜଣେ କଲେଜ ଛାତ୍ର ଗତକାଲି ରାତିରେ ଆତ୍ମହତ୍ୟା କରିଛନ୍ତି।



ଉକ୍ତ ଛାତ୍ରଙ୍କ ନାମ ଓମ୍ ପ୍ରକାଶ ଆଚାର୍ଯ୍ୟ ଏବଂ ତାଙ୍କ ଘର ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଉଗାଳପୁର ଗ୍ରାମରେ ବୋଲି ଜଣାପଡିଛି। ଓମ୍ ଜଗତସିଂହପୁରର ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ +୩ ରେ ପାଠ ପଢୁଥିଲେ। ଗତକାଲି ସେ ଘରୁ ପଳାଇଆସି ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ନିକଟରେ ଥିବା ଏକ ଘରୋଇ ଛାତ୍ରାବାସରେ ଜଣେ ସାଙ୍ଗଙ୍କ ନିକଟରେ ରହିଥିଲେ। ତେବେ ରାତିରେ ତାଙ୍କ ସାଙ୍ଗକୁ ଅଲଗା ଘରେ ଶୋଇବାକୁ କହି ସେ ଏକୁଟିଆ ଅନ୍ୟଏକ ଘରେ ଶୋଇଥିଲେ। ଆଜି ସକାଳେ ସେ ଶୋଇଥିବା ଘରର ଝରକାରେ ଏଗ ଗାମୁଛାରେ ଝୁଲିଥିବା ଦେଖିବା ପରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଓମ୍‌କୁ ସେଠାରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ଏବଂ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଓମ୍ କାହିଁକି ଏବଂ କେଉଁ ପରିସ୍ଥିତିରେ ଆତ୍ମହତ୍ୟା କଲେ ତାହା ଜଣାପଡିନଥିବା ବେଳେ ପାରିବାରିକ କଳହ କାରଣରୁ ମାନସିକ ଭାରସାମ୍ୟ ହରାଇ ସେ ଏଭଳି କରିଥାଇପାରନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ସଦର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

## ରାହମାରେ କନ୍ୟା ଶିବିର

କୁଜଙ୍ଗ,୧୮।୧୧(ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତାଳପଡା, ରାହାମା ପରିସରରେ ଏକ କନ୍ୟା ଶିବିର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସାରଳା ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପିକା ସୁଶ୍ରୀ



ଅନ୍ନପୂର୍ଣ୍ଣା ପଣ୍ଡା ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଦୀପକ କୁମାର ଦାସ ନିଜର ବକ୍ତବ୍ୟରେ ଏକ ସୁସ୍ଥ ଓ ନିରାପଦ ଜୀବନ ପାଇଁ କନ୍ୟାମାନଙ୍କ କିପରି କାର୍ଯ୍ୟ କରିବେ ତାହା ବୁଝାଇଥିଲେ। ଅନ୍ୟ ଏକ ପର୍ଯ୍ୟାୟରେ ମଣିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ସେବିକା ସଲିଳା ରଥ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ତଥା ବାଳିକା ଶିକ୍ଷା ପ୍ରମୁଖ ସୁଶ୍ରୀ ସସ୍ମିତା ବେଉରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ୧୨୧ଜଣ ଛାତ୍ରୀ,୨୪ଜଣ ଗୃରୁମା ଅଂଶ ଗ୍ରହଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ଉପସଭାପତି ଦେବେନ୍ଦ୍ର କୁମାର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ବେଉରା, ଉପଦେଷ୍ଟା ବିଭୂତି ଭୂଷଣ ବରାଳ ତଥା ଅନ୍ୟତମ ଉପଦେଷ୍ଟା ରମାକାନ୍ତ ଦାସ, ସହପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର୍ ଭୂୟାଁ ବିଭିନ୍ନ ସମୟରେ ଯୋଗଦାନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ପ୍ରାର୍ଥନା, ବନ୍ଦନା ଯୋଗ ଅଭ୍ୟାସ, ସଙ୍ଗୀତ, ଝୋଟି, ଭାଷଣ, ନୃତ୍ୟ ପ୍ରତିଯୋଗିତା ସହ ଏକ ଅଭିନୟ ଅନୁଷ୍ଠିତ ହୋଇଥିଲା।

## ପୂର୍ବତନ ବିଧାୟକ ଉମେଶ ସ୍ୱାଇଁଙ୍କ ସ୍ମୃତିସଭା



ନାଉଗାଁ,୧୮।୧୧(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ସାଧୁଗୋସ୍ୱାମୀ ପୀଠ ପ୍ରାଙ୍ଗଣରେ ବାଲିକୁଦା-ନାଉଗାଁର ପୂର୍ବତନ ବିଧାୟକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ୪ର୍ଥ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଡ. ବିନୋଦ ବିହାରୀ ବେହୁରାଙ୍କ ସଭାପତିତ୍ୱରେ ଏଥିରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିରଞ୍ଜନ ବେହୁରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଦୁଃଶାସନ ନାୟକ, ବିଜୟ ବେହେରା, ଶାରଦା ପ୍ରଶନ ମୁଦୁଲି, ବାଲିକୁଦା ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ଶେଖର ଦାସ, ଅଶୋକ ସ୍ୱାଇଁ, ଧନେଶ୍ୱର ନାୟକ, ନୃସିହ ନାୟକ, ବାବୁଲି ବାବୁ, ରୋହିତ ବାଉତ, ଜ୍ୟୋତିର୍ମୟ ପରିଡା ଓ ଅନେକ ଉମେଶ ପ୍ରେମୀ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ହୋଇ ସ୍ୱର୍ଗତ ସ୍ୱାଇଁଙ୍କ ଜୀବନ ଓ କାର୍ଯ୍ୟକୁ ସ୍ମରଣ କରିଥିଲେ।

## ଶିକ୍ଷାବିତ୍‌ଙ୍କୁ ବନମାଳୀ ବ୍ରହ୍ମଚାରୀ ସ୍ମୃତି ସମ୍ମାନ



ଜଗତସିଂହପୁର,୧୮।୧୧(ସମିସ): ଶିକ୍ଷକ ଗୌରବ ତଥା ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପୂର୍ବତନ ସଭାପତି ବନମାଳୀ ବ୍ରହ୍ମଚାରୀଙ୍କ ୧୨୦ତମ ଜୟନ୍ତୀ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପୁରୁଣାଗଡ ସ୍ଥିତ ପ୍ରଫୁଲ୍ଲ ପାଠାଗାର ପରିସରରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ମହେଶ ଚୌଧୁରୀ ଏଥିରେ ଯୋଗଦେଇ ଶିକ୍ଷକମାନଙ୍କୁ ପ୍ରତ୍ୟକ୍ଷ ଅନୁଦାନ, ପେନସନ୍ ସୁବିଧା ଓ ୟୁଜିସି ବେତନ ପ୍ରଦାନ କ୍ଷେତ୍ରରେ ସ୍ୱର୍ଗତ ବ୍ରହ୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀ, ବଂଶୀଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ସଞ୍ଜୟ କୁମାର ସାମନ୍ତ ସିଂହାର, ରମେଶ ଚନ୍ଦ୍ର ସାହୁ, ଅଧ୍ୟାପକ ମିହିର କୁମାର ଚୌଧୁରୀ ଓ ପ୍ରତାପ ରାଉତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ଓ ସୁସଂଗଠକ ବିଜୟ କୁମାର ପତିଙ୍କୁ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଚଳିତ ବର୍ଷ ପାଇଁ 'ବନମାଳୀ ବ୍ରହ୍ମଚାରୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପାଠାଗାର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

## ବିଜ୍ଞାନ, କଳା ଏବଂ ହସ୍ତଶିଳ୍ପ ରଙ୍ଗୋଲି କାର୍ଯ୍ୟକ୍ରମ

ପାରାଦୀପ,୧୮।୧୧(ସମିସ): ପାରାଦୀପର ବେଥାନି କନଭେଣ୍ଟ ସ୍କୁଲ୍‌ର ବାର୍ଷିକ ବିଜ୍ଞାନ, କଳା ଏବଂ ହସ୍ତଶିଳ୍ପ ଏବଂ ରଙ୍ଗୋଲି କାର୍ଯ୍ୟକ୍ରମ "ନୋଭା-ଉନ୍ନତ କରିବାକୁ ଉଦ୍ଭାବନ' ଅନୁଷ୍ଠିତ ହୋଇଯାଇଛି। ନର୍ସରୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ନବସୃଜନ ଏବଂ ବୈଜ୍ଞାନିକ ମନୋଭାବ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ୪୫୦ ରୁ ଅଧିକ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନୀକୁ ଇଫକୋ ପାରାଦୀପ ୟୁନିଟ ପିଆଣ୍ଡଏ ମୁଖ୍ୟ ବିକେ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରି ଯୁବ ଶିକ୍ଷାର୍ଥୀଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ଏଜିଏମ (ଆଇନ) ଧର୍ମେନ୍ଦ୍ର ମେହେର ଯୋଗଦେଇ କଳାତ୍ମକ ଏବଂ ବୈଜ୍ଞାନିକ ପ୍ରତିଭା ଉଭୟକୁ ପୋଷଣ କରୁଥିବା ଏକ ପ୍ଲାଟଫର୍ମ ପ୍ରଦାନ କରିବା ପାଇଁ ସ୍କୁଲର ଭୂମିକାକୁ ପ୍ରଶଂସା କରିଥିଲେ।ଏହି କାର୍ଯ୍ୟକ୍ରମକୁ ସ୍କୁଲର ଫାଦର ସୁନୀଲ ଲାକ୍ରା ପରିଚାଳନା କରିଥିବା ବେଳେ ରେଭର୍ ଫାଦର ନିହାର ରଞ୍ଜନ ପରିଚା ଏବଂ ଉପାଧ୍ୟକ୍ଷ ଅନୁ ଜ୍ୟୋତିଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା, ଯାହାଙ୍କ ସାମୂହିକ ସମର୍ଥନ ପ୍ରଦର୍ଶନୀକୁ ଏକ ସଫଳ ଏବଂ ସ୍ମରଣୀୟ କରିଥିଲା।

# ଡିଙ୍କିଆରେ ଗ୍ରାମସଭା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ପାରାଦୀପ,୧୮।୧୧(ସମିସ):

ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଡିଙ୍କିଆ ପଞ୍ଚାୟତରେ ଗ୍ରାମସଭା ପାଇଁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଏରସମା ବ୍ଲକ ଅନ୍ତର୍ଗତ ଡିଙ୍କିଆ ପଞ୍ଚାୟତରେ ଗତ ଅକ୍ଟୋବର ୧୦ ତାରିଖରେ ଗ୍ରାମସଭା ହୋଇଥିଲା। ଜଙ୍ଗଲ ଜମିର କିସମ ପରିବର୍ତ୍ତନ ନ କରିବାକୁ ମତ ଆସିଥିଲା। ସଭାରେ ପ୍ରଶାସନିକ ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ। ପରେ ୨୮ ତାରିଖରେ ଗ୍ରାମସଭା ପାଇଁ ନୋଟିସ୍ ଜାରି କରାଯାଇଥିଲା ଓ ଡେଙ୍ଗୁରା ଦିଆଯାଇଥିଲା। ହେଲେ ଉକ୍ତ ଅଞ୍ଚଳରେ ଆଇନି ଶୃଙ୍ଖଳା ସମସ୍ୟା ଉପୁଜିବାର ଆଶଙ୍କା କରି ଡିଙ୍କିଆ ଫୁଲଖାଇ ଠାକୁରାଣୀ ପୀଠ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ପଡିଆ ଅଞ୍ଚଳରେ ଉପଜିଲ୍ଲାପାଳ ନିର୍ଦ୍ଦେଶକ୍ରମେ ଅଭୟଚାନ୍ଦପୁର ଥାନା ପକ୍ଷରୁ ଅକ୍ଟୋବର ୨୭ ତାରିଖରେ ଭାରତୀୟ ନାଗରିକ ସଂହିତା ୧୬୩ ଧାରା ଜାରିକରିଥିଲେ। ଯାହାଫଳରେ ପ୍ରଶାସନିକ କଟକଣାରୁ ୨୮ ତାରିଖରେ ହେବାକୁ ଥିବା ଗ୍ରାମସଭା ସମ୍ଭବ ହୋଇ ପାରିନଥିଲା। ଯାହା ଫଳରେ ଡିଙ୍କିଆ ପଞ୍ଚାୟତ ବାସୀଙ୍କୁ ସେମାନଙ୍କର ସାମ୍ବିଧାନିକ ମୌଳିକ ଅଧିକାରରୁ ବଞ୍ଚିତ ରଖାଯାଇଥିବା କୁହାଯାଇଛି। ତେବେ ଗ୍ରାମବାସୀ ଏହାକୁ ଚାଲେଞ୍ଜ କରି ଏବଂ ପୁନର୍ବାର ସ୍ୱତନ୍ତ୍ର ଗ୍ରାମସଭା କରିବା ପାଇଁ ଅଜୟ କୁମାର ଦାସ ଓ ଅନ୍ୟମାନଙ୍କ ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ପିଟିସନ୍ ଦାଖଲ କରିଥିଲେ। ଉଚ୍ଚ ନ୍ୟାୟାଳୟ ଏହାକୁ ଗ୍ରହଣ କରି ଦୁଇ ସପ୍ତାହ ମଧ୍ୟରେ ଏ ସମ୍ପର୍କିତ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ଗ୍ରାମବାସୀଙ୍କ ଅଭିଯୋଗ ଯେ ଜେଏସ୍‌ଡବ୍ଲୁ କମ୍ପାନୀ ନିଜର ସ୍ୱାର୍ଥ ସାଧନ ପାଇଁ ପଞ୍ଚାୟତର କିଛି ହାତଗଣତି ଲୋକଙ୍କୁ ଲାଭ ଦେଉଛି ଏବଂ ଆଗକୁ ଏହା ଅଧିକ ଲାଭ ହେବ ବୋଲି କହୁଛି। ତେବେ ଜଙ୍ଗଲ ଜମିକୁ ବଳ ପୂର୍ବକ କରାୟତ କରି ନେଇଥିବା ଏହି କମ୍ପାନୀ ନିଜର ସ୍ୱାର୍ଥ ପାଇଁ ଗ୍ରାମସଭା କରାଇ ନଦେବାକୁ ପଞ୍ଚାୟତର କିଛି ଲୋକଙ୍କ ଜରିଆରେ ଏଭଳି କରୁଥିବା ଜଣାପଡିଛି। ବିନା ଗ୍ରାମସଭାରେ ଜଙ୍ଗଲ ଜମି ଛଡାଇ ନିଆଯାଇଥିବାରୁ ଏହା ୨୦୦୬ ଜଙ୍ଗଲ ଅଧିକାର ଆଇନିର ଖୋଲା ଉଲଂଘନ କରାଯାଇଛି। ଜଙ୍ଗଲ ଜମି ଫେରାଇ ଦେବାକୁ ଗତମାସ ଗ୍ରାମ ସଭାରେ ଦାବୀ କରାଯାଇଥିଲା। ହେଲେ ଏଭଳି ବେଆଇନି କାର୍ଯ୍ୟ ପାଇଁ ଷଡଯନ୍ତ୍ର କରୁଥିବା ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନ ନିକଟରେ ଦାବୀ କରାଯାଇଛି।



# ଭୁବନେଶ୍ୱର ସିଟି

**ଏସ୍‌ସିବି ଯକୃତ ପ୍ରତିରୋପଣ ୟୁନିଟ୍ ବନ୍ଦ**

# ହାତ ବାନ୍ଧି ବସିଛନ୍ତି ଡାକ୍ତର; ନର୍ସ ଜଗିଛନ୍ତି ୟୁନିଟ୍



କଟକ,୧୮।୧୧(ସମିସ): ଏସ୍‌ସିବି ଯକୃତ ପ୍ରତିରୋପଣ ୟୁନିଟରେ କିଛି ମାସ ହେବ ତାଲା ଝୁଲିଛି। ପ୍ରତିରୋପଣ ପୁଣି ଥରେ କେବେ ଆରମ୍ଭ ହେବ ତାହା ଅନୁମାନ କରିବା ମୁସ୍କିଲ। ପ୍ରତିରୋପଣ ଆଶାରେ ରହିଥିବା କିଛି ରୋଗୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଜରିଆରେ ଦର୍ଶାଯାଇଛି। ହେଲେ ପ୍ରତିରୋପଣ ପୂର୍ବରୁ ଯେଉଁ ନିୟମକୁ ଅନୁପାଳନ କରିବା ଆବଶ୍ୟକ ତାହା ଆରମ୍ଭ ହୋଇନାହିଁ। ଯକୃତ ରୋଗୀ ଏବଂ ଯକୃତ ଦାତାଙ୍କ ସ୍କ୍ରିନିଂ କରାଯାଇନାହିଁ। ପ୍ରତିରୋପଣରେ ସହଯୋଗ କରୁଥିବା ହାଇଦ୍ରାବାଦର ଏଆଇଜି ହସ୍ପିଟାଲକୁ କୌଣସି ତଥ୍ୟ ପ୍ରଦାନ କରାଯାଇନାହିଁ। ପ୍ରତିରୋପଣ ନିମନ୍ତେ ଆବଶ୍ୟକ ସିଟି ଭଲ୍ୟୁମେଟ୍ରି ଏବଂ ଭସ୍କୁଲାର ଆନାଟୋମୀ ପରୀକ୍ଷା ହୋଇ ନଥିବା ବେଳେ ହାଇକୋର୍ଟକୁ ସତ୍ୟପାଠ ଜରିଆରେ ଭୁଆଁ ବୁଲାଯାଉଛି ବୋଲି ମେଡିକାଲର ଜଣେ ବରିଷ୍ଠ ପଦାଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି। ପ୍ରତିରୋପଣ ନିମନ୍ତେ ଗଠିତ ଡାକ୍ତରୀ ଦଳର ୩ଜଣ ଡାକ୍ତର ଏବେ ହାତ ବାନ୍ଧି ବସିଥିବା ବେଳେ ୟୁନିଟକୁ ଜଣେ ନର୍ସ ଜଗି ରହିଛନ୍ତି ବୋଲି ପଦାଧିକାରୀ ଜଣକ ସୂଚନା ଦେଇଛନ୍ତି।

ଟ୍ରମା କାଜୁଆଲଟି ୪ର୍ଥ ମହଲାରେ ଯକୃତ ପ୍ରତିରୋପଣ ୟୁନିଟ ଆରମ୍ଭ କରିବାକୁ ୧୨ବର୍ଷ ସମୟ ଲାଗିଥିଲା। ୩ଟି ମଡ୍ୟୁଲାର ଓ.ଟି ପୂର୍ଣ୍ଣ ପ୍ରସ୍ତୁତି କରିବାକୁ ଗତ ରାଜ୍ୟ ସରକାର ସମସ୍ତ ସହଯୋଗ କରିଥିଲେ। ଦାତାଙ୍କ ଠାରୁ ଯକୃତ ସଂଗ୍ରହ କରିବା, ଗ୍ରହୀତାଙ୍କ ଚିକିତ୍ସା ଏବଂ ପ୍ରତିରୋପଣ ନିମନ୍ତେ ଗୋଟିଏ ଲେଖାଏ ମଡ୍ୟୁଲାର ଓ.ଟି ବ୍ୟବହାର କରାଯାଏ। ଏହା ଭିତରେ ୨ଟି କ୍ୟୁସା ମେସିନ ରହିଥିଲା। ଯାହାର ମୂଲ୍ୟ ଅଢ଼େଇ କୋଟି ଟଙ୍କା ହେବ। ରାଜ୍ୟ ସରକାର କ୍ୟୁସା ମେସିନ ବଡ ମେଡିକାଲକୁ ପ୍ରଦାନ କରିଥିଲେ ମଧ୍ୟ ଏହା ପୂର୍ବରୁ ଏକ ମେସିନ୍ ସମ୍ବଲପୁର ବୁର୍ଲା ହସ୍ପିଟାଲକୁ ପଠାଇ

- **କାମଚଳା ଢଙ୍ଗରେ ଚାଲିଛି ପ୍ରତିରୋପଣ ଓପିଡି**
- **ତାଲିକା ବଢୁଛି; ପ୍ରତିରୋପଣ ପ୍ରକ୍ରିୟା ଆଗଉନି**

ଦିଆଯାଇଥିଲା। ଟନାଘନା ହେବା ସହ ପ୍ରତିରୋପଣ ଆଗେଇବାରୁ ମେସିନକୁ ରାତିଅଧିଆ କଟକ ଅଣାଯାଇଥିଲା। ଏବେ ପୁଣି ସମାନ ସ୍ଥିତି ଉପୁଜିବାକୁ ବସିଲାଣି। ଯକୃତ ପ୍ରତିରୋପଣ ସମ୍ପୂର୍ଣ୍ଣ ବନ୍ଦ କରିଦେଇ ସରକାରଙ୍କ କୋଟିକୋଟି ଟଙ୍କା ନଷ୍ଟ କରିଦେବାକୁ ଚକ୍ରାନ୍ତ ହେଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଲାଣି। ପ୍ରତିରୋପଣ ନିମନ୍ତେ ଗଠିତ ଡାକ୍ତରୀ ଦଳ ଭିତରୁ ଜଣେ ଡାକ୍ତରଙ୍କୁ ବଦଳି କରାଯାଇଥିବା ବେଳେ ଅନ୍ୟ ୩ଜଣ ଏବେ ବଡ ମେଡିକାଲରେ ହାତ ବାନ୍ଧି ବସିଛନ୍ତି। ମେଡିକାଲର ଜଣେ ପଦାଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି କି, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବଂ ବଡ ମେଡିକାଲର କିଛି ଡାକ୍ତର ଏ ଦିଗରେ ବିଶେଷ ଗୁରୁତ୍ୱ ଦେଉନାହାନ୍ତି। ଯଦ୍ୱାରା ପୂର୍ବରୁ ପ୍ରତିରୋପଣ ଅପେକ୍ଷାରେ ଥିବା କିଛି ରୋଗୀ ମୃତ୍ୟୁ ବରଣ କରି ସାରିଲେଣି। ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି। ସ୍ୱାସ୍ଥ୍ୟ ବିଭାଗ ଉପରେ ହାଇକୋର୍ଟ ଛାଟ ପଡ଼ିଲେ ହିଁ ରାଜ୍ୟ ସ୍ୱାସ୍ଥ୍ୟ ଜଗତରେ ବନ୍ଦ ହୋଇ ପଡ଼ିଥିବା ଏହି ମୂଲ୍ୟବାନ ୟୁନିଟ ପୁନଃକାର୍ଯ୍ୟକ୍ଷମ ହୋଇପାରିବ ବୋଲି ସେ କହିଛନ୍ତି।

## ଏକଲବ୍ୟ ପୁରସ୍କାର ପାଇବାରେ ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣା ପ୍ରଥମ ଭଉଣୀ ଯୋଡ଼ି



ଭୁବନେଶ୍ୱର, ୧୮।୧୧ (ସମିସ): ରାଜ୍ୟର ଦ୍ୱିତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିଭାବେ ଶ୍ୱେତପର୍ଣ୍ଣା ପଣ୍ଡା ଚଳିତବର୍ଷର ସମ୍ମାନଜନକ ଏକଲବ୍ୟ ପୁରସ୍କାର ପାଇଛନ୍ତି। ରବିବାର ଇମ୍ପାକ୍ଟ ପକ୍ଷରୁ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ମୁଖ୍ୟଅତିଥି, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବାବଦରେ ୭ ଲକ୍ଷ ଟଙ୍କା, ସ୍ମୃତିଫଳକ ଓ ମାନପତ୍ର ପ୍ରଦାନ କରାଯାଇଛି। ପୁରସ୍କାର ଚୟନ କମିଟି ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ପ୍ରଜ୍ଞାପାରମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁରସ୍କାର ପାଇବା ପରେ ତାଙ୍କୁ ରାଜ୍ୟ ବ୍ୟାଡ୍‌ମିଣ୍ଟନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ନିଜ ପିତା ରାମଚନ୍ଦ୍ର ପଣ୍ଡା ଓ କୋଚ୍ ମନୋଜ ସାବତଙ୍କ ପ୍ରଶିକ୍ଷଣରେ ଓ ବଡ ଭଉଣୀ ଋତୁପର୍ଣ୍ଣାଙ୍କ ସହଯୋଗରେ ବ୍ୟାଡମିଣ୍ଟନ ଖେଳ ଶିଖି ଏବେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରୁଛନ୍ତି। ୨୦୨୧ରେ ତାଙ୍କ ବଡ଼ ଭଉଣୀ ଋତୁପର୍ଣ୍ଣା ପଣ୍ଡା ପ୍ରଥମ ବ୍ୟାଡମିଣ୍ଟନ ଖେଳାଳିଭାବେ ଏକଲବ୍ୟ ପୁରସ୍କାର ପାଇଥିଲେ। ଏହା ଫଳରେ ଓଡ଼ିଶା କ୍ରୀଡ଼ା ଇତିହାସରେ ପଣ୍ଡା ଭଉଣୀ ପ୍ରଥମ ଯୋଡ଼ି ଭାବେ ଏହି ସମ୍ମାନଜନକ ପୁରସ୍କାର ପାଇଛନ୍ତି।

## ଡ. ଅଶ୍ୱିନୀ କୁମାର ପଣ୍ଡାଙ୍କୁ 'ଜ୍ୟୋତିଷ ରତ୍ନ ସମ୍ମାନ'



ଭୁବନେଶ୍ୱର, ୧୮।୧୧(ସମିସ): ଡ. ଅଶ୍ୱିନୀ କୁମାର ପଣ୍ଡାଙ୍କୁ ଆଷ୍ଟ୍ରୋ ସେମିନାର ଆଣ୍ଡ ଷ୍ଟାର ଆଚିଭ ଅୱାର୍ଡ ୨୦୨୫ କ୍ରମରେ ଚଳିତବର୍ଷ 'ଜ୍ୟୋତିଷ ରତ୍ନ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଏହି ଉତ୍ସବ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ବେଳେ ବଲିଉଡ୍ ତାରକା ସୋନୁ ସୁଦ୍ ଅତିଥି ଭାବେ ଯୋଗ ଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ଡ଼. ପଣ୍ଡାଙ୍କୁ ହରୋସ୍କୋପ ବିଶ୍ଳେଷଣ, ପାରମ୍ପରିକ ଓ ବିଜ୍ଞାନମୂଳକ ଜ୍ୟୋତିଷ ତଥ୍ୟ ପାଇଁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଆଇବିସିଏସ୍ ପକ୍ଷରୁ 'ଫିନାନ୍ସ ଫ୍ୟୁଜନ୍ ୨.୦'




ଭୁବନେଶ୍ୱର, ୧୮।୧୧(ସମି):ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ମହିଳାମାନଙ୍କ ନିମନ୍ତେ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ୱିନିୟର୍ସ ଫୋରମ୍‌ର ସହଭାଗିତାରେ 'ଫିନାନ୍ସ ଫ୍ୟୁଜନ୍ ୨.୦–ଏମ୍‌ପାୱାରିଂ ୱିମେନ୍ ଥ୍ରୁ ଫିନାନ୍ସ' ଅନୁଷ୍ଠିତ ହୋଇଯାଇଛି। ସୋଆ କ୍ୟାମ୍ପସ୍‌ରେ ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟସଭା ସାଂସଦ ସୁଲତା ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଉଦ୍ୟୋଗୀକରଣ ନିମନ୍ତେ ଅର୍ଥନୈତିକ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଗ୍ଲୋପୋର୍ଟ ଫୋଟୋନିକ୍ସର ସହ ପ୍ରତିଷ୍ଠାତା ଓ ମୁଖ୍ୟ ଅର୍ଥନୈତିକ ଅଧିକାରୀ ବୁସ୍ରା ଖାନ୍, ୱିନିୟର୍ସ ଫୋରମ୍‌ର ସହ ପ୍ରତିଷ୍ଠାତା ଓ ନିର୍ଦ୍ଦେଶିକା ଜୟନ୍ତୀ ମହାପାତ୍ର ଏବଂ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଇବିସିଏସ୍‌ର ଆସୋସିଏଟ୍ ପ୍ରଫେସର ଡ. ରାମକୃଷ୍ଣ ମିଶ୍ର, ଆସିଷ୍ଟାଣ୍ଟ ପ୍ରଫେସର ଡ. ପଲ୍ଲବୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୪୦ରୁ ଅଧିକ ମହିଳା ଉଦ୍ୟୋଗୀ ଯୋଗଦେଇ ବଜେଟ, ଆର୍ଥିକ ଯୋଜନା, ଅର୍ଥ ପରିଚାଳନା ଏବଂ ଆର୍ଥିକ ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରିଥିଲେ।

## ସଙ୍ଗୀତ ଆସର 'ଚିର ସବୁଜ ଗୀତ'

ଭୁବନେଶ୍ୱର, ୧୮।୧୧(ସମିସ): ବିଂଶ ଶତାବ୍ଦୀରେ ଓଡିଆ ସଙ୍ଗୀତ ଜଗତରେ ଅନେକ ଚିର ସବୁଜ ଗୀତ ସୃଷ୍ଟି ହୋଇଛି। ସେହି ଗୀତଗୁଡିକୁ ଯେତେ ଶୁଣିଲେ ବି ଆହୁରି ଶୁଣିବାକୁ ଇଚ୍ଛା ହୁଏ। ଓଡିଆ ସଙ୍ଗୀତର ସେହି ସୁବର୍ଣ୍ଣ ଯୁଗକୁ ମନେ ପକାଇବା ପାଇଁ ସମାଜ ଓ ସଂସ୍କୃତି, ଓଡ଼ିଶା ଜ୍ୟୋତି ଫାଉଣ୍ଡେସନ୍ ଓ ଟିମ୍ ପକ୍ଷରୁ ସଙ୍ଗୀତ ଆସର 'ଚିର ସବୁଜ ଗୀତ' ଅନୁଷ୍ଠିତ ହୋଇଛି। ଲୋକପ୍ରିୟ କଣ୍ଠଶିଳ୍ପୀ ବିଭୁକିଶୋର, ଦେବାଶିଷ ମହାପାତ୍ର, ଶୈଳଭାମା ମହାପାତ୍ର, ଛନ୍ଦା ମିଶ୍ର, ରଣଦୀପ ପାଲିତ, ସ୍ୱଦେଶ ମହାନ୍ତି, ଗିରିଜା ଦାଶ ଏବଂ ତରୁଣ କଣ୍ଠଶିଳ୍ପୀ ଶୁଭ୍ରାଂଶୁ ଏହି ଗୀତଗୁଡିକ ପରିବେଷଣ କରିଥିଲେ। ଗୀତ ମଧ୍ୟରେ 'ଚନ୍ଦ୍ରମା ଆଗୋ ଚନ୍ଦ୍ରମା', 'ନ ଯା ରାଧିକା', 'ଟିକ ଟିକ ଘଣ୍ଟା ଚାଲେ', 'ନଦୀର ନାମ ଅଳସ କନ୍ୟା', 'ମେଘ ମାଳାକୁ', 'ନୂପୁର ବଜାଏ' ଆଦି ପରିବେଷଣ ହୋଇଥିଲା। ସାହିତ୍ୟିକ ଦାଶ ବେନହୁର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସରୋଜ ସାମଲ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ଶିଳ୍ପପତି ପଙ୍କଜ ଲୋଚନ ମହାନ୍ତି ଯୋଗ ଦେଇଥିଲେ। ସମାଜ ଓ ସଂସ୍କୃତିର ସଭାପତି ନିଶିକାନ୍ତ ମିଶ୍ର ସଭାପତିତ୍ୱ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଗିରିଜା ଶଙ୍କର ଦାଶ, ସଂଯୋଜକ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ହସିବା, ପ୍ରେମ କରିବା ଏବଂ ଜିଇବା




ଭୁବନେଶ୍ୱର, ୧୮।୧୧(ସମିସ): 'ହସିବା, ପ୍ରେମ କରିବା ଏବଂ ଜିଇବା' ବିଷୟରେ ଏକ ସେମିନାର ମମତା ଓ ରୋଟାରି କ୍ଲବ୍ ଅଫ୍ ଭୁବନେଶ୍ୱର, ନ୍ୟୁ ହୋରାଇଜନଙ୍କ ଯୁଗଳ ଉଦ୍ୟମରେ ସିୱାଇଏସଡ଼ି, ଭୁବନେଶ୍ୱରରେ ଆୟୋଜିତ ହୋଇଯାଇଛି। ସିୱାଇଏସଡ଼ିର ସହ ସଂସ୍ଥାପକ ଡ଼. ଜଗଦାନନ୍ଦ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କ୍ୟାପିଟାଲ ହସ୍ପିଟାଲ ପିଜିଆଇଏମଆର ନିର୍ଦ୍ଦେଶକ ଡ଼ଃ ସୁଜାତା ମିଶ୍ରା, ଏବଂ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ନମିତା ମହାନ୍ତି ଯୋଗ ଦେଇଥିଲେ। ଭୁବନେଶ୍ୱର ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରମୁଖ ବିକେ ଲିନାଙ୍କ ଦ୍ୱାରା ଜଗଦାନନ୍ଦଙ୍କୁ ପ୍ରବନ୍ଧନ ଓ ବିକାଶ ବିଷୟରେ ପିଏଚ୍‌ଡି. ଉପାଧି ଏବଂ ପ୍ରଫୁଲ୍ଲ କୁମାର ସାହୁଙ୍କୁ ସାମାଜିକ କାର୍ଯ୍ୟରେ ଲାଇଫଟାଇମ୍ ଅଚିଭ୍‌ମେଣ୍ଟ ଅୱାର୍ଡରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସାମାଜିକ ପରିବର୍ତ୍ତନ ପାଇଁ ଶିକ୍ଷା ଏନଇପି ୨୦୨୦ ଉପରେ ଆଧାରିତ ପରାମର୍ଶ କାର୍ଯ୍ୟଶାଳା ରିପୋର୍ଟ୍ ଉନ୍ମୋଚିତ କରାଯାଇଥିଲା। ଏହି ସେମିନାରରେ ଡ଼ଃ ଶ୍ରୀ ମିଶ୍ରା, ଡ଼ଃ ତାରୁଲତା ଦ୍ୱିବେଦୀ, ଦିଲୀପ ଦ୍ୱିବେଦୀ, ଡ଼ଃ କସ୍ତୁରୀ ପାଣ୍ଡା ଓ ଶ୍ରେୟ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଫେସର୍ ଏଲ୍‌କେ ମହାପାତ୍ରଙ୍କୁ ଲମ୍ବା ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୮।୧୧(ସମିସ): ପ୍ରଫେସର ଏଲ୍. କେ. ମହାପାତ୍ରଙ୍କ ଜୀବନ ଓ କାର୍ଯ୍ୟକୁ ସ୍ମରଣ କରିବା ପାଇଁ ପ୍ରଫେସର ମହାପାତ୍ର ସ୍ମୃତି ଟ୍ରଷ୍ଟ, ବକୁଳ ଫାଉଣ୍ଡେସନ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ୱ ବିଭାଗଙ୍କ ସହଯୋଗରେ ଦୁଇ ସପ୍ତାହ ଲମ୍ବା ଶ୍ରଦ୍ଧାଞ୍ଜଳି ଆୟୋଜିତ ହୋଇଥିଲା। ଅନୁଷ୍ଠାନର ଅଂଶସ୍ୱରୂପ ୫ମ ପ୍ରଫେସର ଏଲ୍. କେ. ମହାପାତ୍ର ସ୍ମୃତି ବ୍ୟାଖ୍ୟାନର ଆୟୋଜନ ହୋଇଥିଲା। 'ସାମାଜିକ-ଆର୍ଥିକ ଓ ରାଜନୈତିକ ସମସ୍ୟାଗୁଡିକ ନିରାକରଣ ପାଇଁ ନୃତତ୍ୱ କାହିଁକି ଆବଶ୍ୟକ' ବିଷୟରେ ଭାରତର ସବୁଠାରୁ ପ୍ରମୁଖ ନୃତତ୍ତ୍ୱବିତ୍ ଡ. ୱିଜୟ ସାହାୟ ଆଲୋଚନା ରଖିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଜଗନେଶ୍ୱର ଦଣ୍ଡ ପଟ୍ଟନାୟକ, ପିଜି କାଉନ୍ସିଲ ଅଧ୍ୟକ୍ଷ ପ୍ରଫେସର ମିତାଲୀ ଚିନରା ଏବଂ କିସ୍‌ର ଏମେରିଟସ୍ ପ୍ରଫେସର ଓ ପ୍ରଫେସର ମହାପାତ୍ରଙ୍କ ସିଧାସଳଖ ଛାତ୍ର ପ୍ରଫେସର ଏନ୍. ସି. ଦାଶ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ରେଭେନସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରଫେସର ଉମାକାନ୍ତ ମିଶ୍ର ମଧ୍ୟ ଏକ ବ୍ୟାଖ୍ୟାନ ଦେଇଥିଲେ। ଶିବପ୍ରିୟା ଓ ସୁଜିତ୍ ମହାପାତ୍ରଙ୍କ ଦ୍ୱାରା ବାଲିନୀୟ କାହାଣୀମାନଙ୍କର କଥାକହାଣୀ ମଧ୍ୟ ହୋଇଥିଲା। ଉତ୍ସବରେ ଏଲ୍. କେ. ମହାପାତ୍ର ସେଣ୍ଟର ଫର ସୋସିଆଲ୍ ସାଇନ୍‌ସେସର ଲାଏବ୍ରେରିର ଡିଜିଟାଲ୍ କ୍ୟାଟାଲଗ୍ ମଧ୍ୟ ଉନ୍ମୋଚିତ ହୋଇଥିଲା।




ନ୍ୟାସନାଲ୍ ଜର୍ଣ୍ଣାଲିଷ୍ଟ ୱେଲଫେର ବୋର୍ଡ୍ ପକ୍ଷରୁ ଜୟଦେବ ଭବନରେ ଆୟୋଜିତ ଉତ୍ସବରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣମାଧ୍ୟମ ବିଭାଗରେ ୨୦୨୪ ଏକାଡେମିକ ବର୍ଷରେ ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଭା ବିଶ୍ୱାଳଙ୍କୁ ପ୍ରଦ୍ୟୁମ୍ନ ବଳ ସ୍ମୃତି ପୁରସ୍କାର–୨୦୨୫ ପ୍ରଦାନ କରାଯାଇଛି।

## ପିକକ୍ ଶିଶୁମେଳାର ପଞ୍ଚମ ସନ୍ଧ୍ୟା




ଭୁବନେଶ୍ୱର, ୧୮।୧୧(ସମିସ): ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ର ଏକାମ୍ର ହାଟରେ ଚାଲିଥିବା ୭ ଦିନ ବ୍ୟାପୀ ଶିଶୁମେଳାର ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ସନ୍ଧ୍ୟାର ମୁଖ୍ୟ ଆକର୍ଷଣରେ ଛୋଟ ପିଲାମାନଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତା ରହିଥିଲା। ବିଭିନ୍ନ ସାମାଜିକ ସମସ୍ୟା ଯଥା ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଜଳ ସରକ୍ଷଣ, ବୃକ୍ଷରୋପଣ, ପ୍ରଦୁ୍ୟଷଣ, ପୋଷଣ ଖାଦ୍ୟ, ଫାଷ୍ଟ ଫୁଡ ଓ ପରିବେଶଗତ ସମସ୍ୟା ଉପରେ ସଚେତନତାର ବାର୍ତ୍ତା ଦେଇଥିଲେ। ପ୍ରତିଯୋଗିତାର ମୁଖ୍ୟ ବିଚାରକ ଭାବେ ଅନ୍ନପୂର୍ଣ୍ଣା ମହାନ୍ତି, ସମିତା ପଣ୍ଡା, ପ୍ରତିମା ନଳିନୀ ପତି ଓ ନଳିନୀ ପ୍ରଧାନ ସାମିଲ ହୋଇଥିଲେ। ଅତିଥିମାନଙ୍କ ମଧ୍ୟରେ ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ସୁଜାତା ନାୟକ ଓ କଳାକାର ଅନ୍ତର୍ଯାମୀ ପଣ୍ଡା ଥିଲେ। ଏହି ଅବସରରେ ଚିତ୍ରକଳା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଆଗାମୀ ପିଢ଼ୀ ସହିତ ଆଲୋଚନା' ଆୟୋଜିତ ହୋଇଥିଲା। ପିକକ୍ ଶିଶୁମେଳା କମିଟିର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ, ପିକକ୍‌ର ସମ୍ପାଦକ ରଞ୍ଜନ ମହାନ୍ତି ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଉପସ୍ଥିତ ଥିଲେ। ପିକକ୍‌ର ରତ୍ନା ଦାଶ, ଜ୍ୟୋତିଶଙ୍କର ମହାନ୍ତି, ଲକ୍ଷ୍ମୀକାନ୍ତ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ବୁଦ୍ଧପାର୍କ ସାଂସ୍କୃତିକ ପରିଷଦ ପକ୍ଷରୁ ୩ ନାଟକ ମଞ୍ଚସ୍ଥ



ଭୁବନେଶ୍ୱର, ୧୮।୧୧(ସମି): ନୀଳାଦ୍ରିବିହାର ବୁଦ୍ଧପାର୍କ ସାଂସ୍କୃତିକ ପରିଷଦ ପକ୍ଷରୁ ନୀଳାଦ୍ରିବିହାର ଦୁର୍ଗାପୂଜା ପଡ଼ିଆ ଠାରେ ତିନି ଦିନ ଧରି ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୪ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ସ୍ୱର୍ଗତ ରଞ୍ଜନ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଂଘର ସଭାପତି ରଶ୍ମିରେଖା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତିନି ଦିନ ଅହରାତ୍ର ନାଟକ ମଞ୍ଚସ୍ଥ ହୋଇଥିଲା। ବୁଦ୍ଧପାର୍କ ସାଂସ୍କୃତିକ ପରିଷଦର କଳାକାରମାନଙ୍କ ଦ୍ୱାରା ପ୍ରଥମ ରାତିରେ ସାମାଜିକ ନାଟକ 'ଆସିଛି ଏକା ଯିବି ମୁଁ ଏକା', ଦ୍ୱିତୀୟ ରାତିରେ 'ସୁଖ ନିଅଣ୍ଟକୁ ଦୁଃଖ ଅଣ୍ଟିଏ' ମଞ୍ଚସ୍ଥ ହୋଇଥିଲା। ଏହାକୁ ନିର୍ଦ୍ଦେଶନା ଦେଇଥିଲେ ଭଗବାନ ପଣ୍ଡା। ସେହିପରି ତୃତୀୟ ରାତିରେ ଡମଣା ଗୋପୀନାଥଜୀଉ ଡ୍ରାମାଟିକ୍ଲବ ପକ୍ଷରୁ ବୁଲୁ ବିଶ୍ୱାଳଙ୍କ ଦ୍ୱାରା ନିର୍ଦ୍ଦେଶିତ ସାମାଜିକ ନାଟକ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ମଞ୍ଚସ୍ଥ ହୋଇଥିଲା। ଏହି ଉପଲକ୍ଷେ ସାଂସ୍କୃତିକ ପରିଷଦ ପକ୍ଷରୁ ବିଭିନ୍ନ ବ୍ୟକ୍ତି ବିଶେଷ, ଆବାସିକ ସଂଘର କର୍ମକର୍ତ୍ତା, ନିର୍ଦ୍ଦେଶକ ଓ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୀଳାଦ୍ରିବିହାର ଆବାସିକ ସଂଘ ଓ ବୁଦ୍ଧପାର୍କ ସାଂସ୍କୃତିକ ପରିଷଦର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମ୍ପାଦକ ଦୟାନିଧି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଣ୍ଡଗିରି କୁମ୍ଭମେଳାରେ ଗୁଣିଗାରେଡ଼ି, ଝଡ଼ାଫୁଙ୍କା ମନା

ଭୁବନେଶ୍ୱର, ୧୮।୧୧(ସମି): ଖଣ୍ଡଗିରି ସାଧୁସନ୍ଥ କୁମ୍ଭମେଳା ଆସନ୍ତା ଜାନୁଆରୀ ୨୩ରୁ ଅନୁଷ୍ଠିତ ହେବ। ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦର ଅଧ୍ୟକ୍ଷ ତଥା କୁମ୍ଭମେଳାର ଆବାହକତ୍ୱରେ ପାଦୁକା ଆଶ୍ରମ, ଖଣ୍ଡଗିରିଠାରେ ଆୟୋଜିତ କୁମ୍ଭମେଳାର ପ୍ରସ୍ତୁତି ବୈଠକରେ କୁମ୍ଭମେଳାର ଆବାହକ ବାବା ପଞ୍ଚଦେବ ସଭାପତିତ୍ୱ କରି କହିଛନ୍ତି। ମେଳାରେ କୌଣସି ଗୁଣି, ଗାରେଡି, ଝଡ଼ା ଫୁଙ୍କାରେ ରୋଗ ପ୍ରଭୃତି ଭଲ ହେବା ଅପସଂସ୍କୃତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ଚଳିତ ବିଧାନସଭାର ଶୀତକାଳୀନ ଅଧିବେଶନରେ ସାଧୁସନ୍ଥ କୁମ୍ଭମେଳାକୁ ରାଜ୍ୟ ସରକାର ମାନ୍ୟତା ସହିତ ପ୍ରୋତ୍ସାହନ କରିବା ଏବଂ ସରକାରୀ ସ୍ୱୀକୃତି ପ୍ରଦାନ କରିବା ପାଇଁ ସାଧୁସନ୍ଥମାନେ ଦାବି କରିଛନ୍ତି। ବିଧାୟକ ବାବୁ ସିଂଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯିବ। ବୈଠକରେ ସଂଯୋଜକ ଚନ୍ଦନ ଦାସ, ଆଲୋକ ଦାସ, ବାବା କୃଷ୍ଣ ଦାସ, ବାବା ବାବୁଲି ଦାସ, ବାବା ଭାସ୍କର ଦାସ ପ୍ରମୁଖ ସାଧୁସନ୍ଥ ଉପସ୍ଥିତ ଥିବା ବେଳେ ପୂର୍ବତନ କର୍ପୋରେଟର ରଘୁନାଥ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦଳିତ, ଆଦିବାସୀ ଓ ମହିଳାଙ୍କ ଉପରେ ଅତ୍ୟାଚାରର ପ୍ରତିବାଦ

ଭୁବନେଶ୍ୱର, ୧୮।୧୧(ସମିସ): ଦେଶରେ ବିଜେପି, ଆରଏସଏସ ପ୍ରାୟୋଜିତ ଭାବେ ଦେଶର ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଓ ମହିଳାଙ୍କ ଉପରେ କ୍ରମାଗତ ଅମାନବୀୟ ଅତ୍ୟାଚାର ଓ ଶୋଷଣ କରିଚାଲିଛି। ଏହାର ପ୍ରତିବାଦରେ ସିପିଆଇ ଜାତୀୟ ପରିଷଦ ଦ୍ୱାରା ଦିଆଯାଇଥିବା ଡାକରା ପ୍ରତିବାଦ ଆନ୍ଦୋଳନ ପରିପ୍ରେକ୍ଷୀରେ ମଙ୍ଗଳବାର ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରୁ ଶତାଧିକ ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଓ ମହିଳା କର୍ମୀ, ସମର୍ଥକ ରାଜମହଲ ଛକରେ ଏକ ପଥପ୍ରାନ୍ତ ସଭା କରିବା ସହ ଆଦିବାସୀ, ଦଳିତ ସଂଖ୍ୟାଲଗୁ ଓ ମହିଳାଙ୍କ ଉପରଅବିଚାର, ଅତ୍ୟାଚାର ଓ ଶୋଷଣର ଦୃଢ଼ ଭାବେ ନିନ୍ଦା କରିବା ସହ ବର୍ତ୍ତମାନ ସରକାରରେ ଥିବା ବିଜେପି- ଆରଏସଏସ ଦ୍ୱାରା ପରିଚାଳିତ ହୋଇ ଦେଶରେ ମଧ୍ୟଯୁଗୀୟ ମନୁବାଦ ଶାସନ ପୁନଃ ସ୍ଥାପନ ପାଇଁ ସମସ୍ତ ଷଡ଼ଯନ୍ତ୍ର ମୂଳକ କାର୍ଯ୍ୟକ୍ରମ ଗ୍ରହଣ କରି ସର୍ବପ୍ରଥମେ ସଂଖ୍ୟାଲଘୁ, ଆଦିବାସୀ, ଦଳିତ ଓ ମହିଳାଙ୍କ ଉପରେ ପ୍ରାୟୋଜିତ ନିର୍ଯାତନା ଓ ଶୋଷଣ, କଷଣ ଆରମ୍ଭ କରିଦେଇଛନ୍ତି। ଏହି କ୍ରମରେ ଦେଶର ସମସ୍ତ ଶୋଷିତ ଜନସାଧାରଣ ଏକ ହୋଇ ଆଗାମୀ ଦିନ ଦିନରେ ଆସୁଥିବା ଥିବା ବଞ୍ଚିବାର ଅଧିକାରକୁ ଦୁର୍ବାର ଆନ୍ଦୋଳନ ମାଧମରେ ପ୍ରତିହତ କରିବା ପାଇଁ ଉପସ୍ଥିତ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏଥିସହିତ ମାଷ୍ଟରକ୍ୟାଣ୍ଟିନରୁ ଏକ ଶୋଭାଯାତ୍ରା ବାହାରି ରାଜ୍ୟ କାର୍ଯ୍ୟାଳୟରେ ପହଁଚିଥିଲେ। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ସିପିଆଇ ଜୋନ ପକ୍ଷରୁ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ତଥା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡି, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନା ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଯୋଗ ଦେଇଥିଲେ ଜୋନ କମିଟିର ସର୍ବସାଥି ଜୋନ ସମ୍ପାଦକ କୈଳାସ ଚନ୍ଦ୍ର ପୁହାଣ, ରାଜ୍ୟ ପରିଷଦ ସଭ୍ୟା ନମିତା ସାହୁ, ଶଙ୍କର୍ଷଣ ବାରିକ, ଜୋନ ସହସମ୍ପାଦକ ବିଶ୍ୱଜିତ ନାୟକ, ଛେଡମ୍ବର ଭୋଇ, ଶରତ ସ୍ୱାଇଁ, ଶିବ ଚରଣ ବେହେରା, ପଞ୍ଚାନନ ସାହୁ, ମଞ୍ଚ ଭୋଇ, ପ୍ରତିମା କାଣ୍ଡି, ଶଙ୍କର ବେହେରା ଓ ସର୍ବେଶ୍ୱର ମାର୍ଥା ପ୍ରମୁଖ ନେତୃବୃନ୍ଦ ବୃନ୍ଦ ପ୍ରତିବାଦ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।





# ଇତିହାସ ହୋଇଯିବ ରାଜଧାନୀର ଐତିହ୍ୟ

ଭୁବନେଶ୍ୱର, ୧୮।୧୧ (ସମ୍ପୂର୍ଣ୍ଣା ଦାସ): ଐତିହ୍ୟର ଗନ୍ତାଘର ହେଉଛି ଓଡ଼ିଶା। ଏଠାରେ ରହିଥିବା ବହୁ ପୁରାତନ ମଠ, ମନ୍ଦିର ହେଉ କି ଦୁର୍ଗ ସବୁଠି ଦେଖିବାକୁ ମିଳିଥାଏ ଉତ୍କଳୀୟ ଐତିହ୍ୟ ଏବଂ କୀର୍ତ୍ତିରାଜି। ସେହିଭଳି ପୁରାତନ ମନ୍ଦିର, ପ୍ରାଚୀନ ଗୁମ୍ଫା, ପୁଷ୍କରିଣୀ ଓ ମଠ ଆଦିକୁ ନେଇ ମନ୍ଦିରମାଳିନୀ ସହରର ଭାବେ ପରିଚିତ ରାଜଧାନୀ ଭୁବନେଶ୍ୱର। ମାତ୍ର କାଳକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଏହି ଐତିହ୍ୟସବୁ ନଷ୍ଟ ହେବାରେ ଲାଗିଛି। କେଉଁଠି ମନ୍ଦିରରୁ ମୂର୍ତ୍ତି ଚୋରି ହୋଇଯାଉଛି ତ ଆଉ କେଉଁଠି ମନ୍ଦିର ଉପରି ଭାଗ କ୍ଷୟ

## ■ ନଷ୍ଟ ହେଉଛି କୀର୍ତ୍ତିରାଜି; ଅସୁରକ୍ଷିତ ସଂରକ୍ଷିତ ସ୍ମାରକୀ
## ■ ମନ୍ଦିରମାଳିନୀ ସହରରେ ମାଟିରେ ମିଶିବାକୁ ବସିଛି ପୁରାତନ ମନ୍ଦିର

ହେବାକୁ ବସିଲାଣି। କେବଳ ସେତିକି ନୁହେଁ ଗଛଲତା ମାଡି ମନ୍ଦିରର ସୌନ୍ଦର୍ଯ୍ୟ ବି ନଷ୍ଟ ହେଲାଣି।

ସୁରକ୍ଷା ଓ ସଂରକ୍ଷଣ ଅଭାବରୁ ଏକାମ୍ର କ୍ଷେତ୍ରରେ ଏପରି ଅନେକ ଐତିହ୍ୟ କୀର୍ତ୍ତିରାଜି ବର୍ତ୍ତମାନ ହଜିଯିବାକୁ ବସିଲାଣି। ସେଥିମଧ୍ୟରୁ ଏଏସଆଇ ଅଧୀନରେ ଥିବା ସଂରକ୍ଷିତ ସ୍ମାରକୀଗୁଡିକର କଥା ନ କହିବା ଭଲ। କାରଣ ଏହି ତାଲିକାରେ ଅନ୍ତର୍ଭୁକ୍ତ ଥିବା ସ୍ମାରକୀ ବିଶେଷଭାବେ ରକ୍ଷଣାବେକ୍ଷଣ ଆବଶ୍ୟକ କରିଥାଏ ଏବଂ ତାର ତଦାରଖ ପାଇଁ ସୁରକ୍ଷାକର୍ମୀ ମଧ୍ୟ ନିୟୋଜିତ ହେବା ଉଚିତ୍। ହେଲେ ଅଧିକାଂଶ ସଂରକ୍ଷିତ ସ୍ମାରକୀ ବା ମନ୍ଦିରରେ ସୁରକ୍ଷାକର୍ମୀ ନାହାନ୍ତି ତ କେଉଁଠି ପାଚେରି ଭଙ୍ଗା ହୋଇ ପଡ଼ିଛି, ଐତିହ୍ୟ କୂଅ ଆବର୍ଜନାରେ ଭର୍ତ୍ତି, ଗଛ ଉପରେ ଅନାବନା ଗଛ ମାଡି ଗଲେଣି, ମନ୍ଦିରର ସାଇନ ବୋର୍ଡ ମଧ୍ୟ ନାହିଁ। ଉଦାହରଣସ୍ୱରୂପ ପୁରୁଣା ଭୁବନେଶ୍ୱରର ଗୋପାଳ ତୀର୍ଥ ମଠ ଏବଂ ଶିବ ତୀର୍ଥ ମଠ ଏବେ ଅଧାଭଙ୍ଗା ଅବସ୍ଥା। ଅନାବନା ଗଛ ଉଠିବା ସହ ଆବର୍ଜନାରେ ଭର୍ତ୍ତି ହୋଇ ଗଲାଣି। ସେହିଭଳି ଲିଙ୍ଗରାଜ ମନ୍ଦିର ନିକଟ ଏକାମ୍ରେଶ୍ୱର ମନ୍ଦିର, ମୋହିନୀ ମନ୍ଦିର, ସୋମେଶ୍ୱର ମନ୍ଦିର, ଭବାନୀ ଶଙ୍କର ମନ୍ଦିର, କାର୍ତ୍ତିକେଶ୍ୱର ମନ୍ଦିର ଦେଖିଲେ ତାର ସୁରକ୍ଷା ଉପରେ ପ୍ରଶ୍ନ ସୃଷ୍ଟି ହେଉଛି। ଲିଙ୍ଗରାଜଙ୍କ ପଢୁଆଁ ସ୍ଥାନ କପାଳୀ ମଠର କିଛି ଭାଗ ଭଗ୍ନ ଅବସ୍ଥାରେ ରହିଛି। ଗଛପତ୍ର ମାଡିବା ସହ ଏହା ଭିତର ଅନାବନା ଗଛରେ ଭର୍ତ୍ତି ହୋଇ ରହିଥାଏ। ଏସମସ୍ତ ମଠ ଶତାବ୍ଦୀ ପୁରୁଣା ଏବଂ ପରମ୍ପରା ସହ ଜଡିତ। ଭାରତୀ



ମଠ ନିକଟରେ ଥିବା ବକ୍ରେଶ୍ୱର ମନ୍ଦିରର ଅବସ୍ଥା ମଧ୍ୟ ସମାନ। ଏହା କେଉଁ ମନ୍ଦିର, କିଏ ନିର୍ମାଣ କରିଥିଲେ ଏବଂ କେଉଁ ସମୟର ମନ୍ଦିର ସେ ବିଷୟରେ କିଛି ଉଲ୍ଲେଖ ନାହିଁ। ସ୍ଥାନୀୟ ଲୋକଙ୍କଠୁ ମନ୍ଦିର ବିଷୟରେ ଶୁଣିବାକୁ ମିଳିଥିଲା। ଏହା ସଂରକ୍ଷିତ ସ୍ମାରକୀ ଅଟେ, ଏଠାରେ



ବର୍ତ୍ତମାନ କେହି ପୂଜା ପାଉ ନ ଥିଲେ ହେଁ ରକ୍ଷଣାବେକ୍ଷଣ ଆବଶ୍ୟକ। ଅନ୍ୟପଟେ ତାର ଠିକ୍ ସାମ୍ନାରେ ଥିବା ଏଏସ୍ଆଇ ମାନ୍ୟତାପ୍ରାପ୍ତ ଯମେଶ୍ୱର ମନ୍ଦିର ଭିତରକୁ ଗଲେ ପରିସରରେ ଥିବା ଅନ୍ୟ ଛୋଟବଡ ମନ୍ଦିର ଭଗ୍ନ ଅବସ୍ଥାରେ ପହଞ୍ଚିଲାଣି। କେଉଁଠି ମନ୍ଦିରର ଉପର ଭାଗ ଭାଙ୍ଗି ଯାଇଛି ତ କେଉଁଠି ଲିଙ୍ଗ ଭଗ୍ନ ଅବସ୍ଥାରେ ଅଛନ୍ତି। ଭିତରେ ପଥରର ବଡ଼ ବଡ଼ ଖଣ୍ଡ ଦେଖିବାକୁ ମିଳିବ। ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ଜମୁଛି। ସେହିଭଳି ଖଣ୍ଡଗିରି ଉଦୟଗିରିର ଅନେକ କଳାକୃତି ନଷ୍ଟ ହେଉଛି ବୋଲି ଅନେକ ସମୟରରେ ଐତିହ୍ୟ ଗବେଷକଙ୍କ ଅଭିଯୋଗ ହେଉଛି। ଦଶମ ଶତାବ୍ଦୀର ଦୈତେଶ୍ୱର ମନ୍ଦିରର ଅବସ୍ଥା ମଧ୍ୟ ସମାନ। ଚତୁପାର୍ଶ୍ୱରେ ଅଳିଆ ଆବର୍ଜନା ସହ ଗଛଲତା ମାଡିଲେଣି। ପୁରୁଣା ଭୁବନେଶ୍ୱରର ଅଧିକାଂଶ ପୁଷ୍କରିଣୀ ତାର ସୌନ୍ଦର୍ଯ୍ୟ ହରାଇବାକୁ ବସିଲାଣି। ଏପରି ଅନେକ ମଠ, ମନ୍ଦିର ଏବଂ ପୁଷ୍କରିଣୀ ରହିଛି।

ଏନେଇ ଐତିହ୍ୟ ଗବେଷକ ତଥା ଇନଟାକର ସଦସ୍ୟ ତରୁଣ ଓଝା କୁହନ୍ତି, ଏହା ସତ ଯେ ଅନେକ ଐତିହ୍ୟ ଏବେ ନଷ୍ଟ ହେବାକୁ ବସିଲାଣି। ଏହାର କାରଣ କେବଳ ପ୍ରତ୍ନତତ୍ତ୍ୱ ବିଭାଗର ଅବହେଳା ବୋଲି ଆମେ କହି ପାରିବାନାହିଁ। ଏହାସହ ସ୍ଥାନୀୟ ଲୋକଙ୍କ ସଚେତନତା ଅଭାବ ମଧ୍ୟ ରହିଛି। ନଚେତ ଅନେକ ସ୍ଥାନରେ ମୂଲ୍ୟବାନ ମୂର୍ତ୍ତି କେବେ ଚୋରି ହୁଅନ୍ତା ନାହିଁ।



ସରକାରୀସ୍ତରରେ ଏପରି ଅନେକ ମନ୍ଦିର ରହିଛି ଯାହା ସଂରକ୍ଷିତ ସ୍ମାରକୀ ପାଇଁ ଉପଯୁକ୍ତ ହୋଇଥିଲେ ମଧ୍ୟ ତାର ମାନ୍ୟତା ପାଇପାରି ନାହିଁ। ଫଳରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ସେଥିପ୍ରତି କିଛି ପଦକ୍ଷେପ ନେଇପାରୁ ନାହିଁ। ଅନ୍ୟପଟେ ସରକାରଙ୍କ ତରଫରୁ ଅନୁଦାନ ଏତେ କମ ଆସୁଛି କି ଉନ୍ନତିମୂଳକ କାର୍ଯ୍ୟ ପାଇଁ ତାହା ଯଥେଷ୍ଟ ହେଉନି ବୋଲି ବିଭାଗ ପକ୍ଷରୁ ଉତ୍ତର ମିଳୁଛି।

# ଅବକାରୀ ଜାଲରେ ୩ ନିଶା ବେପାରୀ

● ଅଧା କିଲୋ ବ୍ରାଉନ୍ସୁଗର ଜବତ



ଭୁବନେଶ୍ୱର, ୧୮।୧୧ (ସମିସ): ବ୍ରାଉନସୁଗର ବେପାରୀଙ୍କ ହବ୍ ପାଲଟିଛି ରାଜଧାନୀ। ଗତକାଲି ସ୍ପେଶାଲ କ୍ରାଇମ୍ ୟୁନିଟ୍ ୪୦୦ ଗ୍ରାମ ବ୍ରାଉନସୁଗର ଜବତ କରିଥିବା ବେଳେ ଆଜି ଅବକାରୀ ବିଭାଗ ୪୫୫ ଗ୍ରାମ ବ୍ରାଉନ୍ସୁଗର ଜବତ କରିଛି। କାରବାରରେ ସମ୍ପୃକ୍ତ ୩ ନିଶା ବେପାରୀଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତ ହେଲେ ସତ୍ୟନଗର ଦୁର୍ଗାମଣ୍ଡପ ବସ୍ତିର ସୁଶାନ୍ତ କୁମାର ପରିଡ଼ା (୩୩), ରବି ବାରିକ (୨୬) ଓ ଯଦୁପୁର ଟାଙ୍ଗୀ ସାହିର ହାସିମ୍ ଖାନ୍ (୨୯)।

ସୂଚନା ଅନୁସାରେ, ସତ୍ୟନଗର ଦୁର୍ଗାମଣ୍ଡପ ବସ୍ତିରେ ବ୍ରାଉନ୍ସୁଗର ଥିବା ଖବରପାଇ ଅବକାରୀ ଟିମ୍ ଚଢ଼ଉ କରିଥିଲା। ସେଠାରୁ ରବିକୁ ଗିରଫ କରିବା ସହ ୨୨୫ ଗ୍ରାମ ଓଜନର ବ୍ରାଉନ୍ସୁଗର ଜବତ କରିଥିଲା। ଏଥିସହିତ ତା' ଠାରୁ ଗୋଟିଏ ବାଇକ୍ ମଧ୍ୟ ଜବତ ହୋଇଛି। ରବି ହିଁ ବ୍ରାଉନସୁଗର କାରବାରର ମୁଖ୍ୟ କାର୍ପଟଦାର ଓ ସେ ରାଜଧାନୀର ବିଭିନ୍ନ ଅଞ୍ଚଳର ନିଶା ବେପାରୀଙ୍କୁ ବ୍ରାଉନସୁଗର ଯୋଗାଇଥିବା ଜାଣିବାକୁ ପାଇଥିଲା। ସତ୍ୟନଗର ଓଭରବ୍ରିଜ ନିକଟରେ ବ୍ରାଉନସୁଗର ଡିଲ୍ ଚାଲିଥିବା ବେଳେ ଅବକାରୀ ଟିମ୍ ପକ୍ଷରୁ ଚଢ଼ଉ କରାଯାଇଥିଲା। ସେଠାରୁ ସୁଶାନ୍ତକୁ କାବୁ କରିବା ସହ ୧୨୦ ଗ୍ରାମ ଓଜନର ବ୍ରାଉନ୍ସୁଗର ଜବତ କରିଥିଲା। ସେହିପରି ଡୁମୁଡୁମା ଅଞ୍ଚଳରେ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଡୁମୁଡୁମା ଅଟୋ ଷ୍ଟାଣ୍ଡ ନିକରୁ ହାସିମକୁ ଧରିବା ସହ ତା' ହେପାଜତରୁ ୧୧୦ ଗ୍ରାମ ବ୍ରାଉନ୍ସୁଗର ଜବତ କରିଥିଲା। ଦିନକରେ ଅବକାରୀ ବିଭାଗ ୩ ନିଶା ବେପାରୀଙ୍କୁ ଗିରଫ କରିବା ସହ ୪୫୫ ଗ୍ରାମ ଓଜନର ବ୍ରାଉନ୍ସୁଗର ଓ ଗୋଟିଏ ବାଇକ୍ ଜବତ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪୬ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ଚୋରା ଗାଡ଼ିରେ ଛେଳି ଚୋରି

ଧଉଳି, ୧୮।୧୧ (ସମିସ): ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥ ଧଉଳି ଟ୍ରାଫିକ ଛକ ନିକଟରେ ଏକ ବୋଲେରୋ ଗାଡିଟି ଠିଆ ହୋଇଥିଲା। ବହୁ ସମୟ ଧରି ଠିଆ ହୋଇଥିବା ବେଳେ ଗାଡ଼ିରେ କେହି ନ ଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଧଉଳି ଥାନା ପୁଲିସ ସେଠାରେ ପହଞ୍ଚି ଗାଡ଼ିକୁ ଥାନାକୁ ଆଣିଥିଲା। ଏନେଇ ପରେ ଗାଡି ନମ୍ବରରୁ ମାଲିକଙ୍କ ଫୋନ ନମ୍ବର ପାଇ କଲ କରିଥିଲେ। ଥାନାରୁ ଖବରପାଇ ଗାଡି ମାଲିକ କାକଟପୁର ଥାନା ଅଞ୍ଚଳର ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଧଉଳି ଥାନାରେ ପହଞ୍ଚିଥିଲେ। ଗତ ୧୬ ତାରିଖରେ ଘର ସମ୍ମୁଖରେ ଏହି ବୋଲେରୋ ପାର୍କ କରିଥିବା ବେଳେ ରାତିରେ କେହି ଚୋରି କରିଥିବା ଶ୍ରୀ ସ୍ୱାଇଁ କାକଟପୁର ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଏହି ଗାଡ଼ି ଚୋରି କରିବା ପରେ ଦୁର୍ବୃତ୍ତ ସେହି ଥାନା ଗମ୍ଭାରୀପଡ଼ା ବଲରା ଗ୍ରାମର ପଙ୍କଜ ଭୋଇଙ୍କ ଗୁହାଳରୁ ସେହିଦିନ ରାତିରେ ଛେଳି ଚୋରି କରିନେଇଥିଲେ ବୋଲି ଥାନାରେ ଅଭିଯୋଗ ହୋଇଥିଲା। ଏନେଇ କାକଟପୁର ଥାନାରେ ଶ୍ରୀ ସ୍ୱାଇଁ ଗତ ୧୬ ତାରିଖ ରାତିରେ ଚୋରି ଯାଇଥିବା ଅଭିଯୋଗ କରିଥିବା ବେଳେ ସେହିଦିନ ରାତିରେ ସେହି ଗାଡ଼ିରେ ଛେଳି ଚୋରି କରିନେଇଥିବା ଛେଳି ପାଳକ ଶ୍ରୀ ଭୋଇ ଅଭିଯୋଗ କରିଥିଲେ। ଗୋଟେ ପଟେ ଅଭିଯୋଗରେ ଗାଡି ଚୋରି ହୋଇଥିବା ବେଳେ ଅନ୍ୟ ଏକ ଅଭିଯୋଗରେ ସେହି ଗାଡ଼ିରେ ଛେଳି ଚୋରି ହୋଇଥିବା ଅଭିଯୋଗ ପୁଲିସର ମୁଣ୍ଡ ବିନ୍ଧାର କାରଣ ହୋଇଛି। ଧଉଳି ଟ୍ରାଫିକ ଛକରେ ଗାଡ଼ି ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ତେବେ ପୁଲିସ ଅଧିକାରୁ ଅଧିକ ତଦନ୍ତ ଚଳାଇଛି।

# ରଙ୍ଗ ମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହ ଠାବ

ଭୁବନେଶ୍ୱର, ୧୮।୧୧ (ସମିସ): ଟାଙ୍ଗୀ ସାହି ଅଞ୍ଚଳର ଏକ ଘରୁ ରଙ୍ଗ ମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହ ଠାବ କରିଛି ତମାଣ୍ଡୋ ଥାନା ପୁଲିସ। ମୃତକ ହେଉଛନ୍ତି ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅଞ୍ଚଳର ମାନସ ରଞ୍ଜନ ଦାସ ଓରଫ୍ ବାଦଲ (୨୮)।

ସୂଚନା ଅନୁସାରେ, ବାଦଲ ଓ ତାଙ୍କର ୨ ସହକର୍ମୀ ତମାଣ୍ଡୋ ଟାଙ୍ଗୀ ସାହିର ରେଣୁବାଳା ମହାପାତ୍ରଙ୍କ ଘରେ ଭଡ଼ାରେ ରହୁଥିଲେ। ମଙ୍ଗଳବାର ଦୁଇ ସହକର୍ମୀ କାମକୁ ଯାଇଥିବା ବେଳେ ବାଦଲ ଏକାକୀ ଘରେ ଥିଲେ। ବାଦଲ ଅପରାହ୍ଣ ସମୟରେ ବେକରେ ଗାମୁଛା ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ସହକର୍ମୀ ପହଞ୍ଚିବା ବେଳକୁ ବାଦଲଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଖବରପାଇ ତମାଣ୍ଡୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଏମ୍ସରେ ଭର୍ତ୍ତି କରିଛି। ପରିବାର ଲୋକଙ୍କୁ ଖବର ଦିଆଯାଇଛି ଓ ସେମାନେ ପହଞ୍ଚିବା ପରେ ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।

# ଶ୍ରୀରାମ ଚନ୍ଦ୍ର ଦାଶଙ୍କ ୧୦୭ତମ ଜନ୍ମବାର୍ଷିକୀ




ଭୁବନେଶ୍ୱର, ୧୮।୧୧ (ସମିସ): ରାଜନୀତି ବିଜ୍ଞାନର ମୁଖ୍ୟ ବିଦ୍ୱାଣୀ ପ୍ରଫେସର ଶ୍ରୀରାମ ଚନ୍ଦ୍ର ଦାଶଙ୍କ ଓଡ଼ିଶାରେ ଉଚ୍ଚଶିକ୍ଷା ଓ ରାଜନୀତି ବିଜ୍ଞାନ କ୍ଷେତ୍ରରେ ଅବଦାନ ଅତୁଳନୀୟ। ଶ୍ରୀରାମଚନ୍ଦ୍ର ଦାଶ ଓଡ଼ିଆଙ୍କ ମଧ୍ୟରେ ଏକ ଆଚମ୍ବିତ ବ୍ୟକ୍ତିତ୍ୱ। ତାଙ୍କ ଭଳି ଜଣେ ପଣ୍ଡିତ, ଛାତ୍ରବତ୍ସଳ ଶିକ୍ଷକ, ଦକ୍ଷ ଅଧ୍ୟାପକ, ତଥା ସାହସୀ ମଣିଷ ସମାଜରେ ବିରଳ। ସେ ଥିଲେ ଜଣେ ଯୁଗଜନ୍ମା। କୁହାଯାଏ ତାଙ୍କର ଭାଷଣରେ ଏତେ ମାଦକତା ଥିଲା ଯେ ଯିଏ ତାଙ୍କୁ ଶୁଣୁଥିଲେ ଅବାକ ହୋଇ ରହିଯାଉଥିଲେ ବୋଲି ପ୍ରଫେସର ଶ୍ରୀରାମ ଚନ୍ଦ୍ର ଦାଶଙ୍କ ୧୦୭ତମ ଜନ୍ମବାର୍ଷିକୀ ପାଳନ ଅବସରରେ ବକ୍ତାମାନେ କହିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରଥମ ମୁଖ୍ୟ ପ୍ରଫେସର ଶ୍ରୀରାମ ଚନ୍ଦ୍ର ଦାଶଙ୍କ ୧୦୭ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ରାଜନୀତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ତଥା ଓଡ଼ିଶା ଲୋକସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ବିବେକ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ଭାରତୀୟ ଗଣତନ୍ତ୍ର ବନାମ ଆମେରିକୀୟ ଅରାଜକତା' ବିଷୟବସ୍ତୁ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆହ୍ୱାନ ସତ୍ତ୍ୱେ ଭାରତର ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ କିପରି ସ୍ଥିରତା ସହିତ କାର୍ଯ୍ୟ ଜାରି ରଖିଛନ୍ତି ତାହା ପ୍ରକାଶ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ସେବା ଏବଂ ବୀମା ସବସିଡିର ସମ୍ପ୍ରସାରଣ ପ୍ରସଙ୍ଗ ଉପରେ ବକ୍ତୃତା ପ୍ରଦାନ କରିଥିଲେ।

ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଡ. ସୀମା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ଡ. ସ୍ୱପ୍ନା ଏସ ପ୍ରଭୁ, ସହକାରୀ ପ୍ରଫେସର ଡ. ନିତ୍ୟାନନ୍ଦ ବାରିକ, ଅଧ୍ୟାପକ ଉମେଶ ଚନ୍ଦ୍ର ନାୟକଙ୍କ ସମେତ ଛାତ୍ରଛାତ୍ରୀ ଓ ଗବେଷକମାନେ ଉପସ୍ଥିତ ଥିଲେ।

# ସମ୍ପୂର୍ଣ୍ଣ ବନ୍ଦହେବ ସୈନିକ ସ୍କୁଲ୍ ଡମ୍ପିଂୟାର୍ଡ଼

## ସ୍ୱାଗତ କଲା ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନ

ଭୁବନେଶ୍ୱର, ୧୮।୧୧(ସମିସ): ସୈନିକ ସ୍କୁଲ ବଞ୍ଚାଅ ଅଳିଆ ଗଦା ହଟାଅ ଅଭିଯାନର କର୍ମକର୍ତ୍ତା ନଗର ଉନ୍ନୟନ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସହ ଆଲୋଚନା କରିଥିଲେ ଓ ଆଲୋଚନରେ ଗାଡକଣ ଅଳିଆ ଗଦା ସମ୍ପୂର୍ଣ୍ଣ ବନ୍ଦହେବ ବୋଲି ଉଷା ପାଢ଼ୀ ସୂଚନା ଦେଇଛନ୍ତି।



ସୂଚନା ଅନୁସାରେ, ଭୁବନେଶ୍ୱର ମହାନଗର ନିଗମ ପ୍ରତିଦିନ ଶହ ଶହ ଟ୍ରକ ଅଳିଆ ଗାଡ଼ି ଗାଡକଣ ଡମ୍ପିଂ ୟାର୍ଡ଼ ରେ ଦୀର୍ଘ ୨୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅଳିଆ ଗଦାଇ ଦୁର୍ଗନ୍ଧରେ ସେ ଅଞ୍ଚଳକୁ ବିଷାକ୍ତ ମୟ କରିସାରିଲାଣି। ଏହାକୁ ଅସ୍ଥାୟୀ ଅଳିଆ ଗଦା କହି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଠିକ ଅନୁମୋଦନ ବିନା ଅଳିଆ ପ୍ରକ୍ରିୟାକରଣ ୟୁନିଟ୍ ବହୁଦିନ ଧରି ବେଆଇନ ଭାବରେ ଅଳିଆ ପ୍ରକ୍ରିୟାକରଣ ହେଉଛି। ୱିଣ୍ଡୋ କମ୍ପୋଷ୍ଟିଂ, ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର, ରି ସାଇକଲିଙ୍ଗ ପ୍ଲାଣ୍ଟ ଏବଂ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ ସମୂହକୁ ଘନ ଜନବସତିପୂର୍ଣ୍ଣ ଅଞ୍ଚଳରେ ଚଳାଇ ଆସୁଛି। ସୈନିକ ସ୍କୁଲର ପାଚେରୀକୁ ଲାଗି ତଥା ଅନେକ ସ୍କୁଲ, ୟୁନିଭରସିଟି, ଆରଆରଏଲ, କେନ୍ଦ୍ରୀୟ ବିଦ୍ୟାଳୟର ଅତି ନିକଟତର ହୋଇଥିବା ସତ୍ତ୍ୱେ ମଧ୍ୟ ବେଖାତିର କରି ଚାଲିଛି ବିଏମସି। ପ୍ରାୟ ୭ କିମି ବ୍ୟାସାର୍ଦ୍ଧ ଅଞ୍ଚଳରେ ଏହି ଦୁର୍ଗନ୍ଧ ଅନେକ ଦୁରାରୋଗ୍ୟ ସହ ଲୋକଙ୍କ ଜୀବନ ଧାରଣ ମଧ୍ୟ ଦୁର୍ବିସହ କରିସାରିଲାଣି। ଏପଟେ ପ୍ରଦୂଷଣ ବୋର୍ଡର ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଏବଂ ସ୍ୱାସ୍ଥ୍ୟଗତ ବିପଦକୁ ହେୟ ଜ୍ଞାନ କରି ଚାଲିଛି ବିଏମସି। ତେବେ ତୁରନ୍ତ ସେଠାରେ ଅଳିଆ ଗଦାଇବା ବନ୍ଦ କରିବା ସହ ପୂର୍ବ ନିଷ୍ପତ୍ତି ମୁତାବକ ସେହି ସ୍ଥାନରେ ବ୍ୟାପକ ପ୍ଲାଣ୍ଟେସନ ସହ ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଶ୍ରୀମତୀ ପାଢ଼ୀ ପ୍ରତିଶ୍ରୁତି ଦେଇଥିଲେ। ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ଆବାହକ ଦିଲ୍ଲୀପ ଦାସଶର୍ମା, ମୁଖ୍ୟ ଉପଦେଷ୍ଟା ଭିକ୍ଷାକାରୀ ତ୍ରିପାଠୀ, ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଷୋୟୀ ଲଲାଟ କେଶରୀ ଜେନା, ଚିନ୍ତାମଣି ବାରିକ ପ୍ରମୁଖ ଖାରବେଳ ଭବନରେ ଶ୍ରୀମତୀ ପାଢ଼ୀଙ୍କ ସହ ବୈଠକ ଆଲୋଚନା ହୋଇଥିଲା।

# ବସ୍ତି ଉଚ୍ଛେଦକୁ ସିପିଆଇ(ଏମ୍ଏଲ୍)ର ନିନ୍ଦା

ଭୁବନେଶ୍ୱର, ୧୮।୧୧(ସମି): ବିନା ଥଇଥାନରେ ସାଲିଆସାହି ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରାଯିବା ଘଟଣାକୁ ନିନ୍ଦା କରିଛି ସିପିଆଇ(ଏମ୍ଏଲ୍) ଲିବରେସନ ଭୁବନେଶ୍ୱର ସିଟି କମିଟି। କମିଟିର ସମ୍ପାଦକ ମହେନ୍ଦ୍ର ପରିଡ଼ା ଘଟଣାକୁ ନିନ୍ଦା କରିବା ସହ କହିଛନ୍ତି ଯେ ୫୫୦ ଘରର ଲୋକେ ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ଏହାକୁ ଉଲ୍ଲଂଘନ କରି ଶୀତଦିନେ ଅମାନୁଷିକ ଭାବେ ବସ୍ତି ଭଙ୍ଗାଯାଉଛି। ଭୁବନେଶ୍ୱର ସାଂସଦ ବସ୍ତି ବାସିନ୍ଦାଙ୍କ ପାଇଁ କୁମ୍ଭିର କାନ୍ଦଣା କାନ୍ଦୁଛନ୍ତି ଓ ତୁରନ୍ତ ଥଇଥାନ ପାଇଁ ଦାବି କରିଛନ୍ତି ଶ୍ରୀ ପରିଡ଼ା।

# ଜାଗରଣ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଆ ଚଳଚ୍ଚିତ୍ର 'ପୂୟୋଦକମ'

ଭୁବନେଶ୍ୱର, ୧୮।୧୧(ସମି): ମୁମ୍ବାଇ ଠାରେ ଅନୁଷ୍ଠିତ ଜାଗରଣ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଆ ଚଳଚ୍ଚିତ୍ର 'ପୂୟୋଦକମ' ପ୍ରଦର୍ଶିତ ହୋଇଯାଇଛି। ଏଥିରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶିବପ୍ରସାଦ ମହାନ୍ତି, ପ୍ରଯୋଜିକା ଗୁନଗୁନ, ରୀନା ଜେନା, କାର୍ଯ୍ୟକାରୀ ପ୍ରଯୋଜକ ନିର୍ମାଲ୍ୟ କୁମାର, ସାଉଣ୍ଡ ଡିଜାଇନର ସୁବାସ ସାହୁ, ଅଭିନେତ୍ରୀ ଓ ନିର୍ଦ୍ଦେଶିକା ବିଜୟା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଗୁନଗୁନ ଫିଲ୍ମସ




ନିବେଦିତ ଏହି ଚଳଚ୍ଚିତ୍ର ନିର୍ଦ୍ଦେଶନା, ଚିତ୍ରନାଟ୍ୟ ଓ ସଂଳାପ ରଚନା ସହ ସମ୍ପାଦନା ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି ଦେଇଛନ୍ତି ଶିବପ୍ରସାଦ ମହାନ୍ତି। ଫିଲ୍ମର ପ୍ରଯୋଜନା କରିଛନ୍ତି ଗୁନ୍ଗୁନ ଓ ରୀନା ଜେନା। ଏଥିରେ ବିଭିନ୍ନ ଭୂମିକାରେ ଗୁନଗୁନ୍, ଶ୍ରୀତମ ଦାସ, ଗାର୍ଗୀ ମହାନ୍ତି, ଅଭିଷେକ ଗିରି, ଶୁଭ୍ରାଂଶୁ ନାୟକ ପ୍ରମୁଖ ଅଭିନୟ କରିଛନ୍ତି।

## ଗେଣ୍ଡୁ ଫୁଲ ପାଇଁ ଭରସା ପଡ଼ୋଶୀ ରାଜ୍ୟ

# ରଖିବାକୁ ଭଣ୍ଡାର ନାହିଁ, ବିକିବାକୁ ବଜାର ନାହିଁ

ଭୁବନେଶ୍ୱର, ୧୮।୧୧(ସମିସ): ମାର୍ଗଶୀର ମାସରେ ଲକ୍ଷ୍ମୀ ପୂଜା ପାଇଁ ଗେଣ୍ଡୁ ଫୁଲର ଚାହିଦା ଅଧିକ ରହିଛି। କିନ୍ତୁ ଓଡ଼ିଶାରେ ଆବଶ୍ୟକ ଅନୁଯାୟୀ ଗେଣ୍ଡୁଫୁଲ ଚାଷ ହେଉ ନ ଥିବାରୁ ଆମକୁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଅପରପକ୍ଷେ ପଡ଼ୋଶୀ ରାଜ୍ୟରୁ ଆସୁଥିବା ଗେଣ୍ଡୁଫୁଲ ରଖିବାକୁ ଏଠାରେ ଶୀତଳଭଣ୍ଡାର ନ ଥିବା ବେଳେ ଫୁଲ ବିକ୍ରି ପାଇଁ ଏଠାରେ ସ୍ୱତନ୍ତ୍ର ବଜାର କିମ୍ବା ପାଇକାରୀ ବଜାର ନାହିଁ। ଯେଉଁଥିପାଇଁ ଦଲାଲଙ୍କ ମାଧ୍ୟମରେ ଆସୁଥିବା ଗେଣ୍ଡୁଫୁଲ ରାସ୍ତାକଡ଼ ଖୁଚୁରା ବଜାରରେ ଚଢ଼ା ଦରରେ ବିକ୍ରି ହେଉଛି।

ଗେଣ୍ଡୁ ଫୁଲ ୪ ପ୍ରକାରର ରହିଛି। କମଳା ରଙ୍ଗ, ହଳଦିଆ, କେଳି କୁସୁମ, ଚେରି। କମଳାରଙ୍ଗ ଓ ହଳଦିଆ ସବୁବେଳେ ମିଳୁଥିବା ବେଳେ କେଳିକୁସୁମ ଓ ଚେରୀ ସିଜିନ୍ରେ ମିଳିଥାଏ। ଏବେ ଭୁବନେଶ୍ୱରରେ ଲୋକେ ବାଡ଼ିରେ ଫୁଲ ଚାଷ କରୁ ନ ଥିବାରୁ ଆବଶ୍ୟକତା ଦୃଷ୍ଟିରୁ ସହରବାସୀ ବଜାର ଉପରେ ନିର୍ଭର କରୁଛନ୍ତି। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ଗଳିକନ୍ଦିରେ ଛତୁ ଫୁଟିଲା ଭଳି ପ୍ରାୟ ୩ ଶହ ଫୁଲ ଦୋକାନ ରହିଛି। ଏହି ସବୁ ଦୋକାନରେ ଗେଣ୍ଡୁ ଫୁଲ କିଲୋ ପ୍ରତି ୩ ଶହ ଟଙ୍କା ରହିଥିବା ବେଳେ ଅନ୍ୟ ଦିନଗୁଡ଼ିକରେ ଦର ଟିକେ କମ୍ ରହିଥାଏ। ତେବେ ପ୍ରତିଦିନ ରାଜଧାନୀକୁ ୫ କ୍ୱିଣ୍ଟାଲ ଗେଣ୍ଡୁ ଫୁଲ ଦରକାର ପଡୁଥିବା ବେଳେ ସିଜିନ୍ରେ ୮ କ୍ୱିଣ୍ଟାଲ ଫୁଲ ଦରକାର ପଡ଼ିଥାଏ। ଯେଉଁଥିପାଇଁ ପଡ଼ୋଶୀ ରାଷ୍ଟ୍ର କୋଲକାତା ଉପରେ ୩ କ୍ୱିଣ୍ଟାଲ ଗେଣ୍ଡୁ ଫୁଲ ପାଇଁ ନିର୍ଭର କରିବାକୁ ପଡୁଛି। ଏକପକ୍ଷରେ ଭୁବନେଶ୍ୱର ଆଖପାଖ କିମ୍ବା ଓଡ଼ିଶାରେ ଗେଣ୍ଡୁଫୁଲ ଚାଷ ହେଉ ନ

## ■ ରାଜଧାନୀରେ ଦିନକୁ ଦରକାର ପଡୁଛି ୮ କ୍ୱିଣ୍ଟାଲ ଗେଣ୍ଡୁ
## ■ ଓଡ଼ିଶାରେ ଦିନକୁ ଦରକାର ୧୦ରୁ ୧୨ କ୍ୱିଣ୍ଟାଲ୍ ଗେଣ୍ଡୁ

ଥିବାରୁ ରାଜ୍ୟ ବାହାରୁ ଏହା ଆମଦାନି ହେଉଛି। ଯଦିବା ଗଞ୍ଜାମ, ଖୋର୍ଦ୍ଧା, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ାରେ ଗେଣ୍ଡୁ ଚାଷ କରାଯାଉଛି ଏବଂ ଭୁବନେଶ୍ୱର ଆଖପାଖ ଅଞ୍ଚଳରେ କାଁ ଭାଁ ଗେଣ୍ଡୁ ଚାଷ ହେଉଛି, କିନ୍ତୁ ତାହା ଭୁବନେଶ୍ୱର ବଜାର ପାଇଁ ଯଥେଷ୍ଟ ନୁହେଁ। ବିଶେଷକରି ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ଭୁବନେଶ୍ୱରକୁ ଫୁଲ ମଗାଯାଉଛି। ତାହା ଚାଷୀଙ୍କଠାରୁ ସିଧାସଳଖ ନ ଆସି କୋଲକାତା ଦେଇ ମିଡିଲ ମ୍ୟାନ୍ ବା ଦଲାଲ୍ ମାଧ୍ୟମରେ ଆସୁଛି। ଫଳରେ ଫୁଲ ଦର ଚଢ଼ା ରହୁଛି। ଅପରପକ୍ଷେ ଓଡ଼ିଶାରେ ମୁଖ୍ୟ କଥା ହେଉଛି ଫୁଲ ରଖିବା ପାଇଁ ଶୀତଳ ଭଣ୍ଡାର କିମ୍ବା ପାଇକାରୀ ବିକ୍ରି ପାଇଁ ମଣ୍ଡି ନାହିଁ। ଯାହାଦ୍ୱାରା ଫୁଲ ଗୋଟେ ଦିନରୁ ଅଧିକ ଦିନ ରହିଲା



ବେଳକୁ ଝାଉଁଳି ପଡୁଛି ଏବଂ ଚାଷୀ ଖୁଚୁରା ବଜାରରୁ କିଣି ଏଠାରେ ବିକ୍ରି କରୁଛନ୍ତି। ଯେଉଁଥିପାଇଁ ଦର ଚଢ଼ା ରହୁଛି ବୋଲି କୁହାଯାଉଛି। ଲୋକମାନେ ଯିଏ ଯେଉଁଠି ପାଇଲେ ରାସ୍ତାକଡ଼ ଫୁଲ ବିକ୍ରି କରୁଛନ୍ତି। ଏବେ ମାର୍ଗଶୀର ମାସ ଚାଲିଥିବା ବେଳେ ଆଗକୁ ବିବାହ ଋତୁ ଆସୁଛି। ଏହି ଋତୁରେ ଫୁଲ ଦର ଅଧିକ ରହିବ ବୋଲି କୁହାଯାଉଛି।

ରାଜ୍ୟକୁ ପ୍ରତିଦିନ ୧୦ ରୁ ୧୨ କ୍ୱିଣ୍ଟାଲ ଫୁଲ ଦରକାର ପଡୁଥିବା ବେଳେ ରାଜ୍ୟରେ ୪ରୁ କ୍ୱିଣ୍ଟାଲ ଗେଣ୍ଡୁ ଫୁଲ ଉତ୍ପାଦନ ହେଉଛି। ଏଥିସହିତ ଆଉ ଏକ ପ୍ରମୁଖ କଥା ହେଉଛି ସରକାରଙ୍କ ପକ୍ଷରୁ ଫୁଲ ଚାଷୀମାନଙ୍କୁ କୌଣସି ପ୍ରୋତ୍ସାହନ ନାହିଁ। ଯଦି ଫୁଲ ଚାଷୀମାନଙ୍କୁ ସରକାର ଏକାଠି କରି ଚାଷ ବିଷୟରେ ଆଲୋଚନା କରନ୍ତି ତେବେ ଯେତେକି ଫୁଲ ବାହାରୁ ଆସୁଛି ତା ଠାରୁ ଅଧିକ ଫୁଲ ଆମ ପାଖକୁ ଆସିପାରନ୍ତା ବୋଲି ରାଜଧାନୀ ଫ୍ଲୋରିଷ୍ଟ ଆସୋସିଏସନ୍ର ସଭାପତି ବିଭୂତି ଭୂଷଣ ସ୍ୱାଇଁ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି କି ଗୁପ୍ଚୁପ୍ ବଜାର ପାଇଁ ସ୍ଥାନ ଦିଆଯାଉଛି। ହେଲେ ଫୁଲ ବ୍ୟବସାୟୀଙ୍କ ପାଇଁ ଶୀତଳ ଭଣ୍ଡାର କି ଫୁଲ ବଜାର ନାହିଁ। ଯଦି ଏହି ସବୁ ଥାନ୍ତା ତେବେ ବ୍ୟବସାୟ ଭଲ ହୋଇ ପରନ୍ତା। କିନ୍ତୁ ବାହାରୁ ଫୁଲ ଆଣିଲେ ଗାଡ଼ି ଭଡ଼ା ସହିତ ଦର ମଧ୍ୟ ଅଧିକ ଲାଗୁଛି। ଏହା ପକେଟ୍କୁ ବହୁତ ବାଧୁଛି। କିନ୍ତୁ ଏଠାରେ କୈଣସି ଫୁଲ ଚାଷୀ ଏବଂ ବ୍ୟବସାୟୀଙ୍କ ପାଇଁ କ÷ଣସି ସୁବିଧା କରାଯାଉନାହିଁ। ଯଦି ସୁବିଧା କରାଯାଅନ୍ତା ତେବେ ଫୁଲ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ନ୍ତା ନାହିଁ ବୋଲି ସେ କହିଛନ୍ତି।

## ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ



ଧାମନଗର,୧୮ ।୧୧(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ରୁଡ଼ାକୁଟି ଗ୍ରାମ ପଞ୍ଚାୟତ ଅଧୀନ ସରେଇସ୍ଥିତ ମଦ୍ରାସା କାଦରିୟା ଗାଜିନଗର, ସୋରିଷଡିହ ଠାରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଛି। ମଦ୍ରାସାର ପ୍ରଧାନ ଶିକ୍ଷକ ସାହା ମୁମତାଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଆରସିସି ଦେବେନ୍ଦ୍ର କୁମାର କବି ଯୋଗଦେଇଥିବାବେଳେ ପୂର୍ବତନ ସିଆରସିସି ପ୍ରଶାନ୍ତ କୁମାର ବେହେରା, ଓଡ଼ିଶା ମଦ୍ରାସା ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଏସ କେ ନାସିରୁଦ୍ଦିନ, ସୋରିଷଡିହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ଗ୍ରାମର ଅଭିଭାବକ, ଗାଁର ମୁରବୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଶେଖ ସବିର ଅହେମ୍ମଦ ଅତିଥିମାନଙ୍କୁ ସ୍ୱାଗତ ଅଭିଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ

## କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ନେଇ ପ୍ରସ୍ତୁତି ବୈଠକ

ଦୋବଲ,୧୮ ।୧୧(ସମିସ): ଆସନ୍ତା ୨୨ ତାରିଖରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧାମନଗର ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ। ଏ ନେଇ ଏକ ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି। ଧାମନଗର ବ୍ଲକ ସମ୍ମିଳନୀ କକ୍ଷରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉପସ୍ଥିତିରେ ଆୟୋଜିତ ସମୀକ୍ଷା ବୈଠକରେ କୁହାଯାଇଛି ଯେ, କେନ୍ଦ୍ରମନ୍ତ୍ରୀ ୨୨ ତାରିଖ ସକାଳେ ଆସି ମୁସ୍ତଫାପୁର ପଞ୍ଚାୟତର ଗୋହିରାଟିକିରିରେ ପହଞ୍ଚିବେ। ଏଠାରେ ଉତ୍କଳ ପ୍ରଦେଶର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତି, ମାଳିକା ବର୍ଣ୍ଣିତ ଅର୍ଜ୍ଜୁନ ବୃକ୍ଷ, ଗୋହିରାଟିକିରି ମଠ ବୁଲି ଦେଖିବେ। ଏହାପରେ ଏଠାରେ ପର୍ଯ୍ୟଟନସ୍ଥଳୀ ଭିତ୍ତିଭୂମି ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିବେ କେନ୍ଦ୍ରମନ୍ତ୍ରୀ। ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଗୋହିରାଟିକିରିର ଭିତ୍ତିଭୂମି ବିକାଶ କରାଯିବ। ଏହି ଅବସରରେ ଏକ ପଦଯାତ୍ରା କରାଯିବ। ଏଥିରେ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଓ ସାଧାରଣ ନାଗରିକ ସାମିଲ ହେବେ ବୋଲି ଜଣାପଡ଼ିଛି। ବୈଠକରେ ଭଦ୍ରକ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ମହାନ୍ତି, ସାଂସଦଙ୍କ ଧାମନଗର ବ୍ଲକ୍ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଧାମନଗର ବିଡିଓ ବନବିହାରୀ ଦିନ୍ଦା ଓ ସରପଞ୍ଚ ଅଶୋକ ପୁହାଣ ଯୋଗ ଦେଇଥିଲେ।

## ଭତ୍ତା ପାଇବାକୁ ନାକେଦମ ହେଉଛନ୍ତି ହିତାଧିକାରୀ



ଦୋଳସାହି,୧୮ ।୧୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ବର୍ଗର ଭତ୍ତା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କ୍ଷେତ୍ରରେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ସୂଚନା ଅନୁସାରେ ଗୁଆମାଳ ପଞ୍ଚାୟତର ରାଜନୈତିକ ଆକ୍ରୋଶରୁ ଅନେକ ବିଧବାଙ୍କୁ ଭିନ୍ନକ୍ଷମ ଓ ମୃତ ଦର୍ଶାଇ ଭତ୍ତା ବନ୍ଦ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଏହି ପଞ୍ଚାୟତର ସାତ ନମ୍ବର ୱାର୍ଡର ନିରାଶ୍ରୟ ତଥା ଦୀର୍ଘ ୨୦ ବର୍ଷ ପୂର୍ବରୁ ବିଧବା ହୋଇଥିବା ମହିଳାଙ୍କ ଭତ୍ତା ବନ୍ଦ କରାଯାଇଥିବା ଜଣାପଡ଼ିଛି। ଗତ ଜୁନ୍ ମାସରେ ବିଧବା ମାଳତି ଜେନାଙ୍କୁ ଭିନ୍ନକ୍ଷମ ଦର୍ଶାଇ ଭତ୍ତା ବନ୍ଦ କରାଯାଇଥିଲା। ତେବେ ଅଗଷ୍ଟ ଓ ସେପ୍ଟେମ୍ବର ମାସ ୨ମାସର ଭତା ପ୍ରଦାନ କରାଯାଇଥିଲା ବେଳେ ଅକ୍ଟୋବର ମାସରୁ ତାଙ୍କୁ ଭତ୍ତା ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଛି। ତୁରନ୍ତ ବିଧବା ମାଳତି ଜେନାଙ୍କୁ ଭତ୍ତା ପ୍ରଦାନ ପାଇଁ ସାଧାରଣରେ ଦାବି ହେଉଛି।

## ୨୦ ବର୍ଷ ହେଲା ଆବାସ ଅପେକ୍ଷାରେ ଭାରତୀ!



ଅସୁରାଳି,୧୮ ।୧୧(ସମିସ): କଲ୍ୟାଣୀ ପଞ୍ଚାୟତ ଅନ୍ତର୍ଗତ ବନସର ଗାଁର ଭାରତୀ ପୁହାଣଙ୍କ ୬୨ବର୍ଷ ହେଲାଣି। ୧୫ ବର୍ଷ ହେଲା ସ୍ୱାମୀ ଆରପାରିକୁ ଚାଲିଗଲେଣି। ତାଙ୍କର କେବଳ ୨ ଟି ଝିଅ, ସବୁ ଝିଅ ବିବାହ କରିସାରିଲେଣି। ଏକୁଟିଆ ଭାରତୀ ଝାଟିମାଟି ଘରେ ରହୁଛନ୍ତି। ଯେଉଁଠି ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ଦେଖି ତାଙ୍କର ଜୀବନ ବିତୁଛି! କେବଳ ସେତିକି ନୁହେଁ ଘରର ଅବସ୍ଥା ଏତେ ଜରାଜୀର୍ଣ୍ଣ ଯେ ଦୂରରୁ କେହି ଦେଖି ରହିବାକୁ ପସନ୍ଦ କରିବେ ନାହିଁ। ମାତ୍ର ଭାରତୀ ନିଜ ଦୁଃଖ ସହିତ ଯୁଝୁଛନ୍ତି ଓ ୨୦ ବର୍ଷ ତଳେ ସ୍ୱାମୀ ଥିବା ଅବସ୍ଥାରେ ମିଳିଥିଲା ଆବାସ ପାଇଁ ମାତ୍ର ୫ ହଜାର। ପରେ ଆଉ ଅର୍ଥରାଶି ମିଳିନଥିଲା। ଏଣୁ ଆବାସ ତିଆରି ଅଧାରେ ରହି ଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚକ୍କର କାଟିଥିଲେ ମଧ ବାକି ଅର୍ଥରାଶି ମିଳି ନଥିଲା। ସେହିଦିନଠାରୁ ଭାରତୀଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି।

# ଲୌହମିଶା ପାଣିରେ ନଷ୍ଟ ହେଉଛି ଚାଷଜମି

ବାରିକପୁର,୧୮ ।୧୧(ସମିସ)



ଭଣ୍ଡାରିପୋଖରୀ ବ୍ଲକ ୧୬ନଂ ଜାତୀୟ ରାଜପଥର ଯାମିନୀବିନ୍ଧା ଠାରେ ଅବସ୍ଥିତ କ୍ରୋମଓର ବେନେଫିସିଏସନ ପ୍ଲାଣ୍ଟରୁ ବିପୁଳ ପରିମାଣର ତରଳ ଜାତୀୟ ବର୍ଜ୍ୟ ବସ୍ତୁ ବାହାରୁଛି। ଏହା ଲାଲ ରଙ୍ଗର ହୋଇଥିବା ବେଳେ ପାର୍ଶ୍ୱ କେନାଲ ଓ ନାଳ ପାଣିକୁ ପ୍ରଦୂଷିତ କରୁଛି। ଏହାଛଡା ପାର୍ଶ୍ୱ ଚାଷ ଜମିକୁ ମଧ ଏହି ପାଣି କ୍ଷତି ପହଞ୍ଚାଉଥିବା ଗତ ସୋମବାର ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଚାଷୀମାନେ ଅଭିଯୋଗ କରିଛନ୍ତି। ମହିଳାନେତ୍ରୀ ସବିତା ଚନ୍ଦଙ୍କ ସମେତ ଯୁବନେତା ପ୍ରଶାନ୍ତ କୁମାର ସାହୁ, ରଜନୀକାନ୍ତ ଚନ୍ଦ, ଗୁରୁପ୍ରସାଦ ଗିରି, ପ୍ରତାପ କିଶୋର ମହାପାତ୍ର, ବିଜୟ ଶଙ୍କର ମହାନ୍ତି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବେ ଏଭଳି ଅଭିଯୋଗ କରିଛନ୍ତି। ଏଥିରେ ବୟାବନାପୁର, ଦକ୍ଷିଣବାଡ଼, ତେସିଙ୍ଗା, ରାମଚନ୍ଦ୍ରପୁର ପ୍ରମୁଖ ପଞ୍ଚାୟତ ଅଞ୍ଚଳର ଚାଷୀ ମଧ ଉପସ୍ଥିତ ଥିଲେ। ପ୍ଲାଣ୍ଟ ପାଇଁ ଗତ ୧୧ତାରିଖରେ ସଠିକ ଭାବେ ଜନ ଶୁଣାଣି ହୋଇନଥିବା ଚାଷୀମାନେ କହିଥିଲେ। ଏହାପରେ ୧୪ତାରିଖ ଦିନ ଉକ୍ତ ପ୍ଲାଣ୍ଟରୁ ବିଷାକ୍ତ ବର୍ଜ୍ୟବସ୍ତୁ ନିଷ୍କାସିତ ହୋଇ କେନାଲ ଓ ଚାଷ ଜମିକୁ ମାଡିଯାଇଛି। ଜିଲ୍ଲାପାଳ ସମସ୍ତ ଘଟଣା ଜାଣିବା ପରେ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିବା ଜଣାପଡ଼ିଛି।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



ଭଦ୍ରକ,୧୮ ।୧୧(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଦୁର୍ଗା ପଡିଆ ଠାରେ ଚାନ୍ଦବାଲି ବ୍ଲକର ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚାନ୍ଦବାଲି ବ୍ଲକର ସମସ୍ତ ୩୬ଟି ଗ୍ରାମ ପଞ୍ଚାୟତ ଏବଂ ଏନ୍ଏସିରୁ ୧୦୦୦ ରୁ ଅଧିକ ମତ୍ସ୍ୟଜୀବୀ ଏବଂ ପ୍ରାଣୀପାଳକ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ। ସାଂସଦ ଅଭିମନ୍ୟୁ ସେଠୀ ମେଳା ଓ ପ୍ରଦର୍ଶନୀ କୁ ଫିତା କାଟି ଉଦଘାଟନ କରିଥିଲେ। ଚାନ୍ଦବାଲି ବିଡିଓ ସଞ୍ଜୀବ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ରୂପେ ସାଂସଦ ଶ୍ରୀ ସେଠୀ ଯୋଗ ଦେଇ ଉପସ୍ଥିତ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ଼. ବ୍ୟୋମକେଶ ରାୟ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଧନାଇ ଚରଣ ଗୁରୁ, ବ୍ଲକ ଅଧକ୍ଷା ମିନତୀ ସୁତାର, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଡଃ. କରୁଣ କୁମାର ମଲ୍ଲିକ, ଚାନ୍ଦବାଲି ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଚାନ୍ଦବାଲି ବ୍ଲକର ୪ଜଣ ଅଗ୍ରଣୀ ମତ୍ସ୍ୟ ଚାଷୀ ଏବଂ ୩ ଜଣ ପ୍ରାଣୀପାଳକ ଓ କୁକୁଡ଼ା ପାଳନ ପାଇଁ ଗୋଟିଏ ସ୍ୱୟଂ ସହାୟକ ଦଳ ସମୁଦାୟ ୮ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମତ୍ସ୍ୟ ବିଶେଷଜ୍ଞ ଭାବରେ ଡ. ବିଶ୍ୱରଞ୍ଜନ ସାମନ୍ତରାୟ, ପ୍ରାଣୀଚିକିତ୍ସା ବିଶେଷଜ୍ଞ ଭାବରେ ନିମାଇ ଚରଣ ପଟ୍ଟନାୟକ ଯୋଗ ଦେଇ ଚାଷୀ ଙ୍କୁ ମତ୍ସ୍ୟ ଚାଷ ଓ ପ୍ରାଣୀ ପାଳନ ସମ୍ପର୍କିତ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ଭଦ୍ରକ କୃଷି ବିଜ୍ଞାନ କେନ୍ଦ୍ର ର ସୁଶାନ୍ତ କୁମାର ସିଂ।

ଅସୁରାଳି: ଧାମନଗର ବ୍ଲକର ଅସୁରାଳି ଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରିଥିଲେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ। ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ହୃଷିକେଶ ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅମର କୁମାର ସାହୁ, ସହକାରୀ ମତ୍ସ୍ୟ ଅଧିକାରୀ ଆୟୁଷ୍ମାନ କର, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ପ୍ରତିନିଧି ଅଶୋକ ପୁହାଣ, ବିଡିଓ ବନ ବିହାରୀ ଦିନ୍ଦା ପ୍ରମୁଖ ଏହି ମେଳାରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରୟୋଗ ସଂପର୍କିତ ତଥ୍ୟ ପ୍ରଦର୍ଶନ କରାଯାଇଥିଲା। ବିଭାଗୀୟ ଅଧିକାରୀ ଓ ସଫଳ ଚାଷୀମାନେ ନିଜର ସଫଳତା ଓ ପଶୁ ପାଳନ ଜ୍ଞାନକୌଶଳ ସଂପର୍କରେ ଉପସ୍ଥିତ ଚାଷୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ପରେ ପଶୁପାଳନରେ ସଫଳ ହୋଇଥିବା କେତେକ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଭୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ମେଳାରେ କିଛି ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ ଅଧିକାରୀମାନଙ୍କୁ ପୁରସ୍କୃତ କରା ଯାଇଥିବା ଓ ସାଧାରଣ ଚାଷୀ ବଞ୍ଚିତ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥି ସହିତ ନବେ ପ୍ରତିଶତ ଶାସକ ଦଳର ଚାଷୀ ମାନଙ୍କୁ ପୁରସ୍କୃତ କରାଯାଇଥିବାରୁ ଏହାର ତଦନ୍ତ ଦାବି କରାଯାଇଥିଲା। ଏ ସମ୍ପର୍କରେ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସେ କୌଣସି ଉତ୍ତର ଦେଇ ନଥିଲେ।



**ଦୀର୍ଘଦିନ ହେଲା ସହକାରୀ ଯନ୍ତ୍ରୀଙ୍କ ଅଫିସରେ ତାଲା**

## ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ସ୍ଥାନୀୟ ବାସିନ୍ଦା



ଅସୁରାଳି,୧୮ ।୧୧(ସମିସ): ବେତାଳି ଗାଁରେ ରହିଥିବା ରାସ୍ତା ଓ ଗୃହ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୀର୍ଘଦିନ ଧରି ତାଲା ପଡ଼ି ରହିଛି। ମାସର ୩୦ ଦିନ ଯାକ ଗେଟରେ ତାଲା ପଡ଼ିରହିବାକୁ ତାହା ଲୋକଙ୍କ ସେବାରେ ଲାଗିପାରୁନାହିଁ। କୌଣସି ପ୍ରଶାସନିକ ଅଧିକାରୀଙ୍କୁ ଏହି କାର୍ଯ୍ୟାଳୟରେ ଦେଖିନାହାନ୍ତି। ଯନ୍ତ୍ରୀଙ୍କୁ ନିଯୁକ୍ତି କରିଥିଲେ ମଧ ବଡ଼ ବିଡ଼ମ୍ବନା ର ବିଷୟ ଏହିକି ଯେ ତାଙ୍କ ପଦଚିହ୍ନ କେବେ ବି ପଡିନାହିଁ ଏଠାରେ! ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରତିବର୍ଷ ଉକ୍ତ କାର୍ଯ୍ୟାଳୟର "ଉନ୍ନତିକରଣ' ନାମରେ ରାଜସ୍ୱରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ପ୍ରାୟୋଗିକ ଭାବରେ କାର୍ଯ୍ୟାଳୟର କୌଣସି କାର୍ଯ୍ୟକଳାପ ଦେଖିବାକୁ ମିଳୁନାହିଁ। ଏହି ପରିସ୍ଥିତିରେ ସାଧାରଣ ଲୋକେ କ୍ଷୁବ୍ଧ ହୋଇ, ଏହାକୁ "ରାଜସ୍ୱର ଅପବ୍ୟୟ' ବୋଲି ବ୍ୟାଖ୍ୟା କରିଛନ୍ତି। ଗାଁବାସୀମାନେ ଜିଲ୍ଲାପାଳଙ୍କୁ ଲିଖିତ ଦାବି ଦେଇ, ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।ଦାବି ଅନୁଯାୟୀ କାର୍ଯ୍ୟାଳୟକୁ ସଚଳ କରାଯାଉ।ଅଧିକାରୀଙ୍କୁ ନିୟମିତ ଭାବେ ଉପସ୍ଥିତ ରହିବାକୁ ବାଧ କରାଯାଉ।ରାଜସ୍ୱର ଅପବ୍ୟୟକୁ ରୋକି, ଲୋକଙ୍କ ପାଇଁ ପ୍ରାୟୋଗିକ ସୁବିଧା ଦିଆଯାଉ।ସାଧାରଣ ଲୋକଙ୍କ ଆଶା, ପ୍ରଶାସନ ଶୀଘ୍ର ଏହି ଅବ୍ୟବସ୍ଥାକୁ ସମାଧାନ କରି, ସୁଚାରୁ ଶାସନକୁ ସୁନିଶ୍ଚିତ କରିବ।

## 'ଦେଶର ବିକାଶରେ ବାଜପେୟୀଙ୍କ ଅବଦାନ ସ୍ମରଣୀୟ'



**ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ନବମ ସନ୍ଧ୍ୟା**

ଭଦ୍ରକ,୧୮ ।୧୧(ସମିସ): ରାଷ୍ଟ୍ର ପୁରୁଷ ଅଟଳ ବିହାରୀ ବାଜପେୟୀ ଦେଶର ବିକାଶ ପୁରୁଷ।ଅଟଳଜୀ କେବଳ ଜଣେ ରାଷ୍ଟ୍ରନେତା ନଥିଲେ ବରଂ ସେ ଥିଲେ ଗଣତନ୍ତ୍ରର ପୂଜାରୀ ତଥା କବି ଓ ବାଗ୍ମୀ ମଣିଷ। ପ୍ରଧାନ ମନ୍ତ୍ରୀ ଭାବେ ସେ ଯେତେବେଳେ ଦେଶର ନେତୃତ୍ୱ ନେଇଥିଲେ ସେତେବେଳେ ଦେଶର ପ୍ରଭୁତ ବିକାଶ ସାଧିତ ହୋଇଥିଲା ବୋଲି ଉତ୍କଳ ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ନବମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ନବମ ସନ୍ଧ୍ୟାକୁ ନାଟ୍ୟ ନିର୍ଦ୍ଦେଶକ ରାୟ ରାମାନନ୍ଦ ମହାପାତ୍ରଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା ଏବଂ 'ରାଷ୍ଟ୍ର ରାଜନୀତିରେ ବିକାଶ ପୁରୁଷ ଅଟଳ ବିହାରୀ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମହୋତ୍ସବର ଆବାହକ ଅଧାପକ ନିହାର ରଞ୍ଜନ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅସୁରାଳି ସ୍ଥିତ ବେଷ୍ଟର ଅଧକ୍ଷ ଇଂ. ରବୀନ୍ଦ୍ର କୁମାର ଜେନା ମୁଖ୍ୟ ବକ୍ତା, ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ କୁଶଦେବ ମଲ୍ଲିକ, କବି ଓ ସଂଗଠକ ନିର୍ମଳ ଚନ୍ଦ୍ର ବେହୁରିଆ, ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ ବସନ୍ତ କୁମାର ରାଉତ, ବାସୁଦେବପୁର ସୌରଭ ମହୋତ୍ସବ ସଭାପତି ଜୟପ୍ରକାଶ ମଲ୍ଲିକ, କବୟିତ୍ରୀ ଚୈତାଳୀ ଖିଲାର ପ୍ରମୁଖ ଅତିଥ ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବା ବେଳେ କବୟିତ୍ରୀ ତଥା ଅଧକ୍ଷା ଦୀପ୍ତିମୟୀ ସାହୁ ଅତିଥି ପରିଚୟ ଓ ସଭାପତି ଇଂ ଅଭୟ ସୁତାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହୋତ୍ସବର ସମ୍ପାଦକ ଅଧାପକ ନୀହାର ରଞ୍ଜନ କର ମଞ୍ଚ ପରିଚାଳନା କରିଥିଲେ ଏବଂ ମହୋତ୍ସବ ସହ ସମ୍ପାଦିକା ଅଞ୍ଜୁବାଳା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସନ୍ଧ୍ୟାରେ ମୟୂର ଡ୍ୟାନ୍ସ ଗ୍ରୁପ ଓ ଭଦ୍ରକ କଲ୍ଚରାଲ ଏକାଡେମୀ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

**ହଜି ଯାଉଛି କମାରଶାଳ**

# କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି ଯୁବପିଢ଼ି

ବନ୍ତ/ଆଗରପଡ଼ା,୧୮ ।୧୧(ସମିସ)

ଆଧୁନିକ ପରମ୍ପରାକୁ ଆପଣେଇବା ଇଛାରେ ଓ ନିଜର ଜୀବନ ଶୈଳୀକୁ ପରିବର୍ତ୍ତନ କରିବା ସହ ଜୀବନକୁ ଉନ୍ନତ ମାନର କରିବା ଆଶାରେ ବହୁ ସଂପ୍ରଦାୟ ନିଜ କୁଳ ବେଉସାକୁ ଭୁଲିବାକୁ ବସିଲେଣି। ମଣିଷ ଯେତେ ଆଧୁନିକ ହେଲେ ମଧ ଏମିତି କିଛି ଅତ୍ୟାବଶ୍ୟକ ଗୃହ ଉପକରଣ ରହିଛି, ଯାହା ପ୍ରତି ଘରେ ଆବଶ୍ୟକ ପଡ଼ିଥାଏ। ସେଥିରୁ କୋଦାଳ, ଦାଆ, ଗଇଁଚି, ଶାବଳ, ଟାଙ୍ଗିଆ, ନିହାଣ, ବଟାଳି, କରତ, ପନିକି, ଖିଲିକାତି, ବାରସୀ ଇତ୍ୟାଦି। ଏହିସବୁ ସାମଗ୍ରୀ ବିନା ଚାଷ କାର୍ଯ୍ୟ, ଘରବାଡ଼ି କାର୍ଯ୍ୟ ଏହିପରି ଅନେକ କାର୍ଯ୍ୟ ଅସମ୍ଭବ ହୋଇଥାଏ। ଏହିସବୁ ସାମଗ୍ରୀକୁ ପ୍ରସ୍ତୁତ କରୁଥିବା ସଂପ୍ରଦାୟ 'କମାର' ଆଜି ଅବହେଳିତ। ଆଉ ଦେଖିବାକୁ ମିଳୁନି କମକାର ଶାଳ। ଆଗରପଡ଼ା ଓ ତାର ଆଖପାଖ ଅଂଚଳରେ ଯଥା:- ପୁରୁଷଣ୍ଢ, ରାଉତରାପୁର, ନରାଜପୁର, ଶେଉଳଗଡ଼ିଆ, ବଡ଼ବର୍ଚ୍ଛିକୟାଁ, କଳାପଦା(କାଦବରାଂଗ), ବେଲଗଡ଼ିଆ(ଅଡ଼ାଳପଙ୍କ), କନ୍ତିଆ(ବର୍ତ୍ତନା) ଏପରି ଗ୍ରାମ ଯେଉଁ ଗ୍ରାମରେ ବହୁ ବର୍ଷରୁ କମାର ସଂପ୍ରଦାୟ ବସ ବାସ କରିଆସୁଛନ୍ତି। ସେମାନେ କୌଳିକ ବୃତ୍ତିକୁ ପାଥେୟ କରି ନିଜ ପରିବାର ପ୍ରତିପୋଷଣ କରିଆସୁଥିଲେ, ସମୟାନୁକ୍ରମେ ରୋଜଗାର ତୁଳନାରେ ଖର୍ଚ୍ଚକୁ ଦେଖି ସେମାନେ ଏହି ବେଉସାରୁ ଅପସରି ଯାଇ ଅନ୍ୟ ପନ୍ଥା ଅବଲମ୍ବନ କଲେଣି। ଯୁବପିଢ଼ି ଏହି ପାରମ୍ପାରିକ ବୃତ୍ତିରୁ ମୁହଁ ଫେରାଇଲଣି। କିନ୍ତୁ ବେଲଗଡ଼ିଆ(ଅଡ଼ାଳପଙ୍କ) ଗ୍ରାମର



ଧରଣୀଧର ଓଝା(୭୨), ବିଷ୍ଣୁମୋହନ ଓଝା(୫୭) ଓ ନାରାୟଣ ଓଝା(୫୨)ଙ୍କର କହିବା ଅନୁସାରେ ସେମାନେ ରୋଜଗାର କ'ଣ ଜାଣିବା ଦିନଠୁ ନିଜକୁ ଏହି କାର୍ଯ୍ୟରେ ନିୟୋଜିତ କରି ତାଙ୍କର ପରିବାର ପ୍ରତିପୋଷଣ କରିଆସୁଛନ୍ତି। କେବଳ ଘରଡ଼ିହକୁ ଛାଡ଼ିଦେଲେ ସେମାନଙ୍କର ଆଉ ଜମିବାଡ଼ି ନାହିଁ। ଏହି ରୋଜଗାରରେ ପରିବାର ସଦସ୍ୟଙ୍କୁ ବହୁ ଦୁଃଖକଷ୍ଟରେ ପ୍ରତିପୋଷଣ କରୁଛନ୍ତି। କନ୍ତିଆ ଗ୍ରାମର ଅଭିମନ୍ୟୁ ଓଝା (୫୨)ଙ୍କ କହିବା ଅନୁସାରେ ସେ ୪୦ ବର୍ଷ ହେବ ନିଜକୁ ଏହି କାର୍ଯ୍ୟରେ ନିୟୋଜିତ କରି ତାଙ୍କର ପରିବାର ପ୍ରତିପୋଷଣ କରିଆସୁଛନ୍ତି। ହେଲେ ଏଥିରେ ଚଳିବା କଷ୍ଟକର ହୋଇପଡୁଛି ବୋଲି କହିଛନ୍ତି। ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ଅର୍ନ୍ତଗତ ବଡ଼ବର୍ଚ୍ଛିକୟାଁ ଗ୍ରାମରେ ବହୁ ବର୍ଷରୁ କମାର ସଂପ୍ରଦାୟ ବସବାସ କରିଆସୁଅଛନ୍ତି। ଗ୍ରାମର ପାଖାପାଖି ୪ ପରିବାର ଏହି ସଂପ୍ରଦାୟର। ସେହି ଗ୍ରାମର ଶିବ ବିନ୍ଧାଣୀ(୬୨)ଙ୍କର କହିବା ଅନୁସାରେ ସେ ୫୦ ବର୍ଷ ହେବ ନିଜକୁ ଏହି କାର୍ଯ୍ୟରେ ନିୟୋଜିତ କରି ତାଙ୍କର ପରିବାର ପ୍ରତିପୋଷଣ କରିଆସୁଛନ୍ତି। ପ୍ରସ୍ତୁତ ସାମଗ୍ରୀକୁ ଚାଷୀମାନଙ୍କୁ ବିକ୍ରି କରିବା ସହ ହାଟ ବାରିରେ ବନ୍ତ ଓ ଆଗରପଡ଼ା ସୁଭଦ୍ରା ମହତାବ ହାଟରେ ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି ସତ କିନ୍ତୁ ସରକାରଙ୍କର କଟକଣା ଯୋଗୁଁ ଅଙ୍ଗାର, କୋଇଲାର ଅଭାବ ହେତୁ ଚଢ଼ା ଦରରେ ଏହାକୁ ବଜାରରୁ କ୍ରୟ କରୁଥିବାରୁ ତାଙ୍କ ଆୟ ତୁଳନାରେ ବ୍ୟୟ ଅଧିକ ହୋଇଯାଉଛି। ଆଧୁନିକ ବଜାରରେ ତାଙ୍କ ସାମଗ୍ରୀର ପାରିଶ୍ରମିକ ମୂଲ୍ୟ ଠାରୁ କମ୍ ମୂଲ୍ୟରେ ଏହିସବୁ ଉପକରଣ ମିଳୁଥିବାରୁ ବେପାରିମାନେ ସେମାନଙ୍କ ଠାରୁ ମୁହଁ ବୁଲାଇ ନେଉଛନ୍ତି। ଏହି ସବୁ ପରିସ୍ଥିତି ସ୍ଥଳେ ସରକାରଙ୍କ କଟକଣାର ଅଭାବ ଯୋଗୁଁ ସୁଦୂର ରାଜସ୍ଥାନରୁ ରାଜସ୍ଥାନି କମାର ପରିବାର ଆମ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପଶିଆସିଛନ୍ତି। ବନ୍ତ ଅଞ୍ଚଳର କିଛି ସ୍ଥାନରେ ସେମାନଙ୍କର ବେପାର ପଶରା ମେଲାଇ ବସିବା ସହ ପୁରୁଣା ଜାନବାହନରୁ ବାହାରିଥିବା ଲୁହାପତିକୁ କମ ମୂଲ୍ୟରେ କ୍ରୟକରି ଗୃହ ଉପକରଣ ସାମଗ୍ରୀମାନ ତିଆରି କରି ତାକୁ କମ ମୂଲ୍ୟରେ ବିକ୍ରି କରୁଥିବାରୁ ଏହା ସ୍ଥାନୀୟ କମାରଙ୍କୁ ହତୋତ୍ସାହିତ କରୁଛି। ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା କମ୍ ଥିବାରୁ ସରକାରଙ୍କ ପ୍ରଦତ୍ତ ସୁବିଧା ଓ ସୁଯୋଗ ସେମାନଙ୍କର ପାଖରେ ଆଜି ବି ଅପହଞ୍ଚ। ତେଣୁ ସରକାରୀ ସୁବିଧା ସୁଯୋଗ ତାଙ୍କୁ ମିଳିପାରିଲେ ସେ ନିଜର ଜୀବନ ଶୈଳୀକୁ ପରିବର୍ତ୍ତନ କରିବା ସହ ଜୀବନକୁ ଉନ୍ନତ ମାନର କରିପାରନ୍ତେ ବୋଲି କହିଛନ୍ତି।

## ୩୪ ତମ ବାର୍ଷିକ କ୍ରୀଡ଼ା ଉତ୍ସବ



ଅସୁରାଳି,୧୮ ।୧୧(ସମିସ): ଜୀବନରେ କ୍ରୀଡ଼ାର ମହତ୍ୱ ଢେର୍ ବେଶୀ। ଶାରୀରିକ ସୁସ୍ଥତା, ମାନସିକ ସନ୍ତୁଳନ, ଦଳୀୟ ଭାବନା ଓ ଶିଷ୍ଟାଚାରର ଉନ୍ନତି ଏହାଦ୍ୱାରା ହୋଇଥାଏ। କ୍ରୀଡ଼ା ଛାତ୍ରଙ୍କୁ କେବଳ ଶାରୀରିକ ଶକ୍ତି ଦେଇନଥାଏ, ଏହା ତାଙ୍କର ଚରିତ୍ର, ନେତୃତ୍ୱ ଓ ସାମାଜିକ ଜୀବନକୁ ମଧ ଗଢିଥାଏ ଓ କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ, ସଚେତନ ଓ ସକ୍ରିୟ ରହେ। ଶ୍ରୀ ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅସୁରାଳିର ୩୪ ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ଏଭଳି କହିଛନ୍ତି ଅତିଥିମାନେ। ଗଢିଆଳି ପଞ୍ଚାୟତ ସ୍ଥିତ ପଞ୍ଚାୟତ ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧୁଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚତୁର୍ଭୁଜ ନାୟକ ଯୋଗଦେଇଥିବାବେଳେ ସଭାପତିତ୍ୱ କରିଥିଲେ ସତ୍ୟ ସୁନ୍ଦର ପାଢ଼ୀ। ଏହାଛଡ଼ା ବୈରାଗୀ ଶିଶୁ ମନ୍ଦିର ସଂକୁଳ ପ୍ରମୁଖ ସନ୍ତୋଷ ସାହୁ, ଶିଶୁ ମନ୍ଦିର ପ୍ରତିଷ୍ଠାତା ଉତ୍କଳ ଭୂଷଣ ନାୟକ, ସମ୍ପାଦକ ଦୀପକ କୁମାର ବାରିକ, ପ୍ରଧାନ ଗୁରୁଜୀ ନିତ୍ୟାନନ୍ଦ ପତି ଉପସ୍ଥିତ ଥିଲେ। ୧୧୫୨ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ଏମ୍‌ଏସ୍‌ଏମ୍‌ଇ ପକ୍ଷରୁ କ୍ଷମତା-ନିର୍ମାଣ କର୍ମଶାଳା



ରାଉରକେଲା,୧୮ ।୧୧(ସମିସ): ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସଏମ୍‌ଇ) ବିଭାଗ ପକ୍ଷରୁ ଆଜି ରାଉରକେଲାରେ ଆରଏମଏପି ପଦକ୍ଷେପ ଅଧୀନରେ ଟ୍ରେଡସ ଏବଂ ଏମଏସଏମଇ ପ୍ରତିଯୋଗିତାମୂଳକ ଲିନ୍ ଯୋଜନା ମାଧ୍ୟମରେ ବିଲ୍ ରିହାତିକୁ ସକ୍ଷମ କରିବା ଉପରେ ଏକ କ୍ଷମତା-ନିର୍ମାଣ କର୍ମଶାଳା ଆୟୋଜନ ହୋଇଥିଲା । ଏହି କର୍ମଶାଳାରେ ପାନପୋଷ ରାଉରକେଲାର ଅତିରିକ୍ତ ସବକଲେକ୍ଟର ଚାନ୍ଦନୀ ଯୋଗ ଦେଇ ସମୟୋଚିତ ଦେୟ, ଡିଜିଟାଲ୍ ଆର୍ଥିକ ପ୍ଲାଟଫର୍ମ ଗ୍ରହଣ ଏବଂ ବିକଶିତ ବଜାରରେ ପ୍ରତିଯୋଗିତାମୂଳକ ରହିବା ପାଇଁ ଏମଏସଏମଇ ଗୁଡ଼ିକର ଗୁଣାତ୍ମକ ମାନକ ଗ୍ରହଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସ୍ଥାନୀୟ ଉଦ୍ୟୋଗଗୁଡ଼ିକ ପାଇଁ ଏକ ଅନୁକୂଳ ଇକୋସିଷ୍ଟମ ସକ୍ଷମ କରିବାରେ ଜିଲ୍ଲା ପ୍ରଶାସନର ନିରନ୍ତର ସମର୍ଥନକୁ ସେ ପୁନଃନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଉରକେଲାର ଡିଆଇସିର ସହକାରୀ ନିର୍ଦ୍ଦେଶକ, ଡିଭିଜନାଲ୍ ଫରେଷ୍ଟ ଅଫିସର, ରାଉରକେଲା ଏବଂ ସୁନ୍ଦରଗଡ଼ର ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ସମେତ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଇନଭଏସମାର୍ଟର ବିଶେଷଜ୍ଞ ପ୍ରତିନିଧିଙ୍କ ଦ୍ୱାରା ବାଣିଜ୍ୟ ଗ୍ରହଣୀୟ ରିହାତି ସିଷ୍ଟମ (ଟିରେଡସ) ଉପରେ ଏକ ବିସ୍ତୃତ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା । ଏହି ଅଧିବେଶନରେ ଇନଭଏସ୍ ଅପଲୋଡ୍, କ୍ରେତା ଅନୁମୋଦନ, ଏକାଧିକ ବ୍ୟାଙ୍କ/ ଏନବିଏଫସି ଦ୍ୱାରା ବିଡ୍ ପାଣ୍ଠି ଏବଂ ସମାଧାନ ଭଳି ପ୍ରମୁଖ ପ୍ରକ୍ରିୟାଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଥିଲା । ଜାତୀୟ ଉତ୍ପାଦକତା ପରିଷଦ (ଏନପିସି) ପ୍ରତିନିଧିମାନେ ଗୁଣବତ୍ତା ବୃଦ୍ଧି ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ଫ୍ରେମୱାର୍କ ଉପରେ ଧ୍ୟାନ ଦେବା ସହ ଏମଏସଏମଇ ପ୍ରତିଯୋଗିତାମୂଳକ ଲିନ୍ ଯୋଜନା ଉପରେ ଅଧିବେଶନର ନେତୃତ୍ୱ ନେଇଥିଲେ । କିପରି ୫ ଏସ, କାଇଜେନ୍, ଜଷ୍ଟ-ଇନ୍-ଟାଇମ୍ ଏବଂ ଭାଲ୍ୟୁ ଷ୍ଟ୍ରିମ୍ ମ୍ୟାପିଂ ଭଳି ଲିନ୍ ଉପକରଣଗୁଡ଼ିକ ଏମଏସଏମଇଗୁଡ଼ିକୁ ଅଧକ୍ଷତା ହ୍ରାସ କରିବା, ଖର୍ଚ୍ଚ ହ୍ରାସ କରିବା ଏବଂ ଉତ୍ପାଦ ଗୁଣବତ୍ତା ଉନ୍ନତ କରିବା ପାଇଁ ସକ୍ଷମ କରିବା, ଘରୋଇ ଏବଂ ରପ୍ତାନି ବଜାରରେ ଏକ ପ୍ରତିଯୋଗିତାମୂଳକ ଧାର ସୃଷ୍ଟି କରିବା ଆଦି ଉପରେ ସେମାନେ ବ୍ୟାଖ୍ୟା କରିଥିଲେ । ଏହି କର୍ମଶାଳାର ପରିଚାଳନାରେ ରାଉରକେଲା ଡିଆଇସି ମହାପ୍ରବନ୍ଧକ ଏବଂ ରାଉରକେଲା ଡିଆଇପିଏ ସହଯୋଗ କରିଥିଲେ ।

### ସରକାରୀ ସ୍କୁଲରେ ତାଲା ମାରିଲେ ଜମି ମାଲିକ

# ଅଭିଭାବକ, ଛାତ୍ରଛାତ୍ରୀଙ୍କ ରାସ୍ତାରୋକ

ବୌଦ୍ଧ,୧୮ ।୧୧(ସମିସ)



କଣ୍ଟାମାଳ ବ୍ଲକ ଆମ୍ବଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜମିଜମା ବିବାଦକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ରାଜ୍ୟ ରାଜପଥ ଅବରୋଧ କରି ଧାରଣାରେ ବସିଛନ୍ତି । ବିଦ୍ୟାଳୟ ଆରମ୍ଭ ହେବା ପୂର୍ବରୁ ଗ୍ରାମର ଜଣେ ବ୍ୟକ୍ତି ବିଦ୍ୟାଳୟ ନିର୍ମାଣ ପାଇଁ ନିଜ ପୈତୃକ ଜମି ଦାନ କରିଥିଲେ; ହେଲେ ଏହା ସ୍କୁଲ ନାଁରେ ରେକର୍ଡ ହୋଇନି । ଏଣୁ ଜମି ପ୍ରଦାନ କରିଥିବା ବ୍ୟକ୍ତିଙ୍କ ଉତ୍ତରାଧିକାରୀମାନେ ଜମି ମାଡି ବସିଥିଲେ । ରାଜସ୍ୱ ବିଭାଗ ଉଚ୍ଛେଦ କରି ଜମିରେ ନାଲି ଫିତା ଲଗାଇଛି । ଏହାକୁ ନେଇ ବିରୋଧ କରି ଜମି ମାଲିକଙ୍କ ଉତ୍ତରାଧିକାରୀମାନେ ନିଜ ନାମରେ ସ୍କୁଲ ଜମି ଥିବାରୁ ସ୍କୁଲରେ ତାଲା ପକାଇଛନ୍ତି । ବିଦ୍ୟାଳୟରେ ତାଲା ପଡିଥିବାରୁ ପାଠପଢା ବନ୍ଦ ରହିଛି । ଏଣୁ ଛାତ୍ରଛାତ୍ରୀ ଓ ଅଭିଭାବକ ଆମ୍ବଗାଁଠାରେ ୪୧ ନମ୍ବର ରାଜ୍ୟ ରାଜପଥ ଅବରୋଧ କରି ଧାରଣାରେ ବସିବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । କଣ୍ଟାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋଭା ରଞ୍ଜନ ମାଲି ପହଞ୍ଚି ଜମି ଉତ୍ତରାଧିକାରୀଙ୍କୁ ବୁଝାଇଥିଲେ; ହେଲେ ସେମାନେ ଜମି ଦେବାକୁ ରାଜି ହୋଇ ନ ଥିଲେ । ପରେ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଥିଲା । ଏ ନେଇ ଅଭିଭାବକମାନେ ଘଣ୍ଟାପଡା ଥାନାର ଦ୍ୱାରସ୍ଥ ହୋଇଛନ୍ତି । ତେବେ ଏହାର ସମାଧାନ ହୋଇ ପାରିନି ।

## ଅବସରପ୍ରାପ୍ତ ଶିକ୍ଷକ ଶଙ୍କର୍ଷଣ ପ୍ରଧାନଙ୍କ ପରଲୋକ

ବୌଦ୍ଧ,୧୮ ।୧୧(ସମିସ): ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ଧୁଡୁରୁବାହାଲ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଙ୍କର୍ଷଣ ପ୍ରଧାନଙ୍କ ୧୦୩ ବର୍ଷ ବୟସରେ ପରଲୋକ ହୋଇ ଯାଇଛି । ସ୍ଥାନୀୟ ସ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ବଡ଼ପୁଅ ସତ୍ୟ ନାରାୟଣ ପ୍ରଧାନ ମୁଖାଗ୍ନି ଦେଇଥିଲେ । ସେ ୧୯୮୬ ମସିହାରେ ପ୍ରଥମେ କମିରା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରି କରିଥିଲେ । ୧୯୮୬ ମସିହାରେ ସାହାଯପାଲ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ ।

## ମହାନଦୀକୁ ଡେଇଁ ନାବାଳିକା ଛାତ୍ରୀ ଗୁରୁତର

ବୌଦ୍ଧ,୧୮ ।୧୧(ସମିସ): ବୌଦ୍ଧ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ +୨ ଦ୍ୱିତୀୟ ବର୍ଷର ଜଣେ ନାବାଳିକା ଛାତ୍ରୀ ବୌଦ୍ଧ ମହାନଦୀ ବ୍ରିଜ ଉପରୁ ଡେଇଁ ଗୁରୁତର ଆହତ ହୋଇଛନ୍ତି । ଖବର ପାଇ ବୌଦ୍ଧ ଦମକଳ ବାହିନୀ ନଦୀରୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । କୌଣସି କାରଣରୁ ଛାତ୍ରୀ ଜଣକ ବୌଦ୍ଧ -କିଆକଟା ମହାନଦୀ ବ୍ରିଜ ଉପରୁ ନଦୀକୁ ଡେଇଁ ପଡିଥିଲେ । ପାଖରେ ଥିବା ଲୋକମାନେ ଏ ସମ୍ପର୍କରେ ବୌଦ୍ଧ ଦମକଳ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ବୌଦ୍ଧ ତହସିଦାର ଅନୀତା ସାହୁ, ଅତିରିକ୍ତ ତହସିଲଦାର ମହମ୍ମଦ ରୋଜାଏ ରସୁଲ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ର ଗୁରୁ ଡାକ୍ତରଖାନାରେ ପହଞ୍ଚି ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ । ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି । ଛାତ୍ରୀ ଜଣକ ବଢିଗାଁ ପଞ୍ଚାୟତ ଅଞ୍ଚଳର ବୋଲି ସୂଚନା ମିଳିଛି ।

## ସରପଞ୍ଚଙ୍କୁ ଗିରଫ ଦାବି

ଡୁଙ୍ଗୁରିପାଲି,୧୮ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଲକ୍ଷେଘର ଗଣ୍ଡା ସମାଜ ଡୁଙ୍ଗୁରିପାଲି ଥାନାରେ ଏକ ଦାବିପତ୍ର ପ୍ରଦାନ କରିଛି । ଡୁଙ୍ଗୁରିପାଲି ବ୍ଲକର ଚେରୁପାଲିରେ ୨୬ନମ୍ବର ଜାତୀୟ ରାଜପଥରୁ ଶିବ ମନ୍ଦିର ରାସ୍ତାର କଂକ୍ରିଟକରଣ କାମ ଚାଲିଥିବାବେଳେ କାର୍ଯ୍ୟ ପରିଦର୍ଶନରେ ଯାଇଥିବା ମହିଳା କନିଷ୍ଠ ଯନ୍ତ୍ରୀ ପ୍ରିୟମ୍ବଦା କୁଳଦୀପଙ୍କୁ ସ୍ଥାନୀୟ ସରପଞ୍ଚ ଦୀଲିପ ଶତପଥୀ ଜାତିଆଣ ଆକ୍ଷେପ କରି ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବା ଓ



ଜୀବନରେ ମାରି ଦେବା ପାଇଁ ଧମକ ଦେଇଛନ୍ତି । ଏ ନେଇ ଶ୍ରୀମତୀ କୁଳଦୀପ ଡୁଙ୍ଗୁରିପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ କିନ୍ତୁ ପଦକ୍ଷେପ ନେଇନି । ଡୁଙ୍ଗୁରିପାଲି ବ୍ଲକ ଲକ୍ଷେଘର ଗଣ୍ଡା ସମାଜ ସଭାପତି ନିତେଇ ପାଲ ଓ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବାଗ ଏସପିଙ୍କ ଉଦ୍ଦେଶ୍ୟରେ ଥାନାରେ ଏକ ଦାବିପତ୍ର ଦେଇଛନ୍ତି । ଏଥିରେ ତୁରନ୍ତ ସରପଞ୍ଚଙ୍କୁ ଗିରଫ ଲାଗି ଦାବି କରାଯାଇଛି ।

### ବୌଦ୍ଧରେ ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା

# ସ୍ୱଦେଶୀ ଉତ୍ପାଦ ବ୍ୟବହାର ପାଇଁ ସଂକଳ୍ପ

ବୌଦ୍ଧ,୧୮ ।୧୧(ସମିସ): ବୌଦ୍ଧରେ ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଜଗନ୍ନାଥ ମନ୍ଦିରଠାରୁ ଏହା ବାହାରିଥିଲା । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପ୍ରଶାସନ ଏବଂ ଭାରତ ସରକାରଙ୍କ ଖେଳ ମନ୍ତ୍ରଣାଳୟ ଅଧୀନ ମାଇଁ ଭାରତ ଆନୁକୂଲ୍ୟରେ ଏହି ଜିଲ୍ଲାସ୍ତରୀୟ ପଦଯାତ୍ରା ଶୁଭାରମ୍ଭ ହୋଇଥିଲା । କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ବୌଦ୍ଧ ବିଧାୟକ ସରୋଜ ପଧାନ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀ, ଆରକ୍ଷୀ ବାହିନୀ, ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ, ଜନସାଧାରଣ, ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତ୍ତା, ସାଂସ୍କୃତିକ ଦଳ, ବ୍ୟାଣ୍ଡ ଦଳ ପଦଯାତ୍ରାରେ ଯୋଗ ଦେଇଥିଲେ । ପଦଯାତ୍ରା ଜଗନ୍ନାଥ ମନ୍ଦିରଠାରୁ ବାହାରି କୋର୍ଟ ଛକ, ହାତୀଶାଳ ଛକ, ବୁଟୁପାଲି, ମାଉଲସିଙ୍ଗା ଛକ, ପଲାଶ ଛକ, ରାଜନପାଲୀ, ବାଘଗୁଡ଼ା ଛକ, ପୁରୁଣା ବ୍ଲକ ଛକ ଦେଇ ବ୍ରିଜ ଛକଠାରେ ଉଦ୍‌ଯାପିତ ହୋଇଥିଲା । ପଲାସ ଛକ, ବାଘଗୁଡ଼ା ଛକ ଓ ବ୍ରିଜ ଛକ ନିକଟ ଅସ୍ଥାୟୀ ମଣ୍ଡପରେ ଜଗଦୀଶ ପ୍ରଧାନ ଏବଂ ସାଥି ପାଲା ପରିବେଷଣ କରିଥିଲେ । ଗେହ୍ଲା ମାଆ କଳା ନିକେତନ, ଆକୃତି ଡାନ୍ସ ଗ୍ରୁପ, ପ୍ରଣାମ ଡ୍ୟାନ୍ସ ଗ୍ରୁପ, ବୁଟୁପାଲି ଉଚ୍ଚ ବିଦ୍ୟାଳୟ ଏବଂ ବୁଟୁପାଲି ଉପ୍ରା ବିଦ୍ୟାଳୟ, ପଲାଶ ଉପ୍ରା ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ, ତେତେଲେଙ୍ଗା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ବ୍ୟାଣ୍ଡ ବାଦନ କରିଥିଲେ । ବ୍ରିଜ ଛକଠାରେ ଆୟୋଜିତ ସଭାରେ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ । ପଲାଶ, ବାଘଗୁଡା ଛକ ଏବଂ ବ୍ରିଜ ଛକଠାରେ ନିଜ ଜୀବନ ଶୈଳୀରେ ସ୍ୱଦେଶୀ ଆଚରଣ, ଦୈନନ୍ଦିନ ଜୀବନରେ ଭାରତ ନିର୍ମିତ ଉତ୍ପାଦଗୁଡିକୁ ବ୍ୟବହାର କରିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା । ପଦଯାତ୍ରାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ପୁଲିସ ବାହିନୀ, ଆମ୍ବୁଲାନ୍ସ ବାହିନୀ ସାମିଲ ହୋଇଥିଲେ । ପଦଯାତ୍ରା ଉପଲକ୍ଷେ ୨ ଟି ସୁସଜ୍ଜିତ ରଥ ସାମିଲ ହୋଇଥିଲା । ୧୦ କିମିରୁ ଅଧିକ ଦୂର ସମସ୍ତେ ଚାଲି ଚାଲି ପଦଯାତ୍ରାରେ ସାମିଲ ହୋଇଥିଲେ । ପୂର୍ବରୁ ଅନୁଷ୍ଠିତ ଓଡ଼ିଆ ବକ୍ତୃତା, ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ସ୍ଲୋଗାନ, ଚିତ୍ରାଙ୍କନ, ପୋଷ୍ଟର ମେକିଙ୍ଗ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରିଥିବା କୃତୀ ଛାତ୍ରଛାତ୍ରୀ, ସାଂସ୍କୃତିକ ଦଳ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ବ୍ୟାଣ୍ଡକୁ ପୁରସ୍କୃତ କରାଯାଇଥିଲା । ଡ. ପ୍ରବୀର ଦାଶ, ନବ କିଶୋର ଦୀପ, ଚନ୍ଦ୍ରକାନ୍ତ ନାୟକ, ଅଶ୍ୱିନ୍ ମହାକୁଡ, ପ୍ରେମଜିତ ଝାଙ୍କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଅପରେସନ ସିନ୍ଦୂର ଉପରେ ବାନ୍ଧକଳା ଡିଜାଇନକୁ ନିଖୁଣ ଭାବ ରେ ତିଆରି କରିଥିବା ବାଉଁଶୁଣୀର ମହେଶ୍ୱର ମେହେରଙ୍କୁ ସମ୍ବର୍ଦ୍ଧିତ କକରାଯାଇଥିଲା । ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ରୁର ଜାନି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ସହକାରୀ ଜିଲ୍ଲାପାଳ ଚାନ୍ଦିନୀ ମେହେର, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧରିତ୍ରୀ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ତହସିଲଦାର ଅନିତା ସାହୁ କାର୍ଯକ୍ରମ ପରିଚାଳନା କରିଥିଲେ । କମଳ ସା ଧନ୍ୟବାଦ ଅର୍ପଣ କରିଥିଲେ । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଏସଡିପିଓ ଲରେନସ ରାଉତରାୟ, ଉପ ଜିଲ୍ଲାପାଳ ବିନୟ ଭୋଇ, ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ଚାର୍ଲସ ନାୟକ, ତହସିଲଦାର ଅନିତା ସାହୁ, ଅତିରିକ୍ତ ତହସିଲଦାର ମହମ୍ମଦ ରାଜେ ରସୁଲ ପ୍ରମୁଖ ସହଯୋଗ କରିଥିଲେ ।

### ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ

# ସ୍ଥାନ ପାଇଲାନି ରାଉରକେଲା ବିମାନ ବନ୍ଦର ପ୍ରସଙ୍ଗ

ରାଉରକେଲା,୧୮ ।୧୧(ସମିସ): ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ୩୧ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଅନେକ ବିକାଶମୂଳକ ପ୍ରସ୍ତାବ ସ୍ଥାନ ପାଇଥିବା ବେଳେ ରାଉରକେଲା ସହରବାସୀଙ୍କ ସବୁଠାରୁ ବଡ ଦାବି ଓ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରାଉରକେଲାରେ




ବିମାନବନ୍ଦରର ସମ୍ପ୍ରସାରଣ ଏବଂ ରାଉରକେଲା ବିମାନବନ୍ଦରକୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ କରାଯିବା ନେଇ କୌଣସି ଆଲୋଚନା ସ୍ଥାନ ନ ପାଇବା ଅତ୍ୟନ୍ତ ବିଡମ୍ବନାର ବିଷୟ ବୋଲି ବୁଦ୍ଧିଜୀବି ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ୩୧ତମ ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ ଅଫ୍ ଡାଇରେକ୍ଟର) ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକରେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରାଯିବା ସହ ଆଗାମୀ ଦିନରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକୁ ହାତକୁ ନେଇ ରାଉରକେଲା ସହରକୁ ଯେପରି ଏକ ବିକଶିତ ସହରରେ ପରିଣତ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା । ରାଉରକେଲା ୱାନ୍‌ଠାରେ ନିର୍ମାଣାଧୀନ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କକ୍ଷ (ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର) ଓ ଆଦିବାସୀ ସଂଗ୍ରହାଳୟକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ପାଇଁ ଲକ୍ଷ୍ୟ ରଖାଯାଇଥିବା ନେଇ ମତପ୍ରକାଶ

## ଡେଲି ମାର୍କେଟ ଓ ଉଦିତନଗରରେ ହେବ ବହୁତଳ କାର ପାର୍କିଂ

ପାଇଥିଲା । ଆଦିବାସୀ ସଂଗ୍ରହାଳୟର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହା ଖୁବ୍‌ଶୀଘ୍ର ଲୋକଙ୍କ ପାଇଁ ଖୋଲାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସେହିପରି ବ୍ୟବସାୟୀ ଓ ଗ୍ରାହକମାନଙ୍କ ସବୁ ସୁବିଧାକୁ ପ୍ରାଧାନ୍ୟ ଦେଇ ସିଭିଲ ଟାଉନସିପଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯିବା ସହ ସେହି ସିଭିଲ ଟାଉନସିପରେ ଏକ ପାର୍କିଂ ସ୍ଥଳ ନିର୍ମାଣ କରାଯିବ । ଡେଲି ମାର୍କେଟ ଓ ଉଦିତନଗରଠାରେ ଗୋଟିଏ ଲେଖାଏଁ ବହୁତଳ ବିଶିଷ୍ଟ କାର ପାର୍କିଂ କ୍ଷେତ୍ର ନିର୍ମାଣ କରାଯିବ । ଉପରୋକ୍ତ ସବୁ ପ୍ରକଳ୍ପଗୁଡ଼ିକୁ ଏହି ବୈଠକରେ ଅନୁମୋଦନ ମିଳିଥିବା ବେଳେ ଅନୁମୋଦିତ ପ୍ରକଳ୍ପ ଗୁଡିକର ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି । ଏହି ବୈଠକରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ରାଉରକେଲା ସ୍ମାର୍ଟ ସିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶ୍ରୀ ଦୀନା ଦସ୍ତଗୀରଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ୬ ଚୋରି ଗ୍ୟାସ୍ ସିଲିଣ୍ଡର ଜବତ: ୩ ଗିରଫ

ରାଉରକେଲା,୧୮ ।୧୧(ସମିସ): ସ୍ଥାନୀୟ ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର- ୧୪ ସ୍ଥିତ ମାର୍କେଟ କମ୍ପ୍ଲେକ୍ସରେ ଥିବା ପି. ଭକ୍ତ ନାଲସଲାନ ନାୟାରଙ୍କ ଜଳଖିଆ ଦୋକାନରୁ ଗତ ଅକ୍ଟୋବର ୨୫ ତାରିଖ ରାତିରେ କେହି ଦୁର୍ବୃତ୍ତ ଦୋକାନ କବାଟ ଭାଙ୍ଗି ୪ଟି ରନ୍ଧନ ଗ୍ୟାସ ସିଲିଣ୍ଡରକୁ ଚୋରି କରି ନେଇଥିଲା । ଏନେଇ ସେ ଥାନାରେ କରିଥିବା ଅଭିଯୋଗକୁ ନେଇ ସେକ୍ଟର-୧୫ ଥାନା ଅଧିକାରୀ ସିନ୍ମୟ ବଳ ଘଟଣାର ତଦନ୍ତ କରିଥିଲେ । ଚଢଉ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୬ଟି ରନ୍ଧନ ଗ୍ୟାସ ସିଲିଣ୍ଡର, ଗୋଟିଏ କଟର ଏବଂ ୪୦୦ ଟଙ୍କା ଜବତ କରିଥିବା ସୂଚନା ମିଳିଛି । ଗିରଫ ୩ ଜଣ ହେଲେ ସମ୍ବଲପୁର ବରପାଲି ନିବାସୀ ଶିବଦାସ ହରିପାଲ୍ ଓରଫ ଡୁଲୁ(୧୯), ସେକ୍ଟର-୧୭ ଅଞ୍ଚଳର ଆକାଶ ହରିପାଲ୍ ଓରଫ ଗୁଲଟି(୩୦) ଏବଂ ସେକ୍ଟର-୨ ଏଚ୍‌ବ୍ଲକ ଅଞ୍ଚଳର



ରାକେଶ ଦାସ ଓରଫ ଗୁଲଟି (୩୦) । ଗିରଫ ଶିବଦାସ ହରିପାଲ୍ ନାଁରେ ସେକ୍ଟର-୧୫ ଥାନାରେ ୧୦ ଟି ମାମଲା ଓ ସେକ୍ଟର- ୭ ଥାନାରେ ୨ଟି, ପ୍ଲାଣ୍ଟସାଇଟ୍ ଥାନାରେ ୧ଟି, ସେକ୍ଟର - ୩ ଥାନାରେ ୩ଟି, ଝିରପାଣି ଥାନାରେ ୨ଟି ମାମଲା ରହିଥିବା ଜଣାପଡିଛି ।

## ବରଗାଁ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବ



କଣ୍ଟାମାଳ,୧୮ ।୧୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତସ୍ଥିତ ବରଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଦ୍‌ଘାଟନୀ ଓ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ପକ୍ଷରୁ ନୂତନ ଭାବେ ଉଚ୍ଚ ବିଦ୍ୟାଳୟରୁ ଉନ୍ନୀତ ମାଧ୍ୟମିକ ବିଦ୍ୟାଳୟକୁ ସ୍ୱୀକୃତି ପାଇଥିବା ଏହି ବିଦ୍ୟାଳୟକୁ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ହରପ୍ରସାଦ ମିଶ୍ର ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଆନନ୍ଦ ଚନ୍ଦ୍ର ବେହେରା, ୧ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ସୁମିତ୍ରା ସାହୁ, ବରଗାଁ ସରପଞ୍ଚ ରଶ୍ମିତା ରଣା, ସମିତିସଭ୍ୟା ଅଙ୍ଗୁରି ତାଣ୍ଡି, ନୀଳାଞ୍ଚଳ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳରେ ଯୁକ୍ତ ଦୁଇ ଶିକ୍ଷାର ଉନ୍ନତି ହେବା ସହ ଗମନା ଗମନ ଅସୁବିଧା କାରଣରୁ ଯୁକ୍ତ ଦୁଇ ଶିକ୍ଷାରୁ ମେଧା ଛାତ୍ରୀଛାତ୍ର ବଞ୍ଚିତ ହୋଇ କିଭଳି ପାଠ ପଢାରେ ଡୋରି ବନ୍ଧୁଥିଲେ ସେସମ୍ପର୍କରେ ଅତିଥିଗଣ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟ ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁ ସଭାରେ ସଭାପତିତ୍ୱ କରିଥଲେ । ଶିକ୍ଷକ ନୀତେଶ ବାରିକ ସଭା ପରିଚାଳନା କରିଥିଲେ । ଅଧ୍ୟାପିକା ରବିତା ମହାକୁଲ ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା । ଏହି ଅବସରରେ ଏକ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା ।

## ୩୨.୪୦ ଏକର ଜମିରୁ ୩୮୮୦ ଗଞ୍ଜେଇ ଗଛ ନଷ୍ଟ



ବୌଦ୍ଧ,୧୮ ।୧୧(ସମିସ): ବୌଦ୍ଧ ଜିଲ୍ଲାରେ ଗଞ୍ଜେଇ ଚାଷ କମୁନି । ଜିଲ୍ଲାକୁ ଗଞ୍ଜେଇ ମୁକ୍ତ କରିବା ଦିଗରେ ଜିଲ୍ଲା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି । କଣ୍ଟାମାଳ ବନାଞ୍ଚଳର ଗ୍ରାମ୍ୟଜଙ୍ଗଲ, ରାଜସ୍ୱ ଫରେଷ୍ଟ ଜଙ୍ଗଲ ଓ ରିଜର୍ଭ ଜଙ୍ଗଲରେ ବିପୁଳ ପରିମାଣରରେ ଗଞ୍ଜେଇ ଚାଷ ହେଉଛି । ଯେତେ ଗଞ୍ଜେଇ ଗଛ କଟା ହେଲେ ବି ପୂର୍ଣ୍ଣଚ୍ଛେଦଦ ପଡୁନି । ନର୍ସରୀ ପାଖରେ ମଧ୍ୟ ଗଞ୍ଜେଇ ଚାଷ ହେଉଛି । ଏଣୁ ବନ ବିଭାଗ ସବୁ ଜାଣିଛି । ତେବେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବରଗାଁ ପଞ୍ଚାୟତ ଅଧୀନ କାକେନଜୋର ରାଜସ୍ୱ ଫରେଷ୍ଟ ଜଙ୍ଗଲ, ଅଳିକୁଦ ଗ୍ରାମ୍ୟ ଓ ରିଜର୍ଭ ଜଙ୍ଗଲର ୩୨.୪୦ ଏକର ପରିମିତ ସ୍ଥାନରୁ ୩୮୮୦ ଗଞ୍ଜେଇ ଗଛ କଟା ଯାଇଛି । ଅବକାରୀ, ବନବିଭାଗ, ପୁଲିସ ଓ ରାଜସ୍ୱ ବିଭାଗର ମିଳିତ ସହଯୋଗରେ ଏହି ଗଞ୍ଜେଇ କଟା ଅଭିଯାନ କରାଯାଇଥିବା ଅବକାରୀ ଅଧିକାରୀ ସତ୍ୟନରାୟଣ ପ୍ରଧାନ ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ନକ୍‌ଆଉଟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ; ଝରନି, ଦର୍ଲିମୁଣ୍ଡା ବିଜୟୀ



ବେଲପଡା,୧୮ ।୧୧(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ୍ ଭରୁଆପାଳି ଗାଁରେ ୨୨ତମ ଜିଲ୍ଲାସ୍ତରୀୟ ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଦ୍ୱିତୀୟ ଦିନରେ ପ୍ରଥମ ମ୍ୟାଚ ତେନ୍ତୁଳିମୁଣ୍ଡା ଓ ଝରନି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ତେନ୍ତୁଳିମୁଣ୍ଡା ଦଳକୁ ୨ଟି ଗୋଲ୍ ଦେଇ ଝରନି ବିଜୟ ହାସଲ କରିଥିଲା । ସେହିପରି ଦ୍ୱିତୀୟ ମ୍ୟାଚ ସଲଣ୍ଡି ଓ ଦର୍ଲିମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସଲଣ୍ଡିକୁ ୪ଟି ଗୋଲ୍ ଦେଇ ଦର୍ଲିମୁଣ୍ଡା ବିଜୟ ହାସଲ କରିଥିଲା । ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପଦ୍ମବତୀ ବାଗ, ସମ୍ମାନୀୟ ଅତିଥି ଭାବେ ପୁରନ୍ଦର ବାଗ, ବରିଷ୍ଠ ସାମ୍ବାଦିକ ବନମାଳୀ ମହାକୁଡ଼, ସାମ୍ବାଦିକ ନଟବର ମହାନନ୍ଦ, ଅନାଦି କରୁଆ, ବଳରାମ କରୁଆ ପ୍ରମୁଖ ଉପସ୍ଥିତ ଥିଲେ । ରେଫରୀ ଭାବେ ବିବଚ୍ଛ ମାଝୀ ମ୍ୟାଚ୍ ପରିଚଳନା କରିଥଲେ । ନବୀନ ସରାଫ ଓ ବୈଷ୍ଣବ ତାଣ୍ଡି ସହଯୋଗ କରିଥିଲେ । ସୁଧାଂଶୁ ମହକୁଡ଼, ପ୍ରେମାନନ୍ଦ କରୁଆଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ ।

## କଣ୍ଟାବାଞ୍ଜିରେ ହ୍ୟୁମାନଙ୍କ ପାଇଁ ଶୋକସଭା



କଣ୍ଟାବାଞ୍ଜି,୧୮ ।୧୧(ସମିସ): ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ପରଲୋକରେ ମଙ୍ଗଳବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଟିଟିଲାଗଡ଼ ଭଳି ଅଞ୍ଚଳରୁ ଯାଇ ସେ ସାରା ଓଡ଼ିଶାରେ ବହୁତ କମ୍ ସମୟ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ଏଥିରେ ମତ ପ୍ରକାଶ ପାଇଛି । ଶାନ୍ତନୁ ବିଭାଗ, ରମେଶ ମହାନନ୍ଦ, ରଶ୍ମିରଞ୍ଜନ ନାଗ, ଅଶୋକ କୁମାର, ବିଭୁତି ବାଗ, ମାଧବ ବଏ, ସୁଶୀଲ ତାଣ୍ଡି, ହିମାଂଶୁ ବଏ, ପଞ୍ଚମ ତାଣ୍ଡି ପ୍ରମୁଖ ହ୍ୟୁମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ହଟିଲା ୩୦ରୁ ଅଧିକ ଉଠାଦୋକାନ

- ପୋଷ୍ଟ ଅଫିସ ନିକଟରୁ କୋର୍ଟ ପାଚେରୀ ଶେଷ ଯାଏଁ ହେଲା ଉଚ୍ଛେଦ
- ବୁଧବାର ମଧ୍ୟ ହେବ ଉଚ୍ଛେଦ







ବାଲେଶ୍ୱର,୧୮ ।୧୧(ସମିସ)

କିଛି ଦିନ ପୂର୍ବରୁ ସମସ୍ତ ଉଠାଦୋକାନୀଙ୍କୁ ଉଚ୍ଛେଦ ହେବା ନେଇ ସୂଚନା ଦିଆଯାଇଥିଲା । ଚଳିତ ମାସ ୬ ତାରିଖ ଏବଂ ୧୭ ତାରିଖ ଦିନ ମଧ୍ୟରେ ଘୋଷଣା କରାଯାଇଥିଲା । ତଥାପି ଦୋକାନ ଉଠିଲା ନାହିଁ। ଆଜି ପୌରପାଳିକା ପକ୍ଷରୁ ଜେସିବି ପହଞ୍ଚିବା ପରେ ଦୋକାନୀମାନେ ଦୋକାନ ଉଠାଇବା ଆରମ୍ଭ କରିଥିଲେ । ପରେ ଜେସିବି ବାଉଁଶ ଦେଇ ତିଆରି ହୋଇଥିବା ଦୋକାନ ଭାଙ୍ଗିବା ଆରମ୍ଭ କରିଥିଲା । ଆଜି ବାଲେଶ୍ୱର ପୌରପାଳିକା ପକ୍ଷରୁ ଫକୀରମୋହନ ପୋଷ୍ଟ ଅଫିସ ନିକଟରୁ କୋର୍ଟ ପାଚେରୀର ଶେଷ ଯାଏଁ ଉଚ୍ଛେଦ କରିଛି । ତଥାପି ଅଧା ରହିଯାଇଛି ଉଚ୍ଛେଦ ପ୍ରକ୍ରିୟା । ୩୦ରୁ ଅଧିକ ଦୋକାନ ଘର ଆଜି ଉଚ୍ଛେଦ କରାଯାଇଛି । ଆସନ୍ତା କାଲି ମଧ୍ୟ ଉଚ୍ଛେଦ ହେବ ବୋଲି ସୂଚନା ମିଳିଛି । କୋର୍ଟର ପାଚେରୀ ପାଖରୁ ରେଲୱେ ଟ୍ରାକ୍ ଯାଏଁ ଆସନ୍ତା କାଲି ଉଚ୍ଛେଦ କରାଯିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି ।

ଜବରଦଖଲ ଉଚ୍ଛେଦ ଯେତେ ଥର ହେଉଛି ପୁଣି ସେତେ ଥର ସେଇ ଜଗାରେ କିଛି ଦିନ ପରେ ବସି ଯାଉଛନ୍ତି ଉଠା ଦୋକାନୀ । ସେମାନଙ୍କୁ ଥଇଥାନ ନକରି ଉଚ୍ଛେଦ କରାଯାଉଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଥିବା ନେଇ ଅନେକ ମତପ୍ରକାଶ କରିଛନ୍ତି । ସେହିପରି ଆଜି ବାଲେଶ୍ୱର ପୌରପାଳିକା ପକ୍ଷରୁ ଫକୀରମୋହନ ଗୋଲେଇରୁ ଫାଣ୍ଡି ଛକ ପର୍ଯ୍ୟନ୍ତ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି । ବିଶେଷକରି ଜିଲ୍ଲା ଦୌରାଜଜ୍ ପାଚେରୀ କଡରେ ଡ୍ରେନ୍ ଉପରେ ଦୋକାନ ଖୋଲିଥିବା ଦୋକାନକୁ ଆଜି ଜେସିବି ଦ୍ୱାରା ଭଙ୍ଗା ଯାଇଛି । ତେବେ ଉଚ୍ଛେଦ କରାଯିବା ନେଇ କିଛି ଦିନ ପୂର୍ବରୁ ଘୋଷଣା ମଧ୍ୟ କରାଯାଇଥିଲା । ହେଲେ କେହି ଶୁଣୁନଥିଲେ । ଫକୀରମୋହନ ଗୋଲେଇ ପୋଷ୍ଟ ଅଫିସ ନିକଟରୁ ଆରମ୍ଭ କରି କୋର୍ଟ ଶେଷ ପାଚେରୀ ଯାଏଁ ଆଜି ଜବରଦଖଲ ଉଚ୍ଛେଦ କରାଯାଇଛି । ଫକୀରମୋହନ ଗୋଲେଇ ଉଡନ୍ତା ପୋଲ ଯେତେବେଳେ ମରାମତି ହେଉଥିଲା, ସେତେବେଳେ ଉଡନ୍ତା ପୋଲ ତଳେ ଥିବା ଶତାଧିକ ଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା । ମାତ୍ର ଧୀରେ ଧୀରେ ଫାଣ୍ଡି ଛକରେ ପୁଣି ଶତାଧିକ ଦୋକାନୀ ତା ତଳେ ବସିବା ଆରମ୍ଭ କରିଲେ । ସହରର ଫାଣ୍ଡି ଛକ ଏକ ଜନଗହଳିପୂର୍ଣ୍ଣ ସ୍ଥାନ । ବର୍ଷ ତମାମ ସେଠାରେ ଗହଳି ସହିତ ଜାମ୍ । ଗୋଟିଏ ପଟେ ଫଳ ଦୋକାନୀ ଫାଣ୍ଡି ଛକ ମୁଖ୍ୟ ରାସ୍ତାରେ ବେପାର କରୁଥିବା ବେଳେ ଅନ୍ୟପଟେ କିଛି ଦୋକାନୀ ଡ୍ରେନ୍ ଉପରେ ଦୋକାନ କରିଛନ୍ତି । ତେବେ ପ୍ରଥମେ ଫଳ ଦୋକାନୀଙ୍କୁ ସେଠାରୁ ସ୍ଥାନାନ୍ତର ପାଇଁ ପୌରପାଳିକା ପକ୍ଷରୁ ଆଇଟିଆଇ ଛକରେ ଭେଣ୍ଡିଂ ଜୋନ୍ ନିର୍ମାଣ ହେଲା । କିଛି ଫଳ ଦୋକାନୀ ଉଠିଗଲେ ହେଲେ କିଛି ଦୋକାନୀ ଉଠିଲେ ନାହିଁ। ଫଳରେ ଫାଣ୍ଡି ଛକ ଏବଂ ଉଡନ୍ତା ପୋଲ ତଳେ ସେମିତି ଦୋକାନ ଖୋଲାଗଲା । ଧୀରେ ଧୀରେ ଜାମ୍ ମଧ୍ୟ ବଢିଲା । ଯାତାୟାତ କରିବା ବି କଷ୍ଟକର ହେଲା । ଏ ନେଇ ବାରମ୍ବାର ମଧ୍ୟ ଖବର ପ୍ରକାଶ ପାଇଛି । ବାଲେଶ୍ୱର ପୌରପାଳିକା କିଛି ଦିନ ପୂର୍ବରୁ ଉଚ୍ଛେଦ ହେବା ନେଇ ଦୋକାନୀଙ୍କୁ ସୂଚନା ଦେଇଥିଲେ । ଆଜି ସକାଳୁ ଆରମ୍ଭ ହୋଇଥିଲା ଉଚ୍ଛେଦ । ଜେସିବି ଦ୍ୱାରା ବାଉଁଶ ଦୋକାନ ଭଙ୍ଗା ଯାଇଥିଲା । କିଛି ଦୋକାନୀ ନିଜ କ୍ୟାବିନ୍ ଆଗୁଆ ଉଠାଇ ନେଇଥିଲେ । ହେଲେ ଆଜି ଫାଣ୍ଡି ଛକ ଫଳ ଦୋକାନୀଙ୍କୁ ସେଠାରୁ ଉଚ୍ଛେଦ କରାଯାଇ ନାହିଁ।

ଏ ବାବଦରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି କହିଛନ୍ତି, ଆଜି ଉଚ୍ଛେଦ ହେବା ନେଇ ଆମେ ୬ ତାରିଖରୁ ଘୋଷଣା କରିଛୁ । ସବୁ ଜବରଦଖଲ ଉଚ୍ଛେଦ ହେବ । ଫାଣ୍ଡି ଛକ ବି ଉଚ୍ଛେଦ ହେବ ଶୀଘ୍ର । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପୌରପାଳିକା କର୍ମଚାରୀ, ସହଦେବଖୁଣ୍ଟା ଥାନା ଆଇଆଇସିଙ୍କ ସହଯୋଗରେ ଉଚ୍ଛେଦ ପ୍ରକ୍ରିୟା ଚାଲିଥିଲା । ଆସନ୍ତାକାଲି ମଧ୍ୟ ଉଚ୍ଛେଦ ହେବ । କାରଣ ଆଜି ମଧ୍ୟ ଉଚ୍ଛେଦ କାମ ସମ୍ପୂର୍ଣ୍ଣ ହୋଇପାରିନି' ବୋଲି ଏନଫୋର୍ସମେଣ୍ଟ ଅଫିସର ସୂଚନା ଦେଇଛନ୍ତି । ବ୍ରିଜ୍ ତଳେ କେହି ଆଉ ଦୋକାନ ଖୋଲିବେ ନାହିଁ। ସେଥିପାଇଁ ସବୁ ଉଚ୍ଛେଦ କରାଯାଇଛି । ବର୍ତ୍ତମାନ ପାଇଁ ଫାଣ୍ଡି ଛକ ଫଳ ଦୋକାନୀଙ୍କୁ ସାଇଡ୍ କରାଯାଇ ରାସ୍ତା କରାଯାଇଛି । ହେଲେ ଆଗାମୀ ଦିନରେ ସମସ୍ତଙ୍କୁ ଆଇଟିଆଇ ଛକକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି । ଉଚ୍ଛେଦକୁ ନେଇ ମଧ୍ୟ ଉତ୍ତେଜନା ଦେଖାଦେଇଥିଲା । ଉଠା ଦୋକାନୀ ଆହୁରି ସମୟ ମାଗୁଥିବା ବେଳେ ପୌରପାଳିକା ପକ୍ଷରୁ ଅନେକ ଦିନରୁ ସମୟ ଦିଆଯାଇଥିବା କୁହାଯାଇଛି । ସେଥିପାଇଁ ଆଜି ଜେସିବି ଲଗାଇ ଗୋଟିଏ ପରେ ଗୋଟିଏ ଦୋକାନ ଘର ଭାଙ୍ଗି ଦିଆଯାଇଛି । ଦେଖିବାକୁ ବାକି ରହିଲା ଯେ ଫାଣ୍ଡି ଛକ ମୁଖ୍ୟ ରାସ୍ତାରୁ କେବେ ଉଚ୍ଛେଦ କରାଯାଉଛି ।

## ସଦର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ବାଲେଶ୍ୱର,୧୮ ।୧୧(ସମିସ): ସଦର ବ୍ଲକର ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ "ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ମେଳାର ଉଦ୍ଦେଶ୍ୟ ମତ୍ସ୍ୟଚାଷ ଓ ପଶୁସଂପଦ ପ୍ରତି ଚାଷୀମାନଙ୍କ ଆଗ୍ରହ, କୌଶଳ ଓ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ମୁଖ୍ୟବକ୍ତା ଭାବେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ କୃଷ୍ଣ କେଶବ ଷଡ଼ଙ୍ଗୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ରେମୁଣା ବିଧାୟକଙ୍କ ପ୍ରତିନିଧି ଲମ୍ବୋଦର ପ୍ରଧାନ, ପଞ୍ଚାୟତ ସମିତି ସଦର ଅଧ୍ୟକ୍ଷା ସୁନୀତା ବେହେରା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ରବିନାରାୟଣ ପଟ୍ଟନାୟକ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶ୍ରୀ ରେଶ୍ମା ରାଣୀ ସିଂ ଉପସ୍ଥିତ ଥିଲେ । ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମେଳାରେ ବିଭିନ୍ନ ବିଭାଗର ମୋଟ ୧୪ଟି ପ୍ରଦର୍ଶନୀ ଷ୍ଟଲ ସ୍ଥାପିତ ହୋଇଥିଲା । ପ୍ରାଣୀ ସମ୍ପଦ ବିକାଶ ବିଭାଗର ୪, ମତ୍ସ୍ୟ ବିଭାଗର ୪, ପଞ୍ଜିକରଣ ୨, କୃଷି ବିଭାଗ ୧, ଉଦ୍ୟାନ କୃଷି ବିଭାଗ ୧, ମିଶନ ଶକ୍ତି ୧ ଓ ଓମ୍ଫେଡ ର ୧ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ମେଳାରେ ମୋଟ ୮ ଜଣ ସଫଳ ଚାଷୀଙ୍କୁ ପ୍ରାଣୀ ସମ୍ପଦ ବିଭାଗର ୪ ଓ ମତ୍ସ୍ୟ ବିଭାଗର ୪ ଜଣଙ୍କୁ ଏକ ହାଜର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ଏହା ସହିତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଅନ୍ୟ ୪ ଜଣ ଉତ୍ସାହୀ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ବ୍ଲକ୍ କଳା ସଂସ୍କୃତି ସଂଘର ଅନୁବନ୍ଧିତ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ପାଲା ଓ ନାଟ୍ୟ ପରିବେଷଣ କରାଯାଇଥିଲା । ଚାଷୀ ବିଭାଗୀୟ ଅଧିକାରୀମାନଙ୍କ ସହ ମତ ବିନିମୟ ଅଧିବେଶନରେ ଚାଷୀମାନେ ତାଙ୍କ ଅଭିଜ୍ଞତା ଓ ସମସ୍ୟା ସମ୍ପର୍କରେ ମତ ରଖିଥିଲେ । ସଦର ବ୍ଲକର ୩୭ ପଞ୍ଚାୟତର ମୋଟ ୭୪୦ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀ ଏହି ମେଳାରେ ଯୋଗଦେଇଥିଲେ ।

## ବ୍ଲାଷ୍ଟିଂ ବେଳେ ପଥର ବାଜି ମହିଳା ଗୁରୁତର

ସୋର,୧୮ ।୧୧(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଖଞ୍ଜାମହାଲ ପଥର ଖାଦାନରେ ପଥର ବ୍ଲାଷ୍ଟିଂ ବେଳେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ଗୋବିନ୍ଦପୁର ଗ୍ରାମର ସରସ୍ୱତୀ ମଳିକ ଆଜି ଅପରାହ୍ଣରେ ବିଲରେ ଧାନ କାଟୁଥିବା ବେଳେ ପାହାଡରେ ପଥର ଫଟା ଯାଇଥିଲା । ଏହି ସମୟରେ ଏକ ପଥର ସରସ୍ୱତୀଙ୍କ ଅଣ୍ଟାରେ ବାଜିବାରୁ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।



ମାଣବସା ଗୁରୁବାର ପାଇଁ ଫାଣ୍ଡିଛକରେ ନୂଆ ଧାନ ବିକ୍ରି

## ୩୦ରେ ଅସ୍ମିତା ଆଥଲେଟିକ ଲିଗ୍




ବାଲେଶ୍ୱର,୧୮ ।୧୧ (ସମିସ): ଦେଶର ପ୍ରତ୍ୟେକ ଜିଲ୍ଲାରେ ମହିଳାଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ କ୍ରୀଡ଼ା ବିଭାଗ,ଭାରତୀୟ ଦୌଡ଼ ସଂଘ ଓ ଭାରତୀୟ ଖେଳ ପ୍ରାଧିକରଣ ମିଳିତ ଆନୁକୂଲ୍ୟରେ ୧୪ ଓ୧୬ବର୍ଷ ବାଳିକାମାନଙ୍କ ମଧ୍ୟରେ ଦୌଡ଼କୁଦ ପ୍ରତିଯୋଗିତା 'ଅସ୍ମିତା ଆଥଲେଟିକ ଲିଗ ୨୦୨୫' ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ସଂଘକୁ ଏଥି ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି କ୍ରମରେ ଆସନ୍ତା ୩୦ତାରିଖରେ ବାଲେଶ୍ୱର ଜିଲ୍ଲାସ୍ତରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡ଼ା ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ସ୍ଥାନୀୟ ପରମିଟ ପଡ଼ିଆରେ ଦିବସ ବ୍ୟାପୀ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ୬୦ମିଟର ଦୌଡ, ୬୦୦ମିଟର ଦୌଡ,୫ମିଟର ଲମ୍ବ ଡ଼ିଆଁ, ଉଚ୍ଚ ଡ଼ିଆଁ, ଏକ କିଲୋ ସଟପୁଟ ବ୍ୟକ ଥ୍ରୋ ପ୍ରଭୃତି ଖେଳକୁ ସମ୍ବଳିତ ୩ଟି ଟ୍ରାଇଥଲୋନରୁ ଗୋଟିଏ ବିଭାଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ । ଏହା ବ୍ୟତିତ କିଡସ ଜାଭେଲିନ ଥ୍ରୋ ଏବଂ୧୬ବର୍ଷରୁ କମ ବାଳିକାଙ୍କ ପାଇଁ ଡିସକସ ଥ୍ରୋ,ଷ୍ଟାଣ୍ଡିଂ ସଟପୁଟ ଓ ଜାଭେଲିନ ଥ୍ରୋ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ସୂଚନା ଦେଇଛନ୍ତି । ଏହାଛଡା ଜିଲ୍ଲାର ସମସ୍ତ ବ୍ଲକକୁ ନେଇ ଜଣାଯାଇଥିବା ବେଳେ ସମସ୍ତ ବ୍ଲକରୁ ଖେଳାଳିମାନେ ଭାଗନେବେ ବୋଲି ମଧ୍ୟ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଅମର କୁମାର ମହାନ୍ତି, ଦିଲ୍ଲୀ କୁମାର ନାୟକ ଓ ଜଗଦିଶ ଚନ୍ଦ୍ର ବେହେରା,ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମହାନ୍ତି, ସହ ସମ୍ପାଦକ ବୀରେନ୍ଦ୍ର କୁମାର ସ୍ୱାଇଁ,ସଞ୍ଜୟ କୁମାର ଲେଙ୍କା, ଜନ୍ମେଜୟ ଦେ, ନିମାଇ ଚରଣ ରାଉତରାୟ, କାର୍ତ୍ତିକ ଚନ୍ଦ୍ର ନାୟକ ପ୍ରମୁଖଙ୍କ ସମେତ ସୁଜୟ ଆଚାର୍ଯ୍ୟ,ସଞ୍ଜୟ ଗିରି, ରବିନ ମିତ୍ର, ରବୀନ୍ଦ୍ର ସାହୁ ଓ ଅକ୍ଷୟ ଆଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା କୃଷକ ସଭା କମିଟି ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ଖଇରା,୧୮ ।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଓଡିଶା କୃଷକ ସଭା କମିଟି ପକ୍ଷରୁ ୪ ଦଫା ଦାବି ସମ୍ବଳିତ ଏକ ସ୍ମାରକ ମଙ୍ଗଳବାର ଅପରାହ୍ଣରେ ଖଇରା ବିଡିଓ ନାରାୟଣ ସାହୁଙ୍କୁ ପ୍ରଦାନ କରାଯାଇଛି । ଦାବି ମଧ୍ୟରେ ନଭେମ୍ବର ୩୦ ସୁଦ୍ଧା ସମସ୍ତ ଧାନମଣ୍ଡି ଖୋଲିବା, ବିଭିନ୍ନ ଆଳରେ ରେସନ କାର୍ଡ କାଟିବା ବନ୍ଦକରି ନୂତନ ଆବେଦନକାରୀଙ୍କୁ ଏହି ଯୋଜନାରେ ସାମିଲ କରିବା, ସମସ୍ତ ଭତ୍ତାଧାରୀଙ୍କୁ ୩ହଜାର ଟଙ୍କା ପ୍ରଦାନ, ବିଦ୍ୟୁତର ଘରୋଇକରଣକୁ ବନ୍ଦ କରିବା ସହ ୩ ଶହ ୟୁନିଟ ମାଗଣା ବିଜୁଳି ପ୍ରଦାନ ଇତ୍ୟାଦି ଦାବି ଅନ୍ତର୍ଭୁକ୍ତ। କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ସିତାଂଶୁ ସେନାପତି, ଜିଲା ସମ୍ପାଦକ ଦିଲ୍ଲୀପ ଗିରି, ଖଇରା କମିଟି ସଭାପତି ଭଗବାନ ଦାସ, ଜଗତାନନ୍ଦ ମହାପାତ୍ର, ମୂରଲୀଧର ବେହେରା, ଦାମୋଦର ସେନାପତି, ଦୟାନିଧି ବେହେରା ଓ ସମ୍ପାଦକ ଉତ୍ତମ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ ଅବସରରେ ବିଡିଓଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।

## ୧୦ କେଜି ଗଞ୍ଜେଇ ଜବତ

- ବାଇକ ସହ ବେପାରୀ ଗିରଫ

ବାଲେଶ୍ୱର/ରାଜଘାଟ, ୧୮ ।୧୧(ସମିସ): ବସ୍ତା ଅଞ୍ଚଳରେ ଜଣେ ବେପାରୀ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଖବର ପାଇ ମୋବାଇଲ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଜଣେ ଗଞ୍ଜେଇ ବେପାରୀକୁ ଗିରଫ କରିବା ସହ ତା'ଠାରୁ ୧୦କେଜିରୁ ଅଧିକ ଗଞ୍ଜେଇ ସହ ନଗଦ ୩୫ହଜାର ଟଙ୍କା ଜବତ କରାଯାଇଛି । ଏଥିସହ ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ ଏକ ବାଇକ ମଧ୍ୟ ଜବତ ହୋଇଛି । ଗିରଫ ହୋଇଥିବା ବେପାରୀ ଜଣକ ହେଲେ ସିଂଲା ଥାନା ସାହାଦା ଗ୍ରାମର ମନୋରଞ୍ଜନ ନାଥ(୩୬) । ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଗିରଫ ବେପାରୀକୁ କୋର୍ଟ ଚାଲାଣ କରିଛି । ବସ୍ତା ବ୍ଲକ ମୁକୁଳିସି ଛକଠାରେ ଜଣେ ବ୍ୟକ୍ତି କିଛି ଗଞ୍ଜେଇ



ନେଇ ବେପାର କରୁଥିବା ଖବର ମୋବାଇଲ ଅବକାରୀ ବିଭାଗ ପାଇଥିଲା । ବିଭାଗ ପକ୍ଷରୁ ଏକ ଟିମ ଗଠନ କରାଯାଇ ତୁରନ୍ତ ସେଠାରେ ଚଢ଼ଉ ହୋଇଥିଲା । ଚଢ଼ାଉ ବେଳେ ସାହାଦା ଗ୍ରାମର ମନୋରଞ୍ଜନ ତାଙ୍କ ବାଇକରେ ୧୦କେଜି ୫ଶହ ଗ୍ରାମ ଗଞ୍ଜେଇ ରଖି ବେପାର କରିବାକୁ ଯାଉଥିଲେ । ଅବକାରୀ ବିଭାଗ ଉକ୍ତ ଗଞ୍ଜେଇକୁ ଜବତ କରିବା ସହ ତା ନିକଟରେ ଥିବା ୩୫ହଜାର ୪ଶହ ଟଙ୍କାକୁ ମଧ୍ୟ ଜବତ କରିଛି । ଜବତ ଗଞ୍ଜେଇର ମୂଲ୍ୟ ଏକ ଲକ୍ଷ ୫ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ।

### ବାଲେଶ୍ୱର ଡିଏଚ୍‌ଏଚ୍ ଡାକ୍ତରଙ୍କ ସଫଳତା

## ସାପ କାମୁଡ଼ାରେ ଆକ୍ରାନ୍ତ ୭ ଦିନର ଶିଶୁକୁ ବଞ୍ଚାଇଲେ

ବାଲେଶ୍ୱର,୧୮ ।୧୧(ସମିସ)






ମାତ୍ର ସାତ ଦିନର ଶିଶୁକନ୍ୟାକୁ ମୃତ୍ୟୁ ମୁଖରୁ ବଞ୍ଚାଇ ଏକ ନୂଆ ଜୀବନ ଦେଇଛନ୍ତି ଡାକ୍ତର । ଏକ ବିଷାକ୍ତ ସାପ ସାତ ଦିନର ଝିଅକୁ କାମୁଡିବା ପରେ ମୃତ୍ୟୁ ସହର ଲଢେଇ କରୁଥିଲା କୁନି ଝିଅ । ଝିଅକୁ ଧରି ସିଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଯାଇଥିଲେ । ବାପା ମାଆଙ୍କ ଆକୁଳ ନିବେଦନ ଆଗରେ ଏପରି ଏକ ବିରଳ ଘଟଣାରୁ କୁନି ଝିଅକୁ ବଞ୍ଚାଇ ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛନ୍ତି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଅରୁଣ କୁମାର ଗିରି । ସେଥିପାଇଁ ଡାକ୍ତର ଅରୁଣ ଗିରିଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରୀ ପୁରସ୍କୃତ କରିଛନ୍ତି । ଏହା ବାଲେଶ୍ୱର ଜିଲ୍ଲା ଡିଏଚ୍‌ଏଚ୍ ଡାକ୍ତରଙ୍କ ମହାନ ତଥା ବିରଳ ସଫଳତା । ଏହି ଘଟଣା ଅତ୍ୟନ୍ତ ବିରଳ । ଏହି ଘଟଣା ଓଡ଼ିଶାରେ ପ୍ରଥମ ଥର ଏବଂ ଭାରତରେ ଦ୍ୱିତୀୟ ଥର ବୋଲି କୁହାଯାଉଛି ।

ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅର୍ନ୍ତଗତ ବଲବୁଦ୍ଧି ଗ୍ରାମର ବବିତା ଦାସ । ଗତ ଅଗଷ୍ଟ ମାସ ୫ ତାରିଖର ଘଟଣା । ରାତି ପ୍ରାୟ ୭.୩୦ରେ ବବିତା ଦାସଙ୍କ ସାତ ଦିନର ଝିଅର ମୁଣ୍ଡକୁ ସାପ କାମୁଡିଥିଲା । ପରିବାର ଲୋକ ଶିଶୁକୁ ରାତି ୯.୩୦ ମିନିଟ୍ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏସ୍ ଏନ୍ ସି ୟୁ (ସ୍ପେଶାଲ ନ୍ୟୁ ବର୍ଣ୍ଣ କେୟାର ୟୁନିଟ୍) କୁ ନେଇ ଆସିଥିଲେ । ସେତେବେଳେକୁ ଶିଶୁର ଅବସ୍ଥା ବହୁତ ଜଟିଳ ଥିଲା । ପାଟିରୁ ଫେଣ ବାହାରୁ ଥିବା ବେଳେ ଦେହ ନୀଳ ପଡ଼ିଯାଇଥିଲା । ସେଦିନ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଅରୁଣ କୁମାର ଗିରି ଡ୍ୟୁଟିରେ ଥିଲେ । ଡାକ୍ତର ଶିଶୁ ଦେଖିବା ବେଳେ ତାହାର ଅବସ୍ଥା ଜଟିଳ ଥିଲା । ହେଲେ ଡାକ୍ତର ଅରୁଣ ଚିକିତ୍ସା କରି ଶିଶୁର ଜୀବନ ବଞ୍ଚାଇଛନ୍ତି । ଡାକ୍ତର ଅରୁଣଙ୍କ କହିବା ଅନୁସାରେ, ମୋର ୩୦/୩୫ ବର୍ଷ କ୍ୟାରିୟର ଭିତରେ ଏତେ ଛୋଟ ପିଲାକୁ ସାପ କାମୁଡିବା ଘଟଣା ମୁଁ କେବେ ଦେଖିନି କି ଚିକିତ୍ସା ବି କରିନି । କିନ୍ତୁ ମୁଁ ଜାଣିଥିଲି ଯେ ସାପ କାମୁଡ଼ିଲା ବଡ ଲୋକଙ୍କୁ ଯେଉଁ ଇଞ୍ଜେକସନ ଏଏସଭି ଦିଆଯାଏ ତାହାକୁ ଏକାଥରେ ୧୦ଟା ଦେବା ଆରମ୍ଭ କରିଲି । କିନ୍ତୁ ଏହା ପୂର୍ବରୁ ଶିଶୁର ବାପାଙ୍କ ସହ ଅନୁମତିରେ । ଯେହେତୁ ପିଲାର ଅବସ୍ଥା ଜଟିଳ ଥିଲା । ସେଥିପାଇଁ କିଛି ଘଟିପାରେ । କିନ୍ତୁ ଏଏସଭି ଦେଲେ ହୁଏତ ପିଲା ବଞ୍ଚିଯାଇପାରେ । ପିଲାର ବାପା ରାଜି ହେବା ପରେ ମୁଁ ଚିକିତ୍ସା ଆରମ୍ଭ କରିଲି । ଇଞ୍ଜେକସନ ଦେବାର ଘଣ୍ଟାଏ ପରେ ପିଲା କାନ୍ଦିବା ଆରମ୍ଭ କରିଲା । ପାଟିର ଫେଣ କମିବା ସହ ଦେହର ନୀଳ ବି କମିଗଲା । ପ୍ରାୟ ଦୁଇ ଘଣ୍ଟା ପରେ ପିଲା ଖାଇବା ପାଇଁ କାନ୍ଦିଲା ।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କଠୁ ପୁରସ୍କୃତ ହେଲେ ଡାକ୍ତର ଅରୁଣ

ଆମେ ପିଲାକୁ ତା ମାଆକୁ ଦେଇଦେଲୁ । ସେ କ୍ଷୀର ପିଇଲା । ଆମେ ପାଞ୍ଚ ଦିନ ଯାଏଁ ପିଲାକୁ ହସପିଟାଲରେ ରଖିବା ପରେ ଡିସଚାର୍ଜ କରିଲୁ । ଦୁଇ ମାସ ପରେ ସେ ପିଲା ଚେକ୍ ଅପ୍ ପାଇଁ ଆସିଥିଲା । ସେ ଏବେ ପୁରା ସୁସ୍ଥ ଅଛି । ଏତେ ଛୋଟ୍ ପିଲାକୁ ବିଷାକ୍ତ ସାପ କାମୁଡିବା ଏକ ବିରଳ ଘଟଣା । ଏପରି ଜଟିଳ ଘଟଣାକୁ ଚିକିତ୍ସା କରିଥିବାରୁ ନ୍ୟୁ ବର୍ଣ୍ଣ ୱିକ୍‌ରେ ସ୍ୱାସ୍ଥ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି ।

## ସରକାରୀ ନିର୍ଦ୍ଦେଶକୁ ଅମାନ୍ୟ

# ବିନା ସୂଚନା ଫଳକରେ ରାସ୍ତା ନିର୍ମାଣ କଲେ କନିଷ୍ଠ ଯନ୍ତ୍ରୀ

ମାଳିପୁର, ୧୮।୧୧(ସମିସ)

ସରକାରୀ ନିର୍ଦ୍ଦେଶକୁ ଅମାନ୍ୟ କରି ବିନା ସୂଚନା ଫଳକରେ ଜଣେ କନିଷ୍ଠ ଯନ୍ତ୍ରୀ ରାସ୍ତା ନିର୍ମାଣ କାର୍ଯ୍ୟ ଚଳାଇଥିବା ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ରାସ୍ତା ନିର୍ମାଣ କାମ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଗ୍ରାମବାସୀ ପଟ୍ଟାମୁଣ୍ଡାଇ ବିଡିଓଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତର ମାଳିପୁର ଗ୍ରାମରେ ବିକଶିତ ଗାଆଁ ବିକଶିତ ଓଡ଼ିଶା ଯୋଜନାରେ ଗ୍ରାମରେ ଅଭିମନ୍ୟୁ ସେନାପତିଙ୍କ ଘର ନିକଟରୁ ବିଜ୍ଞାନ ମଲିକ ଘର ପର୍ଯ୍ୟନ୍ତ ଏକ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ବ୍ଲକର କନିଷ୍ଠ ଯନ୍ତ୍ରୀ ରତନେସ ପାଣ୍ଡେଙ୍କ ଉପରେ ନ୍ୟସ୍ତ ରହିଥିବାବେଳେ କନିଷ୍ଠ ଯନ୍ତ୍ରୀ ଶ୍ରୀ ପାଣ୍ଡେ ବିଡିଓଙ୍କ ଅଗୋଚରରେ ବିନା ସୂଚନା ଫଳକରେ କାର୍ଯ୍ୟ ଚଳାଇଥିବା ଗ୍ରାମବାସୀ ଗୁରୁତର ଅଭିଯୋଗ କରିଛନ୍ତି। କାର୍ଯ୍ୟାରମ୍ଭ ପୂର୍ବରୁ କାମର ଭାଗମାପ ବିଷୟରେ ପଚାରିବା ପାଇଁ ଗ୍ରାମବାସୀ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ରତନେସ ପାଣ୍ଡେଙ୍କୁ ପଚାରିଥିଲେ ବି ଭିଜିଲାନ୍ସ କେସରେ ବ୍ୟସ୍ତ ଅଛି, ପରେ କଥା ହେବି ବୋଲି କହି ଆଉ ଫୋନ କରି ନ ଥିଲେ। ମଙ୍ଗଳବାର କାମ ଆରମ୍ଭ ହେବା ପରେ ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀଙ୍କୁ ଖୋଜିଥିଲେ ହେଁ ସେ ଛକି ପଳାଇଯିବାରୁ ତାଙ୍କର ଦେଖା ମିଳି ନ ଥିଲା। ଗ୍ରାମବାସୀ କନିଷ୍ଠଯନ୍ତ୍ରୀଙ୍କୁ ଫୋନ ଲଗାଇବାକୁ ଚେଷ୍ଟା କରିଥିଲେ ହେଁ ସେ ମୋବାଇଲ ସୁଇଚ ଅଫ କରିଦେଇଥିଲେ। ବେଆଇନ ଭାବେ କାମ ଚାଲୁ ରଖିଥିବା ବିବାଦୀୟ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଚାଲୁଥିବା ରାସ୍ତ କାମକୁ ସରକାରୀ ନିର୍ଦ୍ଦେଶନାମା ହିସାବରେ ଗ୍ରାମବାସୀଙ୍କୁ ଭାଗ ମାପ ବୁଝାଇ କାର୍ଯ୍ୟ କରିବାକୁ ପଟ୍ଟାମୁଣ୍ଡାଇ ବିଡିଓଙ୍କ ନିକଟରେ ଅର୍ଜୁନ ସାହୁ, ଅଭିମନ୍ୟୁ ସେନାପତି, ଦିଲ୍ଲୀପ ମଲିକ, ରମାକାନ୍ତ ଦାସ, ଜୀବନ ମଲିକ, ପ୍ରସାଦ ମଲିକ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।



# 'ଶିଶୁର ମାନସିକ ଓ ବୌଦ୍ଧିକ ବିକାଶରେ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ପଟ୍ଟାମୁଣ୍ଡାଇ, ୧୮।୧୧(ସମିସ): ଶିଶୁର ମାନସିକ ଓ ବୌଦ୍ଧିକ ବିକାଶରେ ମାଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାଆ ଶିଶୁର ପ୍ରଥମ ଶିକ୍ଷା ଗୁରୁ। ଶିଶୁକୁ ସୁନାଗରିକ ଭାବେ ଗଢିତୋଳିବା ପାଇଁ ରହିଥିବା ଗୁରୁଦାୟିତ୍ୱକୁ ତୁଲାଇବା ପାଇଁ ମାଆ ସବୁବେଳେ ଯତ୍ନବାନ ହେବା ଉଚିତ୍ ବୋଲି ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ପ୍ରକଳ୍ପ ମେଳା ଓ ମାତୃ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ବନ୍ଦନା ପାତ୍ର ପ୍ରକାଶ କରିଛନ୍ତି। ଅଧ୍ୟକ୍ଷ ପ୍ରତାପ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜ୍ୟ ଶିଶୁ ବିକାଶ କଲ୍ୟାଣ ସମିତି ଅଧିକାରିଣୀ ଶ୍ରୀମତୀ ସୁଜାତା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ କଲ୍ୟାଣ ଓ ଶିଶୁ ସୁରକ୍ଷା ପ୍ରସଙ୍ଗରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରି ଶିଶୁଙ୍କ ସୁଲାଳନପାଳନ ଉପରେ ମାଆମାନେ ଗୁରୁତ୍ୱ ଦେବାକୁ ଉପଦେଶ ଦେଇଥିଲେ। ଏହି ଉତ୍ସବରେ ଆଳି ଜାଭିୟର ସ୍କୁଲର ପ୍ରଧାନଶିକ୍ଷକ ସୁବିର ଦାଶ ସମ୍ମାନିତ ବକ୍ତା, ଭେଙ୍କଟେଶ୍ୱର ବିଦ୍ୟାଳୟର ନିର୍ଦ୍ଦେଶକ ଆଡଭୋକେଟ୍ ସଞ୍ଜୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କାରପୂର୍ଣ୍ଣ ଶିଶୁ ଗଠନ ଦିଗରେ ମାଆମାନେ ବ୍ରତି ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରୁ ବିଦ୍ୟାଳୟର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀମତୀ ସୁଚିତ୍ରା ସାହୁ ଓ ସୌମେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ।

ମାଆମାନଙ୍କ ମଧ୍ୟରେ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ମାଆର ଭୂମିକା ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସୁମନ ଶ୍ରୀୟା ନାୟକ ଓ ବନିମୟୀ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସୁଭସ୍ମିତ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ନମିତା ସୂତାର, ଜ୍ୟୋତ୍ସ୍ନାରାଣୀ ନାୟକ, ପ୍ରିୟଙ୍କା




ସୂତାର, ରିଙ୍କେଶ୍ୱରୀ ଦାସ, ବୀରସେନ ଜେନା, ସୌମ୍ୟରଞ୍ଜନ ପଣ୍ଡା, ଗୌରବ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟର କୁନି ବୈଜ୍ଞାନିକଙ୍କ ଦ୍ୱାରା ଶହେ ପାଞ୍ଚଟି ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ଚିତ୍ରାଙ୍କନ ଓ ହସ୍ତକଳାରେ ପଚାଶ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଆଳି ଜାଭିୟର ସ୍କୁଲର ପ୍ରଧାନ ଶିକ୍ଷକ ସୁବୀର ଦାଶ, ଅମିତ ପାତ୍ର, ମୋନାଲିସା ରାୟ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ମାତୃ ସମ୍ମିଳନୀ ଓ ପ୍ରକଳ୍ପ ମେଳାକୁ ମୋନାଲିସା ପରିଡ଼ା, ସୌମ୍ୟାସ୍ୱାତୀ ପ୍ରିୟଦର୍ଶିନୀ, କାମିନୀ ମହାନ୍ତି, ପ୍ରିୟଦର୍ଶିନୀ ବାରିକ, କଳ୍ପନା ଜେନା, ଅଶାଲତା ମଲିକ, ସୁପ୍ରିୟା ନନ୍ଦି, ଆଶୁତୋଷ ପ୍ରଧାନ, ଅମରେଶ ରାଉତ, ଅଭିଲିପ୍ସା ଜେନା, ମଧୁସ୍ମିତା ଗିରି, ଇତିଶ୍ରୀ ପଣ୍ଡା, ସ୍ମୃତିପ୍ରଜ୍ଞା ନାୟକ ପ୍ରମୁଖ ପରିଚାଳନା କରିଥିଲେ। ରିଙ୍କେଶ୍ୱରୀ ଦାସ ଧନ୍ୟବାଦ ଦେଇଥିଲେ।

## ଇଚ୍ଛାପୁର ଗ୍ରାମରେ ଲୁଟ୍

ଆଳି, ୧୮।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା କୋଳିଡିହ ପଞ୍ଚାୟତ ଇଚ୍ଛାପୁର ଗ୍ରାମରୁ ଲୁଟ୍ ହୋଇଥିବା ନେଇ ଗ୍ରାମର ଜଣେ ମହିଳା ଆଳି ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି। ଇଚ୍ଛାପୁର ଗ୍ରାମର ଲିପିକା ପରିଡ଼ାଙ୍କ ଏତଲା ଅନୁଯାୟୀ ଗତକାଲି ଅପରାହ୍ନରେ ଘରଠାରୁ ଅନତୀ ଦୂରରେ କାର୍ଯ୍ୟ କରୁଥିବା ସମୟରେ କେହି ନ ଥିବା ସୁଯୋଗ ନେଇ ଲୁଟେରା ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଆଲମିରାରେ ଥିବା ସୁନା ଚେନ, କାନଫୁଲ, ସୁନା ହାର, ଚୁଡି, ମୁଦି ଓ ରୁପା ଅଳଙ୍କାର ଯାହାର ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କାରୁ ଅଧିକା ଟଙ୍କାର ଜିନିଷକୁ ଲୁଟି ନେଇଛନ୍ତି। ଏତଲା ଆଧାରରେ ଘଟଣାର ତଦନ୍ତ ଚଳାଇବା ସହ ସମସ୍ତ ଦିଗକୁ ଗୁରୁତର ସହ ନେଇ ଛାନଭିନ କରୁଥିବା ନେଇ ଆଳି ଥାନା ଭାରପ୍ରାପ୍ତ ଅଧିକାରୀ ଧୀରାଜ ଲେଙ୍କା ସୂଚନା ଦେଇଛନ୍ତି।

## ବ୍ରାଉନସୁଗର ଓ ଚୋରାମଦ ଜବତ, ୫ ଗିରଫ

କେନ୍ଦ୍ରାପଡ଼ା, ୧୮।୧୧(ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର, ଜମ୍ବୁ ସାମୁଦ୍ରିକ ଓ ମାର୍ଶାଘାଇ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଛି। ଏହି ଚଢ଼ଉରେ ବ୍ରାଉନସୁଗର ସହ ବିପୁଳ ପରିମାଣର ଚୋରା ବିଦେଶୀ ଓ ଦେଶୀ ରନ୍ଧାମଦ ଜବତ ହୋଇଛି। ରାମଚନ୍ଦ୍ରପୁର ଗ୍ରାମର ସୁନୀଲ ବଳ (୩୭)ଙ୍କଠାରୁ ୪୦ ଗ୍ରାମ ବ୍ରାଉନସୁଗର ସହ ଗୋଟିଏ ବାଇକ୍ ଜବତ କରାଯାଇଛି। ପ୍ରଭାକରପୁର ଗ୍ରାମର ଦୀପ୍ତି ଖିଲାର (୨୫)ଙ୍କଠାରୁ ୫୯ ଲିଟର ବିଦେଶୀ ମଦ ଓ ଗୋଟିଏ ବାଇକ୍ ଜବତ ହୋଇଛି। ରାଜେଶ ସେଠୀ (୨୭)ଙ୍କଠାରୁ ୧୧୨୧ ଲିଟର ଦେଶୀ ରନ୍ଧାମଦ, ଦହିମାଛ ଗ୍ରାମର ଜିତେନ୍ଦ୍ର ରାଉତ (୩୧)ଙ୍କଠାରୁ ୫୯୧ ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇଛି। ଏହି ଅଭିଯାନରେ ମୋଟ ୪୦ ଗ୍ରାମ ବ୍ରାଉନସୁଗର, ୨୯୭୬ ଲିଟର ଚୋରା ବିଦେଶୀ ଓ ଦେଶୀ ରନ୍ଧାମଦ, ଦୁଇଟି ବାଇକ୍ ଜବତ କରାଯାଇଛି। ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ଋତୁପ୍ରଭା ସ୍ୱାଇଁ, ସହକାରୀ ଉପନିରୀକ୍ଷକ ଜଗନ୍ନାଥ ବେସ୍ରା, ସୁନୀଲ ମିଶ୍ର, ପ୍ରଦୀପ ମଲିକ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ଅଙ୍ଗନବାଡି ଆସୋସିଏସନ୍ ପକ୍ଷରୁ ଦାବିପତ୍ର

ରାଜନଗର, ୧୮।୧୧(ସମିସ): ରାଜନଗର ବ୍ଲକ ଅଲ୍ ଓଡ଼ିଶା ଅଙ୍ଗନବାଡି ଲେଡିଜ ୱାର୍କର୍ସ ଆସୋସିଏସନ୍ ପକ୍ଷରୁ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆସୋସିଏସନର ଜିଲ୍ଲା ସମ୍ପାଦିକା ପୁଷ୍ପଲତା ରଥଙ୍କ ନେତୃତ୍ୱରେ ଏହି ଦାବିପତ୍ର ସିଡ଼ିପିଓଙ୍କୁ ପ୍ରଦାନ କରାଯାଇଛି। ପ୍ରତି ଶନିବାର କିଶୋରୀ ବାଳିକାଙ୍କ ନିମନ୍ତେ ଏମଏସ ପିୱାଇ ଯୋଜନାରେ ଦୁଇଟି ସିଝା ଅଣ୍ଡା ଓ ଦୁଇଟି କଞ୍ଚା ଅଣ୍ଡା ବଣ୍ଟନକୁ ସ୍ୱାଗତ କରାଯାଇଛି। ଏହି ଯୋଜନାରେ ଆସୁଥିବା ଅର୍ଥରାଶି ଯୁଗ୍ମ ଜମା ଖାତାରେ ପୂର୍ବରୁ ଜମା କରାଯାଉ। ପ୍ରତି ବ୍ଲକ ଓ ଜିଲ୍ଲାରେ ଅଭିଯୋଗ ନିବାରଣ କମିଟି ଗଠନ କରାଯାଉ, ଫଳରେ ସ୍ଥାନୀୟ ସମସ୍ୟାର ସମାଧାନ ସହଜ ଓ ପାରଦର୍ଶୀ ହେବ। ଉନ୍ନତମାନର ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ସହିତ ବିଦ୍ୟୁତ ଓ ଜଳ ଯୋଗାଣ ନିମନ୍ତେ ପଦକ୍ଷେପ ନିଆଯାଉ। କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କରୁଥିବା ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ ସହିତ ପରିବାରରୁ ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ସେହି ସ୍ଥାନରେ ନିଯୁକ୍ତି ଦିଆଯାଉ। ଗତ ନିର୍ବାଚନ ସମୟରେ ନିର୍ବାଚନୀ ଇସ୍ତାହାରରେ ଦିଆଯାଇଥିବା କର୍ମୀ ଓ ସହାୟିକାଙ୍କ ବେତନ ବୃଦ୍ଧି ପ୍ରତିଶ୍ରୁତିକୁ ତୁରନ୍ତ ଲାଗୁ କରି କର୍ମୀ ଓ ସହାୟିକାଙ୍କ ମନୋବଳ ବଢ଼ାଇବା ସହିତ ଜାତୀୟ ଶିକ୍ଷାନୀତି ଅନୁଯାୟୀ ଯୋଗ୍ୟତା ଭିତ୍ତିରେ ଅଙ୍ଗନବାଡି କର୍ମୀଙ୍କୁ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ଦିଆଯିବାକୁ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମଞ୍ଜୁବାଳା ମଲ୍ଲିକ, ଅବିଚାରି ବାରିକ, ମିନତୀ ଭୂୟାଁ, ରମାବାଳା ସ୍ୱାଇଁ, ମିନତୀ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୧୮।୧୧(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ଟ୍ରଲର ଜବତ କରିବା ସହିତ ଟ୍ରଲରରେ ଥିବା ୭ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ମାରୁଥିବା ଆନ୍ଧ୍ରପ୍ରଦେଶର କଳା-୧୧ ନାମକ ଟ୍ରଲରକୁ ଜବତ କରାଯାଇଛି। ଟ୍ରଲରରେ ଥିବା ଏମ ରାମୁ, ଏମ ଏରାୟା, ଏମ ଗରାଗୟା, ଏମ ଆପାନ୍ନା, ଭାସୁପିଲ୍ଲି ଲକ୍ଷଣ, ଗାନ୍ନାଗାଲ୍ଲା ଆପାନ୍ନା, କେସମ ବାଙ୍କାଇହା ପ୍ରମୁଖ ୭ ଜଣ ଆନ୍ଧ୍ରପ୍ରଦେଶର ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଟ୍ରଲରରେ ଥିବା ୨ଟି ଜିପିଏସ, ଗୋଟିଏ ଭିଏଚଏଫ, ୨ଟି ଜେନେରେଟର, ୪୦୦ ଫିସିଂ ହୁକ, ୧୦ କ୍ୱିଣ୍ଟାଲ




ମାଛ ଜବତ କରାଯାଇଛି। ଏସିଏଫ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ ଗଭୀର ସମୁଦ୍ରରେ ପଇଁତରା ମାରୁଥିବାବେଳେ ଏହି ଟ୍ରଲରକୁ ଜବତ କରିଥିଲେ।

# ମାର୍ଶାଘାଇରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୧୮।୧୧(ସମିସ): ଜିଲ୍ଲା ପ୍ରଶାସନ (କ୍ରୀଡ଼ା ବିଭାଗ) ଓ ମାର୍ଶାଘାଇ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ




ହୋଇଯାଇଛି। ମହାକାଳପଡ଼ା, ରାଜନଗର, ମାର୍ଶାଘାଇ ଓ ଗରଦପୁର ବ୍ଲକର ଉଭୟ +୨ ଓ +୩ ମହାବିଦ୍ୟାଳୟ ଏବଂ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ତର୍କ, ପ୍ରବନ୍ଧ, କୁଇଜ, ଚିତ୍ରାଙ୍କନ, ପୋଷ୍ଟର ମେକିଂ, ରିଲ ମେକିଂ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨୦ ତାରିଖରେ ପୁରସ୍କୃତ କରାଯିବ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ସୁକାନ୍ତ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାର୍ଶାଘାଇ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡ. ଶଶୀକାନ୍ତ ନାୟକ, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦୀପକ ଦାସ, ପ୍ରାଧ୍ୟାପକ ବିପିନ ବିହାରୀ ନାଥ, ଅଧ୍ୟାପକ ଧିରେନ ଚୌଧୁରୀ ପ୍ରମୁଖ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଜୀବନୀ ଓ ବିଚାରଧାରା ଉପରେ ଆଲୋକପାତ କରିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ଅଧାପକ ଶାଶ୍ୱତ ସାମନ୍ତରାୟ, ଶୁଭପ୍ରକାଶ ରାଉତ, ଡ. ସତ୍ୟବ୍ରତ ମଲ୍ଲିକ, ବିଭୁସେନ ପତି, ମନୋଜ ରାଉତ, ଅଧାପିକା ମାନସୀ ଦାସ, ଡ. ଲୁସିସ୍ମିତା ଜେନା, ଜନନୀମଣି ପାତ୍ର, ଜୟପ୍ରଦା ନାୟକ, ପ୍ରଗତି ବିଶ୍ୱାଳ, ପ୍ରଭାସିନୀ ସ୍ୱାଇଁ, ଲିଜା ନାୟକ ଦାୟିତ୍ୱ ତୁଲାଇଥିଲେ। ପ୍ରଧାପକ ବିଜୟ ପାତ୍ର, ପ୍ରାଧ୍ୟାପକ ଉମେଶ ଦାସ, ବଡବାବୁ ଅଜିତ ବାରିକ, କର୍ମଚାରୀ ରାକେଶ ଦାସ, ସାଧୁ ଚରଣ ଗୋଚ୍ଛାୟତ ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ଯତୀନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

● ରାସ୍ତା କଡ଼ରେ ସରକାରୀ ଔଷଧ ଫିଙ୍ଗା ଘଟଣା

# ଖବର ପ୍ରସାରଣ ପରେ ଦୋଷ ଲୁଚାଇବାକୁ ପୋଡ଼ିଦେଲେ ଦୁର୍ବୃତ୍ତ

ଡେରାବିଶ, ୧୮।୧୧(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ରଘୁଦେଇପୁର-ଛୋଟି ରାସ୍ତା କଡ଼ ଏକ ନିକାଞ୍ଚନ ସ୍ଥାନରେ ସରକାରଙ୍କ ପକ୍ଷରୁ ଡାକ୍ତରଖାନାକୁ ଯୋଗାଣ ହେଉଥିବା ବିଭିନ୍ନ ଔଷଧ ଫିଙ୍ଗା ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଔଷଧ ମଧ୍ୟରୁ



କିଛି ଔଷଧର ବ୍ୟବହାର ଅବଧି ଶେଷ ହୋଇଯାଇଥିବାବେଳେ ଆଉ କିଛି ଔଷଧର ବ୍ୟବହାର ଅବଧି ରହିଥିବା ଭଳି ଘଟଣା ଗତ ଦୁଇଦିନ ତଳେ ଦେଖିବାକୁ ମିଳିଥିଲା। ଏ ନେଇ ଖବର ବିଭିନ୍ନ ଗଣମାଧ୍ୟମରେ ସଚିତ୍ର ପ୍ରକାଶ ପାଇବା ପରେ କେହି ଦୁର୍ବୃତ୍ତ ଏହାକୁ ଲୁଚାଇବା ପାଇଁ ପୋଡ଼ିଦେଇଥିବା ଦେଖିବାକୁ ମିଳିଛି। ତେବେ ଏ ପର୍ଯ୍ୟନ୍ତ ଏହି ଔଷଧ କେଉଁ ସରକାରୀ ଚିକିତ୍ସାଳୟ ପକ୍ଷରୁ ଏଠାରେ ଫୋପଡ଼ାଯାଇଛି, ତାହା ଜଣାପଡ଼ିନାହିଁ। ତେବେ ଦୁଇମାସ ତଳେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏଭଳି ଘଟଣାକୁ ନେଇ ସେତେବେଳେ ବୁହ ତୁମ୍ବିତୋଫାନ ଉଠିଥିଲା। ବହୁ ସମୟରେ ସରାକାରୀ ଡାକ୍ତରଖାନାକୁ ରୋଗୀ ଯାଇ ମାଗଣାରେ ଔଷଧ ନ ପାଇ ନିରାଶ ହେଉଥିବାବେଳେ ଏଭଳି ବିପୁଳ ପରିମାଣରେ ଔଷଧକୁ ଫୋପଡ଼ା ଯିବା ଘଟଣାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି।

## ୪ ବାଲି ବୋଝେଇ ଟ୍ରାକ୍ଟର ଜବତ

ପଞ୍ଚୁପାଣ୍ଡବ, ୧୮।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅଧୀନରେ ଥିବା ବେଣୀପୁର ପଞ୍ଚାୟତର ପଟ୍ଟାମୁଣ୍ଡାଇ ୮ ନମ୍ବର (କ) କେନାଲ ବନ୍ଧରେ ବେଆଇନ ଭାବେ ବାଲି ଚାଲାଣ ବେଳେ ନିକିରାଇ ପୁଲିସ ଚଢ଼ଉ କରି ଚାରୋଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଛି। ଚାରୋଟି ଟ୍ରାକ୍ଟରକୁ ଥାନାକୁ ନେବା ସହ ଚାରିଜଣ ଚାଳକଙ୍କୁ ସକାଳୁ ଅଟକ ରଖି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ବେଣୀପୁର ବାଲିଘାଟ ନିଲାମ ହୋଇ ନ ଥିବାବେଳେ ଷ୍ଟକ୍ ବାଲି ନେଇ ଯାଉଥିବାବେଳେ ପୁଲିସ ମାଡ଼ି ବସିଥିଲା। ନିକିରାଇ ପୁଲିସ ଯେଉଁମାନଙ୍କ ପକ୍ଷରୁ ବଟି ଆଦାୟ କରୁଛି ସେମାନଙ୍କୁ ଛାଡ଼ି ଦେଇ ଅନ୍ୟମାନଙ୍କୁ ଜବତ କରି କେସ ରୁଜୁ କରୁଛି ବୋଲି ଅଭିଯୋଗ ହେଉଛି। ରାତି ଅଧରେ ହାଇୱାରେ ଲକ୍ଷାଧିକ ଟଙ୍କାର ବେଆଇନ ବାଲି ଚାଲାଣ ହେଉଥିବାବେଳେ ଟ୍ରାକ୍ଟରକୁ ଜବତ କରି ନିକିରାଇ ପୁଲିସ ବାହାବା ନେଉଥିବା ଅଭିଯୋଗ ହେଉଛି। କିଛିଦିନ ତଳେ ଡେରାବିଶ ଥାନା ପକ୍ଷରୁ କେତେକ ଅଞ୍ଚଳରେ ବାଲି ଟ୍ରାକ୍ଟର ଜବତ ହେଉଥିବାବେଳେ ଦୁଇଦିନ ତଳେ ଛୋଟି ବଜାରରୁ ନିକିରାଇ ପୁଲିସ ଏକ ହାଇୱା ଜବତ କରି ଥାନାରେ ଅଟକ ରଖିଥିଲା। ଆଜି ଚଢ଼ଉରେ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏସଏସ ଆଇ ସୁଜିତ୍ ପାତ୍ର, କନେଷ୍ଟବଳ ଜିତେନ୍ଦ୍ର ଦାସ ଓ ଥାନା କର୍ମଚାରୀ ବେଆଇନ ବାଲି ଚାଲାଣ ହେଉଥିବା ଟ୍ରାକ୍ଟରକୁ ଜବତ କରିଥିଲେ।

# ବାଳିକଣା ବିଦ୍ୟାଳୟରେ ବର୍ଣ୍ଣବୋଧ ବଣ୍ଟନ

ରାଜନଗର, ୧୮।୧୧(ସମିସ): ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ଅନ୍ତର୍ଗତ ବାଳିକଣା ୟୁଜିୟୁପି ବିଦ୍ୟାଳୟରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପକ୍ଷରୁ 'ବର୍ଣ୍ଣବୋଧ ବଣ୍ଟନ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ସଭାପତି ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜନଗର ବ୍ଲକ ଚେୟାରମ୍ୟାନ୍ ପ୍ରତିଭା ପାତ୍ର



ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରି ସଭାକୁ ଉଦଘାଟନ କରିଥିଲେ। 'ଛବିଳ ମଧୁ ବର୍ଣ୍ଣବୋଧ'କୁ ସମଗ୍ର ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ପ୍ରଚଳନ କରିବା ପାଇଁ ମୋ ମାଟିର ସାମାଜିକ ସଙ୍ଗଠନ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପକ୍ଷରୁ ସ୍ୱର ଉଠୁଥିବାରୁ ମୁଁ ଗର୍ବିତ। ଏଥିପାଇଁ ମୁଁ ବ୍ଲକ ଚେୟାରମ୍ୟାନ୍ ହିସାବରେ ସରକାରଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଚେଷ୍ଟା କରିବି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସିଆରସିସି ନିରାକାର ସେଠୀ 'ବର୍ଣ୍ଣବୋଧ ବଣ୍ଟନ ଅଭିଯାନ' ଭଳି ଭାଷାଭିତ୍ତିକ ପ୍ରୟାସକୁ ସାଧୁବାଦ୍ ଦେଇଥିଲେ। ବାଳିକଣା ୟୁଜିୟୁପି ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅୟେସ କୁମାର ମାହନ୍ତ, ସହକାରୀ ଶିକ୍ଷକ ପ୍ରଦୀପ ରାଉତ, ଶିକ୍ଷୟିତ୍ରୀ ଆରତୀ ମଲ୍ଲିକ, ସଂସଦର ବରିଷ୍ଠ ସଦସ୍ୟ ରଙ୍ଗାଧର ଜେନା, ପ୍ରତିଷ୍ଠାତା ସୁଶ୍ରୀକାନ୍ତ ପରିଡ଼ା ଯୋଗଦେଇ ପିଲାଙ୍କୁ ବର୍ଣ୍ଣବୋଧ ବଣ୍ଟନ କରିଥିଲେ। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଲେଙ୍କା ଧନ୍ୟବାଦ ଦେଇଥିଲେ।

## କର୍କଟ ପୀଡ଼ିତ ଯୁବକଙ୍କ ମୃତ୍ୟୁ

ରାଜନଗର, ୧୮।୧୧(ସମିସ): ପରିବାରରେ ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ ସୁରେଶ। ମୁଖ କର୍କଟ ରୋଗରେ ପୀଡ଼ିତ ହୋଇ ଅକାଳରେ ଜୀବନ ଯାଇଛି। ଚଳିତ ମାସ ୯ ତାରିଖ ଦିନ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୩୫ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଛି। ସୁରେଶଙ୍କ ମୃତ୍ୟୁ ପରେ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି। ଏପରିକି ଶୁଦ୍ଧିକ୍ରିୟା ପାଇଁ ଅର୍ଥ ନ ଥିବାରୁ ପରିବାରରେ ୧୦ ଦିନ ହେଲା ଚୁଲି ଜଳୁନି। ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ଭଗବାନପୁର ଗାଁର ସୁରେଶ କୁଣ୍ଡ (୩୫ ବର୍ଷ) ଦୁବାଇରେ ପାଣିପାଇପ କାମ କଲେ ପରିବାର ଚଳେ। ୬ ମାସ ତଳେ ମାଉଥ କ୍ୟାନସରରେ ପୀଡିତ ହେବା ପରେ ଘରକୁ ଚାଲି ଆସିଥିଲେ। ଭୁବନେଶ୍ୱରରେ ଅପରେସନର ଏକ ମାସ ପରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ପରେ ପରିବାରରେ ଚୁଲି ଜଳୁନି। ଘରେ ବୁଢ଼ା ବାପା ବନମାଳୀ କୁଣ୍ଡ (୭୦ ବର୍ଷ), ମାଆ ଦ୍ରୌପଦୀ କୁଣ୍ଡ (୬୫ ବର୍ଷ), ପତ୍ନୀ ଓ ୭ ବର୍ଷ, ୧୨ ବର୍ଷର ଦୁଇପୁଅ ଅଛନ୍ତି। ସୁରେଶ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ ତାଙ୍କ ମୃତ୍ୟୁ ପରେ ପରିବାର କିପରି ଚଳିବେ, ସେ ନେଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଷ୍ଟ୍ରିଟ୍‌ଲାଇଟ୍ ଲଗାଇବାରେ ଅନିୟମିତତା

# ଦୁର୍ନୀତିଗ୍ରସ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ସୁରକ୍ଷା ଦେବାକୁ ଜିଲ୍ଲା ପ୍ରଶାସନର ଚକ୍ରାନ୍ତ

ପଟ୍ଟାମୁଣ୍ଡାଇ, ୧୮।୧୧(ସମିସ)

ପଟ୍ଟାମୁଣ୍ଡାଇ ବ୍ଲକରେ ହୋଇଥିବା ଷ୍ଟ୍ରିଟ୍‌ଲାଇଟ୍ ଅନିୟମିତତାରେ ଦୁର୍ନୀତିଗ୍ରସ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ସୁରକ୍ଷା ଦେବାକୁ ଜିଲ୍ଲା ପ୍ରଶାସନ ଚକ୍ରାନ୍ତ କରୁଥିବା ଜଣାପଡ଼ିଛି। ଜଣେ ଦୁର୍ନୀତିଗ୍ରସ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡିବା ଘଟଣା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସମ୍ପୃକ୍ତ ବହୁଚର୍ଚ୍ଚିତ କନିଷ୍ଠ ଯନ୍ତ୍ରୀଙ୍କ ଦବଦବା ବ୍ଲକଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ରହିଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଦୁର୍ନୀତିଖୋର କନିଷ୍ଠ ଯନ୍ତ୍ରୀଙ୍କୁ ସୁରକ୍ଷା ଦେବାକୁ ଯାଇ ପଟ୍ଟାମୁଣ୍ଡାଇ ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ନିରପେକ୍ଷ ବିଡିଓ ଶୀତଲ ଅଗ୍ରୱାଲଙ୍କୁ ମଧ୍ୟ ଜିଲ୍ଲା ପ୍ରଶାସନ ବଳିରେ ଚଢ଼ାଇବା ପାଇଁ ପଛାଉ ନ ଥିବା ଅଭିଯୋଗ ହେଉଛି।

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଶାସନ ପଞ୍ଚାୟତରେ ଷ୍ଟ୍ରିଟ୍‌ଲାଇଟ ଲଗାଇବାକୁ ନେଇ ୨୦୨୩-୨୪ ଆର୍ଥିକ ବର୍ଷରେ ହୋଇଥିବା ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ଓ ମିଥ୍ୟା ବିଲ ମାଧ୍ୟମରେ ସରକାରୀ ଅନୁଦାନ ଅର୍ଥ ହରିଲୁଟ ଘଟଣାରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଗତ ୪ ତାରିଖରେ ବ୍ଲକ ପରିସରରେ ଅନଶନ କରାଯାଇଥିଲା। ଅନଶନ ପୂର୍ବରୁ ପଞ୍ଚାୟତବାସୀଙ୍କ ପକ୍ଷରୁ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ଆନ୍ଦୋଳନ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲେ ହେଁ ଜିଲ୍ଲା ପ୍ରଶାସନର କୌଣସି ଅଧିକାରୀ ଅନଶନ ସ୍ଥଳକୁ ଆସି ନ ଥିଲେ ଓ ସରକାରୀ କାମରେ ବାହାରେ ଥିବା ବିଡିଓଙ୍କୁ ଜିଲ୍ଲାପାଳ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେବା ସହିତ ବ୍ଲକ କାର୍ଯ୍ୟାଳୟକୁ ପଠାଇଥିଲେ। ଘଟଣାଦିନ ବିଡ଼ିଓ ଶ୍ରୀମତୀ ଅଗ୍ରୱାଲ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ଅନଶନକାରୀଙ୍କୁ ତିନିମାସ ମଧ୍ୟରେ ଷ୍ଟ୍ରିଟ୍‌ଲାଇଟ ଲଗାଇବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପ୍ରକଳ୍ପ ସ୍ଥାନ ପରିଦର୍ଶନ କରି କୌଣସି ଷ୍ଟ୍ରିଟ୍‌ଲାଇଟ ଲାଗି ନ ଥିବା ଦେଖିଛନ୍ତି ବୋଲି ବିଡ଼ିଓ ପ୍ରକାଶ କରିଥିଲେ। ଶାସନ ପଞ୍ଚାୟତର ପୋଖରୀ ସାହିଠାରୁ ଦିଆନପୁର ପର୍ଯ୍ୟନ୍ତ ଷ୍ଟ୍ରିଟ୍‌ଲାଇଟ ଲାଗିବ ପାଇଁ ୯ ଲକ୍ଷ ୭୦ ହଜାର ଟଙ୍କା ଭାଉଚର ନଂ ଓ ଡବ୍ଲୁ ଏନ /୨୦୨୪-୨୫/ପି /୧୧୩ ମାଧ୍ୟମରେ ବିଲ ପୈଠ ହୋଇଥିବା ସରକାରୀ ରେକର୍ଡ କହୁଛି। ଶାସନଠାରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ ଆଉ ଏକ ପ୍ରକଳ୍ପ ଜରିଆରେ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ମଧ୍ୟ ୯ ଲକ୍ଷ ୭୦ ହଜାର ଟଙ୍କା ଭାଉଚର ନଂ ଓଡବ୍ଲୁଏନ /୨୦୨୪-୨୫/ପି /୧୧୩ରେ ପୈଠ ହୋଇଛି। ଉଭୟ ପ୍ରକଳ୍ପର କାର୍ଯ୍ୟାଦେଶ ବ୍ଲକ କନିଷ୍ଠ ଯନ୍ତ୍ରୀ ରତନେସ ପାଣ୍ଡେଙ୍କ ନାମରେ ଥିବାବେଳେ ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟରେ ସରକାରୀ ଅନୁଦାନ ଅର୍ଥ ପୈଠ ହୋଇଛି। କିନ୍ତୁ ଶାସନଠାରୁ ମାଳିପୁର ମଧ୍ୟରେ ଆଦୌ ଗୋଟିଏ ହେଲେ ଷ୍ଟ୍ରିଟ୍‌ଲାଇଟ ଲଗାଯାଇ ନ ଥିବା ଖୋଦ ବିଡ଼ିଓ ତଦନ୍ତ କରିସାରିଛନ୍ତି। ଦୁର୍ନୀତିଖୋର କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଡ଼ିଓ ଗଣମାଧ୍ୟମକୁ ସୂଚନା ଦେବା ପରେ କନିଷ୍ଠ ଯନ୍ତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ଶାସନ ପଞ୍ଚାୟତ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡି ବାହାରିଥିବା ସାଧାରଣରେ ଆଲୋଚନା ହେଉଛି। କନିଷ୍ଠ ଯନ୍ତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ସୋମବାର ଶାସନ ପଞ୍ଚାୟତର କେତେକ ଜନପ୍ରତିନିଧି ଅଣ୍ଟା ଭିଡି ଆଗଭର ହେବ ସହିତ ବ୍ଲକ ପ୍ରଶସନ ଓ ଜିଲ୍ଲା ପ୍ରଶାସନକୁ ଆଗୁଆ ସୂଚନା ଦେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣ ଦେବା ଘଟଣା ଆଲୋଚ୍ୟ ବିଷୟ ପାଲଟିଛି। କୌତୁହଳର ବିଷୟ ହେଲାଚେ ଯ ଗତ ୪ତାରିଖରେ ଶାସନ ପଞ୍ଚାୟତବାସୀଙ୍କ ପକ୍ଷରୁ ଅନଶନ କରାଯାଇଥିଲେ ହେଁ ଜିଲ୍ଲା ପ୍ରଶାସନର କୌଣସି ଅଧିକାରୀ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟକୁ ଆସି ନ ଥିଲେ। ସୋମବାର ଅନୁଷ୍ଠିତ ଧାରଣା ସ୍ଥଳକୁ ଜିଲ୍ଲାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନିଜେ ଆସିବା ସହିତ ଅଫିସ ସମୟ ପରେ ନିଜ ସରକାରୀ କ୍ୱାର୍ଟର୍ସରେ ବିଶ୍ରାମ ନେଉଥିବା ବିଡିଓଙ୍କୁ ରାତିରେ ବ୍ଲକ କାର୍ଯ୍ୟାଳୟକୁ ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଡାକି ଜୋର ଜବରଦସ୍ତ ଷ୍ଟ୍ରିଟଲାଇଟ ଲାଗିଥିବା ଲେଖାଇ ଆନ୍ଦୋଳନକାରୀଙ୍କୁ ପ୍ରଦାନ କରିବା ସମୁଦାୟ ଘଟଣାକୁ ଗୋଳମାଳିଆ କରି ଦେଇଛି। ଅଲଗା ଭାବେ ଦୁଇ ଦୁଇଥର ହୋଇଥିବା ଆନ୍ଦୋଳନରେ ଆନ୍ଦୋଳନକାରୀଙ୍କୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଅଲଗା ଅଲଗା ଭାବେ ବିଡ଼ିଓ ଲିଖିତ ତଥ୍ୟ ପ୍ରଦାନ କରିବାକୁ ବାଧ ହୋଇଛନ୍ତି। ଜଣେ କନିଷ୍ଠ ଯନ୍ତ୍ରୀଙ୍କ କଳା କାରନାମାକୁ ଘୋଡାଇବାକୁ ଯାଇ ନୂତନ ଭାବେ ବ୍ଲକରେ ଯୋଗ ଦେଇଥିବା ବିଡିଓଙ୍କୁ ବଳି ପକାଇବା ପାଇଁ ଜିଲ୍ଲା ପ୍ରଶାସନ ଚଳାଇଥିବା ଉଦ୍ୟମକୁ ଶାସନ ପଞ୍ଚାୟତର ଅର୍ଜୁନ ସାହୁ, ରମାକାନ୍ତ ଦାସ, ରାହାସ ମାଲିକ, ବିଚିତ୍ର ସେନାପତି, ପ୍ରସାଦ ମଲିକ, ଭ୍ରମରବର ନାୟକ, ଦିଲ୍ଲୀପ ମଲିକ ପ୍ରମୁଖ ଶତାଧିକ ପଞ୍ଚାୟତବାସୀ ବିରୋଧ କରି ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।





## ଏସ୍‌ସିବି ଯକୃତ ପ୍ରତିରୋପଣ ୟୁନିଟ୍ ବନ୍ଦ

# ହାତ ବାନ୍ଧି ବସିଛନ୍ତି ଡାକ୍ତର; ନର୍ସ ଜଗିଛନ୍ତି ୟୁନିଟ୍

● କାମଚଳା ଢ଼ଙ୍ଗରେ ଚାଲିଛି ପ୍ରତିରୋପଣ ଓପିଡି

● ତାଲିକା ବଢ଼ୁଛି; ପ୍ରତିରୋପଣ ପ୍ରକ୍ରିୟା ଆଗଉନି



**କଟକ,୧୮।୧୧(ସମିସ):** ଏସ୍‌ସିବି ଯକୃତ ପ୍ରତିରୋପଣ ୟୁନିଟରେ କିଛି ମାସ ହେବ ତାଲା ଝୁଲିଛି। ପ୍ରତିରୋପଣ ପୁଣି ଥରେ କେବେ ଆରମ୍ଭ ହେବ ତାହା ଅନୁମାନ କରିବା ମୁସ୍କିଲ। ପ୍ରତିରୋପଣ ଆଶାରେ ରହିଥିବା କିଛି ରୋଗୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଜରିଆରେ ଦର୍ଶାଯାଇଛି। ହେଲେ ପ୍ରତିରୋପଣ ପୂର୍ବରୁ ଯେଉଁ ନିୟମକୁ ଅନୁପାଳନ କରିବା ଆବଶ୍ୟକ ତାହା ଆରମ୍ଭ ହୋଇନାହିଁ। ଯକୃତ ରୋଗୀ ଏବଂ ଯକୃତ ଦାତାଙ୍କ ସ୍କ୍ରିନିଂ କରାଯାଇନାହିଁ। ପ୍ରତିରୋପଣରେ ସହଯୋଗ କରୁଥିବା ହାଇଦ୍ରାବାଦର ଏଆଇଜି ହସ୍ପିଟାଲକୁ କୌଣସି ତଥ୍ୟ ପ୍ରଦାନ କରାଯାଇନାହିଁ। ପ୍ରତିରୋପଣ ନିମନ୍ତେ ଆବଶ୍ୟକ ସିଟି ଭଲ୍ୟୁମେଟ୍ରି ଏବଂ ଭସ୍କୁଲାର ଆନାଟୋମୀ ପରୀକ୍ଷା ହୋଇ ନଥିବା ବେଳେ ହାଇକୋର୍ଟକୁ ସତ୍ୟପାଠ ଜରିଆରେ ଭୁଆଁ ବୁଲାଯାଉଛି ବୋଲି ମେଡିକାଲର ଜଣେ ବରିଷ୍ଠ ପଦାଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି। ପ୍ରତିରୋପଣ ନିମନ୍ତେ ଗଠିତ ଡାକ୍ତରୀ ଦଳର ୩ଜଣ ଡାକ୍ତର ଏବେ ହାତ ବାନ୍ଧି ବସିଥିବା ବେଳେ ୟୁନିଟକୁ ଜଣେ ନର୍ସ ଜଗି ରହିଛନ୍ତି ବୋଲି ପଦାଧିକାରୀ ଜଣକ ସୂଚନା ଦେଇଛନ୍ତି।

ଟ୍ରମା କାଜୁଆଲଟି ୪ର୍ଥ ମହଲାରେ ଯକୃତ ପ୍ରତିରୋପଣ ୟୁନିଟ ଆରମ୍ଭ କରିବାକୁ ୧୨ବର୍ଷ ସମୟ ଲାଗିଥିଲା। ୩ଟି ମଡୁଲାର ଓ.ଟି ପୂର୍ଣ୍ଣ ପ୍ରସ୍ତୁତି କରିବାକୁ ଗତ ରାଜ୍ୟ ସରକାର ସମସ୍ତ ସହଯୋଗ କରିଥିଲେ। ଦାତାଙ୍କ ଠାରୁ ଯକୃତ ସଂଗ୍ରହ କରିବା, ଗ୍ରହୀତାଙ୍କ ଚିକିତ୍ସା ଏବଂ ପ୍ରତିରୋପଣ ନିମନ୍ତେ ଗୋଟିଏ ଲେଖାଏ ମଡୁଲାର ଓ.ଟି ବ୍ୟବହାର କରାଯାଏ। ଏହା ଭିତରେ ୨ଟି କ୍ୟୁସା ମେସିନ ରହିଥିଲା। ଯାହାର ମୂଲ୍ୟ ଅଢ଼େଇ କୋଟି ଟଙ୍କା ହେବ। ରାଜ୍ୟ ସରକାର କ୍ୟୁସା ମେସିନ ବଡ ମେଡିକାଲକୁ ପ୍ରଦାନ କରିଥିଲେ ମଧ୍ୟ ଏହା ପୂର୍ବରୁ ଏକ ମେସିନ୍ ସମ୍ବଲପୁର ବୁର୍ଲା ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ଟନାଘନା ହେବା ସହ ପ୍ରତିରୋପଣ ଆଗେଇବାରୁ ମେସିନକୁ ରାତିଅଧିଆ କଟକ ଅଣାଯାଇଥିଲା। ଏବେ ପୁଣି ସମାନ ସ୍ଥିତି ଉପୁଜିବାକୁ ବସିଲାଣି। ଯକୃତ ପ୍ରତିରୋପଣ ସମ୍ପୂର୍ଣ୍ଣ ବନ୍ଦ କରିଦେଇ ସରକାରଙ୍କ କୋଟିକୋଟି ଟଙ୍କା ନଷ୍ଟ କରିଦେବାକୁ ଚକ୍ରାନ୍ତ ହେଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଲାଣି। ପ୍ରତିରୋପଣ ନିମନ୍ତେ ଗଠିତ ଡାକ୍ତରୀ ଦଳ ଭିତରୁ ଜଣେ ଡାକ୍ତରଙ୍କୁ ବଦଳି କରାଯାଇଥିବା ବେଳେ ଅନ୍ୟ ୩ଜଣ ଏବେ ବଡ ମେଡିକାଲରେ ହାତ ବାନ୍ଧି ବସିଛନ୍ତି। ମେଡିକାଲର ଜଣେ ପଦାଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି କି, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବଂ ବଡ ମେଡିକାଲର କିଛି ଡାକ୍ତର ଏ ଦିଗରେ ବିଶେଷ ଗୁରୁତ୍ୱ ଦେଉନାହାନ୍ତି। ଯଦ୍ୱାରା ପୂର୍ବରୁ ପ୍ରତିରୋପଣ ଅପେକ୍ଷାରେ ଥିବା କିଛି ରୋଗୀ ମୃତ୍ୟୁ ବରଣ କରି ସାରିଲେଣି। ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି। ସ୍ୱାସ୍ଥ୍ୟ ବିଭାଗ ଉପରେ ହାଇକୋର୍ଟ ଛାଟ ପଡ଼ିଲେ ହିଁ ରାଜ୍ୟ ସ୍ୱାସ୍ଥ୍ୟ ଜଗତରେ ବନ୍ଦ ହୋଇ ପଡ଼ିଥିବା ଏହି ମୂଲ୍ୟବାନ ୟୁନିଟ ପୁନଃକାର୍ଯ୍ୟକ୍ଷମ ହୋଇପାରିବ ବୋଲି ସେ କହିଛନ୍ତି।

## ଏସ୍‌ସିବିରେ ଇଣ୍ଟରନେଟ୍ ସେବା ବ୍ୟାଘାତ

● ଓପିଡିରେ ଅଚଳାବସ୍ଥା; ରୋଗୀ ହନ୍ତସନ୍ତ

**କଟକ,୧୮।୧୧(ସମିସ):** ଇଣ୍ଟରନେଟ୍ ଜରିଆରେ ବଡ଼ ମେଡିକାଲର ବିଭିନ୍ନ କାର୍ଯ୍ୟ କରାଯାଉଛି। ଓପିଡି ଟିକଟ୍ ପଞ୍ଜୀକରଣଠାରୁ ଆରମ୍ଭ କରି ସିଟି ସ୍କାନ, ଏମଆରଆଇ ଭଳି ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଇଣ୍ଟରନେଟ୍ ନିହାତି ଆବଶ୍ୟକ। ହେଲେ ଆଜି ବଡ ମେଡିକାଲରେ ଇଣ୍ଟରନେଟ୍ ସେବା ବ୍ୟାଘାତ ଘଟିବା ଯୋଗୁଁ ନାହିଁ ନଥିବା ସମସ୍ୟା ଉପୁଜିଥିଲା। ଆଜି ଦିନ ପ୍ରାୟ ୨ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବା ବନ୍ଦ ରହିବା ଯୋଗୁଁ ଆଉଟଡୋର(ଓପିଡି)ରେ ଅଚଳାବସ୍ଥା ଦେଖା ଦେଇଥିଲା। ରୋଗୀଙ୍କ ନାମ ପଞ୍ଜୀକରଣ କରିବାରେ ଓପିଡିରେ ନିୟୋଜିତ କର୍ମଚାରୀମାନେ ହଇରାଣ ହୋଇଥିଲେ। ଫଳରେ ସେଠାରେ ନାହିଁ ନଥିବା ଭିଡ଼ ଜମିଥିଲା। ଦୂରଦୂରାନ୍ତରୁ ଆସିଥିବା ରୋଗୀଙ୍କୁ ହନ୍ତସନ୍ତ ହେବାକୁ ପଡ଼ିଥିଲା। ଏହି ଘଟଣା ବାବଦରେ ଏସ୍‌ସିବି ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## 'ବୋସ'ରେ ଦୁଇଦିନିଆ ରାଜ୍ୟସ୍ତରୀୟ କର୍ମଶାଳା

**କଟକ,୧୮।୧୧(ସମିସ):** କଟକସ୍ଥିତ ଭୁବନାନନ୍ଦ ଓଡ଼ିଶା ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ (ବୋସ) ପକ୍ଷରୁ ଆଇଆଇଟି ଭୁବନେଶ୍ୱର ସହଯୋଗରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉଦୀୟମାନ କ୍ଷେତ୍ର ଉପରେ ଏକ ଦୁଇଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ (ଏସଡିଟିଇ)ର ଅତିରିକ୍ତ ସଚିବ ବିଶ୍ୱରଞ୍ଜନ



ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବେଙ୍ଗାଲୁରୁର ଗ୍ଲୋବାଲ୍ ନଲେଜ୍ ଟେକ୍ନୋଲୋଜିର ରିସୋର୍ସ ପର୍ସନ ପିଟର ଡୁରିଅସ୍ ବୈଷୟିକ ଅଧିବେଶନଗୁଡ଼ିକର ନେତୃତ୍ୱ ନେଇଥିଲେ। ସେ ଆଧୁନିକ ଏଆଇ ଉପକରଣ, ପ୍ରୟୋଗ ଏବଂ ଶିଳ୍ପ ଅଭ୍ୟାସ ଉପରେ ତାଲିମ ପ୍ରଦାନ କରିଥିଲେ। ରାଜ୍ୟର ବିଭିନ୍ନ ପଲିଟେକ୍ନିକ୍‌ର ଅଧ୍ୟାପକମାନଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡ. ଅରୁଣ ପ୍ରଧାନ, ସହଯୋଗୀ ପ୍ରଫେସର ଡ. ସଚ୍ଚିଦାନନ୍ଦ ରଥ ଏବଂ ଆଇଏମଏମଟିର ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଡ. ସନ୍ତୋଷ ବେହେରାଙ୍କ ସମେତ ଅନେକ ପ୍ରଖ୍ୟାତ ବିଶେଷଜ୍ଞ ଏଆଇ ଗବେଷଣା, ନବସୃଜନ ଏବଂ ଭବିଷ୍ୟତର ସୁଯୋଗ ଉପରେ ମୂଲ୍ୟବାନ ଅନ୍ତଃଦୃଷ୍ଟି ବାଣ୍ଟିଥିଲେ। ଏହି କର୍ମଶାଳାଟି ବୋସ କଟକର ଡିଜାଇନ୍ ଇନୋଭେସନ୍ ସେଲ୍ ଦ୍ୱାରା ଆୟୋଜିତ ହୋଇଥିଲା। ବରିଷ୍ଠ ଅଧ୍ୟାପକ ଶାନ୍ତନୁ ଦତ୍ତ ଏବଂ ଡ. ବିଶ୍ୱମ୍ବର ମହାନ୍ତିଙ୍କ ଦ୍ୱାରା ତଦାରଖ କରାଯାଇଥିଲା। ବୋସ ଅଧ୍ୟକ୍ଷ ଡ. ଶୁଭାଙ୍ଗ କିଶୋର ଦାସ ଉଲ୍ଲେଖ କରିଥିଲେ ଯେ, ଏହି ପଦକ୍ଷେପ ଓଡ଼ିଶାର ବୈଷୟିକ ଶିକ୍ଷା ଇକୋସିଷ୍ଟମରେ କ୍ଷମତା ନିର୍ମାଣ ବୃଦ୍ଧି ଏବଂ ପ୍ରଯୁକ୍ତିବିଦ୍ୟା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ବୋସର ପ୍ରତିବଦ୍ଧତାକୁ ପୁନଃ ନିର୍ଦ୍ଦିଷ୍ଟ କରିଛି।

## ସୁସ୍ଥ ସମାଜ ଗଠନରେ ଚାରଣ ଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ



**କଟକ,୧୮।୧୧(ସମିସ):** ଶ୍ରୀ ଜଗନ୍ନାଥ ଚେତନା ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ, ପୁରୀ ଆନୁକୂଲ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚେତନା ପ୍ରଚାର କାର୍ଯ୍ୟକ୍ରମ ସମଗ୍ର ଓଡ଼ିଶାରେ ବ୍ୟାପକ ଭାବରେ କରାଯାଉଛି। ଅନୁଷ୍ଠାନର ଦଳପତି ଡଃ ଶରତ ଚନ୍ଦ୍ର ପାତ୍ର ଓ ସମ୍ପାଦକ ଡ ଶୁଭେନ୍ଦୁ ସ୍ୱାଇଁଙ୍କ ଚିନ୍ତା ଯେ ଯୁବପିଢି ପାଶ୍ଚାତ୍ୟଗାମୀ ହୋଇ ବିପଥଗାମୀ ହେଉଛନ୍ତି, ଯାହା ଫଳରେ ବାର୍ଦ୍ଧକ୍ୟ ସମୟରେ ପିତାମାତାମାନେ ବୃଦ୍ଧାଶ୍ରମରେ ରହୁଛନ୍ତି। ତେଣୁ ସର୍ବଧର୍ମ ସମନ୍ୱୟର ଠାକୁର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟ ଚେତନାକୁ ଯୁବପିଢିଙ୍କ ଠାରେ ପ୍ରବେଶ କରାଇ ଏକ ସୁସ୍ଥ ସମାଜ ଗଠନ କରିବା ଦିଗରେ ଅନୁଷ୍ଠାନ ସଂକଳ୍ପବଦ୍ଧ ହୋଇଛି। ଏହି କ୍ରମରେ କଟକ ଜିଲ୍ଲାର ନୂଆପଡ଼ା ସ୍ଥିତ ବାଲିସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀଜଗନ୍ନାଥ ଚେତନା କୁଇଜ୍, ସିଡିଏ ୧୧ ନମ୍ବର ସ୍ଥିତ ଅଜୟ ସାହୁଙ୍କ ବାସଭବନରେ ଶ୍ରୀଜଗନ୍ନାଥ କଥାମୃତ ଏବଂ କଲ୍ୟାଣ ନଗର ନୀୟୁ କଲୋନୀରେ ଉମାକାନ୍ତ ଜୟସିଂହଙ୍କ ବାସଭବନରେ ଶ୍ରୀଜଗନ୍ନାଥ ଚେତନା ପ୍ରଚାର କାର୍ଯ୍ୟକ୍ରମ କରି ଯୁବପିଢି ଓ ପରିବାର ସଦସ୍ୟଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ଭରିଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ପଣ୍ଡିତ ଲିଙ୍ଗରାଜ ପତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଉପଦେଷ୍ଟା ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର,

### କଟକର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ

ମହାସୁଆର ସେବାୟତ ବିଶ୍ୱନାଥ ସାମନ୍ତରା, ଇଂ ରବିନାରାୟଣ ମହାପାତ୍ର, ଡ. ଶୁଭେନ୍ଦୁ ସ୍ୱାଇଁଙ୍କ ସମେତ ଜିଲ୍ଲା ସଂଗଠକ ତରଣୀସେନ ଲେଙ୍କା, ପ୍ରବଚକ ପଣ୍ଡିତ ପ୍ରଦୀପ୍ତ ମହାପାତ୍ର ଆଦି ବହୁ ବରିଷ୍ଠ ଚାରଣମାନେ ଯୋଗଦେଇ ପ୍ରବଚନ ମାଧ୍ୟମରେ କହିଥିଲେ ଯେ, ମହାପ୍ରଭୁଙ୍କ ଚେତନା ନିଜ ଜୀବନରେ ଆଚରଣ ଓ ଉଚ୍ଚାରଣ ସହିତ ପାଳନ କଲେ ହିଁ ଆଗାମୀ ପିଢ଼ି ସୁରକ୍ଷିତ ରହିପାରିବେ। ଅନୁରୂପ କାର୍ଯ୍ୟକ୍ରମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମଧ୍ୟ ଚାଲୁ ରହିଛି ବୋଲି ସମ୍ପାଦକ ପ୍ରକାଶ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଚାରଣ ଶାଖାର ଦଳପତି, ସଂଗଠକ ଓ ଆଚରଣଶୀଳ ଚାରଣମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ୱାକର୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**କଟକ,୧୮।୧୧(ସମିସ):** ୱାକର୍ସ କ୍ଲବ, କଟକ ପକ୍ଷରୁ ମାସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ବଙ୍ଗାଳି ସାହି ସ୍ଥିତ ରାମକୃଷ୍ଣ କୁଟୀରଠାରେ ଅନୁଷ୍ଠିତ ହୋଇଯାଇଛି। ୱାକର୍ସ କ୍ଲବର ସଭାପତି ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ତୋଫାନ ପତି ମୁଖ୍ୟବକ୍ତା ରୂପେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ମାନସିକ ଚାପ ଓ ତାର ନିରାକରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡାକ୍ତର ତୋଫାନ ପତିଙ୍କୁ ଉତ୍ତରୀୟ ଓ ପଟ୍ଟଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସମ୍ପାଦକ




ପ୍ରିୟରଞ୍ଜନ ମହାପାତ୍ର, ବନମାଳୀ ଶୁକ୍ଳ, ପ୍ରଶାନ୍ତ କାନୁନଗୋ, ଶଶୀଭୂଷଣ ସ୍ୱାଇଁ, ବିଦ୍ୟୁତ ଲାଲା, ମହେଶ୍ୱର ମହାନ୍ତି, ଫନିନ୍ଦ୍ର ମଲ୍ଲିକ, ଶ୍ୟାମସୁନ୍ଦର ସାହୁ, ପ୍ରତାପ ମହାନ୍ତି, ବିଲକେଶ ପରବିନ, କୃତିବାସ ପଣ୍ଡା, ଶେଷଦେବ ମଲ୍ଲିକ, ଗୌତମ କର, ପ୍ରଭାକର ବେହେରା ପ୍ରମୁଖ ସଦସ୍ୟମାନଙ୍କ ସହିତ କୁଟୀରର ଅନ୍ତେବାସୀ ବୃନ୍ଦ ଉପସ୍ଥିତ ଥିଲେ। କୁଟୀରର ତତ୍ତ୍ୱାବଧାରକ ସୁଭାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ସାଲିଆସାହି ବସ୍ତି ଉଚ୍ଛେଦକୁ ନିନ୍ଦା

**କଟକ,୧୮ ।୧୧(ସମିସ):** ମହାନଗର ନିଗମ ଆଇନକୁ ବେଖାତିର କରି ସାଲିଆସାହିରେ ଯେଉଁଭଳି ଭାବରେ ବସ୍ତି ଉଚ୍ଛେଦ କରାଯାଉଛି ତାହା ଅଗଣତାନ୍ତ୍ରିକ ଓ ଅମାନବୀୟ। ଉଚ୍ଛେଦ ପୂର୍ବରୁ ବସ୍ତି ବାସିନ୍ଦାଙ୍କୁ କୌଣସି ବିକଳ୍ପ ଥଇଥାନର ବ୍ୟବସ୍ଥା ନକରି, ଆଇନ ମୁତାବକ ପୂର୍ବରୁ କୌଣସି ନୋଟିସ ନଦେଇ ବସ୍ତି ଉଚ୍ଛେଦ କରାଯାଇଛି। ଫଳରେ ଶତାଧିକ ଅସହାୟ ପରିବାର ରାସ୍ତା କଡକୁ ଚାଲିଆସିଛନ୍ତି। ଏଭଳି ଅଗଣତାନ୍ତ୍ରିକ ବେଆଇନ ଉଚ୍ଛେଦକୁ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଆବାହକ ଖଗେଶ୍ୱର ସେଠୀ ଘୋର ନିନ୍ଦା କରିଛନ୍ତି। ଅବିଳମ୍ବେ ବେଆଇନ ବସ୍ତି ଉଚ୍ଛେଦକୁ ବନ୍ଦ କରାଯାଉ, ଉଚ୍ଛେଦ ହୋଇଥିବା ପରିବାର ଗୁଡିକୁ ଉପଯୁକ୍ତ ଭାବେ ଥଇଥାନର ବ୍ୟବସ୍ଥା କରାଯାଉ, ବସ୍ତି ବାସିନ୍ଦାଙ୍କୁ କର୍ମସ୍ଥଳ ନିକଟରେ ଉପଯୁକ୍ତ ଥଇଥାନର ବ୍ୟବସ୍ଥା ନକରି ବସ୍ତି ଉଚ୍ଛେଦ ବନ୍ଦ କରିବା ପାଇଁ ମଞ୍ଚ ପକ୍ଷରୁ ଶ୍ରୀ ସେଠୀ ଦାବି କରିଛନ୍ତି।

## ଉପଜିଲ୍ଲାପାଳଙ୍କ ଗାଡ଼ିରେ ନାଲିବତି

● ଲାଲବାଗ ଥାନାରେ ଅଭିଯୋଗ

**କଟକ,୧୮ ।୧୧(ସମିସ):** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାକୁ ଅବମାନନା କରି ଅପରାହ୍ନ ପ୍ରାୟ ୧୨ଟାରେ ଲାଲବାଗ ଥାନା ପାଚେରିକୁ ଲାଗି ଏକ ଲାଲ୍/ନେଳି ରଙ୍ଗର ବତି ଲାଗିଥିବା ସ୍କର୍ପିଓ ଗାଡ଼ି ପାର୍କ ହୋଇଥିବା ଦେଖିବାକୁ ମିଳିଛି। ଗାଡ଼ିର ଟ୍ୟାକ୍ସି ନମ୍ବର ଥିବା ବେଳେ ଏଥିରେ 'ଖୋର୍ଦ୍ଧା ଉପଜିଲ୍ଲାପାଳ' ବୋଲି ଲେଖାଯାଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଆଇନଜୀବୀ ଜୟଶଙ୍କର ଆଚାର୍ଯ୍ୟ ଏହାକୁ ଦେଖି ତୁରନ୍ତ ଲାଲବାଗ ଥାନା ଆଇଆଇସିଙ୍କ ନିକଟରେ ଅଭିଯୋଗ କରିଥିଲେ। ଆଇନଜୀବୀ ଶ୍ରୀ ଆଚାର୍ଯ୍ୟ ଏ ସମ୍ପର୍କରେ କହିଛନ୍ତି ଯେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଅନଧିକୃତ ଭାବେ ଏପରି ବତି ଲଗାଇଥିଲେ ୧୦ହଜାର ଟଙ୍କା ଜରିମାନା ସହ ଗାଡ଼ିକୁ ଜବତ କରିବାର ଆଇନ ରହିଛି। ତେବେ ଏହାକୁ ଅବମାନନା କରି କେଉଁଭଳି ଭାବେ ଏହି ଗାଡ଼ିରେ ନାଲି ଓ ନୀଳବତି ଲଗାଯାଇଛି, ସେଥିନେଇ ଆଇନଜୀବୀ ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ ଉଠାଇଛନ୍ତି। ସେ 'ଏକ୍ସ'ରେ ପୁଲିସ କମିସନର ଓ ଡିସିପିଙ୍କୁ ଅବଗତ କରାଇଛନ୍ତି।

## ୱାକଫ୍ ବୋର୍ଡର ପୂର୍ବତନ ଅଧ୍ୟକ୍ଷଙ୍କ ପତ୍ନୀ ବିୟୋଗ

**କଟକ,୧୮।୧୧(ସମିସ):** ଓଡ଼ିଶା ବୋର୍ଡ ଅଫ ୱାକଫ୍‌ର ପ୍ରାକ୍ତନ ଅଧ୍ୟକ୍ଷ ସୈୟଦ୍ ଏକ୍ରାମ ହୁସେନଙ୍କ ଧର୍ମପତ୍ନୀ ଖାଲିଦା ବିବିଙ୍କ ଗତକାଲି ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ଲିଭର ଜନିତ ସମସ୍ୟାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଶ୍ରୀ ହୁସେନଙ୍କ ସମେତ ପୁଅ ସୈୟଦ୍ ଇମରାନା ହୁସେନ, ପୁତ୍ର ବଧୂ ପରବିନ ବିବି, ନାତି ସୈୟଦ୍ ଅରମାନ ହୁସେନଙ୍କ ସମେତ ପୁତୁରା, ପୁତୁରା ବୋହୂ, ନାତି ନାତୁଣୀ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଅପରାହ୍ନରେ ଶ୍ରୀ ହୁସେନଙ୍କ କଟକ ଗଣେଶ ଘାଟ ସ୍ଥିତ ବାସଭବନରୁ ଏକ ବିରାଟ ପଟୁଆରରେ ଶବ ଶୋଭାଯାତ୍ରାରେ ନିଆଯାଇ କଟକ କଦମ ଏ ରସୁଲଠାରେ ଇସଲାମୀୟ ବିଧି ବ୍ୟବସ୍ଥା ଅନୁସାରେ କବର ଦିଆଯାଇଥିଲା। ଏହି ଶୋଭାଯାତ୍ରାରେ କଟକ ମେୟର ସୁବାସ ସିଂ, କଟକ ମହାନଗର ବିଜେଡି ସଭାପତି ମଧୁସୂଦନ ସାହୁ, ସମ୍ପାଦକ ତାପସ ମହାନ୍ତି, ପୂର୍ବତନ କର୍ପୋରେଟର ରମଜାନ ଖାଁ, ଲିୟାକତୁଦ୍ଦି ଅହମ୍ମଦ, ଅଞ୍ଜୁମାନ ଇସଲାମିୟାର ସଭାପତି ଅବ୍ଦୁଲ୍ ଆହାଦଙ୍କ ସମେତ ଅନେକ ହିନ୍ଦୁ ମୁସଲିମ ସଂପ୍ରଦାୟର ବ୍ୟକ୍ତିବିଶେଷ ଆତ୍ମାର ସଦଗତି କାମନା କରିଛନ୍ତି।

## ଯାଦବ ଶୌର୍ଯ୍ୟ ଦିବସ ପାଳିତ



**କଟକ,୧୮।୧୧(ସମିସ):** ୧୯୬୨ ମସିହା ନଭେମ୍ବର ୧୮ ତାରିଖରେ ରେଜାଙ୍ଗାଲା ମାଟିରେ ୧୧୪ ଜଣ ଯାଦବ ଅହିର୍ ଯବାନମାନେ ଦେଶ ପାଇଁ ସହିଦ୍ ହୋଇଥିଲେ। ରେଜାଙ୍ଗାଲା ମାଟିରେ ଚୀନ୍ ଓ ଭାରତ ମଧ୍ୟରେ ହୋଇଥିବା ଯୁଦ୍ଧରେ ଚୀନର ୩ ହଜାର ସୈନିକଙ୍କୁ ଭାରତର ୧୨୦ ଜଣ ସୈନିକ ପରାସ୍ତ କରିଥିଲେ। ସେହି ୧୨୦ ଜଣ ଭାରତୀୟ ସୈନିକଙ୍କ ମଧ୍ୟରୁ ୧୧୪ ଜଣ ଅହିର୍ ଯାଦବ ସୈନିକ ଥିଲେ। ବୀର ଯାଦବ ଯବାନଙ୍କ ଏହି ଅପ୍ରତିଦ୍ୱନ୍ଦ୍ୱୀ ବଳିଦାନ ଏବଂ ଦେଶପ୍ରେମକୁ ସମ୍ମାନ ଜଣାଇ ୧୯୬୨ ମସିହା ପରବର୍ତ୍ତୀ ସମୟରୁ ପ୍ରତିବର୍ଷ ନଭେମ୍ବର ୧୮ ତାରିଖକୁ ସାରା ଭାରତରେ 'ଅହିର୍ ଶୌର୍ଯ୍ୟ ଦିବସ' ରୂପେ ଗର୍ବ ଏବଂ ଶ୍ରଦ୍ଧାର ସହିତ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ଓ ମହାନଗର ଯାଦବ ମହାସଭା ପକ୍ଷରୁ ପୋତାପୋଖରୀସ୍ଥିତ ରାଧାମୋହନଜୀଉ ମନ୍ଦିର କାର୍ଯ୍ୟାଳୟଠାରେ ଯାଦବ ଶୌର୍ଯ୍ୟ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଯାଦବ ମହାସଭା ସଭାପତି ସମର ବେହେରାଙ୍କ ସଭାପତିତ୍ୱରେ ସମ୍ପାଦକ ତିର୍ଥବାସୀ ବେହେରା, ରାଜ୍ୟ ଯୁବ ସଂଯୋଜକ ନନ୍ଦଲାଲ ସିଂ, ସଦର ସଭାପତି ବିନୋଦ ବେହେରା ଓ ପ୍ରସନ୍ନ ବେହେରାଙ୍କ ସହିତ ଯୁବ ନେତୃତ୍ୱ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ସ୍ୱର୍ଗତ ସମୀର ଦେ'ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

# ଦକ୍ଷ ସଂଗଠକ ଥିଲେ ସମୀର ଦେ: ମୁଖ୍ୟମନ୍ତ୍ରୀ



**କଟକ,୧୮।୧୧(ସମିସ):** ପୂର୍ବତନ ମନ୍ତ୍ରୀ ତଥା ସମାଜସେବୀ ସ୍ୱର୍ଗତ ସମୀର ଦେଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ମଙ୍ଗଳବାର ସମୀର ଦେ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ସହୀଦ ଭବନଠାରେ ଏକ ସ୍ମୃତିସଭା ଆୟୋଜିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ଦେଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱର୍ଗତ ଦେ ଜଣେ ଦକ୍ଷ ସଂଗଠକ ଥିଲେ। କଟକ ସମେତ ସମଗ୍ର ରାଜ୍ୟର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ଚିରସ୍ମରଣୀୟ। ସେ ଏକାଧାରରେ ଜଣେ ରାଜନୀତିଜ୍ଞ ଓ ସମାଜସେବୀ ଥିଲେ। ବରିଷ୍ଠ ବିଜେପି ନେତା ଶ୍ରୀ ସଜନ ଶର୍ମା ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସାଂସଦ ରବି ବେହେରା ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଅତିଥି ଭାବରେ ସ୍ୱର୍ଗତ ସମୀର ଦେଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତାଙ୍କର ମହତ୍ କାର୍ଯ୍ୟାବଳୀର ସ୍ମୃତିଚାରଣ କରିଥିଲେ। ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ବିଧାୟକ ଇଂ ପ୍ରକାଶ ସେଠୀ, ଆଇନଜୀବୀ ସୌରୀ ମହାପାତ୍ର, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବିଜେପି ନେତା ନୟନ କିଶୋର ମହାନ୍ତି, ନାରୀ ନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତ ସମୀର ଦେଙ୍କର ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସମୀର ଦେ'ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**କଟକ,୧୮।୧୧(ସମିସ):** ସକାଳ ୧୦ଟା ସମୟରେ କଟକ ମେୟର ସୁବାସ ସିଂହଙ୍କ ନେତୃତ୍ୱରେ କଟକ ମହାନଗର ନିଗମ ୱାର୍ଡ ନମ୍ବର ୩ ଅନ୍ତର୍ଗତ ସିଡିଏ ସେକ୍ଟର ୧୦ଠାରେ ଥିବା ପାର୍କଟିକୁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କ ନାମରେ ନାମିତ କରି ଜନସାଧାରଣଙ୍କୁ ଉତ୍ସର୍ଗ କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ସମୀର ଦେଙ୍କ ଏକ ଅବୟବ ପ୍ରତିମୂର୍ତ୍ତିକୁ ମଧ୍ୟ ଉନ୍ମୋଚନ ହୋଇଥିଲା। ଏହି ପାର୍କରେ ୱାକିଙ୍ଗ ଟ୍ରାକ, ଓପେନ ଜିମ, ଛୋଟ ଛୋଟ ପିଲାଙ୍କ ପାଇଁ ବିଭିନ୍ନ ପ୍ରକାର ଖେଳ ଉପକରଣ, ଭିନ୍ନ ଭିନ୍ନ ପ୍ରକାରର ଫୁଲ ଗଛ ସ୍ଥାନ ପାଇଛି। ପୂର୍ବତନ ମନ୍ତ୍ରୀ ପ୍ରଭାତ ତ୍ରିପାଠୀ, ବିଧାୟିକା ସୋଫିଆ ଫିରଦୋଷ, ବିଜେଡି ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ପୂର୍ବତନ ବିଧାୟକ ମହମଦ ମୋକିମ, ବରିଷ୍ଠ ନେତା ସୁରେଶ ମହାପାତ୍ର, ନୟନ ମହାନ୍ତି, ସଜନ ଶର୍ମା, ସୌରିବନ୍ଧୁ ମହାପାତ୍ର, ଲଲାଟେନ୍ଦୁ ବଡୁ, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ ରାଉତ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ପ୍ରଳୟ ବେଉରା, କର୍ପୋରେଟର ପ୍ରଦୀପ ସାହୁ, ପୁଷ୍ପିତା ମହାନ୍ତି, ପ୍ରିୟମ୍ବଦା ମହାନ୍ତି, ବନଲତା ପ୍ରଧାନ, ମମତା ମହାନ୍ତି, କଟକ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ ଓ ସ୍ଥାନୀୟ ବହୁ ବରିଷ୍ଠ ନାଗରିକ, ଯୁବକ ଉପସ୍ଥିତ ଥିଲେ।

**BEST OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

# ସୋମନାଥ ବିଶୋୟୀଙ୍କ ସ୍ମୃତିସଭା

ପାପଡାହାଣ୍ଡି,୧୮ ।୧୧(ସମିସ): ନବରଙ୍ଗପୁର ଜିଲ୍ଲା ତଥା ପାପଡାହାଣ୍ଡି ଅଞ୍ଚଳର ବିଶିଷ୍ଟ ରାଜନେତା ସ୍ୱର୍ଗତ ସୋମନାଥ ବିଶୋଇ ପରଲୋକ ହୋଇଯାଇଛି । ସେ ପୂର୍ବରୁ ୪ ଥର ପାପଡାହାଣ୍ଡି ବ୍ଲକ ଅଧ୍ୟକ୍ଷ, ଥରେ ଉପାଧ୍ୟକ୍ଷ, ୨ ଥର ପାପଡାହାଣ୍ଡି ଜୋନ ୩ ରୁ ଜିଲ୍ଲାପରିଷଦ ଭାବେ ନିର୍ବାଚିତ ହୋଇଥିଲେ । ପାପଡାହାଣ୍ଡି କଲେଜ ର ପ୍ରତିଷ୍ଠାତା ସଦସ୍ୟ, ପାପଡାହାଣ୍ଡି ଶହୀଦ ସ୍ମୃତି ପୀଠର ଆଜୀବନ ସଭାପତି, ପାପଡାହାଣ୍ଡି ମୃଗ ବିହାର ର ପ୍ରତିଷ୍ଠାତା, ଝ?ଶ୍ୱେର ମନ୍ଦିର ର ପ୍ରତିଷ୍ଠାତା, ବିଶିଷ୍ଟ ସାମ୍ବାଦିକ, ବିଶିଷ୍ଟ କବି ଏହିପରି ବିଭିନ୍ନ ସାମାଜିକ ସଂଗଠନ ସହିତ ଜଡିତ ରହିଥିଲେ । ଆଜି ପାପଡାହାଣ୍ଡି ଝାଡେଶ୍ୱର ମନ୍ଦିର ଠାରେ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ଏବଂ ଏକ ସ୍ମୃତି ସଭା ଆୟୋଜନ କରାଯାଇଥିଲା । ଏହି ସଭାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୋକବାର୍ତ୍ତାକୁ ସହିଦ ସ୍ମୃତି କମିଟିର ସଭାପତି ତଥା ଆଜିର ସଭା ପରିଚାଳନା କରିଥିବା ମନୋରଞ୍ଜନ ତ୍ରିପାଠୀ ପାଠ କରିଥିଲେ । ଆଜିର ଏହି ସଭାରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ନବରଙ୍ଗପୁର ଜିଲ୍ଲା ପରିଷଦ ସଭାପତି ମୋତିରାମ ନାୟକ, ପୂର୍ବତନ ନବରଙ୍ଗପୁର ଜିଲ୍ଲା ପରିଷଦ ସଭାପତି ମଞ୍ଜୁଳା ମାଝୀ ଏବଂ ଭଗବତୀ ଭତରା, ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଝରିଗାଁରୁ ଗୁପ୍ତ ଝାଙ୍କର,ପୂର୍ବତନ ବିଧାୟକ ସଦନ ନାୟକ,ଜିଲ୍ଲା ବିଜେପି ସଭାପତି କୁଞ୍ଜବିହାରୀ ଦାସ, ବ୍ଲକ ବିଜେଡି ସଭାପତି ବିଦ୍ୟା ମଲିକ, ପି. ନାଗର, ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ଡ଼. ଲିପିକା ମାଝୀ, ପୂର୍ବତନ ପାପଡାହାଣ୍ଡି ସରପଞ୍ଚ ବି. ଜଗନମୋହନ ରାଓ, ବରିଷ୍ଠ ଆଇନଜୀବୀ ସାଧିନ ପଟ୍ଟନାୟକ, ପି. ଭେଙ୍କେଟ ରାଓ,ପୂର୍ବତନ ପାପଡାହାଣ୍ଡି ବ୍ଲକ ଅଧ୍ୟକ୍ଷ ଲୀଙ୍ଗରାଜ ଭତରା,ପୂର୍ବତନ ନବରଙ୍ଗପୁର ଜିଲ୍ଲାପାଳ ଅଜିତ କୁମାର ମିଶ୍ର, ଜିଲ୍ଲା ବିଜେଡି ଉପସଭାପତି ବଦ୍ରି ସିଂ, ଡାବୁଗାଁ ବିଜେଡି ସଭାପତି ସୁରି ମିଶ୍ର , ବାଙ୍କ ବିଶୋଇ, ତପନ ବିଶୋଇ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଲୋକେ ଯୋଗ ଦେଇ ତାଙ୍କରି ସ୍ମୃତି ଚାରଣ କରିଥିଲେ, ଆଜି ଏହି କାର୍ଯ୍ୟକ୍ରମ କୁ ନବରଙ୍ଗପୁର ମାଟିର ସୁ ବକ୍ତା ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି, ସହିଦସ୍ମୃତି କମିଟି ର ସଭାପତି ମନୋରଞ୍ଜନ ତ୍ରିପାଠୀ ପରିଚାଳନା କରିଥିଲେ । ପୁତ୍ର ତ୍ରିନାଥ, ଶିବାନନ୍ଦ,ରବି, ନାତି ଅଜୟ, ବିଜୟ, ବିଷ୍ଣୁ, ଅନିଲଙ୍କ ସହିତ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ ।

## ଚିକିତ୍ସା ଅବହେଳାରୁ ଛାତ୍ରୀଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ରାସ୍ତାରୋକ୍, ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ଉମରକୋଟ, ୧୮ ।୧୧(ସମିସ)

ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ବୁର୍ଜା ଠାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲରେ ରହି ସପ୍ତମ ଶ୍ରେଣୀ ପାଠ ପଢୁଥିବା ଭବାନୀ ହରିଜନଙ୍କ ଗତକାଲି ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିଲା । ଉମରକୋଟ ବିଇଓ ଇଶ୍ୱର୍ ମାଝି ପ୍ରଧାନ ଶିକ୍ଷୟିତ୍ରୀ ମମତା ସ୍ୱାଇଁଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି । ଆଜି ଉମରକୋଟ ଉପଖଣ୍ଡ ହସ୍ପିଟାଲ ସମ୍ମୁଖରେ ଭବାନୀଙ୍କ ପରିବାର ଓ ତାଙ୍କ ଗାଁ ଲୋକେ, ସ୍କୁଲ କମିଟିର ସଦସ୍ୟ , ବିଜେଡ଼ି ଓ କଂଗ୍ରେସର ନେତା ଓ କର୍ମୀମାନେ ଧାରଣାରେ ବସି ୧୦ ଲକ୍ଷ ଟଙ୍କା କ୍ଷତି ପୂରଣ ଦାବି କରିଥିଲେ । କ୍ଷତି ପୂରଣ ଟଙ୍କା ନ ମିଳିବା ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ପାଇଁ ଦେବୁ ନାହିଁ ବୋଲି ଅଡି ବସିଥିଲେ । ଖବର ପାଇ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଘଟଣା ସ୍ଥଳରେ ପହଞ୍ଚି ସରକାରୀ ନିୟମ ଅନୁସାରେ ୨ ଲକ୍ଷ ଟଙ୍କା ହିଁ ଦେଇ ହେବ ବୋଲି କହି ବହୁ ବୁଝାସୁଝା କରିବା ପରେ ବି କେହି କର୍ଣ୍ଣପାତ କରିନଥିଲେ । ଆଜି ହସ୍ପିଟାଲ ପରିସରରେ ହିଁ ଭବାନୀର ପିତା କାର୍ତ୍ତିକ ହରିଜନ ଉମରକୋଟ ଥାନା ଆଇଆଇସି ରମା କାନ୍ତ ସାଏଙ୍କୁ ଏତଲା ପ୍ରଦାନ କରିଥିଲେ । ଏତଲାରେ ୩ ଦିନ ହେଲା ଝିଅର ସ୍ୱାସ୍ଥ୍ୟ ଖରାପ ଥିଲେ ସୁଦ୍ଧା ସ୍କୁଲ କର୍ତ୍ତୃପକ୍ଷ ଖବର ଦେଇ ନ ଥିଲେ, ଆଜି ଯଦି ଖବର ଦେଇ ଥାନ୍ତେ ତେବେ ମୋ ଝିଅ ବଞ୍ଚି ଯାଇଥାନ୍ତା ବୋଲି ଉଲ୍ଲେଖ କରିଛନ୍ତି । ଝିଅ ହଷ୍ଟେଲରେ ହିଁ ମୃତ୍ୟୁ ବରଣ କରିବା ପରେ ଅଟୋ ଯୋଗେ ଉମରକୋଟ ହସ୍ପିଟାଲକୁ ଆଣିଥିବା ଉଲ୍ଲେଖ କରିଛନ୍ତି । ଝିଅ ର ମୃତ୍ୟୁ ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ମମତା ସ୍ୱାଇଁ, ହଷ୍ଟେଲ ପିଅନ ଅମିତା ଭତ୍ରା, ସ୍କୁଲ ଷ୍ଟାଫ୍ ତୁଳା ମାଝିଙ୍କ ଅବହେଳା ଦାୟୀ ବୋଲି ସେ ଉଲ୍ଲେଖ କରିଛନ୍ତି । ଏମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି । ସକାଳ ୮ ଟାରୁ ୩ ଟା ପର୍ଯ୍ୟନ୍ତ ମୃତ ଛାତ୍ରୀଙ୍କ ପରିବାର ଗାଁ ଲୋକେ, ସ୍କୁଲ କମିଟି, କିଛି ଅଭିଭାବକ , ବିଜେଡ଼ି ରୁ ଉମରକୋଟ ପୌର ପରିଷଦ ର ଅଧକ୍ଷା ରାଧା ଭତ୍ରା, ବ୍ଲକ ଅଧକ୍ଷା ସୁଶୀଳା ମାଝି, ପୂର୍ବତନ ଅଧକ୍ଷ ଲାଇବନ୍ ଭକ୍ତ, ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ରାଇଘର ର ପୂର୍ବତନ ବ୍ଲକ ଅଧକ୍ଷା ନବୀନା ନାୟକ, ଉମରକୋଟ ସହର ବିଜେଡି ସଭାପତି ଚନ୍ଦନ ବେହେରା, କାଉନ୍ସିଲର ଭିକି ନାୟକ, ସଲିମ ରାଠୋର, ବୀର ସିଂ ମାଝି, ଶୁକଦେବ ଗଣ୍ଡ , ଆମ୍ବେଦକର ମଞ୍ଚର ଜିଲ୍ଲା ସଭାପତି ଶରତ ଚନ୍ଦ୍ର ପାଣିଗ୍ରାହୀ, କଂଗ୍ରେସ ଦଳର ବିଧାୟକ ପାର୍ଥି ସନରାଜ ଗଣ୍ଡ ଓ ହାରାବତୀ ଗଣ୍ଡଙ୍କ ସମେତ ଶତାଧିକ ଲୋକେ ଉପସ୍ଥିତ ଥିଲେ । ପ୍ରଶାସନ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱର ମାଝି, ଉମରକୋଟ ତହସିଲଦାର ମେଗବାନ ବାଗ, ପୁଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏ, ଥାନାର ସମସ୍ତ କର୍ମଚାରୀ, ରାଇଘର, ଝରିଗାଁ, ଡାବୁଗାଇଁ ଥାନା ଆଇଆଇସି ଓ ପୋଲିସ ଫାର୍ସ ଉପସ୍ଥିତ ରହିଛନ୍ତି । ତେବେ ୩ ଟା ସୁଦ୍ଧା ପ୍ରଶାସନ ଘଟଣାର ସମାଧାନ କରିବାରେ ବିଫଳ ହେବା ପରେ ସବୁ ଆନ୍ଦୋଳନ କାରୀ ମାନେ ଉମରକୋଟ-ନବରଙ୍ଗପୁର ମୁଖ୍ୟ ରାସ୍ତାର ମେଡିକାଲ ଛକରେ ରାସ୍ତା ଅବରୋଧ କରିଥିଲେ । ସନ୍ଧ୍ୟାରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଆସି ଆନ୍ଦୋଳନ ସ୍ଥଳ ରେ ପହଞ୍ଚି ମୃତ ଛାତ୍ରୀଙ୍କ ପରିବାର ସହ ଆଲୋଚନା କରିଥିଲେ । ଏହି ସମୟରେ ସାଂସଦ ପ୍ରଦୀପ ମାଝୀ ଜିଲ୍ଲା ଶିକ୍ଷା ଅଧିକାରୀ ଓ ତହସିଲଦାର, ଏଡିଇଓ ପ୍ରକାଶ ମହାଲିକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ । ବର୍ତ୍ତମାନ ପାଇଁ ଆନ୍ଦୋଳନ କାରୀ ମାନେ ରାସ୍ତା ଅବରୋଧରୁ ହଟିବା ସହ ଛାତ୍ରୀଙ୍କ ମରଶରୀରକୁ ବ୍ୟବଚ୍ଛେଦ ପାଇଁ ରାଜି ହୋଇ ଯାଇଥିଲେ । ଉମରକୋଟ ତହସିଲଦାର ଓ ଆଇଆଇସିଙ୍କ ଉପସ୍ଥିତିରେ ଡାକ୍ତର ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକେ ମର ଶରୀରକୁ ନେବା ପାଇଁ ରାଜି ହୋଇଥିଲେ । ତେବେ ପ୍ରଶାସନ ପକ୍ଷରୁ ଯଦି କ୍ଷତି ପୂରଣ ବାବଦକୁ ଆର୍ଥିକ ସହାୟତା ଆସନ୍ତାକାଲି ସକାଳ ସୁଦ୍ଧା ଦିଆନଯାଏ ତାହେଲେ ଆସନ୍ତା କାଲି ଉମରକୋଟ ବନ୍ଦ କରାଯିବ ବୋଲି ସୂଚନା ପ୍ରଦାନ କରିଛନ୍ତି ପୂର୍ବତନ ସାଂସଦ ପ୍ରଦୀପ ମାଝୀ ।।



# ବ୍ଲକ୍ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

କୋରାପୁଟ,୧୮ ।୧୧(ସମିସ): ଜିଲ୍ଲା ସଦର ମହକୁମାରେ କୋରାପୁଟ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, କୋରାପୁଟ ବିଡିଓ ଦେବାଶିଷ ଗୌଡ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ,ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ, ଏଡିଭିଓ ଡାକ୍ତର ପ୍ରକାଶ ମହାନ୍ତି, ଏସଡିଭିଓ ଡାକ୍ତର ସୁଦର୍ଶନ ସାହୁ,କୋରାପୁଟ ବ୍ଲକ୍ ଉପାଧ୍ୟକ୍ଷ ଶିବ ଗଲୋରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ମାନଙ୍କ ଦ୍ୱାରା ସଫଳ ଚାଷୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଏଫଓ ଦିନେଶ ଟାକ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଡାକ୍ତର ଅକ୍ଷୟ କୁମାର ଜେନା ଏବଂ ମୋବାଇଲ ଭେଟେନାରୀ ୟୁନିଟର ଡାକ୍ତର ସାବିତ୍ରୀ ସିଂ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ । ପଡୋଶୀ ରାଜ୍ୟରୁ ମାଛ ଆମଦାନୀ କମ କରିବା ଏବଂ ନିଜସ୍ୱ ମାଛ ଉତ୍ପାଦନ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି ।ଆଗମୀ ଦିନରେ ଏହାର ସୁଫଳ ମିଳିବ ବୋଲି ଜିଲ୍ଲା ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ କହିଛନ୍ତି ।କୋରାପୁଟ ଜିଲ୍ଲାରେ ୩୦୦ ହେକ୍ଟରରେ ନୂଆ ପୋଖରୀ ଏବଂ ୩୦ ହେକ୍ଟର ପୁରୁଣା ପୋଖରୀରେ ମାଛ ଚାଷ କରିବା ପାଇଁ ଚାଷୀ ମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି । ବର୍ତ୍ତମାନ ସୁଦ୍ଧା ୯୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ସେ କହିଛନ୍ତି ।

# ୭୫ ୟୁନିଟ ରକ୍ତ ସଂଗ୍ରହ

ଜୟପୁର, ୧୮ ।୧୧ (ସମିସ): ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି ) ସପ୍ତାହ ପାଳନ ଅବସରରେ ଆଜି ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ସମୁଦାୟ ୭୫ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଜିଲ୍ଲା ରକ୍ତ ଭଣ୍ଡାରକୁ ପ୍ରଦାନ କରାଯାଇଛି । ଏହି ଶିବିରରେ କୁଳାଧିପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିବା ସହ ରକ୍ତଦାତା ମାନଙ୍କୁ ପ୍ରମାଣପତ୍ର ସହିତ ସମ୍ମାନିତ କରିଥିଲେ । ବିଶ୍ୱବିଦ୍ୟାଳୟ ଏନସିସି ଅଧିକାରୀ କ୍ୟାପେଟନ ଲକ୍ଷ୍ମଣ ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନସିସି, ଏଏସଏସ, ଜୁନିୟର ରେଡକ୍ରସର ଛାତ୍ରଛାତ୍ରୀ ମାନେ ଯୋଗଦେଇ ରକ୍ତଦାନ କରିଥିଲେ । ଶିବିର ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ନାୟକ ନିଜେ ରକ୍ତଦାନ କରିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ରକ୍ତଦାନ ଶିବିରକୁ ସଫଳ କରିବାରେ କୋରାପୁଟ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ମହାସଂଘ ଏବଂ ଜୟପୁର ଏଚଡିଏଫସି ବ୍ୟାଙ୍କ ପକ୍ଷରୁ ସହଯୋଗ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ପି.ଜି କାଉନସିଲର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର, ମହିଳା ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ସନ୍ତୋଷୀ ମୁଣ୍ଡା, ଜିଲ୍ଲା ଚିକିତ୍ସାଳୟର ଡା. ରୀତ୍ୱିକ ପାଢ଼ୀ, ଯୁବ ରେଡକ୍ରସର ସମନ୍ୱୟକ ରୁସଭ୍ ସାହୁ, ଜ୍ୟୋତ୍ସ୍ନା ରାଓ ଏନଏସଏସର ଲୋକେଶ ପ୍ରଧାନ, ସୁକାନ୍ତି ଏ ଏବଂ ରକ୍ତଦାତା ପ୍ରବର୍ତ୍ତକ ପ୍ରମୋଦ ରାଉଳ, ପ୍ରମୋଦ ରାଉଳ ଓ ରକ୍ତ ଭଣ୍ଡାରର ସହଯୋଗୀ ବୁଲୁ ଗୌଡ଼, ଅଧ୍ୟାପକମାନେ ଅରୁଣ ରାଜ, ଜଳନ୍ଧର ସାହୁ, ଦୁର୍ଗା ପ୍ରସାଦ ପଣ୍ଡା ଓ ଅନ୍ୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଜୟପୁର ରକ୍ତ ଭଣ୍ଡାର କର୍ମଚାରୀ ମାନେ ରକ୍ତ ସଂଗ୍ରହରେ ସହାୟତା କରିଥିଲେ ।



# ଦୁଇ ବାଇକ୍ ମୁହାଁମୁହିଁ, ଦୁଇ ଗୁରୁତର

ବାଲିମେଳା/କୋରୁକୋଣ୍ଡା,୧୮ ।୧୧(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଗୋପବନ୍ଧୁ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଦୁଇ ଜଣ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ ବାଲିମେଳା ସ୍ଥିତ ଡ୍ରଗ ଲାଇନ୍‌ରୁ ରାବାଣା ପାତ୍ର ଓ ତାଙ୍କ ପୁଅ ସୁଧାଂଶୁ ପାତ୍ର ଓ ବିନୋଦ ବାଘ ଏକ ବାଇକ୍ ଓଡି ୩୦ ଡି ୭୧୨୬ରେ ଚିତ୍ରକୋଣ୍ଡା ଅଭିମୁଖେ ବାହାରିଥିଲେ । ଠିକ ଏହି ସମୟରେ ଏନଏସି ପଟୁ ଅନ୍ୟ ଏକ ବାଇକ୍ ଓଆର ୦୨ଟି ୪୦୪୯ ରେ ଅଜିତ ଠିକାଦାର ଓ ବିଶ୍ୱଜିତ ନିର୍ଧା ଆସୁଥିବା ସମୟରେ ଗୋପବନ୍ଧୁ ଛକ ନିକଟରେ ମୁହାଁମୁହିଁ ହୋଇଥିଲେ । ଦୁର୍ଘଟଣାରେ ରାବାଣାଙ୍କର ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଘଟଣା ସ୍ଥଳରେ ଉପସ୍ଥିତ ଥିବା ସାଧାରଣ ଲୋକ ୫ଜଣଙ୍କୁ ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଉଦ୍ଧାର କରି ବାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା ପରେ ରାବଣା ଓ ତାଙ୍କ ପୁଅ ସୁଧାଂଶୁଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ବେଳେ ଅନ୍ୟ ମାନଙ୍କୁ ଚିକିତ୍ସା ଚାଲୁ ରହିଛି । ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଓର୍କେଲ ପୁଲିସ ଏଏସଆଇ ସଞ୍ଜୀବ ଟାକିରୀ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

## ● ନାବାଳିକାଙ୍କୁ ବିବାହ ପରେ ଘରୁ ବାହାର କରିଦେବା ମାମଲା

# ଅଭିଯୁକ୍ତ ସ୍ୱାମୀ କୋର୍ଟ ଚାଲାଣ

ଜୟପୁର ୧୮ ।୧୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ମହିଳା ଥାନାରେ ଗତ ୨୦୨୨ ମସିହାରେ ୧୬ ବର୍ଷିୟା ନାବାଳିକାଙ୍କୁ ବିବାହର ଦୀର୍ଘ ୩ ବର୍ଷ ପରେ ଘରୁ ବାହାର କରିଦେବା ନେଇ ମହିଳା ଥାନାରେ ଏକ ମାମଲା ରୁଜୁ ହୋଇଛି । ଏହି ମାମଲାରେ ମହିଳା ଥାନା ପୁଲିସ ଆଜି ଅଭିଯୁକ୍ତ ସ୍ୱାମୀ କୋରାପୁଟ ଜିଲ୍ଲା ପଟାଙ୍ଗି ଗାଙ୍ଗାରାଜପୁର ଗ୍ରାମର ବସନ୍ତ ବାଙ୍କା (୨୪) ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ପୁଲିସ ସୂଚନା ଅନୁଯାୟୀ ଗତ ୨୦୨୨ ମସିହାରେ ଅଭିଯୁକ୍ତ ଯୁବକ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ କରିଥିଲେ । ଦୀର୍ଘ ୩ ବର୍ଷ ପରେ ଅଭିଯୁକ୍ତ ସ୍ୱାମୀ ନିଜ ପତ୍ନୀଙ୍କୁ ବାପ ଘରରୁ ଅଧିକ ଯୌତୁକ ଆଣିବା ନେଇ ଶାରିରୀକ ଓ ମାନସିକ ନିର୍ଯାତନା ଦେବା ସହିତ ତାଙ୍କୁ ଘରରୁ ବାହାର କରିଦେଇଥିଲେ । ବର୍ତ୍ତମାନ ପୀଡିତା ନିଜ ବାପାଙ୍କ ଘରରେ ରହୁଥିବା ବେଳେ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ । ଏଥିନେଇ ମହିଳା ଥାନାରେ ନାବାଳିକା ଉତ୍ପୀଡନ, ଯୌତୁକ ଜନିତ ନିର୍ଯାତନା ମାମଲାରେ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଆଶ୍ରିତା ଖାଲ୍‌କୋ ପ୍ରକାଶ କରିଛନ୍ତି ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜାତୀୟ ବେଦିକ୍ ସେମିନାର ଶୁଭାରମ୍ଭ



କୋରାପୁଟ,୧୮ ।୧୧(ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟରେ ଜାତୀୟ ବେଦିକ ସେମିନାର ଉଦ୍‌ଘାଟିତ ହୋଇଛି । ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ଓ ମହର୍ଷି ସନ୍ଦୀପନୀ ରାଷ୍ଟ୍ରୀୟ ବେଦ ବିଦ୍ୟା ପ୍ରତିଷ୍ଠାନର ମିଳିତ ଆୟୋଜନରେ ହୋଇଥିବା ଏହି ସେମିନାର ତିନିଦିନ ଚାଲିବ । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା,ଲାଲ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର କୁଳପତି ପ୍ରଫେସର ମୂରଲୀ ମନୋହର ପାଠକ ମୁଖ୍ୟ ଅତିଥି , ଓଡିଆ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସମ୍ମାନିତ ଅତିଥି, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସଂସ୍କୃତ ପ୍ରଫେସର ପାତଞ୍ଜାଳୀ ମିଶ୍ର ବକ୍ତା , ସିୟୁଓର ଅର୍ଥ ଅଧିକାରୀ ଦୁର୍ଯୋଧନ ସେଠୀ ଓ ସଂସ୍କୃତ ବିଭାଗର ଭାରପ୍ରାପ୍ତ ମୁଖ୍ୟ ତଥା ସେମିନାର ସମ୍ପାଦକ ଡ଼ଃ ନବୀନ କୁମାର ପ୍ରଧାନଙ୍କ ଉପସ୍ଥିତିରେ ସେମିନାରର ଉଦଘାଟନ କରିଥିଲେ । ପ୍ରଫେସର ପାଠକ କୋରାପୁଟ ଭଳି ସଂସ୍କୃତିକ ସମୃଦ୍ଧ ଅଞ୍ଚଳରେ ବେଦିକ ସେମିନାର ଆୟୋଜନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ବେଦକୁ ଦେଶର ଅମୂଲ୍ୟ ସମ୍ପଦ ବୋଲି ବାଖ୍ୟା କରିଥିଲେ । ପ୍ରଫେସର ପତଞ୍ଜଳି ମିଶ୍ର ବେଦର ସାର୍ବଜନୀନ ଆଧାତ୍ମିକ ପ୍ରସଙ୍ଗିକତା ଏବଂ ତାହାଙ୍କ ସଠିକ୍ ଅଧ୍ୟୟନ ଓ ଉଚ୍ଚାରଣ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଉପସ୍ଥିତ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ଏକ ସାରସଂଗ୍ରହ ପୁସ୍ତିକା ଉନ୍ମୋଚିତ ହୋଇଥିଲା । ଡ. ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ଡ. ସଞ୍ଜିବ ସର୍କାର ଧନ୍ୟବାଦ ଜଣାଇଲେ । ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂସ୍କୃତ ଶିକ୍ଷକ, ଶାସ୍ତ୍ରୀୟ ବିଦ୍ୱାନ ଓ ଛାତ୍ରଛାତ୍ରୀମାନେ ଉଦ†ାଟନୀ ସଭାରେ ଯୋଗ ଦେଇଥିବାବିଶ୍ୱବିଦ୍ୟାଳୟରଲୋକସମ୍ପର୍କଅଧିକାରୀଡ. ଫଗୁନାଥଭୋଇସୂଚନାଦେଇଛନ୍ତି ।

# ଫାଟକ ଉଚ୍ଛେଦ ସହ ଶୁଳ୍କ ଆଦାୟ ବନ୍ଦ ପାଇଁ ନିର୍ଦ୍ଦେଶ

## ୫ ଜଣଙ୍କୁ ନୋଟିସ

ନନ୍ଦପୁର,୧୮ ।୧୧(ସମିସ): ଦୀର୍ଘ ମାସର ବ୍ୟବଧାନ ପରେ ନାଗେଶ୍ୱରୀ ପାହାଡ଼ ପାଦ ଦେଶରେ ଶୁଳ୍କ ଆଦାୟ ଫାଟକ ସ୍ଥାପନ ହୋଇଥିଲା । ପାହାଡ଼ ପାଦ ଦେଶରେ ଫାଟକ ସ୍ଥାପନ ସଂପୂର୍ଣ୍ଣ ଅବୈଧ ବୋଲି ନନ୍ଦପୁର ତହସିଲଦାର ତଥା ସ୍ଥାନୀୟ କାର୍ଯ୍ୟକାରିଣୀ ମାଜିଷ୍ଟ୍ରେଟ ଦେବବ୍ରତ ମହାରଣା କହିବା ସହ ମଙ୍ଗଳବାର ବାଲଡ଼ା ନାଗେଶ୍ୱରୀ ପାହାଡ଼ ପାଦ ଦେଶରେ ପହଞ୍ଚି ବନ ସୁରକ୍ଷା କମିଟି ସହ ଆଲୋଚନା କରିବା ସହ ଅବୈଧ ଫାଟକ ଉଚ୍ଛେଦ କରିବା ସହ ପାହାଡ଼ ଉପରେକୁ ଯିବା ଆସିବା ଯାନବାହାନ ଉପରେ ଶୁଳ୍କ ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମଙ୍ଗଳବାର ନନ୍ଦପୁର ତହସିଲଦାର ଶ୍ରୀ ମହାରଣା ପାଡୁଆ ଥାନା ଏସ୍‌ଆଇ ଦୀପକ କୁମାର ବାରିକଙ୍କ ସହ ଏକ ପୁଲିସ୍ ଟିମ୍ ନେଇ ଘଟଣା ସ୍ଥଳରେ ପହଞ୍ଚି ବନ ସୁରକ୍ଷା କମିଟି ସହ ଫାଟକ ଉଚ୍ଛେଦ ନେଇ ଆଲୋଚନା କରିଥିଲେ । ତେବେ ବନ ସୁରକ୍ଷା କମିଟି ଦ୍ୱାରା ସ୍ଥାପନ ଶୁଳ୍କ ଆଦାୟ ଫାଟକ ଅବୈଧ ଥିବା ନେଇ ତହସିଲଦାର କମିଟିର ୫ ଜଣଙ୍କ ନାମରେ ନୋଟିସ୍ କରିବା ସହ ଫାଟକ ଉଚ୍ଛେଦ ନେଇ ନିର୍ଦ୍ଦେଶ କରିଛନ୍ତି । ତେବେ କମିଟି ପକ୍ଷରୁ ପେଶା ଆଇନ ବଳରେ ନିଜ ଅଞ୍ଚଳ, ଜଳ, ଜମି ଜଙ୍ଗଲ ଉପରେ ଅଞ୍ଚଳବାସୀଙ୍କ ଅଧିକାର ବୋଲି କହି ଦାବବିକରିଥିଲେ କମିଟି ସଦସ୍ୟ ମାନେ । ସେପଟେ ରାଜସ୍ୱ ଜମିରେ ଅବୈଧ କାର୍ଯ୍ୟକଳାପ ନେଇତହସିଲଦାରଶ୍ରୀମହାରଣାଶୁଳ୍କଆଦାୟବନ୍ଦସହଫଟାକଉଚ୍ଛେଦନେଇଯୁକ୍ତକରିଥିଲେ ।



## ● କୋଲାବ୍ ବ୍ରିଜ୍ ସୁରକ୍ଷା ନେଇ ରାସ୍ତାରୋକ୍

# ପ୍ରଶାସନର ପ୍ରତିଶ୍ରୁତି ପରେ ଓହରିଲା ସୁରକ୍ଷା ମଞ୍ଚ

ବୈପାରିଗୁଡ଼ା,୧୮ ।୧୧(ସମିସ): ପାତ୍ରପୁଟ ଲୁହାପୋଲ ସୁରକ୍ଷା ନେଇ ତାତିଲେ ଲୋକେ । ରାଜରାସ୍ତାକୁ ଓଲ୍ଲେଇଲେ ଏବଂ ୩ ଘଣ୍ଟିଆ ରାସ୍ତାରୋକ କଲେ । ସକାଳ ୭ଟାରୁ ଦିନ ଦଶଟା ପର୍ଯ୍ୟନ୍ତ ରାସ୍ତାରୋକ ହୋଇଥିଲା । ରାଞ୍ଚି- ବିଜୟୱାଡା ୩୨୬ ନମ୍ବର ଜତୀୟ ରାଜପଥ ପୋଲ ନିକଟରେ ରାସ୍ତା ଅବରୋଧ କରାଯାଇଥିଲା । ପ୍ରଶାସନ ପ୍ରତିଶ୍ରୁତି ପରେ ଆନ୍ଦାଳନରୁ ଓହରିଲା ସୁରକ୍ଷା ମଞ୍ଚ । ବୈପାରିଗୁଡା ବ୍ଲକର ମହୁଲି ପଞ୍ଚାୟତ ଅନ୍ତର୍ଗତ କୋଟା ଛକ ନିକଟରେ କଲବ ନଦୀ ଉପରେ ୧୯୩୧ ମସିହାରେ ବ୍ରିଟିଶ ସମୟରେ ଲୁହା ପୋଲ ନିର୍ମାଣ ହୋଇଥିଲା । କିନ୍ତୁ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ଏହାର ମରାମତି ହେଉନାହିଁ । ଆଜି ବୈପାରିଗୁଡା ସୁରକ୍ଷା ମଞ୍ଚ ଆଜି ରାସ୍ତାରୋକ କରିଥିଲେ । ରାସ୍ତାରୋକ ଖବର ପାଇ ବୈପାରିଗୁଡା ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ସ୍ନିଗ୍ଧା ଚୌଧୁରୀ ଏବଂ ଜାତୀୟ ରାଜପଥ ବିଭାଗ ଯନ୍ତ୍ରୀ ଗୌରାଙ୍ଗ ମାଝୀ ଘଟଣାସ୍ଥଳରେ ପହଞ୍ଚି ବୈପାରୀଗୁଡା ପୋଲିସ ଉପସ୍ଥିତିରେ ବୁଝାସୁଝା କରିଥିଲେ । ଜାନୁୟାରୀ ୧୫ ତାରିଖରୁ ନୂତନ ବ୍ରିଜ୍ କାମ ଆରମ୍ଭ ହେବା ସହ ବ୍ରିଟିଶ ଅମଳର କୋଲାବ ବ୍ରିଜର ମରାମତି କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକରୁ ଓହରିଥିଲା ସୁରକ୍ଷା ମଞ୍ଚ ।



## ସ୍ୱୟଂ ସହାୟକ ଗ୍ରୁପ୍‌କୁ ଋଣ ଅର୍ଥ ପ୍ରଦାନ

ପାପଡାହାଣ୍ଡି, ୧୮ ।୧୧(ସମିସ): ପାପଡାହାଣ୍ଡି ସ୍ଥିତ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଠାରେ ପାପଡାହାଣ୍ଡି ବ୍ଲକ ହାତୀବେଡା ପଞ୍ଚାୟତ ଅନ୍ତର୍ଗତ କେରଣ୍ଡି ଗ୍ରାମର ଜିହବା ଜିରୀ ମହିଳା ସ୍ୱୟଂସହାୟକ ଦଳକୁ ପାପଡାହାଣ୍ଡି ଲ୍ୟାମ୍ପ୍‌ସର ଅନୁମୋଦନ କ୍ରମେ ବ୍ୟାଙ୍କ ମ୍ୟାନେଜର ସବିତା ମୁଣ୍ଡାରୀ, ଲ୍ୟାମ୍ପ୍‌ସ ସଭାପତି ସଦାଶିବ ନାୟକ, ଆକାଉଣ୍ଟାଣ୍ଟ ପ୍ରଶାନ୍ତ ଦାଶ, ଏମଡି ଇସ୍ମାଇଲ ସୋନଫୁଲ, ବିଆଇସି ମହେନ୍ଦ୍ର କୁମାର ଲେଙ୍କା, ଡିଓ ଅଭିଷେକ ପଟ୍ଟନାୟକଙ୍କ ଉପସ୍ଥିତିରେ ଏକ ଲକ୍ଷ ତିରଶ ହଜାର ଟଙ୍କା ଋଣ ଅର୍ଥ ପ୍ରଦାନ କରାଯାଇଛି, ଏହି ଅର୍ଥକୁ ମହିଳା ସଂଘ ନେଇ ବ୍ୟବସାୟରେ ବିନିଯୋଗ କରି ମାସିକ କିସ୍ତିରେ ପରଶୋଧ କରିବେ ବୋଲି ପ୍ରକାଶ କରିଛନ୍ତି ।

# ନିଶାମୁକ୍ତ ଭାରତ ନେଇ ଶପଥ ପାଠ

ଜୟପୁର ୧୮ ।୧୧ (ସମିସ): ଜୟପୁର ପୌରସଂସ୍ଥାର ସମ୍ମିଳନୀ କକ୍ଷ ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ପ୍ରଦାନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା । ଏଥିରେ ଜୟପୁର ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଏ, ଶଶ୍ୟା ରେ‡, ଉପାଧ୍ୟକ୍ଷା ବି ସୁନିତା, ଅତିରିକ୍ତ ପୌର କାଯ୍ୟନିର୍ବାହୀ ଅଧିକାରୀ ପୁଜା ରାଉତ ଉପସ୍ଥିତ ରହି କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ଜୟପୁର ପୌରାଞ୍ଚଳରେ ୧୮୬ ହୀତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ।ଏହିଅବସରରେକୋରାପୁଟଜିଲାକୁନିଶାମୁକ୍ତକରିବାକୁସଂକଳ୍ପନିଆଯାଇଛି ।।

# ଆମ୍ବାଗୁଡାର ଜବରଦଖଲ ଜମିକୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ପ୍ରଦାନ ଦାବି

ଜୟପୁର, ୧୮ ।୧୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟକୁ ଗତକାଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ବିଭାଗ ପକ୍ଷରୁ ସ୍ଥାୟୀନୀ ତହସିଲ ରଣ୍ଡାପାଲ୍ଲୀ ମୌଜାର ୪୦ ଏକର ଜମି ପ୍ରଦାନ କରିଛନ୍ତି । ଏହି ଜମିରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନ, ବିଭିନ୍ନ ବିଭାଗର ପାଠ୍ୟକ୍ରମ ଭବନ, ଖେଳପଡିଆ, ସମ୍ମିଳନୀ କକ୍ଷ, ଅଡିଟରିୟମ ପ୍ରଭୃତି ନିର୍ମାଣ ହେବ । ସେହିପରି ପ୍ରାୟ ୩୦୦ ଶହରୁ ଉହରୁ କର୍ମଚାରୀଙ୍କ ବାସଭବନ, ସମ୍ମିଳନୀ କକ୍ଷ, ପାର୍କ, ସ୍ୱାସ୍ଥ୍ୟ କେନ୍ଦ୍ର, ପୁଲିସ ଫାଣ୍ଡି, ଡାକଘର, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ସ୍ଥାପନା ନିୟମ ଅନୁଯାୟୀ ଆବଶ୍ୟକ ଭବନ ଗୁଡିକ ନିର୍ମାଣ ପାଇଁ ୩୦ରୁ ୫୦ ଏକର ଜମି ଆବଶ୍ୟକତା କରୁଛି । ଏହିପରି ବିଶ୍ୱବିଦ୍ୟାଳୟର ଆବଶ୍ୟକ ଅନୁଯାୟୀ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ରାଜସ୍ୱ ବିଭାଗ ନିକଟରେ ୭୦ରୁ ୭୨ ଏକର ଜମି ପାଇଁ ଆବେଦନ କରିଖଥିଲେ । ବର୍ତ୍ତମାନ ରଣ୍ଡାପାଲ୍ଲୀ ମୌଜାରେ ପ୍ରଦାନ କରଯାଇଥିବା ୪୦ ଏକର ପତିତ ଜମି ସଂଲଗ୍ନରେ ୩୦ ଏକର ଗୋଚର ଏବଂ ଜଙ୍ଗଲ ଜମି ରହିଥିଲେ ସୁଦ୍ଧା ହାକୁ ପ୍ରଦାନ କରିବାରେ ବିଭିନ୍ନ ସରକାରୀ ଓ ଆଇନଗତ ସମସ୍ୟା ସୃଷ୍ଟି ରହିଥିବା ଯୋଗୁଁ ରାଜସ୍ୱ ବିଭାଗ ପକ୍ଷରୁ କେବଳ ପତିତ ଜମି ପ୍ରଦାନ କରିଛନ୍ତି । କିନ୍ତୁ ବିଶ୍ୱବିଦ୍ୟାଳୟର ନୂତନ ଭବନ ଏବଂ ଅନ୍ୟାନ୍ୟ ଆନସଙ୍ଗିକ ଭିତ୍ତିଭୂମି ନିର୍ମାଣ ପାଇଁ ଆବଶ୍ୟକ କରୁଥିବା ପ୍ରାୟ ୩୦କୁ ୫୦ ଏକର ଜମି ଆବଶ୍ୟକ କରଛି । ଏହି ଜମି ରଣ୍ଡାପାଲ୍ଲୀ ମୌଜାର ନିକଟସ୍ଥ ଆମ୍ବାଗୁଡା ମୌଜାରେ ପୁରାତନ ଦଣ୍ଡକାରଣ୍ୟ ପ୍ରକଳ୍ପ ପାଇଁ ପ୍ରାୟ ୪୦ରୁ ୫୦ ଏକ ଜମି ରହିଛି । ଏଥିରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ନିର୍ମାଣ ହୋଇଥିବା ପୁରାତନ ଘର ରହିଛି । ଏହି ପ୍ରକଳ୍ପ ପ୍ରାୟ ୮୦ ଦଶକରେ ବନ୍ଦ ହୋଇଥିଲା , ସେତେବେଳେ ଏଥିରୁ କିଛି ଜମି ଓ ଘର ସରକାରୀ ଆଇଟିଆଇ ଏବଂ ଜଳସେଚନ ବିଭାଗ ପ୍ରଦାନ କରାଯାଇଛି । ବଳକା ରହିଥିବା ଘର ଓ ଜମିକୁ ଜବରଦଖଲକାରୀ ମାନେ ଦୀର୍ଘ ବର୍ଷ ହେଲାଣି ଜବରଦଖଲରେ ରଖିଛନ୍ତି । ଏହିପରି ଅନେକ ଗୃହରେ ଅସମାଜିକ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳୀ ସହିତ ଅନୈତିକ କାର୍ଯ୍ୟ କରାଯାଉଛି । ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ କାର୍ଯାନୁଷ୍ଠାନ ସ୍ୱରୁପା ଉକ୍ତ ଜମି ଓ ଘରକୁ ଜବରଦଖଲକାରୀ ମାନଙ୍କ ନକିଟରୁ ଉଚ୍ଛଦ କରିବାକୁ ବୁଦ୍ଧିଜୀବି ଏବଂ ସାଧାରଣରେ ଦାବି ସହିତ ଏହାକୁ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରିବାକୁ ମତାମତ ଦେଇଛନ୍ତି । ଏହିପରି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପକ୍ଷରୁ ଆବଶ୍ୟକ ଜମି ନେଇ ପୁନଃର୍ବାର ଆବଦେନ କରିଯିବ ବୋଲି ସୂଚନା ମିଳିଛି ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଦେଓଗାଁରେ ଇଥାନଲ କାରଖାନାକୁ ବିରୋଧ କରି ବିକ୍ଷୋଭ






**ସମ୍ବଲପୁର, ୧୮।୧୧ (ସମିସ)**

ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଦେଓଗାଁ ଠାରେ ଇଥାନଲ୍ କାରଖାନା ପ୍ରତିଷ୍ଠାକୁ ବିରୋଧ କରି ମଙ୍ଗଳବାର ବହୁସଂଖ୍ୟାରେ ଅଞ୍ଚଳବାସୀ ରାଲିରେ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ଏହାପରେ ସୁରକ୍ଷା ସମିତି ପକ୍ଷରୁ ଆର୍‌ଡିସିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଦେଓଗାଁ ସୁରକ୍ଷା ସମିତି ଆହ୍ୱାନରେ ଶହ ଶହ ମହିଳା ଓ ପୁରୁଷ ତ୍ରିରଙ୍ଗା ଓ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୁରକ୍ଷା ସମିତିର ସୁଧୀର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବରିଷ୍ଠ କଂଗ୍ରେସ ନେତା ଆସଫ ଅଲୀ ଖାନ ଇଥାନଲ କାରଖାନା ଯୋଗୁଁ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଇ ଏହାଦ୍ୱାରା ଗ୍ରାମବାସୀ ବିଭିନ୍ନ ରୋଗଗ୍ରସ୍ତ ହେବାର ଆଶଙ୍କା ରହିଛି ବୋଲି କହିଥିଲେ। ଏହାସହ କାରଖାନାରୁ ନିର୍ଗତ ଦୂଷିତ ଓ ବିଷାକ୍ତ ଜଳ ମହାନଦୀକୁ ଛାଡ଼ିବ। ପୁଣି ଏହି ସ୍ଥାନର ନିକଟରେ ହାତୀ ଗତିପଥ ଥିବାବେଳେ ସଂରକ୍ଷିତ ଜଙ୍ଗଲରେ କାରଖାନାକୁ ଅନୁମତି କିପରି ମିଳିଲା ବୋଲି ପ୍ରଶ୍ନ କରିଥିଲେ। କାରଖାନା କେଉଁଠ୍ ଜାଗାରେ ପ୍ରତିଷ୍ଠା ହୋଇପାରିବ ତାହାକୁ ନେଇ ପରିବେଶ ବିଭାଗର ନୀତିନିୟମ ସେ ପ୍ରଦର୍ଶିତ କରିବାସହ ଏହା ଖୋଲାଖୋଲି ଉଲ୍ଲଂଘନ ବୋଲି ସେ ଅଭିଯୋଗ କରିଥିଲେ। ଇଥାନଲ କାରଖାନାକୁ ତୁରନ୍ତ ବନ୍ଦ କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବାକୁ କଂଗ୍ରେସ ନେତା ଶ୍ରୀ ଖାନ ଚେତାବନୀ ଦେଇଥିଲେ। ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ଜୟବ୍ରତ ଦେ କହିଲେ ଯେ, ଏହି କାରଖାନା ପ୍ରତିଷ୍ଠା ହେବାଦ୍ୱାରା ମହାନଦୀ କୂଳରେ ବସବାସ କରୁଥିବା ଗ୍ରାମବାସୀଙ୍କ ଜୀବନ ବିପଦାପନ୍ନ ହେବ। ତାହାସହିତ ଅଞ୍ଚଳବାସୀ ବିଭିନ୍ନ ରୋଗଗ୍ରସ୍ତ ହେବା ଆଶଙ୍କା ରହିଛି। କାରଖାନାକୁ ବିରୋଧ କରୁଥିବା ଗ୍ରାମବାସୀଙ୍କୁ ଧମକଚମକ ବିଷୟରେ ଉଲ୍ଲେଖ କରିବାସହ କମ୍ପାନୀ ପାଇଁ ଅନୁମତି ଦେଇଥିବା ତତ୍‌କାଳୀନ ଡିଏଫ୍‌ଓ ଓ ଅନ୍ୟ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା ବୋଲି କହିଥିଲେ। ପୂର୍ବତନ ରେଙ୍ଗାଲି ବିଧାୟକ ଦୁର୍ଯ୍ୟୋଧନ ଗର୍ଡ଼ିଆ, ରେଙ୍ଗାଲି ଜିଲା ପରିଷଦ ସଦସ୍ୟ ଦେ'ନାରାୟଣ ତିୱାରୀ, ରେଙ୍ଗାଲି ବରିଷ୍ଠ ନାଗରିକ ସମାଜର ଅନ୍ତର୍ଯ୍ୟାମୀ ପାଣି ପ୍ରମୁଖଙ୍କ ସହ ଦେଓଗାଁର ମହିଳା ଓ ପୁରୁଷ ମାନେ ପ୍ରତିବାଦ ସଭାରେ ବକ୍ତବ୍ୟ ରଖି ଇଥାନଲ କାରଖାନା ପ୍ରତିଷ୍ଠାକୁ ଦୃଢ଼ଭାବେ ବିରୋଧ କରିଥିଲେ।

## ୧୧୬ ଗ୍ରାମ ବ୍ରାଉନସୁଗର ଜବତ
# ୩ ମହିଳା ସମେତ ୫ ଗିରଫ

**ସମ୍ବଲପୁର, ୧୮।୧୧ (ସମିସ):** ପୁଣି ସମ୍ବଲପୁରରେ ବ୍ରାଉନ ସୁଗର ଜବତ ହୋଇଛି। ତାହା ପୁଣି ୧୦୦ ଗ୍ରାମରୁ ଅଧିକ। ଏହି ମାମଲାରେ ପୁଲିସ ୩ ଜଣ ମହିଳାଙ୍କ ସମେତ ୫ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲିର ମହମ୍ମଦ ସୋହେଲ (୨୩) ଓ ମହମ୍ମଦ ନୁମାନ (୨୫), ମୋତିଝରନ କ୍ଷେତିପଡ଼ାର ରେଶମା ଖାତୁନ ଓରଫ ନେହା (୩୩), ସୁନାପାଲି ଗୌନ୍ତିଆପଡ଼ାର କୁରେଶା ଓରଫ ରୁବି ଖାତୁନ୍ (୩୦) ଏବଂ ସୁନାପାଲିର ଲକ୍ଷ୍ମୀ ଓରାମ (୩୦)। ଏନେଇ ସଦର ଏସଡିପିଓ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି।

ଏଏସ୍‌ପି ଶ୍ରୀ ବାରିକଙ୍କ ସୂଚନା ଅନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଆଜି ପୂର୍ବାହ୍ନ ୧୦ଟା ୪୫ ମିନିଟ ସମୟରେ ଟାଉନଥାନା ପୁଲିସ ସଦଳବଳେ ଭିଏସ୍‌ଏସ୍ ମାର୍ଗସ୍ଥିତ ଏକ ମଲ୍ ପଛପଟେ ଥିବା ସ୍ଥାନରେ ଚଢ଼ଉ କରି ବ୍ରାଉନ ସୁଗର କାରବାର କରୁଥିବା ଦୁଇଜଣ ଅଭିଯୁକ୍ତ



ମହମ୍ମଦ ସୋହେଲ୍ ଓ ମହମ୍ମଦ ନୁମାନକୁ ଗିରଫ କରିଛି। ସେମାନଙ୍କ ଠାରୁ ମୋଟ ୧୧୬ ଗ୍ରାମ ବ୍ରାଉନ ସୁଗର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହାସହ ଅଭିଯୁକ୍ତଙ୍କ ଠାରୁ ୪ଟି ଧଳାକାଗଜ, ଦୁଇଟି ଚାମଚ, ୫ଟି ମୋବାଇଲ ଫୋନ ଓ ନଗଦ ୬ ଶହ ଟଙ୍କା ପୁଲିସ ଜବତ କରିଛି। ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚୁରା କରାଯାଇଥିଲା। ସେମାନଙ୍କ ସୂଚନା ଆଧାରରେ ବ୍ରାଉନ ସୁଗର କାରବାର କରୁଥିବା ୩ ଜଣ ମହିଳାଙ୍କୁ ଅଟକ ରଖି ପଚରାଉଚୁରା ପରେ ଗିରଫ କରାଯାଇଥିଲା। ଟାଉନ ଥାନା କେସ୍ ନଂ. ୩୭୨ / ୧୮.୧୧.୨୦୨୫ ଦଫା ୨୧(ବି) / ୨୯ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁକରି ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ପୁଲିସ କହିଛି। ସେମାନେ କଲିକତାରୁ ବ୍ରାଉନସୁଗର ଆଣି ଏଠାରେ ବିକ୍ରୟ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଏଏସ୍‌ପି ଶ୍ରୀ ବାରିକ କହିଛନ୍ତି। ବ୍ରାଉନ ସୁଗର କାରବାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଅଧିକ ତଦନ୍ତ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

## 'ଆଧୁନିକ ହିନ୍ଦୀ ସାହିତ୍ୟର ଅବସ୍ଥା ଏବଂ ଦିଗ' ଆଲୋଚନାଚକ୍ର
# 'ସ୍ରଷ୍ଟା ମହାନ ନୁହଁନ୍ତି ତାଙ୍କର ଦୃଷ୍ଟିକୋଣ ମହାନ'



**ସମ୍ବଲପୁର, ୧୮।୧୧ (ସମିସ):** ଜଣେ ଲେଖକ ମହାନ ନୁହଁନ୍ତି, କିନ୍ତୁ ତାଙ୍କର ଦୃଷ୍ଟିକୋଣ ମହାନ। ସେ ତାଙ୍କ ସମୟ, ସଂଘର୍ଷ ସହିତ ଜଡ଼ିତ ହୁଅନ୍ତି ଏବଂ ଅଭିଜ୍ଞତାକୁ ପାଥେୟ କରି ଭବିଷ୍ୟତ ପିଢ଼ିକୁ ମାର୍ଗଦର୍ଶନ କରନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଦ୍ୱାରା ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜିତ ବକ୍ତୃତାମାଳାର ଏକ ଅଂଶ ଭାବରେ 'ଆଧୁନିକ ହିନ୍ଦୀ ସାହିତ୍ୟର ଅବସ୍ଥା ଏବଂ ଦିଗ' ଉପରେ ବକ୍ତବ୍ୟ ରଖି ଅତିଥି ବକ୍ତା ପଶ୍ଚିମବଙ୍ଗ ରାଜ୍ୟ ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗାଧ୍ୟକ୍ଷ ପ୍ରଫେସର ଅରୁଣ ହୋତା ଏହି ମନ୍ତବ୍ୟ ଦେଇଥିଲେ। ପ୍ରଫେସର ହୋତା ହିନ୍ଦୀ ସାହିତ୍ୟରେ ଆଧୁନିକ ଯୁଗର ଆଗମନ କାଳରୁ ଅବସ୍ଥା ଏବଂ ଦିଗ ଏବଂ ଆଜି ପର୍ଯ୍ୟନ୍ତ ଭାରତେନ୍ଦୁଙ୍କ ଅବଦାନ ଉପରେ ନିଜର ମତାମତ ରଖିଥିଲେ। ଅତିଥି ବକ୍ତା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ପ୍ରଫେସର ଜୟନ୍ତ କରଶର୍ମା କହିଛନ୍ତି ଯେ ଆଧୁନିକ ଯୁଗରେ ହିନ୍ଦୀ ନିରନ୍ତର ଉନ୍ନତି କରୁଛି ଏବଂ ଭବିଷ୍ୟତରେ ଏକ ବିଶ୍ୱ ଭାଷା ହେବାର ପୂର୍ଣ୍ଣ ସମ୍ଭାବନା ରହିଛି। ଆମ ସମସ୍ତଙ୍କୁ ଏହାର ଦିଗ ଉପରେ ନିର୍ଣ୍ଣୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ କହିଛନ୍ତି ଯେ ଦକ୍ଷତା ବିକାଶ ସହିତ ହିନ୍ଦୀକୁ ସମନ୍ୱିତ କରିବା ପାଇଁ ପ୍ରୟାସ କରାଯିବା ଉଚିତ। ଅନୁବାଦ ଭଳି ବିଷୟଗୁଡ଼ିକ ଏକ ପ୍ରମୁଖ କ୍ଷେତ୍ର ଭାବରେ ଉଭା ହୋଇଛି। ସେ ନୂତନ ପିଢ଼ିକୁ ଆଗକୁ ଆସିବାକୁ ଆହ୍ୱାନ କରିଥିଲେ ଏବଂ ଆନ୍ତଃବିଷୟିକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ କହିଥିଲେ ଯେ ହିନ୍ଦୀ ଭାରତକୁ ଏକତ୍ର ସୂତ୍ରରେ ବାନ୍ଧିବାରେ ସାହାଯ୍ୟ କରେ। ଉପକୁଳସଚିବ ଡ. ଉମାଚରଣ ପତି କହିଥିଲେ ଯେ ହିନ୍ଦୀ କେବଳ ଏକ ଭାଷା ନୁହେଁ ବରଂ ସମସ୍ୟାର ସମାଧାନ ମଧ୍ୟ ଅଟେ। ହିନ୍ଦୀ ବିଭାଗ ସଂଯୋଜକ ଡଃ ରଞ୍ଜନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ଦାଶରଥୀ ବେହେରାଙ୍କ ସଂଯୋଜନାରେ ଆୟୋଜିତ ବକ୍ତୃତାମାଳାରେ ଡ. ପ୍ରଣତି ବେହେରା ଅତିଥି ପରିଚୟ ଦେଇଥିଲେ। ଶେଷରେ ଡ. ସ୍ମୃତିସ୍ମରଣିକା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ସଡ଼କ ସାଇକ୍ଲିଙ୍ଗ ଚାମ୍ପିଅନ୍‌ସିପ୍
# ଡିସେମ୍ବର ୨ରୁ ସମ୍ବଲପୁରରେ ଆୟୋଜନ

**ସମ୍ବଲପୁର, ୧୮।୧୧(ସମିସ)**




ଜାତୀୟ ସଡ଼କ ସାଇକ୍ଲିଙ୍ଗ ଚାମ୍ପିଅନ୍‌ସିପ୍ ଦ୍ୱିତୀୟଥର ପାଇଁ ଓଡ଼ିଶାରେ ଏବଂ ପ୍ରଥମକରି ସମ୍ବଲପୁରରେ ଡିସେମ୍ବର ୨ରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବବର୍ଷ ପୁରୀରେ ସଫଳତାର ସହ ଆୟୋଜିତ ନେସନାଲ ରୋଡ ସାଇକ୍ଲିଙ୍ଗ ଚାମ୍ପିଅନସିପ ପରେ ଓଡ଼ିଶା ପକ୍ଷରୁ ଏହା ଦ୍ୱିତୀୟ ପର୍ଯ୍ୟାୟର ଆୟୋଜନ। ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସଭାକକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟନାରାୟଣ ତାଣ୍ଡି, ସାଇକଲ ଫେଡେରେସନ ଅଫ ଇଣ୍ଡିଆର କମିସିଓର ଏମ୍.କେ ପାଶା ଓ ଟେକ୍ନିକାଲ ହେଡ ଅଜିତ ସିଂ, ଓଡ଼ିଶା ସାଇକଲ ଆସୋସିଏସନ୍‌ର ଜେନେରାଲ ସେକ୍ରେଟାରୀ ପ୍ରସନ୍ନ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ୩୦ତମ ନେସନାଲ ରୋଡ୍ ସାଇକ୍ଲିଙ୍ଗ ଚମ୍ପିଆନସିପ୨୦୨୫ ଆସନ୍ତା ଡିସେମ୍ବର ମାସ ୨ ରୁ ୬ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରରେ ଆୟୋଜିତ ହେବ। ସାଇକ୍ଲିଙ୍ଗ ଫେଡେରେସନ୍ ଅଫ୍ ଇଣ୍ଡିଆର ଅଧିନରେ ଓଡ଼ିଶା ସାଇକ୍ଲିଙ୍ଗ ଏସୋସିଏସନ୍ ଦ୍ୱାରା ଏହି ଚମ୍ପିଆନସିପ ଆୟୋଜନ କରାଯାଉଛି। ଏହାପାଇଁ ଓଡ଼ିଶା ସରକାର ଓ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯାଉଛି।

ପ୍ରଥମଥର ପାଇଁ ପଶ୍ଚିମ ଓଡ଼ିଶାରେ ଜାତୀୟ ସଡକ ସାଇକ୍ଲିଙ୍ଗ ଚାମ୍ପିଅନସିପ ଆୟୋଜିତ ହେବ ଯାହା ଏକ ଐତିହାସିକ ଘଟଣା। ଦେଶର ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ହଜାରରୁ ଅଧିକ ସାଇକ୍ଲିଷ୍ଟ ପ୍ରତିଯୋଗିତାରେ ଭାଗ ନେବେ। ସେଥିରୁ ପ୍ରାୟ ୪୦୦ ଜଣ ମହିଳା ପ୍ରତିଯୋଗୀ ଅଛନ୍ତି, ଯାହା ମହିଳାମାନଙ୍କ ଭାଗୀଦାରିରେ ନୂତନ ଦୃଶ୍ୟପଟ ସୃଷ୍ଟି କରିବ। ଦେଶର ସିନିଅର, ଜୁନିଅର ଓ ସବ୍-ଜୁନିଅର ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ। ମ୍ୟାନେଜର୍ସ ମିଟିଂ ୨୦୨୫ ଡିସେମ୍ବର ୧ ତାରିଖରେ ହେବ ଓ ଡିସେମ୍ବର ୨ ତାରିଖ ସକାଳ ୯ ଟାରେ ଆଧିକାରିକ ଭାବେ ଫ୍ଲାଗ୍-ଅଫ୍ କରାଯିବ। ଓଡ଼ିଶା ସାଇକ୍ଲିଙ୍ଗ ଏସୋସିଏସନ୍‌ମାନଙ୍କ ପକ୍ଷରୁ ସମସ୍ତ ଖେଳାଳି, କୋଚ୍, ମ୍ୟାନେଜର୍ ଓ ଟେକ୍ନିକାଲ୍ ଅଫିସିଆଲ୍ ମାନଙ୍କ ପାଇଁ ଆଶ୍ରୟସ୍ଥଳୀ, ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧା କରାଯାଇଛି।

ସିନିଅର, ଜୁନିଅର ଓ ସବ୍‌ଜୁନିଅର ଶ୍ରେଣୀରେ ମୋଟ ୨୫ଟି ଇଭେଣ୍ଟ ଆୟୋଜିତ ହେବ। ସବ୍-ଜୁନିଅର ଶ୍ରେଣୀ ପାଇଁ ନ୍ୟୁନତମ ଦୂରତା ୨୦ କିଲୋମିଟର,

- ପୁରୀ ପରେ ଦ୍ୱିତୀୟଥର ପାଇଁ ଓଡ଼ିଶାରେ ଆୟୋଜନ
- ସାରା ଦେଶରୁ ୧ ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ
- ଭାଗନେବେ ୪୦୦ ମହିଳା ପ୍ରତିଯୋଗୀ
- ୧୫ କୋଟି ଟଙ୍କାର ସାଇକଲ ଆସିବ
- ମନୋନୀତ ପ୍ରତିଯୋଗୀ ଜାପାନରେ କରିବେ ଭାରତକୁ ପ୍ରତିନିଧିତ୍ୱ

ସିନିଅର ପୁରୁଷଙ୍କ ପାଇଁ ସର୍ବାଧିକ ଦୂରତା ୧୫୦ କିଲୋମିଟର ଏବଂ ବିଭିନ୍ନ ବର୍ଗ ଅନୁଯାୟୀ ଗତି ପ୍ରତିଘଣ୍ଟା ୪୮ ରୁ ୫୫ କିଲୋମିଟର ରହିବ। ରେସ୍ ସମ୍ପାଦନା ପାଇଁ ଏନ୍‌ଏଚ୍ ୫୫ର ମା' ବାଟମଙ୍ଗଳା ଛକରୁ ମାନେଶ୍ୱର ପର୍ଯ୍ୟନ୍ତ ୧୦ କିଲୋମିଟର ରାସ୍ତାକୁ ପୂର୍ଣ୍ଣ ଭାବେ ବନ୍ଦ କରି ସଫା-ସୁତୁରା କରାଯାଇ, ବିଶ୍ୱ ମାନକ ଅନୁଯାୟୀ ପ୍ରସ୍ତୁତ କରାଯିବ। ଏହା ପାଇଁ ରୁଟ୍ ସ୍ୱିପିଂ, ଟ୍ରାଫିକ୍-ଫ୍ରି କରିଡର୍, ଆପାତକାଳୀନ ଚିକିତ୍ସା ସୁବିଧା, ଟେକ୍ନିକାଲ୍ ଅଫିସିଆଲ୍ ମାନଙ୍କ ନିଯୁକ୍ତି ଓ ବ୍ୟାରିଅର ମ୍ୟାନେଜମେଣ୍ଟ ତଥା ଦର୍ଶକ ସୁରକ୍ଷା ବ୍ୟବସ୍ଥା ରହିବ।

ଏହି ଚାମ୍ପିଅନସିପରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ଜାପାନରେ ହେବାକୁ ଥିବା ଆସନ୍ତା ଏସିଆନ୍ ଗେମ୍ସ ପାଇଁ ଭାରତ ପକ୍ଷରୁ ଚୟନ କରାଯିବ। ଏହାଦ୍ୱାରା ଭାରତର ଆଗାମୀ ଅନ୍ତର୍ଜାତୀୟ ସାଇକ୍ଲିଙ୍ଗ କ୍ଷେତ୍ରର ଭବିଷ୍ୟତ ଗଢ଼ିଉଠିବ। ଏହି ଚାମ୍ପିଅନସିପ ମାଧ୍ୟମରେ ପ୍ରାୟ ୧୫ କୋଟି ଟଙ୍କା ବ୍ୟୟରେ ଉଚ୍ଚ ମାନକ ରେସିଂ ସାଇକଲ ଓ ଉପକରଣ ସମ୍ବଲପୁରରେ ପହଞ୍ଚିବ। ଏହାଦ୍ୱାରା ପଶ୍ଚିମ ଓଡ଼ିଶା ଅଞ୍ଚଳ ଆଧୁନିକ ସାଇକ୍ଲିଙ୍ଗ ପ୍ରଯୁକ୍ତି, ପ୍ରୋଫେସନାଲ୍ ରେସିଂ ସେଟ୍‌ଅପ୍ ଓ ମୋଡର୍ଣ୍ଣ ଟ୍ରେନିଂ ଷ୍ଟାଣ୍ଡାର୍ଡ ସହ ପରିଚିତ ହେବ।

ଯୁବପିଢ଼ି ମଧ୍ୟରେ ସାଇକ୍ଲିଙ୍ଗ ନେଇ ସଚେତନତା ବଢ଼ାଇବା, ଓଡ଼ିଶାରେ ପ୍ରତିଯୋଗିତାମୂଳ ସାଇକ୍ଲିଙ୍ଗ ସଂସ୍କୃତିକୁ ସୁଦୃଢ଼ କରିବା, ସମ୍ବଲପୁର ଓ ପଶ୍ଚିମ ଓଡ଼ିଶା ଅଞ୍ଚଳରୁ ଉଦୀୟମାନ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବାପାଇଁ ଓଡ଼ିଶା ସାଇକ୍ଲିଙ୍ଗ ଆସୋସିଏସନ୍ ଲକ୍ଷ୍ୟ ରଖିଛି। ସମ୍ବଲପୁର ଅଞ୍ଚଳର ବିଭିନ୍ନ ସ୍କୁଲ୍ ଓ କଲେଜ୍ ମାନଙ୍କର ଛାତ୍ରଛାତ୍ରୀ ମାନଙ୍କୁ ପ୍ରତିଯୋଗିତା ଦେଖିବା ଓ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ଆମନ୍ତ୍ରଣ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା।

## ଯାଦବ ସଂଘର ଶୌର୍ଯ୍ୟ ଦିବସ



**ସମ୍ବଲପୁର, ୧୮।୧୧ (ସମିସ) :** ସମ୍ବଲପୁର ଯାଦବ ସଂଘ ପକ୍ଷରୁ କଚେରୀ ଛକ ସ୍ଥିତ ସହିଦ ସ୍ତମ୍ଭଠାରେ ଶୌର୍ଯ୍ୟ ଦିବସ ପାଳିତ ହୋଇଯାଇଛି। ୧୯୬୨ ମସିହା ନଭେମ୍ବର ୧୮ ତାରିଖରେ ଭାରତ ଏବଂ ଚୀନ ଯୁଦ୍ଧରେ ରେଜଙ୍ଗଲାଠାରେ କୁମାଓ ରେଜିମେଣ୍ଟର ୧୧୪ ଜଣ ବୀର ଅହୀର ଯାଦବ ଚୀନର ୧୩୦୦ରୁ ଊର୍ଦ୍ଧ୍ୱ ସୈନିକଙ୍କୁ ନିପାତ କରିଥିଲେ ଏବଂ ୩ ହଜାରରୁ ଊର୍ଦ୍ଧ୍ୱ ସୈନିକଙ୍କୁ ଆହତ କରି ସହିଦ ହୋଇଥିଲେ। ଏଣୁ ସାରା ଦେଶରେ ୧୮ ନଭେମ୍ବରକୁ ଶୌର୍ଯ୍ୟ ଦିବସ ରୂପେ ପାଳନ କରାଯାଇଥାଏ। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ସମ୍ବଲପୁର ଯାଦବ ସଂଘ ୧୧୪ଟି ଦୀପ ଜାଳି ବୀର ଯାଦବଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଯାଦବ ସଂଘର ବୀର ସହିଦଙ୍କ ସ୍ମୃତିଚାରଣ କରିଥିଲେ। କୃଷ୍ଣଚନ୍ଦ୍ର ବାଗ, ହେମନ୍ତ ଗହିର, ନରସିଂହ ବରଗର୍ତ୍ତୀ, ଅଖିଳେଶ ଯାଦବ, ହରିହର ଷଣ୍ଢ, ହୃଷି ଘିବେଲା, କାନନ ନାଗ, ଲୋକନାଥ ଅହିର, ଜଗଦୀଶ ମଲ୍ଲିକ, ରାଜେଶ ବାଗ, ପ୍ରଦ୍ୟୁମ୍ନ ପଧାନ, ବବଲୁ ଷଣ୍ଢ, ଲୋକନାଥ ବରଗର୍ତ୍ତୀ, ରାଜୁ ପୋଢ଼, ନବକିଶୋର ଜାଲ, ସୁମି ମହାକୁର, ସୀମା ଷଣ୍ଢ, ଘନଶ୍ୟାମ ମହାକୁର ପ୍ରମୁଖ ବହୁସଂଖ୍ୟାରେ ଯାଦବ ସଂଘ ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ବରଗଡ଼ ଧନୁଯାତ୍ରା କଳାକାର ଚୟନ କମିଟିରେ ସମ୍ବଲପୁରର ପ୍ରଦୀପ ପଣ୍ଡା



**ସମ୍ବଲପୁର, ୧୮।୧୧ (ସମିସ) :** ଓଡ଼ିଶା ସରକାର ଏବଂ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି ପକ୍ଷରୁ ୨୦୨୫-୨୦୨୭ ତିନି ବର୍ଷ ପାଇଁ କଳାକାର ଚୟନ ପ୍ରକ୍ରିୟା ବରଗଡ଼ର ବିଜୁ ପଟ୍ଟନାୟକ ଟାଉନ୍ ହଲ୍ ରେ ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ଓଡ଼ିଆ ଭାଷା ସଂସ୍କୃତି ବିଭାଗ, ଧନୁଯାତ୍ରା କମିଟି ଏବଂ ଜିଲ୍ଲା ପ୍ରଶାସନ ବିଭିନ୍ନ ଜିଲ୍ଲାରୁ ପାଞ୍ଚ ଜଣ ବରିଷ୍ଠ ଅଭିଜ୍ଞ ସୁଦକ୍ଷ ବିଚାରକଙ୍କ ଚୟନ କରାଯାଇଥିଲା। ଏହି ଚୟନ କମିଟିରେ ସମ୍ବଲପୁରର ବରିଷ୍ଠ ଓଡ଼ିଆ ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ପ୍ରଦୀପ କୁମାର ପଣ୍ଡା ସ୍ଥାନ ପାଇଛନ୍ତି। ସୂଚନାଯୋଗ୍ୟ ଯେ, ସମ୍ବଲପୁରର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ମଞ୍ଚ ନାୟକର ପ୍ରାଣ ପ୍ରତିଷ୍ଠାତା ଶ୍ରୀ ପଣ୍ଡା ପଚାଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ମଞ୍ଚ ନାଟକ କ୍ଷେତ୍ରରେ ସକ୍ରିୟ ଅଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭ୍ୟ, ଓଡ଼ିଶା ନାଟ୍ୟ ସଂଘର ପଶ୍ଚିମ ପ୍ରାନ୍ତ ଉପସଭାପତି ଥିବା ଶ୍ରୀ ପଣ୍ଡା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ସହ ଏକାଧିକ ସମ୍ମାନରେ ସମ୍ମାନିତ। ଧନୁଯାତ୍ରା ମହୋତ୍ସବ ଚୟନ କମିଟିରେ ବିଚାରକ ହେବା ମୋ ପାଇଁ ଏକ ଆହ୍ୱାନ ଏବଂ ଗର୍ବ ଓ ଗୌରବର ବିଷୟ ବୋଲି ସେ ପ୍ରକାଶ କରିଛନ୍ତି।

# ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା



**ସମ୍ବଲପୁର, ୧୮।୧୧ (ସମିସ) :** ଧନୁପାଲି ସ୍ଥିତ ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଦିନ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ର ସଭାପତିତ୍ୱରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ଭାବେ ଚିଚିଣ୍ଡା କଲେଜର ଅବସରପ୍ରାପ୍ତ ଅଧ୍ୟାପକ ଡଃ ଦ୍ୱାରିକାନାଥ ନାୟକ ତଥା ସମ୍ମାନୀତ ଅତିଥି ଓ ବିଚାରକ ଭାବରେ ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ପାଣି ଏବଂ ଗିରିପାଲି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଫକୀର ପ୍ରଧାନ ଯୋଗଦେଇ ବିଜ୍ଞାନର ମହତ୍ତ୍ୱ ତଥା ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ବିଜ୍ଞାନ ମେଳାରେ ସର୍ବମୋଟ ୫୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ବେହେରା ସଭା ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସୋନାଲି ବାଗ ପ୍ରକଳ୍ପ ପ୍ରସ୍ତୁତିରେ ମାର୍ଗଦର୍ଶନ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ନିଯୁକ୍ତି ଦକ୍ଷତା ବୃଦ୍ଧିପାଇଁ ଉଚ୍ଚଶିକ୍ଷା ବିଭାଗ ଏବଂ ୱାଧୱାନୀ ଫାଉଣ୍ଡେସନର ବୈଠକ



**ସମ୍ବଲପୁର, ୧୮।୧୧(ସମିସ):** ସରକାରୀ ମହିଳା ମହାବିଦ୍ୟାଳୟରେ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକ ଏବଂ ୱାଧୱାନୀ ଫାଉଣ୍ଡେସନର କମକର୍ତ୍ତାଙ୍କୁ ନେଇ ସମ୍ବଲପୁର ଜିଲ୍ଲାର ଉଚ୍ଚଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ନିଯୁକ୍ତି କ୍ଷମତା ବୃଦ୍ଧି ତାଲିମ ପାଇଁ ଆଜି ଅଧ୍ୟକ୍ଷ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ବଲପୁର ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ମୁରଲୀଧର ମାଝୀ, ଉଚ୍ଚ ଶିକ୍ଷା ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର, ୱାଧୱାନୀ ଫାଉଣ୍ଡେସନର କର୍ମକର୍ତ୍ତା ତଥା ସମ୍ବଲପୁର ଜିଲ୍ଲାର ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କର ଅଧ୍ୟକ୍ଷ ଓ ପ୍ରତିନିଧିମାନେ ଯୋଗଦାନ କରିଥିଲେ। ପ୍ରତ୍ୟେକ ଅନୁଷ୍ଠାନର ଅନ୍ୟୁନ ଏକଶହ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଏକ ଶହ ଘଣ୍ଟା ପାଇଁ ତାଲିମ ନେଇ ନିଯୁକ୍ତି କ୍ଷେତ୍ରରେ ନିଜର ଦକ୍ଷତା ବୃଦ୍ଧି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅଧ୍ୟକ୍ଷା ପ୍ରଫେସର ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୱାଧୱାନୀ ଫାଉଣ୍ଡେସନର କର୍ମକର୍ତ୍ତାଗଣ ସମଗ୍ର ତାଲିମ କାର୍ଯ୍ୟକ୍ରମର ରୂପରେଖ ଆଲୋଚନା ସହ ତାଲିମ ପ୍ରଦାନ କରିଥିଲେ। ୨୦ଟି ଉଚ୍ଚଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ, ଅଧ୍ୟକ୍ଷା ଏବଂ ସହଯୋଗୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



# ଏମ୍‌ଆର୍‌ଆଇ ପାଇଁ ରୋଗୀ ହଇରାଣ ଅଭିଯୋଗ

**ସମ୍ବଲପୁର, ୧୮।୧୧ (ସମିସ) :** ବୁର୍ଲା ମେଡିକାଲ୍‌ରେ ରୋଗୀ ଏମ୍‌ଆର୍‌ଆଇ ଟେଷ୍ଟ ପାଇଁ ହଇରାଣ ହରକତ ଓ ଖର୍ଚ୍ଚାନ୍ତ ହେଉଥିବା ଏଆଇସିସି ହ୍ୟୁମାନ୍ ରାଇଟ୍‌ସ ଜିଲ୍ଲା ସଭାପତି ସଞ୍ଜୟ କୁମାର ଛୁରିଆ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ର ଅନୁଯାୟୀ, ବୁର୍ଲା ମେଡିକାଲରେ ରୋଗୀମାନେ ଏମ୍‌ଆର୍‌ଆଇ ଟେଷ୍ଟ ଲାଗି ହଇରାଣ ହେବାସହ ବହୁଗୁଣରେ ଖର୍ଚ୍ଚାନ୍ତ ହେଉଛନ୍ତି କାରଣ ଏମ୍‌ଆର୍‌ଆଇ ମେସିନ ସରକାର ବୁର୍ଲା ମେଡିକାଲ କଲେଜରେ ଏଚ୍‌ଏଲ୍‌ଏଲ୍ କମ୍ପାନୀ ଦ୍ୱାରା ୯.୭.୨୦୧୬ରେ ସ୍ଥାପିତ ହୋଇଥିଲା ଓ ସରକାରୀସ୍ତରରେ ଚୁକ୍ତି ନବୀକରଣ ନ ହେବାରୁ ୩୧.୧୦.୨୦୨୨ରେ ସରକାରୀ ମେଡିକାଲରୁ ପ୍ରତ୍ୟାହାର କରି ବୁର୍ଲାର ଏକ ଘରୋଇ କ୍ଲିନିକ୍‌କୁ ସରକାରୀ ମେଡିକାଲରେ ଚିକିତ୍ସିତ ରୋଗୀଙ୍କ ଏମ୍‌ଆର୍‌ଆଇ ପରୀକ୍ଷା କରାଯିବାକୁ ଦିଆଗଲା। ସରକାରୀ ମେଡିକାଲରେ ଚିକିତ୍ସିତ ରୋଗୀ ସହଜରେ ଓ ଅତି କମ୍ ଖର୍ଚ୍ଚରେ ଏମ୍‌ଆର୍‌ଆଇ ପରୀକ୍ଷା କରିପାରୁଥିଲେ। ସରକାରୀସ୍ତରରେ ଯାହା ୧୦୦/୨୦୦ ଟଙ୍କା ଖର୍ଚ୍ଚରେ ହେଉଥିଲା ଏବେ ୪ରୁ ୫ ହଜାର ଏମିତି କି ୧୨ ହଜାର ଟଙ୍କା ଯାଏ ବି ରୋଗୀ ଖର୍ଚ୍ଚାନ୍ତ ହେଉଛନ୍ତି। ଲକ୍ଷ ଲକ୍ଷ ଟଙ୍କା ଘରୋଇ କ୍ଲିନିକ୍‌କୁ ଯାଉଛି। ଏମ୍‌ଆର୍‌ଆଇ ମେସିନ୍, ସରକାରୀ ସ୍ତରରେ, ସରକାରୀ ମେଡିକାଲ ପରିସରରେ, କାର୍ଯ୍ୟକାରୀ ହେଲେ ଚିକିତ୍ସିତ ରୋଗୀ ଓ ରୋଗୀଙ୍କ ସହଯୋଗୀ ଉପକୃତ ହେବେ। ଏହା କରାନଗଲେ ଆଗାମୀ ଦିନରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ବଲପୁର ମାନବିକ ଅଧିକାର ଜିଲ୍ଲା କମିଟି ତରଫରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar.
Contact Gadhwal Group.
9437015112

ସକାଳ THE SAKALA

ବୁଧବାର
୧୯ ନଭେମ୍ବର ୨୦୨୫





ସମ୍ବଲପୁର : ରେମେଡ୍‌ରୁ ଲକ୍ଷ୍ମୀଡୁଙ୍ଗୁରୀ ରାସ୍ତା ମଝିରେ ତିନିଦିନ ହେଲା ଛିଡ଼ା ହୋଇଛି ମାଲବୋଝେଇ ଟ୍ରକ୍।

## ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଅନୁପସ୍ଥିତ

# ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଲେ ଅଭିଭାବକ

ରେଢ଼ାଖୋଲ, ୧୮ ।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଚାରମାଳ ପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟତ୍ରୀମାନଙ୍କ ଅନୁପସ୍ଥିତ ଯୋଗୁଁ ବିଦ୍ୟାଳୟ ମୁଖ୍ୟ ଗେଟ୍‌ରେ ତାଲା ପକାଇଲେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବକ। ସୂଚନା ଯୋଗ୍ୟ ଯେ ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ଓ ଦୁଇ ଜଣ ଶିକ୍ଷୟିତ୍ରୀ ରହିଥିଲେ। କିନ୍ତୁ ବିଦ୍ୟାଳୟକୁ ଅନ୍ୟ ଦୁଇଜଣ ଶିକ୍ଷୟିତ୍ରୀ ପ୍ରାୟ ଅନୁପସ୍ଥିତ ରହୁଛନ୍ତି। ମଙ୍ଗଳବାର ଦିନ ବିଦ୍ୟାଳୟର ମୁଖ୍ୟ ଗେଟରେ ତାଲା ପକାଇଲେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବକ। ବିଦ୍ୟାଳୟରେ ଶିଶୁବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୬୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କିନ୍ତୁ ବିଦ୍ୟାଳୟରେ ପାଠ ପଢ଼ାଉଛନ୍ତି କେବଳ ପ୍ରଧାନଶିକ୍ଷୟିତ୍ରୀ। ସ୍କୁଲର ଛାତ୍ରଛାତ୍ରୀ ଖରାରେ ବାହାରେ ବସିଛନ୍ତି। ବିଦ୍ୟାଳୟର ଅବହେଳିତ, କର୍ତ୍ତବ୍ୟ ଅବମାନନାକୁ ନେଇ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଅଭିଭାବକ ମାନେ ଫୋନ ଯୋଗେ ଜଣାଇଥିଲେ। ଦୀର୍ଘ ୩ ଘଣ୍ଟା ପରେ ରେଢ଼ାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜିତ ଭୋଇ ଏବଂ ସିଆରସି ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରି ଲୋକଙ୍କୁ ପ୍ରତିଶ୍ରୁତି ଦେବା ପରେ ସ୍କୁଲର ଗେଟ ଖୋଲା ଯାଇଥିଲା। ଏଥିରେ ଅଧିକାରୀ ମାନେ ନିଜ କର୍ତ୍ତବ୍ୟ ଏବଂ ବିଦ୍ୟାଳୟ ତଦାରଖ କରୁନଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜ କର୍ତ୍ତବ୍ୟ ସମ୍ପାଦନ ନ କରିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



## ବିଭାଜିତ ହେବ ସମ୍ବଲପୁର ତହସିଲ

ସମ୍ବଲପୁର, ୧୮।୧୧ (ସମିସ): ସମ୍ବଲପୁର ତହସିଲ ଅଧିନରେ ଗ୍ରାମାଞ୍ଚଳ ସହ ସମ୍ବଲପୁର ମହାନଗର ନିଗମ ଆସୁଥିବାରୁ ଜନସାଧାରଣଙ୍କୁ ଆବଶ୍ୟକୀୟ ରାଜସ୍ୱ ସେବା ଯୋଗାଇବା କଷ୍ଟକର ହେଉଛି। ଏହି ତହସିଲର ପରିସର ବୃହତ୍ ହୋଇଥିବାବେଳେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏବଂ ଜନସେବା ମଧ୍ୟ ବହୁଗୁଣିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମ୍ବଲପୁର ତହସିଲକୁ ବିଭାଜନ କରି ଦୁଇଟି ତହସିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ ସମସ୍ତ ଖସଡ଼ା ପ୍ରସ୍ତୁତ କରିବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇଛି। ଏହାହେଲେ ବହୁଳ ଭାବେ ସମ୍ବଲପୁର ତହସିଲବାସୀ ଉପକୃତ ହେବାସହ ଉପଯୁକ୍ତ ରାଜସ୍ୱସେବା ପାଇପାରିବେ ବୋଲି ସାଧାରଣରେ ଆଶାପ୍ରକାଶ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଖୋର୍ଦ୍ଧା, କଟକ ଓ ସମ୍ବଲପୁର ଜିଲ୍ଲାପାଳଙ୍କୁ ପତ୍ର ଜରିଆରେ ଜନସେବା ଓ ପରିଚାଳନାରେ ସୁବିଧା ପାଇଁ ୪ଟି ନୂତନ ତହସିଲ ଗଠନ ପାଇଁ ସରକାର ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି। ତନ୍ମଧ୍ୟରେ ଭୁବନେଶ୍ୱର ତହସିଲକୁ ବିଭାଜନ କରି ସେଥିରୁ ୨ଟି ନୂତନ ଅତିରିକ୍ତ ତହସିଲ, କଟକ ତହସିଲରୁ ଗୋଟିଏ ଅତିରିକ୍ତ ତହସିଲ ଏବଂ ସମ୍ବଲପୁର ତହସିଲରୁ ଗୋଟିଏ ଅତିରିକ୍ତ ତହସିଲ ରହିଛି। ନୂତନ ତହସିଲର ବୈଧତା, ପ୍ରସ୍ତାବିତ ସ୍ଥାନ, ଆର୍‌ଆଇ ସର୍କଲ, ଥାନା, ଭୌଗୋଳିକ ସମାନତା ତଥା ଜନସାଧାରଣଙ୍କୁ ପ୍ରଶାସନିକ ସୁବିଧାକୁ ନେଇ ସବିଶେଷ ପ୍ରସ୍ତାବ ପ୍ରସ୍ତୁତକରି ଜମା କରିବାକୁ ନିର୍ଦ୍ଦେଶ ରହିଛି। ଆବଶ୍ୟକସ୍ଥଳେ ସ୍ଥାନୀୟ ପ୍ରଭାବିତ ଜନସାଧାରଣ ଏବଂ ଜନପ୍ରତିନିଧିଙ୍କ ମତାମତ ନେବାକୁ କୁହାଯାଇଛି।

## ବିକାଶ ଫାର୍ମାସୀ କଲେଜ୍‌ରେ 'ଫାର୍ମାସୀ ସପ୍ତାହ' ଓ ବୃକ୍ଷରୋପଣ



ବରଗଡ଼, ୧୮।୧୧(ସମିସ): ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ଫାର୍ମାସୀ କଲେଜରେ 'ଫାର୍ମାସୀ ସପ୍ତାହ-୨୦୨୫'ର ଶୁଭାରମ୍ଭ ହୋଇଯାଇଛି। ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଇଂ.ଅଜୟ ମହାପାତ୍ରଙ୍କ ଉପସ୍ଥିତିରେ ବରଗଡ଼ ଜିଲ୍ଲା ଡ୍ରଗ୍ ଇନ୍ସପେକ୍ଟର ଦୀପକ ସିଂ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିକାଶ ଫାର୍ମାସୀ କଲେଜର ଡି.ଫାର୍ମା ଓ ବି.ଫାର୍ମାର ପ୍ରଥମ ବର୍ଷ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ୍ୟ ଡ.ଶୁଭେନ୍ଦୁ ଶେଖର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ର.ସତ୍ୟବ୍ରତ ମିଶ୍ର, ଡ.ପୂର୍ଣ୍ଣେନ୍ଦୁ ମିଶ୍ର, ଡ.ଦିଲିପ ଖମାରି ଏବଂ ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ ମଞ୍ଚାସୀନ ଥିଲେ। ପ୍ରାରମ୍ଭିକ ଉତ୍ସବରେ ଅଧ୍ୟକ୍ଷ ଶ୍ରୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଆଶିଷ ଲେଙ୍କା ସମସ୍ତଙ୍କୁ ଉତ୍କୃଷ୍ଟ ଫାର୍ମାସିଷ୍ଟ ହେବା ପାଇଁ ଶପଥ ପାଠ କରାଇଥିଲେ। କର୍ତ୍ତୃପକ୍ଷଙ୍କ ଦ୍ୱାରା ମୁଖ୍ୟବକ୍ତାଙ୍କ ଭବ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି, ବରିଷ୍ଠ ଅଧିକାରୀ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା କଲେଜ ପ୍ରାଙ୍ଗଣରେ ଚାରାରୋପଣ କରାଯାଇଥିଲା। ଲକ୍ଷ୍ମୀ ବିକାଶ ଚେୟାରମ୍ୟାନ ଡି.ନାଗେଶ୍ୱର ରାଓ ଫାର୍ମାସୀ ସପ୍ତାହର ଉଦ୍‌ଘାଟନ ପାଇଁ ଅଭିନନ୍ଦନ ଜ୍ଞାପନ କରିଥିଲେ। ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସର ଛାତ୍ରକଲ୍ୟାଣ ଡିନ୍ ଆରଏସ୍‌ଭି କ୍ରିଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟକ୍ଷ ଡ. ମିଶ୍ର ଆଗାମୀ ସାତଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ବିବରଣୀ ରଖିଥିଲେ। ଅଧ୍ୟାପକ ଅସିତ ତଥା ଅଧ୍ୟାପିକା ଶିବାନୀ ଏବଂ ମୋନାଲିସା କାର୍ଯ୍ୟକ୍ରମ ସଞ୍ଚାଳନ ଦାୟିତ୍ୱ ତୁଲାଇଥିଲେ।

## କୁଚିଣ୍ଡା ଉପଖଣ୍ଡରେ ଖୋଲିନି ମଣ୍ଡି: ଟ୍ରିପ୍ ଟ୍ରିପ୍ ଧାନ ଚାଲାଣ



କୁଚିଣ୍ଡା, ୧୮ ।୧୧(ସମିସ): କୁଚିଣ୍ଡା ଉପଖଣ୍ଡରେ ନଭେମ୍ବର ୩୦ତାରିଖରୁ ଧାନ ସଂଗ୍ରହ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ଉପଖଣ୍ଡର ଜଳସେଚନ ଅଞ୍ଚଳରେ ଏକର ପ୍ରତି ୧୯କୁଇଣ୍ଟାଲ ଓ ଅଣଜଳସେଚିତ ଅଞ୍ଚଳରେ ଏକର ପ୍ରତି ୧୩କୁଇଣ୍ଟାଲ ରହିଛି। ଅନ୍ୟ ବର୍ଷ ତୁଳନାରେ ଚଳିତ ବର୍ଷ ଧାନ ଏକ ପ୍ରକାର ଭଲି ହୋଇ ଅଧିକ ଅମଳ ଆଶା ଚାଷୀ ମନରେ ଆନନ୍ଦ ଦେଇଛି। ହେଲେ ଠିକ ଭାବେ ଧାନ ବିଲରୁ ଅମଳ ହୋଇ ନାହିଁ କିମ୍ବା ଅମଳ ହୋଇ ଥିଲେ ବି ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ପ୍ରଶାସନିକସ୍ତରରେ ମଣ୍ଡି ଖୋଲା ଯାଇ ନାହିଁ। ଏପରି ସ୍ଥିତିରେ ଦଲାଲମାନେ ଚାଷୀମାନଙ୍କ ଠାରୁ ଅତି ଅଳ୍ପ ଦରରେ ଧାନ କିଣି ଚୋରା ବାଟ ଖୋଜି ବିଭିନ୍ନ ସ୍ଥାନରୁ ବଡ଼ ବଡ଼ ଟ୍ରକ୍‌ରେ ଧାନ ଆଣି ତାର ଗୋଦାମରେ ଭର୍ତ୍ତି କରିବାରେ ବ୍ୟସ୍ତ। ଦଲାଲ ଚାଷୀଙ୍କ ଠାରୁ ଧାନ କିଣି ରଖିଥିବା ଚାଷୀ ପରିଚୟ ପତ୍ରରେ ଏମଏସପି ସହ ୨୩୬୯ ଟଙ୍କା ହାତେଇ ବୋନସରୁ ମଧ୍ୟ ଅଧାରୁ ଅଧିକ ନେଇ ଚାଷୀଙ୍କୁ କୁଇଣ୍ଟାଲ ୧୭/୧୮ ଶହ ଟଙ୍କାରେ ଧାନ କିଣି ମାଲେମାଲ ହେବା ପାଇଁ ତାର ସମସ୍ତ ପ୍ରସ୍ତୁତି ସାରି ସାରିଲାଣି। ସୋମବାର ସନ୍ଧ୍ୟାରେ ୨ଟି ୧୬ଚକିଆ ଟ୍ରକ୍ ଯାହାରି ନମ୍ବର ଓଆର୧୪ଆର-୦୭୭୫ ଧାନ ବୋଝିଇ ହୋଇ କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ଟାଇଁସରଗ୍ରାମର ୨ଜଣ ଚାଷୀଙ୍କ ଧାନ ବୋଝେଇ କରି କୁଚିଣ୍ଡା ପଟକୁ ଆସୁଥିଲା। କୌଣସି ସୂତ୍ରରେ ତହସିଲଦାର ଖବର ପାଇ କୁଚିଣ୍ଡା ପୁଲିସ ସହାୟତାରେ ଟାଇଁସରଗ୍ରାମ ପାଖ ବ୍ରିଜ ପାଖରୁ ଗାଡିକୁ ଅଟକ ରଖି ଗାଡି କାହାର, କେଉଁଠୁ ଆଣୁଛୁ ଏବଂ ଧାନ କାହାର ଆଦି ନାନା ପ୍ରଶ୍ନ ପଚାରିଥିଲେ। ସନ୍ତୋଷ ଜନକ ଉତ୍ତର ନ ମିଳିବାରୁ କୁଚିଣ୍ଡା ପୁଲିସ ସହାୟତାରେ ଥାନାକୁ ଧାନ ବୋଝିଇ ଟ୍ରକ୍ ଆଣି ଜମା ଦେଇଥିବା ଜଣାପଡ଼ିଛି।

## ଡିଏଭି ପୁରାତନ ବିଦ୍ୟାର୍ଥୀଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସଚେତନତା ଶିବିର



ସମ୍ବଲପୁର, ୧୮।୧୧ (ସମିସ) : ଚିରିଓ ପ୍ଲସ୍ ଦ୍ୱାରା ବୁର୍ଲାର ଆନନ୍ଦ ବିହାରର ଏମସିଏଲ ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲରେ ଏକ ମୌଖିକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରଟି ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା ଏବଂ ବିଭିନ୍ନ ବୟସ ଗୋଷ୍ଠୀର ପ୍ରାୟ ୨୭୫ ଜଣ ଛାତ୍ରଛାତ୍ରୀ (ନର୍ସରୀରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ) ଏଥିରେ ସାମିଲ ହୋଇଥିଲେ। ଶିବିରର ଉଦ୍ଦେଶ୍ୟ ଥିଲା ପିଲାମାନଙ୍କୁ ମୌଖିକ ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ଏବଂ ସଠିକ୍ କୌଶଳ ପ୍ରଦର୍ଶନ କରିବା। ଏହି ଶିବିରର ନେତୃତ୍ୱ ବିଦ୍ୟାଳୟର ପୁରାତନ ଛାତ୍ରୀ ଡକ୍ଟର ଆଞ୍ଚଲ ବାଙ୍କା ନେଇଥିଲେ। ସମାଜ ପ୍ରତି ନିଜର ସମର୍ପିତ ଭାବନାକୁ ସାକାର କରି ଡାକ୍ତରୀ ଦଳ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କ ପାଇଁ ଭାବବିନିମୟ ଅଧିବେଶନ ସହିତ ମୌଖିକ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ଏହି ପଦକ୍ଷେପର ଅଂଶସ୍ୱରୂପ ଶିକ୍ଷାଗତ ସାମଗ୍ରୀ ଏବଂ ମୌଖିକ ଯତ୍ନ କିଟ୍ ମଧ୍ୟ ବଣ୍ଟନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିର ଛାତ୍ରଛାତ୍ରୀଙ୍କ ମଧ୍ୟରେ ମୌଖିକ ସ୍ୱାସ୍ଥ୍ୟ ସଚେତନତାକୁ ପ୍ରୋତ୍ସାହିତ କରିବାରେ ଚିରିଓ ପ୍ଲସ୍‌ର ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକଙ୍କ ତତ୍ତ୍ୱାବଧାନରେ ଏହି ସ୍ୱାସ୍ଥ୍ୟ ଶିବିରକୁ ବରିଷ୍ଠ ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ପରିଚାଳନା କରିଥିଲେ।

## ହୀରାକୁଦ କ୍ରୀଡ଼ା ପ୍ରତିଯୋଗିତା ପୁଣି ଆରମ୍ଭ କରିବାକୁ ଦାବି

ସମ୍ବଲପୁର, ୧୮।୧୧ (ସମିସ) : ଦୀର୍ଘ ୨୫ ବର୍ଷ ଧରି ବନ୍ଦ ହୋଇ ଯାଇଥିବା ହୀରାକୁଦ କ୍ରୀଡା ପ୍ରତିଯୋଗିତା ପୁନର୍ବାର ଆରମ୍ଭ କରିବା ପାଇଁ ହୀରାକୁଦ କ୍ରୀଡା ସଂସଦ ତରଫରୁ ଦାବିପତ୍ର ମହାନଗର ନିଗମ କମିଶନରଙ୍କୁ ଆଜି କାର୍ତ୍ତିକ କଲେତ, ପ୍ରହଲ୍ଲାଦ ତାଣ୍ଡି, ଅଶୋକ ମହାରଣା, ସୁନିଲ ସେଠ ଓ ଅନ୍ୟ କର୍ମକର୍ତ୍ତା ପ୍ରଦାନ କରିଛନ୍ତି। ଆସନ୍ତା ଡିସେମ୍ବର ୨୫ରେ ଆରମ୍ଭ କରିବା ପାଇଁ ଅନୁରୋଧ କରାଯାଇଛି। ତତ୍‌ସହିତ ହୀରାକୁଦ ସହରର ସମସ୍ତ ନାଳନର୍ଦ୍ଦମା ପରିଷ୍କାର କରିବା ସହିତ ଗୁଜାତଳ ମହାନଦୀ ପାର୍ଶ୍ୱରେ ଥିବା ଶବଦାହ ହେଉଥିବା ସ୍ଥାନକୁ ପୁନରୁଦ୍ଧାର କରିବା ସହିତ ରେମେଡରୁ ହୀରାକୁଦକୁ ସଂଯୋଗ କରୁଥିବା ସ୍ଥାନୀୟ ବିହାରୀପଡ଼ାରେ ପ୍ରତିଦିନ ନାଳନର୍ଦ୍ଦମା ପାଣି ରୋଡ ଉପରକୁ ଆସିଯାଉଥିବା ଯୋଗୁଁ ସାଧାରଣ ଲୋକଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ତାର ସମାଧାନ କରିବା ପାଇଁ ମଧ୍ୟ ଦାବି କରାହୋଇଛି। ସ୍ଥାନୀୟ ଗାନ୍ଧୀ ନଗର ନେହେରୁ ପାର୍କ ଠାରେ ବାହାରରୁ ଆସୁଥିବା ପର୍ଯ୍ୟଟକ ମାନେ ରୋଡ ପାର୍ଶ୍ୱରେ ଗାଧେଇବା ପାଇଁ ବାଧ୍ୟ ହେଉଛନ୍ତି, କାରଣ ଏପର୍ଯ୍ୟନ୍ତ କୋଣସି ପ୍ରକାର ଗାଧେଇବା ବା ଶୌଚ ହେବାର କିଛି ସଠିକ୍ ବ୍ୟବସ୍ଥାର ସୁବିଧା ନାହିଁ। ଏହିସବୁ ସମସ୍ୟାର ସମାଧାନ ପାଇଁ ମଧ୍ୟ ଶ୍ରୀ କଲେତ ମହାନଗର ନିଗମ କମିଶନରଙ୍କ ଅନୁପସ୍ଥିତିରେ ଡେପୁଟି କମିଶନରକୁ ଅନୁରୋଧ କରିଛନ୍ତି। ପ୍ରତିନିଧି ଦଳରେ ରବି ରାଉତ, ଜିତେନ ମହାନନ୍ଦ, କୈଳାସ ମିର୍ଦ୍ଧା, ସୁମିତ ନାଏକ, ବୁଲୁ କୁମ୍ଭାର, ଯାଦବ ମେହେର, ସୁଦର୍ଶନ ମହାପାତ୍ର, ମକରଧ୍ୱଜ ରଣବିଡା, ସନ୍ତୋଷ ମେହେର ପ୍ରମୁଖ ସାମିଲ ଥିଲେ।



## ଗଞ୍ଜେଇ ଚାଷରୁ ନିବୃତ୍ତ ରହିବା ନେଇ କର୍ମଶାଳା

ରେଢ଼ାଖୋଲ, ୧୮ ।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଘୋଷରାମାଳ ପଞ୍ଚାୟତ ସଭାଗୃହରେ ମଙ୍ଗଳବାର ଦିନ ଗଞ୍ଜେଇ ଚାଷରୁ ନିବୃତ୍ତ ରହିବାକୁ ଗ୍ରାମବାସୀଙ୍କୁ ନେଇ ସଚେତନତା କର୍ମଶାଳା ଅନୁଷ୍ଠିତ ହେଇଯାଇଛି। କର୍ମଶାଳାରେ ପଞ୍ଚାୟତ ଏବଂ ଅନ୍ୟ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମରୁ ମହିଳା ପୁରୁଷ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ବେଆଇନ ଗଞ୍ଜେଇ ଚାଷ ଦୀର୍ଘ ୯ ବର୍ଷ ପରେ ପଞ୍ଚାୟତର ଆଭ୍ୟନ୍ତରୀଣ ଗ୍ରାମ ତଥା ପାହାଡିଆ ଅଞ୍ଚଳରେ ଗଞ୍ଜେଇ ଗଛ ଲଗାଯାଉ ଥିବା ଦେଖିବାକୁ ମିଳୁଛି। ଗଣମାଧ୍ୟମରେ ପ୍ରକାଶ ପରେ ପୁଲିସ ବିଭାଗ, ଅବକାରୀ ବିଭାଗ, ବନବିଭାଗ, ରାଜସ୍ୱ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ କରି ହଜାର ହଜାର ସଂଖ୍ୟାରେ ଗଞ୍ଜେଇ ଗଛ ନଷ୍ଟ କରାଯାଉଛି। ବେଆଇନ ଗଞ୍ଜେଇ ଚାଷରୁ ନିବୃତ ରହିବାକୁ ଗ୍ରାମବାସୀଙ୍କୁ ନେଇ ସଚେତନତା କର୍ମଶାଳା ଅନୁଷ୍ଠିତ ହେଇଯାଇଛି। ପଞ୍ଚାୟତ ସରପଞ୍ଚ ପ୍ରେମଶିଳା ପ୍ରଧାନ, ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ, ଅବକାରୀ ବିଭାଗ ଅଧିକାରୀ ଦୃବାଦଳ ବିଶ୍ୱାଳ ପ୍ରମୁଖ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ।

## ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ 'ନିଶା ମୁକ୍ତ ଭାରତ ଅଭିଯାନ' ରାଲି

ସମ୍ବଲପୁର, ୧୮ ।୧୧ (ସମିସ) : ଦେଶବ୍ୟାପୀ 'ନିଶା ମୁକ୍ତ ଭାରତ ଅଭିଯାନ'ର ଅଂଶସ୍ୱରୂପ, ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ଦ୍ୱାରା ଆଜି ନିଶା ଅପବ୍ୟବହାର ବିରୁଦ୍ଧରେ ବାର୍ତ୍ତା ପ୍ରସାର ଏବଂ ଏକ ସୁସ୍ଥ, ନିଶାମୁକ୍ତ ସମାଜକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା। ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ସହିତ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ, ବରିଷ୍ଠ ଅଧିକାରୀ ଏବଂ ବହୁସଂଖ୍ୟକ ରେଳ କର୍ମଚାରୀ ଏହି ରାଲିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସମୟରେ ନିଶାଦ୍ରବ୍ୟ ବ୍ୟବହାରର କ୍ଷତିକାରକ ପ୍ରଭାବ ଏବଂ ଏକ ଶୃଙ୍ଖଳିତ ଏବଂ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାର ଗୁରୁତ୍ୱ ଉପରେ ସୂଚନାମୂଳକ ବ୍ୟାନର ପ୍ରଦର୍ଶିତ ହୋଇଥିଲା। ଏହି ସମାବେଶକୁ ସମ୍ବୋଧିତ କରି ଡିଆରଏମ ନିଶାର ଭୟଙ୍କରତାକୁ ରୋକିବା ପାଇଁ ସମାଜର ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତଙ୍କୁ ନିଶାମୁକ୍ତ ରାଷ୍ଟ୍ର ଗଠନରେ ସକ୍ରିୟ ଭାବରେ ଯୋଗଦାନ ଦେବାକୁ ଅନୁରୋଧ କରିଥିଲେ। ସେ ରେଳ କର୍ମଚାରୀଙ୍କ ଉତ୍ସାହୀ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ ଏବଂ ଜନସାଧାରଣ, ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ପ୍ରସାର କରିବାକୁ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରାଲି ଡିଆରଏମ ଅଫିସ କମ୍ପ୍ଲେକ୍ସରୁ ଆରମ୍ଭ ହୋଇ ରେଳଷ୍ଟେସନ ପରିସର ସମେତ ପ୍ରମୁଖ ଅଞ୍ଚଳ ପରିକ୍ରମା କରି ଯାତ୍ରୀ, ବିକ୍ରେତା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ନିକଟରେ ପହଞ୍ଚିଥିଲା। ନିଶା ବ୍ୟବହାରର କୁପ୍ରଭାବ ଏବଂ ସତର୍କ ରହିବାର ଆବଶ୍ୟକତା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

## ଚାଷୀ ଆନ୍ଦୋଳନରେ ବସିବ କଂଗ୍ରେସ

ଭେଡେନ, ୧୮ ।୧୧(ସମିସ): ଭେଡେନ ବ୍ଲକ ଐତିହାସିକ ପର୍ଯ୍ୟଟନ ସ୍ଥଳୀ ପପଙ୍ଗା ପାହାଡରେ ବ୍ଲକସ୍ତରୀୟ କଂଗ୍ରେସ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବ କଂଗ୍ରେସ ନେତା ଅଭିଷେକ ସେଟଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ବରିଷ୍ଠ ନେତା ଠକୁ ଭୋଇ, ରସିକ ସାହୁ, ଜାପାନୀ ସାହୁ, ମୁଖି କର, ବିଷ୍ଣୁ ସାହୁ, ବିରସେନ ଖମାରି, ମିନାକ୍ଷୀ ସାହୁ, ରାମେଶ୍ୱରି ନନ୍ଦ, ସବରମତି ଦାଶ, କିଶୋର ସାହୁ, ଗୋପାଳ ବାଗ, ସୁଶୀଲ ପଧାନ, ଗଣେଶ ପଧାନ, ସଞ୍ଜୟ ନନ୍ଦ, ଦୋଳଗୋବିନ୍ଦ ବେହେରା, ଦିଲୀପ ଦାଶ, ପ୍ରଶାନ୍ତ ପାଣି, ଗୁରୁଦେବ ପାଣି, ଅଲେଖ ବେହେରା, ପ୍ରଶାନ୍ତ ଦାଶ, ମନୋରଞ୍ଜନ ଦାଶ, ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ସଭାରେ କଂଗ୍ରେସ ଦଳର ସଂଗଠନିକ କେମିତି ସୁଦୃଢ଼ ହୋଇପାରିବ ସେ ଉପରେ ଉପସ୍ଥିତ କର୍ମୀ ସହିତ ସେଟ ନିଜନିଜ ମତ ଉପସ୍ଥାପନ କରିଥିଲେ। ଚାଷୀ ମାନେ ଧାନକାର୍ଡ ପଞ୍ଜୀକରଣ ସହିତ ଅନ୍ୟାନ୍ୟ ଅସୁବିଧାର ସମାଧାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସେମାନଙ୍କୁ ସମର୍ଥନ ଜଣାଇ ଆସନ୍ତାକାଲି ଅଭିଷେକ ସେଟଙ୍କ ନେତୃତ୍ୱରେ ଭେଡେନ କଂଗ୍ରେସ ମଧ୍ୟ ଆନ୍ଦୋଳନରେ ବସିବା ନେଇ ସ୍ଥିରିକୃତ ହୋଇଛି।

## ହୀରା ସେଠୀଙ୍କ ପରଲୋକ



ରେଢ଼ାଖୋଲ, ୧୮ ।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍‌ଏସି ଅନ୍ତର୍ଗତ ପୋଡାବଲଣ୍ଡା ନିବାସୀ ହୀରା ସେଠୀ(୯୧)ଙ୍କ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ରହିଥିଲେ। ପୁଅ ଅବସରପ୍ରାପ୍ତ ରେଞ୍ଜର ପ୍ରଦୀପ ସେଠୀ ଓ କୁଳଦୀପ ସେଠୀ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣି ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଗାଁରେ ମଶାଣୀରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ସାନପୁଅ କୁଳଦୀପ ମୁଖାଗ୍ନି ଦେଇଥିଲେ।

# ଜିଲ୍ଲାସ୍ତରୀୟ କ୍ୟାରିୟର ପରାମର୍ଶ ପ୍ରଶିକ୍ଷଣ ଉଦ୍‌ଘାଟିତ





ବରଗଡ଼, ୧୮।୧୧(ସମିସ)

ଜର୍ଜ ହାଇସ୍କୁଲ ବରଗଡ଼ରେ ଜିଲ୍ଲାସ୍ତରୀୟ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱିଦିବସୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ସମ୍ମାନିତ ଅତିଥି ଭାବେ ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ବିଆରସିସି ଦିଲ୍ଲୀପ ମେହେର ଯୋଗ ଦେଇଥିଲେ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ କ୍ୟାରିଅର ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ କରିବା ପାଇଁ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରର ହେଉଛି। ପ୍ରଥମ ଦିବସରେ ଜିଲ୍ଲା ଶିକ୍ଷକ ଓ ଶିକ୍ଷା ପ୍ରତିଷ୍ଠାନ ବରଗଡ଼ର ବରିଷ୍ଠ ପ୍ରଶିକ୍ଷକ ଗଗନ ବେହେରା, ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ଜନତା ହାଇସ୍କୁଲ ଗୋଡଭଗାର ଶିକ୍ଷୟିତ୍ରୀ କଲ୍ୟାଣୀ ସାମନ୍ତ ଏବଂ ଅତାବିରା ହାଇସ୍କୁଲର ଶିକ୍ଷକ ଆଶୁତୋଷ ବିଶ୍ୱାଳ ଯୋଗ ଦେଇଥିଲେ। ପ୍ରଶିକ୍ଷକ ସଞ୍ଜୟ ଖମାରୀ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ସହ କ୍ୟାରିୟର ସମ୍ପର୍କିତ ସୂଚନା, କ୍ୟାରିୟର ପୋର୍ଟାଲର ବ୍ୟବହାର, କ୍ୟାରିୟର ଯୋଜନା, କ୍ୟାରିୟର ଗାଇଡାନ୍ସ ଓ କାଉନସେଲିଂର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ କଲ୍ୟାଣୀ ସାମନ୍ତ ଏବଂ ଶିକ୍ଷକ ଆଶୁତୋଷ ବିଶ୍ୱାଳ ଶିକ୍ଷାର୍ଥୀମାନଙ୍କର ଆତ୍ମବିଶ୍ୱାସ ଓ ବ୍ୟକ୍ତିତ୍ୱର ବିକାଶ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

**ପାଇକମାଳ:** ପାଇକମାଳ ସ୍ଥିତ ପିଏମଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ଦୁଇଦିନ ଧରି ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ପାଇଁ କ୍ୟାରିଅର ମାର୍ଗଦର୍ଶନ ଓ କାଉନସେଲିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଭୁବନେଶ୍ୱର ସ୍ଥିତ ଇନୋଭେକ୍ସେଲ ହ୍ୟୁମାନିଟି ଫାଉଣ୍ଡେସନର ଚେୟାରମ୍ୟାନ ଡ. ପ୍ରଫୁଲ୍ଲ ଦାଶ ମୁଖ୍ୟ ମାର୍ଗଦର୍ଶକ ଭାବେ ଯୋଗଦାନ କରିଥିଲେ। କର୍ମଶାଳାକୁ ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅରବିନ୍ଦ ପାତ୍ର ଉଦ୍‌ଘାଟନ କରିଥିଲେ। ଏହି କର୍ମଶାଳାରେ ବିଭିନ୍ନ କ୍ୟାରିଅର ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଛାତ୍ର ମାନଙ୍କର ସାଇକୋମାଟ୍ରିକ ଆନାଲିସିସ ମାଧ୍ୟମରେ ସେମାନଙ୍କର ଅନ୍ତର୍ନିହିତ ବ୍ୟକ୍ତିତ୍ୱ, ରୁଚି, ମୂଲ୍ୟବୋଧ, ଶିକ୍ଷଣ ଶୈଳୀ ଆବିଷ୍କାର କରାଯାଇଥିଲା। କମ୍ପ୍ୟୁଟର ମାଧ୍ୟମରେ କରାଯାଇଥିବା ସାଇକୋମାଟ୍ରିକ ଆନାଲିସିସକୁ ସୂଚାରୁରୂପେ ସମ୍ପାଦନା ପାଇଁ କମ୍ପ୍ୟୁଟର ବିଭାଗର ଶିକ୍ଷୟିତ୍ରୀ ପ୍ରିୟଙ୍କା ରାଉତ ବିଶେଷ ସହାୟତା କରିଥିଲେ। ଶିକ୍ଷକ ବଡଦେବ ମେହେର ଧନ୍ୟବାଦ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କ୍ୟାରିଅର ସେଲ ଇନଚାର୍ଜ ମଲୟ ବିଶ୍ୱାଳ ସଂଯୋଜନା କରିଥିଲେ।

**ପାଇକମାଳ:** ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨ ଦିନିଆ କ୍ୟାରିଅର ଗାଇଡାନସ୍ ପ୍ରଶିକ୍ଷଣ ପ୍ରଧାନଶିକ୍ଷକ ଡ.ଦ୍ୱାଦଶ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଇକମାଳ ବ୍ଲକ ଶିକ୍ଷା ଅଧିକାରୀ ଅଦନ ସୁନା ଯୋଗ ଦେଇଥିଲେ। ନିରୁପମା ସାହୁ, ଏବିଇଓ ରାଧେଶ୍ୟାମ ମେହେର, ଚକାମନ ସୁନା, ଦୁବରାଜ ବେଷ୍ଟ୍ରା ଏବଂ ସିଆରସିସି ରଞ୍ଜନ ବାଗ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷଣରେ ୪ ଜଣ ଆରପି କଲ୍ୟାଣୀ ସାମନ୍ତ, ଆଶୁତୋଷ ବେହେରା, ଗଗନ ବେହେରା, ସସ୍ମିତା ସାହୁଙ୍କ ସହିତ ପାଇକମାଳ ଏବଂ ଝାରବନ୍ଧ ବ୍ଲକର ୭୩ ଜଣ ଶିକ୍ଷକ ପ୍ରଶିକ୍ଷଣରେ ଯୋଗଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ଏବଂ ଛବିଳ ସେଠ ଧନ୍ୟବାଦ ଦେଇଥିଲେ।

## ୨୦ରେ ପାଳିତ ହେବ 'ବାନ୍ଧ ଦିବସ'

ସମ୍ବଲପୁର, ୧୮।୧୧ (ସମିସ) : ଓଡ଼ିଶାର ଗୌରବ, ବିଶ୍ୱ ପ୍ରସିଦ୍ଧ ସମ୍ବଲପୁରୀ ଶାଢ଼ୀର ସଂସ୍ଥାପକ ତଥା ମହାନ ବାନ୍ଧ ଶିଳ୍ପୀ ସ୍ୱର୍ଗତ ରାଧାଶ୍ୟାମ ମେହେରଙ୍କ ଜୟନ୍ତୀକୁ ଏଣିକି ପ୍ରତିବର୍ଷ 'ବାନ୍ଧ ଦିବସ' ଭାବରେ ପାଳନ କରାଯିବ। ଏବିସିଡି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଜି ସାମ୍ବାଦିକ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଯାଇଛି। କାର୍ଯ୍ୟକ୍ରମରେ ରାଧାଶ୍ୟାମ ମେହେରଙ୍କ ନାତି ପ୍ରଦୀପ ମେହେର, ଏବିସିଡି ଚାରିଟେବୁଲ ଟ୍ରଷ୍ଟର ପରାମର୍ଶଦାତା ଦୀପକ କୁମାର ପଣ୍ଡା ଏବଂ ଟ୍ରଷ୍ଟର ସଭାପତି ରାଜେନ୍ଦ୍ର ସତନାମୀ ଯୋଗ ଦେଇଥିଲେ। ରାଧାଶ୍ୟାମ ମେହେରଙ୍କ ନାତି ଶ୍ରୀ ମେହେର ତାଙ୍କ ଜେଜେବାପାଙ୍କ ବ୍ୟକ୍ତିତ୍ୱ ଏବଂ ବାନ୍ଧ କଳା ପ୍ରତି ତାଙ୍କର ସମର୍ପଣ ଭାବ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ସ୍ୱର୍ଗତ ମେହେର ଓଡ଼ିଶାର ବାନ୍ଧ କଳାକୁ କେବଳ ଭାରତରେ ନୁହେଁ, ବରଂ ବିଶ୍ୱ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ନିଜର ସମଗ୍ର ଜୀବନ ଉତ୍ସର୍ଗ କରିଦେଇଛନ୍ତି ଏବଂ ତାଙ୍କ ଅବଦାନ ଅତୁଳନୀୟ। ତାଙ୍କ କଳା ଏବଂ ତ୍ୟାଗକୁ ସ୍ମରଣୀୟ କରିବା ସମସ୍ତଙ୍କର କର୍ତ୍ତବ୍ୟ। ଏବିସିଡି ଟ୍ରଷ୍ଟର ପରାମର୍ଶଦାତା ଶ୍ରୀ ପଣ୍ଡା ସମ୍ବଲପୁରୀ ସଂସ୍କୃତି ତଥା ବାନ୍ଧ କଳାର ଅଧିକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷରେ, ଟ୍ରଷ୍ଟର ସଭାପତି ଶ୍ରୀ ସତନାମୀ ରାଧାଶ୍ୟାମ ମେହେରଙ୍କ ଜୟନ୍ତୀକୁ 'ବାନ୍ଧ ଦିବସ' ରୂପେ ପାଳନ କରିବା ନିଷ୍ପତ୍ତି ନେଇଥିବାରୁ ଗର୍ବିତ ଅନୁଭବ କରିଥିଲେ ଏବଂ ଏହି ମହାନ ଶିଳ୍ପୀଙ୍କୁ ସମ୍ମାନ ଜଣାଇବା ପାଇଁ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ଆସନ୍ତା ନଭେମ୍ବର ୨୦ ତାରିଖ ତପସ୍ୱିନୀ ହଲଠାରେ ମହାନ ବାନ୍ଧ ଶିଳ୍ପୀ ସ୍ୱର୍ଗତ ରାଧାଶ୍ୟାମ ମେହେରଙ୍କ ୧୧୭ତମ ଜୟନ୍ତୀ 'ବାନ୍ଧ ଦିବସ' ସକାଶେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଦିବସ ପାଳନ ଅବସରରେ ବାନ୍ଧ କଳା ପ୍ରଦର୍ଶନୀ, ବରିଷ୍ଠ ବୁଣାକାରମାନଙ୍କୁ ସମ୍ବର୍ଦ୍ଧନା, ସମାଜସେବୀଙ୍କୁ ସମ୍ବର୍ଦ୍ଧନା, ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।



